
# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୨/୨୦୨୦ (୧୬ ପୃଷ୍ଠା) | Bhubaneswar, Monday, March 2/2020 | ★★★★

୪୬ଶ ଭାଗ ୯୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-






KP GROUP
Quality Since 1965
KAMLA PASAND
ନିଆରା ସ୍ୱାଦ
NEW PACK
KAMLA PASAND
Anokha Swad
PAN MASALA
Watch at:
YouTube
ଅପ୍ରାପ୍ତବୟସ୍କଙ୍କ ପାଇଁ ନୁହେଁ। ୦% ତମାଖୁ ଓ ଅତିରିକ୍ତ ନିକୋଟିନ୍ ନାହିଁ। ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୨/୨୦୨୦ | Bhubaneswar, Monday, March 2/2020 | ପୃଷ୍ଠା-୧



## ସଲ୍‌ମାନଙ୍କ ପ୍ରଶଂସକ ସଂଖ୍ୟା ୩ କୋଟି ଟପିଲା

ବଲିଉଡ୍ ଭାଇଜାନ୍ ସଲ୍‌ମାନ ଖାଁଙ୍କର ଅଫିସିଆଲ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଫଲୋୟର୍ସଙ୍କ ସଂଖ୍ୟା ୩ କୋଟି ପାର ହୋଇଥିବାରୁ ସେ ପ୍ରଶଂସକଙ୍କୁ ଧନ୍ୟବାଦ ଦେଇଛନ୍ତି।

୦୬ ୧୩

## ନାଡାଲଙ୍କୁ ଟାଇଟଲ

ବିଶ୍ୱର ଦୁଇ ନମ୍ବର ର୍‍ୟାଙ୍କିଙ୍ଗଧାରୀ ରାଫାଲ ନାଡାଲ ଏଟିପି ମେକ୍ସିକୋ ଓପନ ଟେନିସ୍ ଟାଇଟଲ ହାସଲ କରିଛନ୍ତି।






ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାମ୍ପିୟନ ପଞ୍ଜାବ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ, ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ସଭାପତି ନରିନ୍ଦର ବାତ୍ରା ଓ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା। ଦୀର୍ଘ ୧୦ ଦିନ ଧରି ଚାଲିଥିବା ଏହି ମେଗା ଇଭେଣ୍ଟ ରବିବାର ସଫଳତାର ସହ ଶେଷ ହୋଇଛି। ୧୭ ସ୍ୱର୍ଣ୍ଣ, ୧୯ ରୌପ୍ୟ ଓ ୧୦ ବ୍ରୋଞ୍ଜ୍ ପଦକ ସହ ମୋଟ ୪୬ ପଦକ ହାସଲ କରି ପଞ୍ଜାବ ତାଲିକାର ଶୀର୍ଷରେ ରହିଛି। ଓଡ଼ିଶାର ତାରକା ଧାବିକା ଦୂତୀ ଚାନ୍ଦ ୧୦୦ ଓ ୨୦୦ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା କିଟ୍ ୪ ସ୍ୱର୍ଣ୍ଣ, ୧ ରୌପ୍ୟ, ୨ ବ୍ରୋଞ୍ଜ, ବ୍ରହ୍ମପୁର ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ, ରୌପ୍ୟ, ବ୍ରୋଞ୍ଜ, ସମ୍ବଲପୁର ୧ ସ୍ୱର୍ଣ୍ଣ, ୧ ରୌପ୍ୟ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛି।

# ୬୦ ଦେଶରେ କରୋନା କାୟା

- ଇରାନରେ ୫୪ ମୃତ
- ଦକ୍ଷିଣ କୋରିଆରେ ୩,୫୨୬ ସଂକ୍ରମିତ



**ତେହେରାନ୍/ସିଓଲ,୧।୩**

ଚାଇନାର ଉହାନ ସହରରୁ ସୃଷ୍ଟ କରୋନା ଭୂତାଣୁ ସଂକ୍ରମଣ ଏବେ ପାଖାପାଖି ୬୦ ଦେଶକୁ ବ୍ୟାପିଲାଣି। ଏଥିରେ କେବଳ ଲୋକଙ୍କ ମୃତ୍ୟୁ ଘଟୁଛି ତାହା ନୁହେଁ, ବରଂ ଏହାଦ୍ୱାରା ଅନେକ ଦେଶର ଅର୍ଥନୀତି ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଚାଇନାରେ ସଂକ୍ରମଣ ହାର ପୂର୍ବାପେକ୍ଷା କମିଥିବାବେଳେ ଇରାନ ଓ ଦକ୍ଷିଣ କୋରିଆ ଭଳି ଦେଶରେ ଏହା ଦ୍ରୁତଗତିରେ ମାଡ଼ିଚାଲିଛି, ଯାହା ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି। ଇରାନରେ ରବିବାର ୧୧ ଜଣ କରୋନା ରୋଗୀଙ୍କ ମୃତ୍ୟୁ ହେବା ଫଳରେ ସେଠାରେ ମୋଟ ମୃତ୍ୟୁସଂଖ୍ୟା ୫୪ରେ ପହଞ୍ଚିଛି। ଏଥିସହିତ ଇରାନରେ ୯୭୮ ଜଣଙ୍କଠାରେ କରୋନା ଭୂତାଣୁ ଚିହ୍ନଟ ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୩୮୫ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଚାଇନା ବାହାରେ ଦକ୍ଷିଣ କୋରିଆରେ ସର୍ବାଧିକ ସଂକ୍ରମଣ ହୋଇଥିବା ଜଣାପଡ଼ିଛି। ସେଠାରେ ରବିବାର ୩୭୬ଜଣଙ୍କଠାରେ କରୋନା ଭୂତାଣୁ ଚିହ୍ନଟ ହେବା ପରେ ମୋଟ ରୋଗୀସଂଖ୍ୟା ୩,୫୨୬ରେ ପହଞ୍ଚିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ସେଠାରେ ବର୍ତ୍ତମାନ ସୁଦ୍ଧା ୨୦ ଜଣଙ୍କ ମୃତ୍ୟୁ ଘଟିଲାଣି। ଦକ୍ଷିଣ କୋରିଆ କର୍ତ୍ତୃପକ୍ଷ ଶିନ୍‌ଚେଓଞ୍ଜି ଚର୍ଚ୍ଚର ୨,୬୦,୦୦୦ ସଦସ୍ୟଙ୍କ ଯାଞ୍ଚ କରୁଥିବାରୁ ସଂକ୍ରମିତଙ୍କ ସଂଖ୍ୟା ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ଦକ୍ଷିଣ କୋରିଆର ବୃହତ୍ ସହର ଡାଏଗୁର ରାସ୍ତାଘାଟ ଏକ ପ୍ରକାର ଶୂନ୍‌ଶାନ ହୋଇପଡିଛି। ସେଠାରେ ଅଳ୍ପ କେତେକ ଦୋକାନରେ ମାସ୍କ ପିନ୍ଧିଥିବା କିଛି ଲୋକ କିଣାକିଣି କରୁଥିବା ଦେଖିବାକୁ ମିଳିଥିଲା। ଲୋକମାନଙ୍କୁ ଘରେ ☞ପୃଷ୍ଠା-୨

### ଚାଇନାରେ ମୃତ୍ୟୁସଂଖ୍ୟା ୨,୮୭୦

ବେଜିଂ,୧।୩: ଚାଇନାରେ ରବିବାର ୩୫ ଜଣଙ୍କ ମୃତ୍ୟୁ ହେବା ପରେ ସେଠାରେ ମୋଟ କରୋନା ମୃତ୍ୟୁସଂଖ୍ୟା ୨,୮୭୦ରେ ପହଞ୍ଚିଛି। ଶନିବାର ୪୭ ଜଣଙ୍କର ମୃତ୍ୟୁ ହୋଇଥିଲା। ସେହିପରି ରବିବାର ୫୭୩ ନୂଆ ରୋଗୀ ଚିହ୍ନଟ ହେବା ପରେ ଚାଇନାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୭୯,୮୨୪ରେ ପହଞ୍ଚିଛି। ଗତ ଦୁଇମାସରେ ଚାଇନାରେ ସଂକ୍ରମଣ ଯେଉଁ ହାରରେ ବଢ଼ି ଚାଲିଥିଲା, ତାହା ହ୍ରାସ ପାଇଛି। ହଂକଂରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୬ରେ ପହଞ୍ଚିଛି।

# କଡ଼ାକଡ଼ି ହେଲା ଯାନବାହନ ଯାଞ୍ଚ

- ଆଜିଠାରୁ ହେବ ଆହୁରି ଜୋରଦାର
- ଏକାକୀ ଗାଡ଼ି ଚଳାଇ ପାରିବେ ନାହିଁ ଲର୍ନର ଲାଇସେନ୍ସଧାରୀ
- ପ୍ରଥମ ଦିନରେ ୭ ଲକ୍ଷ ଆଦାୟ

**ଭୁବନେଶ୍ୱର,୧।୩(ବ୍ୟୁରୋ)**

ସଂଶୋଧିତ ମୋଟର ଯାନ ଆଇନ-୨୦୧୯କୁ ରବିବାରଠାରୁ ରାଜ୍ୟରେ କଡ଼ାକଡ଼ି ଲାଗୁ କରାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଆଇନ ଉଲ୍ଲଂଘନକାରୀଙ୍କୁ ପୋଲିସ ଏବଂ ପରିବହନ ଅଧିକାରୀମାନେ ଧରି ଜରିମାନା କରିଛନ୍ତି। ଏହାକୁ ନେଇ କେତେକ ସ୍ଥାନରେ ଗାଡ଼ି ଚାଳକ ଓ ପୋଲିସ ମଧ୍ୟରେ କଥାକଟା କଟି ହୋଇଛି। ଯାନବାହନର ଆନୁଷଙ୍ଗିକ କାଗଜପତ୍ର ପ୍ରସ୍ତୁତ କରିବାକୁ ରାଜ୍ୟ ସରକାର ଜନସାଧାରଣଙ୍କୁ ଦୁଇଟି ପର୍ଯ୍ୟାୟରେ ୬ ମାସ ସମୟ ଦେଇଥିଲେ। ଏହାର ଅବଧି ଫେବୃୟାରୀ ୨୯ ତାରିଖରେ ଶେଷ ହୋଇଥିଲା। ମାର୍ଚ୍ଚ ପହିଲାରୁ ଯାନବାହନ ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି ଭାବେ କରାଯାଇଛି। କେତେକ ସ୍ଥାନରେ ଗାଡି ଚାଳକମାନେ ବିନା ହେଲମେଟ ଓ ସିଟ୍ ବେଲଟରେ ଗାଡି ଚଳାଉଥିବା ଦେଖିବାକୁ ମିଳିଥିଲା। କଟକ, ଭୁବନେଶ୍ୱର, ପୁରୀ ଏବଂ ରାଜ୍ୟର ଅନ୍ୟାନ୍ୟ ସହରରେ ଧରପଗଡ ଆରମ୍ଭ ହୋଇଛି। ରାୟଗଡାର ଏକ କାଠବୋଝେଇ ଟ୍ରକ ଉପରେ ୧ ଲକ୍ଷ ୧୦ ହଜାର ୮୦୦ ଟଙ୍କା ଫାଇନ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ପ୍ରଥମ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇ ପ୍ରାୟ ୭ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ରବିବାର ଥିବାରୁ ବିଭିନ୍ନ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଏପରିକି ଯାନବାହନ ଯାତାୟାତ ସଂଖ୍ୟା ସହରରେ କମ ରହିଥିଲା। ସୋମବାରଠାରୁ ଯାନବାହନ ଧରପଗଡ ଆହୁରି ଜୋରଦାର ହେବ ବୋଲି ପରିବହନ ବିଭାଗର ଜଣେ ଅଧିକାରୀ କହିଛନ୍ତି। ଯେଉଁମାନେ ଲାଇସେନ୍ସ ପାଇଁ ଆବେଦନ କରିଛନ୍ତି ସେମାନେ ଲର୍ନର ଲାଇସେନ୍ସ ନେଇ ଏକାକୀ ଗାଡି ଚଳାଇପାରିବେ ନାହିଁ। ଯଦି ଚଳାଇବେ ତେବେ ସେମାନଙ୍କ ସହିତ ଜଣେ ଡ୍ରାଇଭିଂ ଲାଇସେନ୍ସଧାରୀଙ୍କୁ ସାଙ୍ଗରେ ନେଇ ଯିବାକୁ ପଡ଼ିବ। ନଚେତ ସଂଶୋଧିତ ମୋଟର ଯାନ ଆଇନ ଅନୁଯାୟୀ ବଡ଼ ଜରିମାନା ଗଣିବାକୁ ପଡ଼ିବ।

ସୂଚନାଯୋଗ୍ୟ ଯେ, ୨୦୧୯ ସେପ୍ଟେମ୍ବର ପହିଲାରୁ ରାଜ୍ୟରେ ସଂଶୋଧିତ ମୋଟର ଯାନ ଆଇନ-୨୦୧୯ ଲାଗୁ କରାଯାଇଛି। ଏହି ଆଇନ କାର୍ଯ୍ୟକାରୀ ହେବା ଦିନଠାରୁ ୨୦୨୦ ଜାନୁୟାରୀ ୩୧ ତାରିଖ ମଧ୍ୟରେ ବେପରୁଆ ଗାଡି ଚାଳକ ଓ ବିନା କାଗଜପତ୍ରରେ ଚାଲୁଥିବା ଯାନବାହନଗୁଡିକରୁ ୩୮ କୋଟି ୬୭ ଲକ୍ଷ ୨୫ ହଜାର ଟଙ୍କା ଆଦାୟ ହୋଇଛି। ଏହି ସମୟ ମଧ୍ୟରେ ୪ ଲକ୍ଷ ୧୩ ହଜାର ୯୯୪ ଜଣ ଆବେଦନକାରୀଙ୍କ ମଧ୍ୟରୁ ୨,୮୭,୯୩୨ ଜଣଙ୍କୁ ଡ୍ରାଇଭିଂ ଲାଇସେନ୍ସ ☞ପୃଷ୍ଠା-୨

### ଟ୍ରକ୍‌କୁ ୧.୧୦ ଲକ୍ଷ ଜରିମାନା

**ରୁଟ୍ ପରମିଟ୍ ନ ଥିବା ସହ ରୋଡ ଟ୍ୟାକ୍ସ ଦେଇ ନ ଥିଲା**




**ରାୟଗଡ଼ା ଅଫିସ,୧।୩**

ଗତ ସେପ୍ଟେମ୍ବର ମାସରୁ ଲାଗୁ ହୋଇଥିଲା ନୂତନ ମୋଟର ଯାନ ଆଇନ। ନିୟମାନୁଯାୟୀ ସମସ୍ତ କାଗଜପତ୍ର ଠିକ୍ କରିବାକୁ ସରକାର ରାଜ୍ୟବାସୀଙ୍କୁ ୬ମାସ ଅବଧି ଦେଇଥିଲେ, ଯାହାକି ଫେବୃୟାରୀ ୨୯ରେ ଶେଷ ହୋଇଛି। ମାର୍ଚ୍ଚ ୧ରୁ ସାରା ରାଜ୍ୟରେ ଟ୍ରାଫିକ୍ ନିୟମ କଡାକଡି ଲାଗୁ ସହ ଗାଡିମୋଟର ଯାଞ୍ଚ କରାଯାଉଛି। ଏହି କ୍ରମରେ ରାୟଗଡ଼ାରେ ଟ୍ରାଫିକ୍ ଧରପଗଡ଼ ବେଳେ ରବିବାର ଏକ କାଠ ବୋଝେଇ ଟ୍ରକ୍‌ଠାରୁ ୧ଲକ୍ଷ ୧୦ହଜାର ୮ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ☞ପୃଷ୍ଠା-୨

# ଆଜି କ୍ୟାବିନେଟ, ଆସିବ ୫ ପ୍ରସ୍ତାବ

**ଭୁବନେଶ୍ୱର,୧।୩(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ସୋମବାର ଲୋକସେବା ଭବନଠାରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ୫ଟା ୩୦ମିନିଟ୍‌ରେ ବସିବାକୁ ଥିବା ଏହି ବୈଠକରେ ୫ଟି ପ୍ରସ୍ତାବ ଉପରେ ମୋହର ବାଜିବ। ତେବେ ସ୍କୁଲ ଓ ଗଣଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ, ପୂର୍ତ୍ତ, ପଞ୍ଚାୟତିରାଜ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ପ୍ରସ୍ତାବକୁ ଏଥିରେ ମଞ୍ଜୁରୀ ଦିଆଯିବ ବୋଲି ଜଣାପଡ଼ିଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଞ୍ଚାୟତିରାଜ ବିଭାଗ ହାତରେ ଅନେକ ବିଭାଗର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବାଣ୍ଟିବାକୁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ଅଧିକ ସଶକ୍ତ ତଥା କ୍ରିୟାଶୀଳ କରିବା ସଙ୍ଗେସଙ୍ଗେ ଗ୍ରାମାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ସମ୍ବନ୍ଧୀୟ ଭିତ୍ତିଭୂମିର ବିକାଶକୁ ତ୍ୱରାନ୍ୱିତ କରିବା ☞ପୃଷ୍ଠା-୨

### ଆଜିର ସମ୍ପାଦକୀୟ

**ପରବର୍ତ୍ତୀ ଆଫଗାନିସ୍ତାନ**

### ଆଜିର ମନ୍ତବ୍ୟ

"ଦିଲ୍ଲୀ ଦଙ୍ଗା ଏକ ସୁନିୟୋଜିତ ଗଣହତ୍ୟା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନେଇ ନୀରବତା ଭଙ୍ଗକରି ନିଜ ସାମ୍ବିଧାନିକ ଦାୟିତ୍ୱ ନିର୍ବାହ କରନ୍ତୁ।

-ଅସାଦୁଦ୍ଦିନ ଓୱାଇସି, ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ

### କିଛି ତଥ୍ୟ

ଚଳିତ ବର୍ଷ ଜାନୁୟାରୀରେ ବ୍ୟାଙ୍କଗୁଡିକର ଋଣ ଅଭିବୃଦ୍ଧି ୮.୫%କୁ ହ୍ରାସ ଘଟିଛି। ଏହା ଗତବର୍ଷ ସମାନ ସମୟରେ ୧୩.୫% ରହିଥିଲା।

-ରିଜର୍ଭ ବ୍ୟାଙ୍କ

Vencobb FRESH CHICKEN
Taste the difference!
01.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 38 | 77 | 87 |
| CTC | 37 | 76 | 86 |
| DKL | 37 | 76 | 86 |
| BDK | 38 | 77 | 87 |
| BLS | 39 | 79 | 89 |
| ANG | 37 | 76 | 86 |
| BMP | 37 | 76 | 86 |

*Conditions Apply
Issued in the Interest of Consumers

# ଅବିନାଶଙ୍କୁ ଜିତାଇଲା 'ଛେନାପୋଡ଼'

### ଫିନାଲେରେ ଓଡ଼ିଶା-ବଙ୍ଗଳା ଟକ୍କର

**ଭୁବନେଶ୍ୱର,୧।୩(ବ୍ୟୁରୋ)**

୩ମାସ ଧରି ଚାଲିଥିବା ସର୍ବବୃହତ୍ କୁକିଂ ରିୟାଲିଟି ଶୋ' 'ମାଷ୍ଟର୍‌ସେଫ୍ ଇଣ୍ଡିଆ' ଶେଷ ହୋଇଛି। ପ୍ରଥମଥର ପାଇଁ ଜଣେ ଓଡ଼ିଆ ଏହି ଗ୍ରାଣ୍ଡ ଟାଇଟଲ୍ ଜିତିବାରେ ସଫଳ ହୋଇଛନ୍ତି। ଗଞ୍ଜାମ ଜିଲା ଜନ୍ମିତ ଅବିନାଶ ନାୟକ ଓଡ଼ିଶାକୁ ଦେଇଛନ୍ତି ପ୍ରଥମ ମାଷ୍ଟରସେଫ୍ ଟାଇଟଲ୍। ପୂର୍ବରୁ ଏହା ଜଣାପଡ଼ିଥିଲେ ମଧ୍ୟ ରବିବାର ଅନୁଷ୍ଠିତ ଗ୍ରାଣ୍ଡ ଫିନାଲେ ପରେ ଅବିନାଶଙ୍କ ହାତକୁ ଆସିଛି ମାଷ୍ଟରସେଫ୍ ଟ୍ରଫି। ସମଗ୍ର ରାଜ୍ୟବାସୀଙ୍କୁ ଗୌରବାନ୍ୱିତ କରିଥିବା ଅବିନାଶ ଏହି ଟ୍ରଫି ସହ ଓଡ଼ିଶା ଏବଂ ଓଡ଼ିଶାର ପାରମ୍ପରିକ ଖାଦ୍ୟକୁ ଏକ ନୂଆ ପ୍ଲାଟଫର୍ମରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।

ଗତ ଡିସେମ୍ବର ୭ରୁ ଆରମ୍ଭ ହୋଇଥିବା 'ମାଷ୍ଟର୍‌ସେଫ୍ ଇଣ୍ଡିଆ'ର ସିଜିନ-୬'ର ଗ୍ରାଣ୍ଡ ଫିନାଲେ ରବିବାର ପ୍ରସାରିତ ହୋଇଥିଲା। ଖାଦ୍ୟକୁ ନେଇ ସର୍ବଦା ମୁହାଁମୁହିଁ ହେଉଥିବା ଦୁଇ ପଡ଼ୋଶୀ ପ୍ରତିଦ୍ୱନ୍ଦ୍ୱୀ ଓଡ଼ିଶା ଓ ପଶ୍ଚିମବଙ୍ଗ ମାଷ୍ଟରସେଫ୍ ପ୍ଲାଟଫର୍ମରେ ସାମ୍ନାସାମ୍ନି ହୋଇଥିଲେ। ବ୍ରହ୍ମପୁରର ୨୭ବର୍ଷୀୟ ଅବିନାଶଙ୍କ ସହ କୋଲକତାର ୩୫ ବର୍ଷୀୟା ଓନ୍ଦ୍ରିଲା ବାଲାଙ୍କ ମଧ୍ୟରେ ହୋଇଥିବା ଏହି କଡ଼ା ଟକ୍କରରେ ଉଭୟ ପ୍ରତିଯୋଗୀଙ୍କୁ ବିଚାରକଙ୍କ




ଅବିନାଶ ନାୟକ

୩ ରାଉଣ୍ଡର ସମ୍ମୁଖୀନ ହେବାକୁ ପଡ଼ିଥିଲା। ୪ ଘଣ୍ଟାରେ ଉଭୟ ପ୍ରତିଯୋଗୀ ୧୮ଜଣ ଲୋକଙ୍କ ପାଇଁ ଷ୍ଟାର୍ଟର, ମେନ୍‌କୋର୍ସ ଏବଂ ଡିଜର୍ଟ ପ୍ରସ୍ତୁତ କରିଥିଲେ। ଷ୍ଟାର୍ଟରରେ ଅବିନାଶ 'ଚିଙ୍ଗୁଡ଼ି ସମାହାର' ନାମରେ ଏକ ଭିନ୍ନସ୍ୱାଦର ଖାଦ୍ୟ ପ୍ରସ୍ତୁତ କରିଥିବାବେଳେ ଓନ୍ଦ୍ରିଲା ଏହି ରାଉଣ୍ଡରେ ପଫ୍ ପ୍ୟାଷ୍ଟ୍ରୀ ପ୍ରସ୍ତୁତ କରି ୦.୫ ସ୍କୋର୍‌ରେ ଆଗୁଆ ରହିଥିଲେ। ହେଲେ ମେନ୍‌କୋର୍ସରେ ବାଜି ମାରିଥିଲେ ଅବିନାଶ। ସେ ଓଡ଼ିଶାର ଏକ ହଜିଯାଉଥିବା ପାରମ୍ପରିକ ଖାଦ୍ୟ 'ଅଦା ମାଂସ'କୁ ନୂଆ ରୂପରେ ପ୍ରସ୍ତୁତି ସହ ଉପସ୍ଥାପନ କରିଥିଲେ। ବିଚାରକ ତଥା ସେଫ୍ ବୀନିତ ନିଜ ଆଙ୍ଗୁଠି ଚାଟି ଏହାକୁ ଖାଇଥିବା ସହ ଏହା ମାଷ୍ଟରସେଫ୍‌ର ସବୁଠାରୁ ଭଲ ଡିସ୍ ବୋଲି କହିଥିଲେ। ଏହି ରାଉଣ୍ଡରେ ଅବିନାଶ ଓନ୍ଦ୍ରିଲାଙ୍କୁ ୨ ପଏଣ୍ଟରେ ପଛରେ ପକାଇଥିଲେ। ତେବେ ଡିଜର୍ଟ ରାଉଣ୍ଡରେ 'ଶୁଦ୍ଧତା' ନାମରେ ଛେନାପୋଡ଼ ଏବଂ ଚାଉଳ ଖିରି ତିଆରି କରି ସିକ୍ସର ମାରିଥିଲେ ଅବିନାଶ। ଏକ ସାଧାରଣ ଖାଦ୍ୟକୁ ନୂଆ ରୂପଦେଇ ଅବିନାଶ ଡିଜର୍ଟ କୁଇନ୍ ଭାବେ ପରିଚିତ ଓନ୍ଦ୍ରିଲାଙ୍କୁ ମାତ୍ ଦେଇଥିଲେ। ସେଫ୍ ବିକାଶଙ୍କଠାରୁ ୧୦ରୁ ୧୦ ଏବଂ ସେଫ୍ ରଣବୀର ଓ ସେଫ୍ ବିନୀତଙ୍କଠାରୁ ୯ ଓ ୯.୫ ସ୍କୋର୍ ପାଇ ମାଷ୍ଟର୍‌ସେଫ୍ ସିଜିନ-୬ର ବିଜେତା ହୋଇଥିଲେ। ଏଥିପାଇଁ ତାଙ୍କୁ ମାଷ୍ଟରସେଫ୍ ତରଫରୁ ୨୫ଲକ୍ଷ ଟଙ୍କାର ଚେକ୍ ମିଳିଥିଲା। ସେହିଭଳି ଟପ୍-୪ରେ ଥିବା ଆଉଜଣେ ଓଡ଼ିଆ ପ୍ରତିଯୋଗୀ ଅନୁଗୋଳ ଜିଲାର ସ୍ମୃତିଶ୍ରୀ ସିଂ ବିଜେତା ହୋଇପାରି ନ ଥିଲେ ମଧ୍ୟ କାକରା ପିଠା ଓ ପଣସ ତରକାରି ଭଳି ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରସ୍ତୁତ କରି ବିଚାରକଙ୍କ ସହ ସମଗ୍ର ଓଡ଼ିଶାବାସୀଙ୍କ ହୃଦୟ ଜିତିଥିଲେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ମୋନିକା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାପ ତେଲ ସାଥିରେ ନଣ୍ଡା ହେଉଛି
ପୁଅ ବୁଲେଇ ବେଣ୍ଟି ରଖୁଛି।**

ଘରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବା ସ୍ଥଳେ କେତେକ ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖାଇବାରେ କାଣିଚାଏ ହେଳା କରି ନ ଥାନ୍ତି। ନିଜର ପ୍ରଶଂସା ନିଜେ କରିବା ସହ ନିଜ ପାରିବାର ପଣିଆକୁ ନେଇ ଅନ୍ୟ ଆଗରେ ତୁଚ୍ଛା ବାହାବା ମାରିଥାନ୍ତି। ଘରେ କିଛି ନ ଥାଉ ପଛେ ବାହାରେ ଫୁଟାଣି କାହିଁରେ କେତେ। ବାପା ଅପେକ୍ଷା ପିଲାଙ୍କର ଫୁଟାଣି କରିବା ଓ ବଡ଼ପଣିଆ ଦେଖେଇ ହେବା ବେଶି ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ବୁଝୁ ନ ବୁଝୁ ପଢ଼ ଗୀତା
ରୁଚୁ ନ ରୁଚୁ ଖାଅ ପିତା।**

ଆତ୍ମାର ସଦ୍‌ଗତି ପାଇଁ ଗୀତାପାଠ ଅତ୍ୟନ୍ତ ଆବଶ୍ୟକ। ସେହିପରି ପାଟିକୁ ଭଲ ଲାଗୁ କି ନ ଲାଗୁ ପିତା ଖାଇବା ଉଚିତ। କାରଣ ଏହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ହିତକର ହୋଇଥାଏ। ଗୀତା ଏବଂ ପିତା ଦୁହେଁ ମନ ଓ ଶରୀର ପାଇଁ ଜରୁରୀ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# କ୍ରମାଗତ କମୁଛି ହସ୍ତତନ୍ତ ସାମଗ୍ରୀ ରପ୍ତାନି

## ୨ ବର୍ଷରେ ୨୩୫ କୋଟିରୁ ୭ଲକ୍ଷ ଟଙ୍କାକୁ ଖସିଲା

ଭୁବନେଶ୍ୱର,୧।୩(ବ୍ୟୁରୋ)

ଅନ୍ତର୍ଜାତୀୟ ବଜାରରେ ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପର ଲୋକପ୍ରିୟତା ବଢୁଛି। ତାରକସୀ କାମ ସହ ପଥର ମୂର୍ତ୍ତି, ପିପିଲି ଚାନ୍ଦୁଆ ଓ ବିଭିନ୍ନ ସାଜସଜ୍ଜା ସାମଗ୍ରୀର ଚାହିଦା ରହିଛି। ଏହାସତ୍ତ୍ୱେ ହସ୍ତତନ୍ତ ସାମଗ୍ରୀ ରପ୍ତାନି କରିବାରେ ବିଫଳ ହେଉଛନ୍ତି ସରକାର। ପୂର୍ବରୁ ହସ୍ତଶିଳ୍ପ ସାମଗ୍ରୀ ରପ୍ତାନିକୁ ନେଇ ନାନା ସମସ୍ୟା ସୃଷ୍ଟି ହେଉଥିବାବେଳେ ଏବେ କ୍ରମାଗତ ଭାବେ ହସ୍ତତନ୍ତ ସାମଗ୍ରୀ ରପ୍ତାନି କମିବାରେ ଲାଗିଛି। ରାଜ୍ୟ ସରକାରଙ୍କ ଆର୍ଥିକ ସର୍ଭେ ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି। କେବଳ ଏତିକି ନୁହେଁ, ଟସର୍ ଓ ସିଲ୍କ କପଡ଼ା ଉତ୍ପାଦନରେ ମଧ୍ୟ ଓଡ଼ିଶା ଦିନକୁ ଦିନ ପଛକୁ ଯାଉଛି। ରିପୋର୍ଟ ଅନୁସାରେ, ବିଶ୍ୱର ୧୭ ରାଷ୍ଟ୍ରକୁ ଓଡ଼ିଶା ତା'ର ହସ୍ତତନ୍ତ ସାମଗ୍ରୀ ରପ୍ତାନି କରୁଛି। ୨୦୧୬-୧୭ ଆର୍ଥିକ ବର୍ଷରେ ଓଡ଼ିଶାରୁ ବିଦେଶକୁ ୨୩୫ କୋଟିରୁ ଅଧିକ ଟଙ୍କାର ହସ୍ତତନ୍ତ ସାମଗ୍ରୀ ରପ୍ତାନି ହୋଇଥିଲା। ୨୦୧୭-୧୮ରେ ଏହା ହଠାତ୍ ୫୩ ଲକ୍ଷ ଟଙ୍କାକୁ ଖସିଆସିଥିବାବେଳେ ୨୦୧୮-୧୯ ଆର୍ଥିକ ବର୍ଷରେ ମାତ୍ର ୭ଲକ୍ଷ ଟଙ୍କାର ହସ୍ତତନ୍ତ ସାମଗ୍ରୀ ଓଡ଼ିଶା ରପ୍ତାନି କରିଛି।

**ବୟନଶିଳ୍ପ: ରପ୍ତାନି ବଢ଼ିଛି, ଉତ୍ପାଦନ କମିଛି**

ଅନ୍ୟପକ୍ଷରେ ବୟନଶିଳ୍ପ ବା ଟେକ୍ସଟାଇଲ ସାମଗ୍ରୀ ରପ୍ତାନି କ୍ଷେତ୍ରରେ ଓଡ଼ିଶା ଭଲ ପ୍ରଦର୍ଶନ କରିଛି। ୨୦୧୧-୧୨ ଆର୍ଥିକ ବର୍ଷରେ ଓଡ଼ିଶାରୁ ମାତ୍ର ୧ଲକ୍ଷ ଟଙ୍କାର ବୟନ ସାମଗ୍ରୀ ବିଦେଶକୁ ଯାଉଥିବାବେଳେ ୨୦୧୮-୧୯ରେ ଏହି ପରିମାଣ ୭୪ କୋଟି ୧୪ ଲକ୍ଷରେ ପହଞ୍ଚିଛି। ୨୦୧୯-୨୦ ବର୍ଷରେ ୬୩,୨୨୩ ବୁଣାକାର ପରିବାର ରହିଥିବାବେଳେ ୪୭,୬୨୫ଟି ତନ୍ତ ରହିଛି। ରାଜ୍ୟରେ ୧୧୫୬ ପ୍ରାଥମିକ ବୁଣାକାର ସମବାୟ ସମିତି ଥିବାବେଳେ ଏଥିରୁ ମାତ୍ର ୪୭୯ କାର୍ଯ୍ୟକ୍ଷମ ହେଉଛି। ୨୦୧୭-୧୮ ବର୍ଷରେ ବୁଣାକାର ସମବାୟ ସମିତିଗୁଡ଼ିକ ମାଧ୍ୟମରେ ତନ୍ତ ପିଛା ବାର୍ଷିକ ହାରାହାରି ୪୧୬ ବର୍ଗମିଟରର ହସ୍ତତନ୍ତ ସାମଗ୍ରୀ ଉତ୍ପାଦିତ ହେଉଥିବାବେଳେ ୨୦୧୮-୧୯ ବର୍ଷରେ ଏହା ହ୍ରାସ ପାଇ ୩୭୮ ବର୍ଗମିଟରରେ ପହଞ୍ଚିଛି। ସେହିଭଳି ଟସର୍ ଓ ସିଲ୍କ କପଡ଼ା ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ପଛକୁ ଯାଇଛି। ଦେଶରେ ବୟନଶିଳ୍ପ ଓ ପୋଷାକ ଉତ୍ପାଦନ କ୍ଷେତ୍ରରେ ୨୮ ଲକ୍ଷ ୬୮ ହଜାରରୁ ଅଧିକ ଲୋକ କାମ କରୁଥିବାବେଳେ ୨୦୧୭-୧୮ ସୁଦ୍ଧା ଓଡ଼ିଶାରେ ଏ କ୍ଷେତ୍ରରେ ମାତ୍ର ୩୮୪୯ଜଣ ନିଯୁକ୍ତି ପାଇଥିବା ରିପୋର୍ଟରୁ ଜଣାପଡ଼ିଛି।

**ବୁଣାକାରଙ୍କୁ ସରକାରୀ ସହଯୋଗ, ପ୍ରଶିକ୍ଷଣ ଆବଶ୍ୟକ**

ହସ୍ତତନ୍ତରେ ମଧ୍ୟ ବୁଣାକାରଙ୍କୁ କଞ୍ଚାମାଲ୍ ଅଭାବ ସମସ୍ୟା ଘାରିଛି। ନ୍ୟାଶନାଲ ହ୍ୟାଣ୍ଡଲୁମ୍ ଡେଭ୍‌ଲପ୍‌ମେଣ୍ଟ କର୍ପୋରେଶନରୁ ସୂତା ନ କିଣିଲେ ରିହାତି ମିଳୁ ନ ଥିବାରୁ ଏହା ବୁଣାକାରଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ସେହିଭଳି ଟସର ଖୋସା ବର୍ଷକୁ ମାତ୍ର ଦୁଇଥର ନିଲାମ ହେଉଛି। ଫଳରେ ସେହି ନିର୍ଦ୍ଦିଷ୍ଟ ସମୟରେ ଅଧିକାଂଶ ଗରିବ ବୁଣାକାର ଅର୍ଥାଭାବରୁ ଟସର କିଣିପାରୁନାହାନ୍ତି। ଏହାବ୍ୟତୀତ ଇଣ୍ଟରନ୍ୟାଶନାଲ ଷ୍ଟାଣ୍ଡାର୍ଡ ଅନୁଯାୟୀ ଡିଜାଇନ୍ ବିକାଶ କରିବାକୁ ବୁଣାକାରଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ଦିଆଯାଉ ନ ଥିବାରୁ ଏହା ପ୍ରମୁଖ ସମସ୍ୟା ସୃଷ୍ଟି କରୁଛି। ବର୍ତ୍ତମାନର ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଇ-ମାର୍କେଟିଂ ଯୁଗରେ ବୁଣାକାରମାନେ ନିଜ ସାମଗ୍ରୀକୁ କିଭଳି ଦେଶ ବାହାରକୁ ପଠାଇପାରିବେ ସେନେଇ ସଚେତନତା, ସହଯୋଗ ଓ ପ୍ରଶିକ୍ଷଣର ଆବଶ୍ୟକତା ରହିଥିବା ଓଡ଼ିଶା ଶିଳ୍ପୀ ମହାସଂଘ ସମ୍ପାଦକ ପ୍ରିୟରଞ୍ଜନ କର କହିଛନ୍ତି।

# ଗୋଟିଏ ଦିନରେ ପ୍ରକାଶ ପାଇପାରେ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ପରୀକ୍ଷା ଫଳ

ଭୁବନେଶ୍ୱର, ୧।୩(ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଆସନ୍ତା ୩ ତାରିଖରୁ ଆରମ୍ଭ ହୋଇ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ମେ' ଶେଷ ସପ୍ତାହ କିମ୍ବା ଜୁନ୍ ପ୍ରଥମ ସପ୍ତାହ ବେଳକୁ ପରୀକ୍ଷା ଫଳ ପ୍ରକାଶ ପାଇବ। ତେବେ ଚଳିତବର୍ଷ ସବୁ ବିଭାଗର ପରୀକ୍ଷା ଫଳ ଗୋଟିଏ ଦିନରେ ପ୍ରକାଶ ପାଇପାରେ। ଏନେଇ ପରିଷଦ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ମିଳିଛି। ପୂର୍ବରୁ ପ୍ରାୟତଃ ବିଜ୍ଞାନ ପରୀକ୍ଷା ଫଳ ପ୍ରଥମେ ପ୍ରକାଶ ପାଇଥାଏ ଓ ଏହାପରେ ଅନ୍ୟ ବିଭାଗର ଫଳ ବାହାରିଥାଏ। କିନ୍ତୁ ଏଥର ଏକସଙ୍ଗେ ବିଜ୍ଞାନ, କଳା, ବାଣିଜ୍ୟ ଓ ଧନ୍ଦାମୂଳକ ବିଭାଗର ପରୀକ୍ଷା ଫଳ ପ୍ରକାଶ କରିବାକୁ ଯୋଜନା ହେଉଛି ବୋଲି ପରିଷଦ ଅଧ୍ୟକ୍ଷ ଅମରେନ୍ଦ୍ର ପଟ୍ଟନାୟକ କହିଛନ୍ତି। ସେପଟେ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ଛାତ୍ରୀଛାତ୍ରମାନେ ସ୍ୱାଗତ କରିଛନ୍ତି। ଅଲଗା ଦିନରେ ପରୀକ୍ଷା ଫଳ ପ୍ରକାଶ ପାଉଥିବାରୁ ପ୍ରବେଶିକା ପରୀକ୍ଷା ଦେବା ପାଇଁ ପଞ୍ଜୀକରଣବେଳେ ଅସୁବିଧା ହୋଇଥାଏ। ତେଣୁ ତାହା ଆଉ ହେବନି ବୋଲି ଛାତ୍ରୀଛାତ୍ରମାନେ ଆଶା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ରାଜ୍ୟରେ ମୋଟ ୩ଲକ୍ଷ ୫୦ ହଜାର ୮ଶହ ଛାତ୍ରୀଛାତ୍ର ଯୁକ୍ତ୨ ପରୀକ୍ଷା ଦେବେ। କଳାରେ ୨ଲକ୍ଷ ୨୦ହଜାର ୪୩୭ ପରୀକ୍ଷାର୍ଥୀ ଥିବାବେଳେ ବିଜ୍ଞାନରେ ୯୭ ହଜାର ୫୪୬, ବାଣିଜ୍ୟରେ ୨୫ହଜାର ୭୮୫ ଓ ଧନ୍ଦାମୂଳକରେ ୭ ହଜାର ୩୨ ଜଣ ପରିକ୍ଷାର୍ଥୀ ଅଛନ୍ତି।

## ଲଶ୍କର ସହଯୋଗୀ ଗିରଫ

ଶ୍ରୀନଗର,୧।୩(ପି.ଟି.)

ଗତବର୍ଷ ନଭେମ୍ବରରେ ଜମ୍ମୁ-କଶ୍ମୀରର ଗଣ୍ଡେରବଲ ଜିଲାରେ ଜଣେ ଲଶ୍କର-ଇ-ତୋଇବା ଆତଙ୍କବାଦୀ ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ନିହତ ହୋଇଥିଲେ। ତାଙ୍କର ଜଣେ ସହଯୋଗୀଙ୍କୁ ରବିବାର ପୋଲିସ ଗିରଫ କରିଛି। ଜେରାବେଳେ ତାଙ୍କଠାରୁ କେତେକ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଛି। ହୁରିୟାତ କନ୍‌ଫରେନ୍ସ କର୍ମୀ ଫୟାଜ ଅହମଦ ଭଟ୍ଟ ଦୁଇଜଣ ଆତଙ୍କବାଦୀଙ୍କୁ ଗଣ୍ଡେରବଲ ଆଣିଥିଲେ ବୋଲି ସେ କହିଛନ୍ତି। ପୂର୍ବରୁ ଭଟ୍ଟଙ୍କୁ ଗିରଫ କରାଯାଇଥିଲା ଓ ତାଙ୍କଠାରୁ ଚାଇନା ନିର୍ମିତ ଗ୍ରେନେଡ ଜବତ ହୋଇଥିଲା।

## ଆଜି କ୍ୟାବିନେଟ...

ସକାଶେ ସରକାର ପଦକ୍ଷେପ ନେବା ପାଇଁ ଘୋଷଣା କରିଛନ୍ତି। ଅର୍ଥ ଆୟୋଗଙ୍କ ଅନୁଦାନ ବିନିଯୋଗ ଦିଗରେ ନୂଆ ପ୍ରସ୍ତାବ କ୍ୟାବିନେଟ୍‌ରେ ଆସିବାକୁ ଯାଉଥିବା ସୂଚନା ମିଳିଛି। ସେହି ଅନୁସାରେ ଗ୍ରାମପଞ୍ଚାୟତସ୍ତରରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ର, ଏଇ.ଆଇ. ସେଣ୍ଟର ଏ.ଏନ.ଏମ୍. କେନ୍ଦ୍ର ଇତ୍ୟାଦିର ମରାମତି ଏବଂ ରକ୍ଷଣାବେକ୍ଷଣ ଆଦି ରାଜ୍ୟ ତଥା କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନ ସହ ଏମ୍‌ଜିଏନଆରଜିଏ ପାଣ୍ଠିରୁ କରାଯିବ। ଏହା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିପାରେ।ସେହିପରି ଶିକ୍ଷା ଭିତ୍ତିଭୂମି ବିକାଶ ଦିଗରେ ସରକାର ଏକ ନୂଆ ପ୍ରସ୍ତାବ ଆଣିବେ। ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରୁ ଗୋଟିଏ ଲେଖା ଉଚ୍ଚ ବିଦ୍ୟାଳୟର ଭିତ୍ତିଭୂମି ବିକାଶ କରାଯାଇ ଏହାର ଆଧୁନିକୀକରଣ କରାଯିବ। ଏଥିପାଇଁ ପ୍ରତ୍ୟେକ ସ୍କୁଲ ଲାଗି ପ୍ରାୟ ୫୦ଲକ୍ଷ ଟଙ୍କାର ଅନୁଦାନ ବରାଦ କରାଯିବ। ସେହିପରି ସେହି ବିଦ୍ୟାଳୟଗୁଡିକରେ ଖାଲି ଥିବା ଶିକ୍ଷକ ପଦବୀକୁ ମଧ୍ୟ ପୂରଣ କରାଯିବ। ଏହି ସ୍କୁଲଗୁଡିକର ସମ୍ପତ୍ତି ପଞ୍ଚାୟତ ସମିତି ଖାତାରେ ହିସାବ କରାଯିବ। ତେବେ ସୂଚନାଯୋଗ୍ୟ ଯେ, ଏ ସମ୍ପର୍କରେ ବିଧାନସଭାରେ ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉତ୍ଥାପିତ କରିଛନ୍ତି। ଅନ୍ୟପଟେ ଏନେଇ ରାଜ୍ୟର ସମସ୍ତ ବିଧାୟକ ଏବଂ ସରପଞ୍ଚଙ୍କୁ ମଧ୍ୟ ସେ ଚିଠି ଲେଖିଥିଲେ। ଅନ୍ୟପଟେ ଗ୍ରାମପଞ୍ଚାୟତ ଅଧୀନରେ ବିକାଶ କାର୍ଯ୍ୟ ହେବାକୁ ଥିବା ଏଏନ୍‌ଏମ ସେଣ୍ଟର ସମ୍ପର୍କିତ ଏକ ପ୍ରସ୍ତାବ ମଧ୍ୟ କ୍ୟାବିନେଟ୍‌ର ଅନୁମୋଦନ ଲାଭ କରିବ।

## କଡ଼ାକଡ଼ି ...

ପ୍ରଦାନ କରାଯାଇଛି। ସଂଶୋଧିତ ଆଇନରେ ବିନା ଟିକେଟ କିମ୍ବା ପାସରେ ଯାତ୍ରା କଲେ ୫୦୦ ଟଙ୍କା, ବେଆଇନ ଲୋକ ଗାଡି ଚଳାଇଲେ ୫ ହଜାର, ଆଇନକୁ ନ ମାନିଲେ ୨ ହଜାର, ବିନା ଲାଇସେନ୍ସରେ ଗାଡି ଚଳାଇଲେ ୫ ହଜାର, ଡ୍ରାଇଭିଂ ଅଯୋଗ୍ୟ ବିବେଚିତ ହୋଇ ଗାଡି ଚଳାଇଲେ ୧୦ ହଜାର ଟଙ୍କା ଗଣିବାକୁ ପଡିବ। ସେହିପରି ବିପଜ୍ଜନକ ଭାବେ ଗାଡି ଚଳାଇଲେ ୫ରୁ ୧୦ ହଜାର,ଦ୍ରୁତ ଗତିରେ ଗାଡି ଚଳାଇଲେ ୫ରୁ ୧୦ ହଜାର, ବିନା ପଞ୍ଜୀକରଣରେ ଗାଡି ଚଳାଇଲେ ୧୦ରୁ ୧୫ ହଜାର,ଗାଡି ପରମିଟ ନ ଥିଲେ ୧୦ ହଜାର, ସୁରକ୍ଷା ବେଲ୍ଟ ନ ବାନ୍ଧିଲେ ୧ ହଜାର, ହେଲମେଟ ନ ପିନ୍ଧିଲେ ୧ ହଜାର, ଜରୁରିକାଳୀନ ଗାଡିକୁ ରାସ୍ତା ନ ଛାଡିଲେ ୧୦ ହଜାର , ସାଇଲେଣ୍ଟ ଜୋନରେ ହର୍ନ ବଜାଇଲେ ୧ ହଜାର, ବୀମା ନ ଥିବା ଗାଡି ଚଳାଇଲେ ୨ରୁ ୪ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ।

ବେପରୁଆ ଗାଡି ଚାଳନା ଯୋଗୁ ବହୁ ମୂଲ୍ୟ ଜୀବନ ନଷ୍ଟ ହେବା ସହ ଘର ପରିବାର ଉଜୁଡି ଯାଉଛି। ଓଡ଼ିଶାରେ ଦୁର୍ଘଟଣା ହାର ବଢି ଚାଲିଛି। ଗତ ୧୦ବର୍ଷ ମଧ୍ୟରେ ଓଡ଼ିଶାରେ ସମୁଦାୟ ୧ ଲକ୍ଷ ୧ ହଜାର ୩୯୫ ସଡକ ଦୁର୍ଘଟଣାରେ ୪୩ ହଜାର ୩୭୧ ଜଣଙ୍କର ଜୀବନ ଯାଇଥିବା ବେଳେ ୧ ଲକ୍ଷ ୧୨ ହଜାର ୫୩୮ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ୨୦୧୭ଠାରୁ ୨୦୧୮ରେ ଦୁର୍ଘଟଣା ହାର ୧୦.୯୬ ପ୍ରତିଶତ ଅଧିକ ରହିଥିବା ବେଳେ ୨୦୧୯ରେ ୨୦୧୮ ତୁଳନାରେ ୦.୩୪ ପ୍ରତିଶତ ଅଧିକ ରହିଛି।

**ପ୍ରଥମ ପୃଷ୍ଠାରୁ...**

କେବଳ ଗତ ୩ ବର୍ଷ ୨୦୧୭ ଠାରୁ ୨୦୧୯ ମଧ୍ୟରେ ରାଜ୍ୟରେ ସଡକ ଦୁର୍ଘଟଣାରେ ୧୫,୪୩୮ ଜଣଙ୍କର ମୃତ୍ୟୁ ହୋଇଛି। ୨୦୧୭ରେ ୪,୭୯୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦୧୮ରେ ୫,୩୧୫ ଏବଂ ୨୦୧୯ରେ ୫,୩୩୩ ଜଣଙ୍କର ବହୁମୂଲ୍ୟ ଜୀବନ ଚାଲିଯାଇଛି।

## ୬୦ ଦେଶରେ...

ରହିବା ପାଇଁ ପରାମର୍ଶ ଦିଆଯାଇଛି। ଦେଶରେ ସପ୍ତାହେ ପାଇଁ ସ୍କୁଲ ଛୁଟି କରିଦିଆଯାଇଥିବାବେଳ ଡାଏଗୁ ସହରରେ ୩ ସପ୍ତାହ ଛୁଟି ଘୋଷଣା କରାଯାଇଛି।

କରୋନା ସଂକ୍ରମଣରେ ଜାପାନ ତୃତୀୟ ସ୍ଥାନରେ ରହିଛି। ସେଠାରେ ୨୨୦ ଜଣଙ୍କଠାରେ ଏହି ଭୂତାଣୁ ଚିହ୍ନଟ ହୋଇଥିବାବେଳେ ଏହାର ଉପକୂଳରେ ଅଟକି ଥିବା ଡାଇମଣ୍ଡ ପ୍ରିନ୍ସେସ୍ ଜାହାଜରେ ୭୦୫ ଜଣ କରୋନା ସଂକ୍ରମିତ। ଏହା ବ୍ୟତୀତ ବ୍ରିଟେନ, ମାଲେସିଆ, ଥାଇଲାଣ୍ଡ, ଓମାନ, ଲେବାନନ, ଅଷ୍ଟ୍ରେଲିଆ, ସ୍ୱିଜରଲାଣ୍ଡ, ନ୍ୟୁଜିଲାଣ୍ଡ, ଗ୍ରୀସ୍, ବେଲାରୁଷ, ଲିଥୁଏନିଆ, ଆମେରିକା, ଇଟାଲୀ, ଜର୍ମାନୀ, କୁଏଟ୍, ଫ୍ରାନ୍ସ, ନେଦରଲାଣ୍ଡସ୍, ନାଇଜେରିଆ, ସାନ୍‌ମାରିନୋ, ଇଷ୍ଟୋନିଆ, ଡେନ୍‌ମାର୍କ, ବାହାରିନ, ଅଷ୍ଟ୍ରିଆ, ସ୍ପେନ୍, କାନାଡା, ଇରାକ, ୟୁଏଇ, ସିଙ୍ଗାପୁର, ତାଇୱାନ, ପାକିସ୍ତାନ, ଆଫଗାନିସ୍ତାନ, ଭିଏତ୍‌ନାମ, ଫିଲିପାଇନ୍ସ, ନେପାଳ, ଶ୍ରୀଲଙ୍କା, ନରୱେ, ବ୍ରାଜିଲ, କ୍ରୋଏସିଆ, ଆଲଜେରିଆ ପ୍ରଭୃତି ଦେଶକୁ କରୋନା ବ୍ୟାପିଥିବା ଜଣାପଡିଛି।

## ଟ୍ରକ୍‌କୁ ୧.୧୦...

ରୋଡ଼ ଟ୍ୟାକ୍ସ ଦେଇ ନ ଥିବା ସହ ପର୍‌ମିଟ୍ ଲାଇସେନ୍ସ ନ ଥିବାରୁ ଟ୍ରକ୍‌କୁ ଜରିମାନା କରାଯାଇଛି। ରାୟଗଡା ଆରଟିଓ ଦିଲ୍ଲୀପ କୁମାର ଦଳେଇ ସୂଚନା ଦେଇଛନ୍ତି।

ରାୟଗଡ଼ା ସହରସ୍ଥିତ ରିଲାୟନ୍ସ ପେଟ୍ରୋଲ ପମ୍ପ ଛକରେ ରବିବାର ସ୍ଥାନୀୟ ପୋଲିସ ଏବଂ ଆର୍‌ଟିଓ କର୍ମଚାରୀ ଗାଡି ମୋଟର ଯାଞ୍ଚ କରୁଥିଲେ। ଏହି ସମୟରେ ଆନ୍ଧ୍ର ପ୍ରଦେଶର ବି.ସୁରୀ ବାବୁଙ୍କ ଟ୍ରକ (ଏପି-୩୧-ଟିଡବ୍ଲ୍ୟୁ-୩୨୪୯) କାଠ ବୋଝେଇ କରି ଆସୁଥିଲା। ପୋଲିସ ଓ ଆର୍‌ଟିଓ କର୍ମଚାରୀ ଏହାକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ଟ୍ରକଟି ରୋଡ ଟ୍ୟାକ୍ସ ଦେଇ ନ ଥିବା ବେଳେ ଏହାର ପର୍‌ମିଟ୍ ନ ଥିବା ଯାଞ୍ଚବେଳେ ଧରାପଡିଥିଲା। ଫଳରେ ଟ୍ରକ ଉପରେ ୧ଲକ୍ଷ ୧୦ହଜାର ୮ଶହ ଟଙ୍କା ଜରିମାନା କରାଯାଇଛି। ଏଥିସହ ଗାଡ଼ିର କାଗଜପତ୍ର ସିଜ୍ କରାଯାଇଛି। ସହରର ବିଭିନ୍ନ ସ୍ଥାନରେ ଗାଡିମୋଟର ଓ କାଗଜପତ୍ର ଯାଞ୍ଚ ଚାଲିଛି। ଚାଳକମାନେ ସିଟ୍‌ବେଲ୍ଟ, ହେଲ୍‌ମେଟ ପିନ୍ଧି ନ ଥିଲେ, ମଦ୍ୟପାନ ଓ ଦ୍ରୁତ ଗତିରେ ଗାଡି ଚଳାଉଥିଲେ, ଗାଡି ଚଳାଇବା ବେଳେ ମୋବାଇଲରେ କଥା ହେଉଥିଲେ, ନୋ ଏଣ୍ଟ୍ରି କିମ୍ବା ରଙ୍ଗ ରୁଟ୍‌ରେ ଯାଉଥିଲେ ଜରିମାନା କରାଯିବ ବୋଲି ଆରଟିଓ ଦଳେଇ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜି ଚନ୍ଦ୍ରଙ୍କ ପ୍ରଭାବରେ ସୁବିଧାରେ କାମ ହାସଲ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିବ ଓ ସାମାଜିକ ସ୍ତରରେ ପ୍ରତିଷ୍ଠିତ ହେବେ। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବ ମାତ୍ର ବାଣିଜ୍ୟ,ବ୍ୟବସାୟ ଓ ରାଜନୀତିରେ ଚେଷ୍ଟା କରି ସଫଳ ହେବେ।

**ବୃଷ**

ରାଶିରେ ଚନ୍ଦ୍ର ରହିଥିବାରୁ ଭାବ ପ୍ରବଣତା ବଶତଃ ପରିହାସଯୁକ୍ତ କଥା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ। ନିଜର ଅଳସୁଆମି ଯୋଗୁ କିଛି ନ କରି ଅନ୍ୟମାନଙ୍କ ଦ୍ୱାରା କାମ ଉଠାଇ ପାରନ୍ତି। ଶତ୍ରୁମାନେ ବିଭିନ୍ନ ପ୍ରକାରର ପ୍ରତିବନ୍ଧକ ସୃଷ୍ଟି କଲେ ମଧ୍ୟ କିଛି କ୍ଷତି କରିପାରିବେ ନାହିଁ। ଅର୍ଥ ସମ୍ପର୍କୀୟ ବୁଝାମଣାରେ ତ୍ରୁଟି ରହିଯାଇପାରେ।

**ମିଥୁନ**

ରବିଙ୍କ ସ୍ୱଗୃହାବଲୋକନ ଆପଣଙ୍କୁ ଆତ୍ମବଳ ସମ୍ପନ୍ନ କରାଇବା ସହ ବୁଧଗ୍ରହ ସମ୍ପର୍କୀୟଙ୍କ ସାହାଯ୍ୟପ୍ରାପ୍ତ କରାଇବ। କିନ୍ତୁ ଆଲୋଚନା କ୍ଷେତ୍ରରେ ସତ୍ୟ ପ୍ରକାଶ କରି ବିବାଦଗ୍ରସ୍ତ ହୋଇପାରନ୍ତି। ପାରିବାରିକ ଜୀବନ ସୁଖ ସନ୍ତୋଷରେ କାଟିବେ। ଆଜିର ବ୍ୟବସାୟ, ପରିବହନ ଓ ଯାତ୍ରା ତଥା ଆଇନ ଅଦାଲତ କ୍ଷେତ୍ରରେ ସଫଳତା ପାଇବେ।

**କର୍କଟ**

ଲାଭସ୍ଥାନରେ ଏକାଦଶାଧିପତି ଆଶା ଓ ଆକାଂକ୍ଷାକୁ ପୂରଣ କରିବାରେ ସାହାଯ୍ୟ କରିବେ। ଅନୁକୂଳ ବାତାବରଣ ମଧ୍ୟରେ ଦୀର୍ଘ ଦିନରୁ ରହି ଆସିଥିବା ସମସ୍ୟା ସମାଧାନ ହେବ। ରହିଯାଇଥିବା ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ସିଂହ**

ଗୁରୁ ସହ ମଙ୍ଗଳଙ୍କ ସମ୍ବନ୍ଧରୁ ବନ୍ଧୁଙ୍କ ସହିତ ବହୁତ ଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପଡୋଶୀଙ୍କ ଦୁଃଖଦ ପରିସ୍ଥିତିକୁ ନେଇ ମାନସିକ ବ୍ୟଥା ଅନୁଭବ କରିବେ। ଗୃହ ନିର୍ମାଣାଦି କାର୍ଯ୍ୟ ତ୍ୱରାନ୍ୱିତ ହେବ। ଅର୍ଥ ସମ୍ପର୍କୀୟ ସମସ୍ୟା ସୁଧୁରିବାକୁ ଚେଷ୍ଟା କରିବାରେ ପରିବାରର ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ।

**କନ୍ୟା**

ଦୁଃସ୍ଥାନରେ ବୁଧଙ୍କ ସ୍ଥିତି ପ୍ରଭାବରୁ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। ପରିସ୍ଥିତିରେ ପଡି ଅନନ୍ୟୋପାୟ ହୋଇ ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କରିବାକୁ ବାଧ୍ୟହେବେ। ପିଲାମାନଙ୍କ କଳହକୁ କେନ୍ଦ୍ର କରି ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ବ୍ୟବସାୟ ଓ ପରିବହନରେ ସମସ୍ୟା ଦୂର ହୋଇଯିବ।

**ତୁଳା**

ସପ୍ତମକେନ୍ଦ୍ରସ୍ଥ ଶୁକ୍ର ପ୍ରଭାବରେ ଆକସ୍ମିକ ଆଶା ପୂରଣ ହେବାରୁ ସୁସ୍ଥ ମନ ନେଇ କାମ କରିବେ। ପରିବାରରେ ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ। କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ବିବାଦୀୟ ସ୍ଥିତିରେ ପଡିପାରନ୍ତି। ଆର୍ଥିକ ସ୍ଥିତି, ସହକର୍ମୀଙ୍କ ସହଯୋଗ ନେଇ ସନ୍ତୁଷ୍ଟ ରହିପାରନ୍ତି।

**ବିଛା**

ଘାତଚନ୍ଦ୍ର ଜନିତ ମାନସିକ ଅସ୍ଥିରତା ଲାଗି ରହିବ ଏବଂ କୌଣସି କାମ ଶୃଙ୍ଖଳିତ ଭାବରେ କରିପାରିବେ ନାହିଁ। ବନ୍ଧୁବର୍ଗଙ୍କ ସହାୟତାରେ ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢିଚାଲିବ। ପରିସ୍ଥିତିରେ ପଡି ଖର୍ଚ୍ଚାନ୍ତ ହେବେ କିନ୍ତୁ ଆପଣଙ୍କ ଆଶା ପୂରଣ ହୋଇପାରିବ। ଶତ୍ରୁତା କରୁଥିବା ନୀଚମନା ବ୍ୟକ୍ତି ଦ୍ୱାରା ଅସମ୍ମାନିତ ହୋଇ ପାରନ୍ତି।

**ଧନୁ**

ଗ୍ରହବୈଗୁଣ୍ୟତାରୁ ମାନସିକ ଓ ଶାରୀରିକ ସୁସ୍ଥତା ରହି ନ ପାରେ। ଦୀର୍ଘସମୟ ଏକାକୀ ନିରୋଳାରେ ରହି ଅତୀତର ବିବାଦୀୟ ବିଷୟରେ ସମୀକ୍ଷା କରିବେ। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି। ଯେଉଁ ଜିନିଷଟିକୁ ପାଇବାକୁ ଅପେକ୍ଷା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ।

**ମକର**

ବଳଶାଳୀ ରାଶ୍ୟାଧିପତିଙ୍କ ସ୍ଥିତିରୁ ସ୍ୱାସ୍ଥ୍ୟ, କର୍ମକ୍ଷେତ୍ର ଭଲ ରହିବା ସହ ଭାଇବନ୍ଧୁ ପଡୋଶୀଙ୍କ ସହ କଳହ ଲାଗିପାରେ। କିନ୍ତୁ ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। ଆଜିର ଯାତ୍ରା, ବ୍ୟବସାୟ, ରାଜନୀତି ଓ ପ୍ରଶାସନ ପାଇଁ ଦିନଟି ଭଲ। ଜଣେ ନିଃସହାୟ ଲୋକଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ।

**କୁମ୍ଭ**

ସାମାନ୍ୟ କଥାରେ ଉତ୍ତେଜିତ ହୋଇ ପରିବେଶକୁ ଗରମାଗରମ କରିଦେଇପାରନ୍ତି। କିନ୍ତୁ ଶତଭିଷା ନକ୍ଷତ୍ର ଅସୁବିଧାଜନକ ପରିସ୍ଥିତିରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ। ବହୁତ ଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ଆକସ୍ମିକ ଭାବେ ଯୋଡି ହୋଇଯିବ। ମାଙ୍ଗଳିକ କାମ ପରିପ୍ରେକ୍ଷୀରେ ବନ୍ଧୁଦ୍ୱାରକୁ ଗମନ କରିବାକୁ ମନସ୍ଥ କରିପାରନ୍ତି।

**ମୀନ**

ଭାଗ୍ୟସ୍ଥାନକୁ ଚନ୍ଦ୍ରଙ୍କ ଦୃଷ୍ଟି ଆପଣଙ୍କ ଆଶା ଓ କାମନାକୁ ଚରିତାର୍ଥ କରିବାରେ ସହାୟକ ହେବ। ବନ୍ଧୁଙ୍କ ପରାମର୍ଶରେ ସତ୍‌ସଙ୍ଗ, ପୁରାଣ ପଠନ, ଆଲୋଚନା ସାଙ୍ଗକୁ ଧର୍ମକାର୍ଯ୍ୟ ପ୍ରତି ରୁଚି ବଳିବ। ସାହିତ୍ୟଚର୍ଚ୍ଚା ପ୍ରଶାସନିକ ସ୍ତରରେ ଓ ରାଜନୀତିରେ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

ଆଜି ଫାଲ୍‌ଗୁନ ଶୁକ୍ଳ ସପ୍ତମୀ ଯୁକ୍ତ ଅଷ୍ଟମୀ ସୋମବାର, ମାର୍ଚ୍ଚ-୨ ତାରିଖ, ରାଶିନକ୍ଷତ୍ର-ଦିବା ଘ୯।୪୭ମି. ଗତେ, ରୋହିଣୀ/ବୃଷ, ମିଥୁନରାଶିର ଘାତବାର, ବିଛା ରାଶିର ଘାତଚନ୍ଦ୍ର, ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ରାତ୍ରୌ ବିବାହ ପାଣିଗ୍ରହଣ, ସକାଳ ଘ୭।୪୨ମି. ମଧ୍ୟେ ଘ୧୦।୪୮ମି. ଗତେ ଘ୧।୦୮ମି. ମଧ୍ୟେ ଅମୃତବେଳା। ଦିବା ଘ୯।୦୨ମି. ଗତେ ଘ୧୦।୨୮ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୭।୩୬ମି. ଗତେ ଘ୯।୦୪ମି. ମଧ୍ୟେ ରାହୁ କାଳ।


# classifieds Everyday

0674-2580101, 2549302





**SALE**

Hyundai Elantra, Mitsubishi Lancer, Pajero Sports, Indica, Skoda Superb, Toyota Corolla Altis. Car sale/ purchase and finance- 7077731532, 7381091234. D-68498





**SALE**

Bhubaneswar, Patia, Bigbazar ରୁ 3.5k.m ଘର କରିବା ପାଇଁ plot 50 x 30= 1500sqft. କୁ 8,25,000/- ରେ ମିଳୁଛି। 9937065503, 8249005131, 9337061817. D-68500

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। **9437166686, 7609956035.** D-68487

ଘରବାରି ବାଉଣ୍ଡାରୀ ପ୍ଲଟ୍ ୩୦ଫୁଟ ରାସ୍ତା ଟଙ୍କପାଣିରୋଡ଼ ସାଇମନ୍ଦିର ଠାରୁ ୪କି.ମି. ୪୫୦/- 7077102741. D-63976

Plots gharabari demarcated low cast ready registration and boundary wall at Balianta, Bhingarpur, Bhubaneswar, Mob: 9938466916. D-16918

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ boundarywall, 30ft road ଏବଂ ବାସଉପଯୋଗୀ plot ଦିଆଯାଉଅଛି Sqft. 650/-. 7008045582, 9692003948. D-16940

Flat sales 2bhk/ 3bhk, Patia Big Bazar, front (RERA) Approved. 7978867139. D-16925

Plot for sale near AIIMS Hospital, Bhubaneswar, yellow zone, gharabari & other. Contact: 9348721088, 9938670164. D-69228

15500sqft. plot with boundary wall near Dhauli Square, Bhubaneswar for sale, Contact- 9438153229, 7008791675. D-16960





2BHK flat with parking at Lingipur rent family. Contact: 7894381416. D-59945

Independent bungalow, six rooms and 800sqft. centre room. Parking area 1500sqft. Suitable for bank, office, officer's quarter, office cum godown. Very near to Mahanadi-Zobra barrage at Nimpur Canal road. Contact: 9937547222, 9338112817. D-16893

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।





Ayurvedic refreshment massage therapy refresh mind and body. Appointment: 7894855541. D-68598

Full body herbal massage with refreshment expert therapist. 7381239385, 06742540855. D-69232

Experience full body massage with us (expert). Call: 7377048581, 06742597822. D-69233

Herbal full body massage by smart / expert therapist. Contact: 8338067247. D-69234

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69235

Body massage @ 1099 at mystic Unisex Salon and Spa. 9556978408. D-69237

Rejuvenate and Ayurvedic full body massage by smart therapist. 9114402304. D-69236

**LOST**

I, Sri Ghanashyam Behera, FE in Sri Ananta Multisolutions (P) (L). I have lost my ID Card No.- 377132 in BBSR on dated- 25.02.2020. If found please contact- 0674-2598477. D-16987

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**





**ମୋନିକା (ମୋଲି)**

ତୁମ ପ୍ରଥମ ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା। ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ଲିଙ୍ଗରାଜଙ୍କ କୃପାରୁ ତୁମର ଚଲାପଥ ଦୀର୍ଘାୟୁ ଏବଂ କୁସୁମିତ ହେଉ।

**-:ଶୁଭେଚ୍ଛା ସହ:-**
**ବାପା, ମାଆ, ଅଜା, ଆଇ, ମାମୁ, ମାଇଁ ବନ୍ଧୁ ଓ ପରିବାରବର୍ଗ।**

ଧ-୧୬୯୮୯


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଦିଗ୍‌ଦର୍ଶନ ଦେବେ ୧୦ ଅଭିଜ୍ଞ ଡାକ୍ତର

**ବିଶ୍ୱସ୍ତରୀୟ ହେବ ଏସ୍‌ସିବି ମେଡିକାଲ**

- ନିଯୁକ୍ତି ନେଇ ଘୋଷଣା କଲେ ମୁଖ୍ୟମନ୍ତ୍ରୀ
- ସେମାନଙ୍କ ମଧ୍ୟରେ ୭ ପଦ୍ମ ପୁରସ୍କାରପ୍ରାପ୍ତ
- ଡିଏମ୍‌ଇଟି ନିର୍ଦ୍ଦେଶକ ହେବେ ସଂଯୋଜକ

**କଟକ ଅଫିସ,୧।୩**

ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ ଚିକିତ୍ସାଳୟ ଭାବେ ଗଢ଼ିତୋଳିବା ଦିଗରେ ପ୍ରୟାସ କରୁଛନ୍ତି ରାଜ୍ୟ ସରକାର। ଏଥିପାଇଁ ପୂର୍ବରୁ ପ୍ରାୟ ୧୦ହଜାର କୋଟି ଟଙ୍କାର ଯୋଜନା ଘୋଷଣା କରାଯାଇଛି। ଟଙ୍କା କେମିତି ଖର୍ଚ୍ଚ କରାଯିବ, କେଉଁ ସବୁ ଚିକିତ୍ସା ସୁବିଧା ପ୍ରଦାନ କରାଯିବ ଏବଂ ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ କରିବା ଦିଗରେ କ’ଣ ସବୁ ପଦକ୍ଷେପ ନିଆଯିବ, ସେନେଇ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେବା ପାଇଁ ୧୦ଜଣ ଅଭିଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିରେ ୭ଜଣ ପଦ୍ମ ପୁରସ୍କାରପ୍ରାପ୍ତ ଡାକ୍ତର ଅଛନ୍ତି। ଏ ନେଇ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉକ୍ତ ଡାକ୍ତରମାନଙ୍କ ନାମ ଘୋଷଣା କରିଛନ୍ତି। ସେମାନେ ହେଲେ ହୃଦ୍‌ରୋଗ ବିଶେଷଜ୍ଞ ପଦ୍ମଭୂଷଣ ଡା. ରମାକାନ୍ତ ପଣ୍ଡା, ହୃଦ୍‌ରୋଗ ବିଶେଷଜ୍ଞ ପଦ୍ମଭୂଷଣ ପୁରସ୍କାରପ୍ରାପ୍ତ ଡା. ଦେବୀ ସେଠୀ, ହୃଦ୍‌ରୋଗ ବିଶେଷଜ୍ଞ ପଦ୍ମଭୂଷଣ ଡା. ଶ୍ରୀନାଥ ରେଡ୍ଡୀ, ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ପ୍ରଫେସର ପଦ୍ମଶ୍ରୀ ସୁବ୍ରତ ଆଚାର୍ଯ୍ୟ, କିଡ୍‌ନୀ ରୋଗ ବିଶେଷଜ୍ଞ ପଦ୍ମଶ୍ରୀ ପ୍ରଫେସର ମୁକୁତ୍ ମିଞ୍ଜ, କର୍କଟରୋଗ ବିଶେଷଜ୍ଞ ପଦ୍ମଶ୍ରୀ ଡା. ଦିଗାମ୍ବର ବେହେରା, କର୍କଟ ରୋଗ ବିଶେଷଜ୍ଞ ପଦ୍ମଶ୍ରୀ ଡା. ରାଜନ୍ ବାଡୱେ, ମେଡିସିନ ବିଶେଷଜ୍ଞ ଡା. ଜଗତ ନାରୁଲା, ଏଲ୍.ଭି. ପ୍ରସାଦ ଚକ୍ଷୁ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ଡା. ଜିଏନ୍. ରାଓ ଏବଂ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ର। ଏହି ଟିମ୍‌ର ସଂଯୋଜକ ଭାବେ କାମ କରିବେ ମେଡିକାଲ୍ ଶିକ୍ଷା ଏବଂ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ(ଡିଏମ୍‌ଇଟି)ର ନିର୍ଦ୍ଦେଶକ। ଏମାନଙ୍କ ମଧ୍ୟରେ ଡା. ରମାକାନ୍ତ ପଣ୍ଡା, ଡା. ସୁବ୍ରତ ଆଚାର୍ଯ୍ୟ, ଡା. ଦିଗାମ୍ବର ବେହେରା ଏବଂ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଏସ୍‌ସିବି ମେଡିକାଲର ପୁରାତନ ଛାତ୍ର। ଏହି ଅଭିଜ୍ଞ ଡାକ୍ତରମାନେ ଅନେକ ବିରଳ ଅସ୍ତ୍ରୋପଚାର ଏବଂ ଗବେଷଣା ପାଇଁ ଦେଶ ଓ ଦେଶ ବାହାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ୫-ଟି ଅଭିଯାନରେ ଗତ ନଭେମ୍ବରରେ ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ ବା ଏମ୍‌ସ ପ୍ଲସ ହସ୍ପିଟାଲରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏପରି କି ପ୍ରାୟ ଏକ ହଜାର କୋଟି ଟଙ୍କାର ଅନୁଦାନ ଯୋଗାଇ ଦେବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଏସ୍‌ସିବି ମେଡିକାଲକୁ ସମ୍ପ୍ରସାରଣ କରିବା ପାଇଁ ଆଖପାଖ ଅଞ୍ଚଳରୁ ଉଚ୍ଛେଦ ଚାଲିଛି। ରାଜ୍ୟରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉକ୍ତ ମେଡିକାଲ ଅନେକ ଗୌରବ ହାସଲ କରିଛି। ଏପରି କି ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଆଶାର କିରଣ ସାଜିଛି। ଏଣୁ ଏହାର ବିକାଶ ଦିଗରେ ଉପରୋକ୍ତ ପଦକ୍ଷେପ ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି।

**ଜିଲା ଚିଠି**

**ବାଲେଶ୍ୱର**



## ମହିଳା ଓ ଶିଶୁ ସହାୟତା କେନ୍ଦ୍ର

ମହିଳା ଓ ଶିଶୁଙ୍କ ସୁରକ୍ଷା ପାଇଁ ରାଜ୍ୟର ପ୍ରମୁଖ ରେଳ ଷ୍ଟେଶନରେ କାର୍ଯ୍ୟକାରୀ ହେଉଛି ମହିଳା ଓ ଶିଶୁ ସହାୟତା କେନ୍ଦ୍ର। ମାତ୍ର ବାଲେଶ୍ୱର ରେଳ ଷ୍ଟେଶନରେ ଦୀର୍ଘ ୯ମାସ ଧରି ଭିତ୍ତିଭୂମି ଥିଲେ ମଧ୍ୟ ଏହା ନାମକୁମାତ୍ର କାର୍ଯ୍ୟକାରୀ ହୋଇଛି। ସମ୍ପୃକ୍ତ ଅଧିକାରୀମାନେ ନିଘୋଡ଼ ନିଦ୍ରାରେ ଶୋଇଛନ୍ତି। ବ୍ୟବସ୍ଥା ଠିକ୍ ଭାବେ କାର୍ଯ୍ୟକାରୀ ନ ହୋଇ କେବଳ ମାଳମାଳ ଯୋଜନା ମାଧ୍ୟମରେ ସରକାରୀ ଅର୍ଥର ଅପବ୍ୟୟ କରାଯାଉଛି। ଗଭର୍ନମେଣ୍ଟ ରେଲୱେ ପୋଲିସ(ଜିଆର୍‌ପି) ପକ୍ଷରୁ ରାଜ୍ୟର ପ୍ରତ୍ୟେକ ପ୍ରମୁଖ ରେଳ ଷ୍ଟେଶନରେ ମହିଳା ଓ ଶିଶୁ ୟୁନିଟ୍ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଭାଗ ପକ୍ଷରୁ ୨୦୧୯ ମେ’ରୁ ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ମଧ୍ୟ ଯୋଗାଇ ଦିଆଯାଇଥିଲା। ବାଲେଶ୍ୱର ରେଳ ଷ୍ଟେଶନର ୨ ନମ୍ବର ପ୍ଲାଟଫର୍ମରେ ଏହି ୟୁନିଟ୍‌କୁ ସ୍ଥାନିତ କରାଯାଇଛି। ଏହି ୟୁନିଟ୍ ୨୪ ଘଣ୍ଟିଆ ଅହରହ ସେବା ଯୋଗାଇବା ବ୍ୟବସ୍ଥା ରହିଥିଲା। ବାଲେଶ୍ୱର ଷ୍ଟେଶନର ଏହି ୟୁନିଟ୍‌ରେ ଜଣେ ଅଫିସର ଓ ୨ଜଣ କନଷ୍ଟେବଳ କାର୍ଯ୍ୟ କରିବା କଥା। ବିଶେଷକରି ସେମାନେ ଶିଶୁ ଓ ମହିଳାମାନଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରିବେ। ଶିଶୁ ଶ୍ରମିକ ଚାଲାଣ ରୋକିବା ସହ ପରିଚୟବିହୀନ, ହଜିଯାଇଥିବା ତଥା ଅସହାୟ ଶିଶୁ ଓ ମହିଳାଙ୍କୁ ଉଦ୍ଧାର କରିବା ଏବଂ ସେମାନଙ୍କୁ ଠିକଣା ସ୍ଥାନରେ ପହଞ୍ଚାଇବା ଏମାନଙ୍କର ମୁଖ୍ୟ କାର୍ଯ୍ୟ। ପରିଚୟ ନ ମିଳିଲେ ଶିଶୁ ଓ ମହିଳାଙ୍କୁ ଉଦ୍ଧାର କରି ସେମାନଙ୍କ ପାଇଁ କାର୍ଯ୍ୟ କରୁଥିବା ଆଶ୍ରମରେ ଛାଡ଼ିବାର ବ୍ୟବସ୍ଥା ରହିଥିଲା। ହେଲେ ସେସବୁ କାର୍ଯ୍ୟକାରୀ ହେବା ଦୂରର କଥା, ଏହି ୟୁନିଟ୍ ବର୍ତ୍ତମାନ ଜିଆର୍‌ପି ଅଧୀନରେ ନାମକୁ ମାତ୍ର ଚାଲିଛି। ଅନ୍ୟପକ୍ଷରେ ଥାନାରେ କର୍ମଚାରୀଙ୍କ ଅଭାବ ରହିଥିବାରୁ ଏହି ୟୁନିଟ୍ କାର୍ଯ୍ୟ କରିପାରୁ ନ ଥିବା ରେଲୱେ ଥାନା ଅଧିକାରୀ ପ୍ରତାପ ଚନ୍ଦ୍ର ବେହେରା ପ୍ରକାଶ କରିଛନ୍ତି। ସେହିପରି ସମ୍ପୃକ୍ତ ୟୁନିଟ୍‌କୁ ବିଦ୍ୟୁତ୍ ସଂଯୋଗ ପାଇଁ ରେଳ ବିଭାଗକୁ ଚିଠି ଲେଖାଯାଇଥିଲେ ମଧ୍ୟ ସେଥିପାଇଁ ଅନୁମତି ମିଳିପାରିନାହିଁ। ଏହାଛଡ଼ା ଏହି ୟୁନିଟ୍ ଦୀର୍ଘଦିନ ଧରି ଠିକ୍‌ଭାବେ କାର୍ଯ୍ୟକାରୀ ହୋଇପାରୁ ନ ଥିବା ବେଳେ ସମ୍ପୃକ୍ତ ବିଭାଗ ଚୁପ୍ ବସିବା ଦୁଃଖର ବିଷୟ।

– ମାନସ ବିଶ୍ୱାଳ

## ଦିଲ୍ଲୀ ଦଙ୍ଗାପୀଡ଼ିତ ବିଏସ୍‌ଏଫ୍ ଯବାନଙ୍କୁ ସହାୟତା
# ୧୦ ଲକ୍ଷ ଟଙ୍କା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧।୩(ବ୍ୟୁରୋ)**

ଓଡ଼ିଶାରେ କାର୍ଯ୍ୟରତ ସୀମା ସୁରକ୍ଷା ବଳ(ବିଏସ୍‌ଏଫ୍) ଯବାନ ମହମ୍ମଦ ଅନିଶଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର ସହାୟତା ରାଶି ଦେବାପାଇଁ ଘୋଷଣା କରିଛନ୍ତି। ନବମ ବାଟାଲିୟନରେ କାର୍ଯ୍ୟରତ ଅନିଶଙ୍କ ଘର ନୂଆଦିଲ୍ଲୀରେ। ନିକଟରେ ଦିଲ୍ଲୀରେ ହୋଇଥିବା ସାମ୍ପ୍ରଦାୟିକ ଦଙ୍ଗାରେ ତାଙ୍କ ଘର ପୋଡ଼ି ଦିଆଯାଇଥିବାରୁ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିବା ସହ ଅନିଶଙ୍କ ସହ କଥା ହୋଇ ସାନ୍ତ୍ୱନା ଦେଇଛନ୍ତି। ଅନିଶ ମାଓବାଦୀପ୍ରବଣ ମାଲକାନଗିରି ଜିଲାରେ କାର୍ଯ୍ୟରତ ଅଛନ୍ତି। ସେ ମଧ୍ୟ ସ୍ୱାଭିମାନ ଅଞ୍ଚଳର ସୁରକ୍ଷା ଦାୟିତ୍ୱ ତୁଲାଇଛନ୍ତି। ଏଥିପାଇଁ ଗୁରୁପ୍ରିୟା ସେତୁ ନିର୍ମାଣ ସୁରୁଖୁରୁରେ ହୋଇପାରିଛି। ଫେବୃୟାରୀ ୨୫ରେ ଉତ୍ତର-ପୂର୍ବଦିଲ୍ଲୀର ଖଜରୀଖାସ୍ ଅଞ୍ଚଳରେ ଅନିଶଙ୍କ ଦୁଇମହଲା ଘରକୁ ଦଙ୍ଗାକାରୀ ପୋଡ଼ି ଦେଇଛନ୍ତି। ବିଏସ୍‌ଏଫ୍ ତରଫରୁ ମଧ୍ୟ ଆର୍ଥିକ ସହାୟତା ପ୍ରଦାନ ସହ ଉକ୍ତ ଘରକୁ ମରାମତି କରିବା ପାଇଁ ବିଏସ୍‌ଏଫ୍ ଇଞ୍ଜିନିୟରଙ୍କୁ ପଠାଇବାକୁ ଘୋଷଣା କରିଛି।

# ୪୦ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ

**ମୁଖ୍ୟ କାର୍ପଟଦାରଙ୍କ ସମେତ ୩ ଗିରଫ**

**ଜଳେଶ୍ୱର,୧।୩(ସ୍ୱ.ପ୍ର.)**

ବାଲେଶ୍ୱର ଜିଲାର ଜଳେଶ୍ୱର ସହର ବ୍ରାଉନସୁଗାର କାରବାର ପେଣ୍ଠସ୍ଥଳୀ ପାଲଟିଛି। ବାଂଲାଦେଶ ସମେତ ବିଭିନ୍ନ ରାଜ୍ୟରୁ ବ୍ରାଉନସୁଗାର ଜଳେଶ୍ୱର ଅଣାଯାଇ ସେଠାରୁ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି। ରବିବାର ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଶେଖବାର୍ଡ଼ ଅଞ୍ଚଳରେ ଚଢାଉ କରି ୪୦୦ଗ୍ରାମ୍‌ର ବ୍ରାଉନସୁଗାର ଜବତ କରିଛି। ଯାହାର ମୂଲ୍ୟ ୪୦ଲକ୍ଷ ଟଙ୍କା ହେବ। ଏହାସହ ଗୋଟିଏ ସ୍କୁଟି, ୪ଟି ମୋବାଇଲ୍ ଓ ନଗଦ ୧୭ ହଜାର ଟଙ୍କା ଜବତ ହୋଇଛି। ଏହି କାରବାରରେ ସମ୍ପୃକ୍ତ ମୁଖ୍ୟ କାର୍ପଟଦାରଙ୍କ ସମେତ ୩ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟଜଣେ ଘଟଣାସ୍ଥଳରୁ ଫେରାର ହୋଇଯିବାରେ ସକ୍ଷମ ହୋଇଛନ୍ତି।

ଜଳେଶ୍ୱର ଏସ୍‌ଡ଼ିପିଓ ଅଙ୍କିତା କୁମ୍ଭାର ଓ ଅଇଆଇସି ଧନେଶ୍ୱର ସାହୁଙ୍କ ସତନ୍ତ୍ର ଟିମ୍ ନାମ୍ପ ହାଇସ୍କୁଲଠାରେ ଚୋରା ବ୍ୟବସାୟୀଙ୍କ ଉପରେ ଚଢାଉ କରିଥିଲେ। ପଶ୍ଚିମବଙ୍ଗର ପୂର୍ବ ମେଦିନୀପୋର ଜିଲା ଏଗ୍ରା ଥାନା ଅଞ୍ଚଳର ଜୋନି ସିଂ (୨୬) ଓ ଅଭିକ ମାଇତି (୨୨) ବ୍ରାଉନ୍‌ସୁଗାର ଧରି ଫେରୁଥିବା ବେଳେ ପୋଲିସ୍ ସେମାନଙ୍କୁ ଗିରଫ କରିଥିଲା। ଏହାର ମୁଖ୍ୟ କାର୍ପଟଦାର ଶେଖବାର୍ଡ଼ ଗାଁର ସାଦ୍ଦିକ ମହମ୍ମଦଙ୍କୁ ପୋଲିସ୍ କୌଶଳକ୍ରମେ ଗିରଫ କରିବାରେ ସଫଳ ହୋଇଛି। ସେମାନେ ବ୍ୟବହାର କରିଥିବା ଏକ ସ୍କୁଟି (ନଂ. ଓଡ଼ି୦୧ଏସି-୪୮୯୭)କୁ ମଧ୍ୟ ଜବତ କରାଯାଇଛି। ଏନେଇ ଜଳେଶ୍ୱର ଥାନା ମାମଲା (ନଂ.୮୯/୨୦) ରୁଜୁ କରାଯାଇ ତଦନ୍ତ ଚାଲିଥିବାର ଆଇଆଇସି ଧନେଶ୍ୱର ସାହୁ ପ୍ରକାଶ କରିଛନ୍ତି।

# ସଞ୍ଜୀୟ ଦାସବର୍ମା ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ

**ଭୁବନେଶ୍ୱର,୧।୩(ବ୍ୟୁରୋ)**



ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ଭାବେ ରବିବାର ନିଯୁକ୍ତି ଦେଇଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଘୋଷଣା କରାଯାଇଛି। ଦାସବର୍ମା ପୁରୀ ଜିଲା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରୁ ଦୁଇଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ସେ ପରାଜିତ ହୋଇଥିଲେ। ଏହା ପୂର୍ବରୁ ସେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ନିଯୁକ୍ତି, ବୈଷୟିକ ଶିକ୍ଷା ଓ ତାଲିମ ବିଭାଗର ମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ଏହାଛଡ଼ା ସେ ଯୁବ ବିଜେଡି ସଭାପତି, ବିଜେଡିର ସମ୍ପାଦକ, କନ୍‌ଭେନର ଓ ଉପସଭାପତି ଦାୟିତ୍ୱ ତୁଲାଇଛନ୍ତି। ଯୋଜନା ବୋର୍ଡର ଉପାଧ୍ୟକ୍ଷ ଭାବେ ତାଙ୍କୁ କ୍ୟାବିନେଟ ପାହ୍ୟା ପଦବୀ ଦିଆଯାଇଛି। ଏହି ଦାୟିତ୍ୱ ମିଳିବା ପରେ ସଞ୍ଜୟ ଗଣମାଧ୍ୟମକୁ କହିଛନ୍ତି ଯେ ଯୋଜନା ବୋର୍ଡକୁ କିଭଳି ନୂଆରୂପ ଦେଇ ହେବ ସେ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି କାର୍ଯ୍ୟ କରିବି। ସନ୍ଧ୍ୟାରେ ସେ ପୁରୀ ଶ୍ରୀମନ୍ଦିର ଯାଇ ଦାରୁଦିଅଁଙ୍କୁ ଦର୍ଶନ କରିଥିଲେ।

# ୨ ଗୋଡ଼ ହରାଇ ହାରିନାହାନ୍ତି ଗଦାଧର

## ସରକାରୀ ସହାୟତା ପାଇଲେ ଜାତୀୟସ୍ତରରେ ଖେଳିବାକୁ ଇଚ୍ଛା




କେ. ରବି କୁମାରଙ୍କ ଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଦିବ୍ୟାଙ୍ଗ ଗଦାଧର ସାହୁ।

**ଶେରଗଡ,୧।୩(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଶେରଗଡ ବ୍ଲକ ନରେନ୍ଦ୍ରପୁର ଗ୍ରାମର ଦିବ୍ୟାଙ୍ଗ ଯୁବକ ଗଦାଧର ସାହୁ (୨୬)। ଦିବ୍ୟାଙ୍ଗ ହୋଇ ମଧ୍ୟ ସେ ଚଳିତ ବର୍ଷ ଗଞ୍ଜାମ ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା (ଦିବ୍ୟାଙ୍ଗ)ରେ ଭାଗନେଇ ପୁରସ୍କୃତ ହୋଇଛନ୍ତି। ଗତ ୧୪ ତାରିଖରେ ବିଜୁ ପଟ୍ଟନାୟକ ସାଂସ୍କୃତିକ ମଣ୍ଡପରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଠାରେ ସଫଳ କ୍ରୀଡ଼ାବିତ୍ ତଥା ଭାରୋତ୍ତଳକ କେ. ରବି କୁମାରଙ୍କ ଠାରୁ ଗଦାଧର ପୁରସ୍କାର ଗ୍ରହଣ କରିଥିଲେ। ଦୁଇଗୋଡ଼ ନ ଥିଲେ ମଧ୍ୟ ଦୃଢ଼ ଇଚ୍ଛାଶକ୍ତି ତାଙ୍କୁ ସଫଳତା ଆଣି ଦେଇଛି। ସରକାରୀ ସହାୟତା ଓ ପ୍ରୋତ୍ସାହନ ମିଳିଲେ ସେ ଜାତୀୟସ୍ତରରେ ଖେଳିବାକୁ ଆଶା ରଖିଥିବା କହିଛନ୍ତି।

ପ୍ରକାଶ ଯେ, ଗଦାଧର ଗ୍ରାମ ବିଦ୍ୟାଳୟରୁ ସପ୍ତମ ପାସ୍ ପରେ ସୁରଟରେ ରହୁଥିବା ଭାଇଙ୍କ ପାଖକୁ ବୁଲିବାକୁ ଯାଇଥିଲେ। ସେଠାରୁ ଫେରିବାବେଳେ ଟ୍ରେନ୍‌ରୁ ଖସିପଡ଼ି ତାଙ୍କର ୨ ଗୋଡ଼ କଟିଯାଇଥିଲା। ଗୁରୁତର ଅବସ୍ଥାରେ ସୁରଟ ରେଲବାଇ ପୋଲିସ ତାଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଗଦାଧର ଗୋଡ଼ ଦୁଇଟି ହରାଇଥିଲେ ମଧ୍ୟ ଜୀବନ ବଞ୍ଚିଯାଇଥିଲା। ପରିବାର ଲୋକେ ତାଙ୍କୁ ବ୍ରହ୍ମପୁର ବଡ଼ମେଡିକେଲକୁ ଆଣି ଚିକିତ୍ସା କରିଥିଲେ। ପରେ ସେ ପିତ୍ତଳ ହାଇସ୍କୁଲରୁ ମାଟ୍ରିକ୍ ପାସ୍ ଓ ହିଞ୍ଜିଳି ମହାବିଦ୍ୟାଳୟରୁ ଯୁକ୍ତ ୩ ମଧ୍ୟ ପାସ୍ କରିଥିଲେ। ଗୋଡ଼ ଦୁଇଟି ହରାଇଥିଲେ ମଧ୍ୟ ସେ ସର୍ବଦା ଶାରୀରିକ ବ୍ୟାୟାମ ଜାରି ରଖିଥିଲେ। ଏହାପରେ ତାଙ୍କ ବାପା, ମା’ଙ୍କ ମୃତ୍ୟୁ ଘଟିଥିଲା। ଭାଇମାନଙ୍କ ପ୍ରଚେଷ୍ଟାରେ ୨୦୧୫ରେ ନିଜକୁ ପ୍ରସ୍ତୁତ କରିବାକୁ ଲାଗିଲେ ଏବଂ ୨୦୧୬ରେ ଏକ ପ୍ରତିଯୋଗିତାରେ ଭାଗ ନେଇ ଦିବ୍ୟାଙ୍ଗ ବିଭାଗରେ ମିଷ୍ଟର ଓଡ଼ିଶା ଟାଇଟଲ ହାତେଇଥିଲେ। ଆର୍ଥିକ ଅନଟନ ଯୋଗୁ ପିତ୍ତଳ ଛକରେ ଭାଇଙ୍କ ଫାଷ୍ଟଫୁଡ୍ ଦୋକାନରେ କାମ କରିବାକୁ ଲାଗିଲେ। ସେଠାରେ ଦିନେ ହିଞ୍ଜିଳିକାଟୁସ୍ଥିତ ଏକ ଜିମ୍‌ର ମାଲିକ ଦିଲୀପ କୁମାର ମିଶ୍ରଙ୍କ ସହ ତାଙ୍କର ଦେଖା ହୋଇଥିଲା। ସେ ତାଙ୍କୁ ଜିମ୍‌କୁ ଆସିବାକୁ କହିଥିଲେ। ସେବେଠାରୁ ପ୍ରତିଦିନ ସକାଳେ ଗଦାଧର ଜିମ୍‌କୁ ଯାଇ ଅଭ୍ୟାସ କରନ୍ତି। ସାକ୍ଷାତବେଳେ ଗଦାଧର କହିଥିଲେ ମୋର ଜାତୀୟସ୍ତରରେ ଖେଳିବାକୁ ଇଚ୍ଛା ଅଛି। ମାତ୍ର ଅର୍ଥ ବାଧକ ସାଜିଛି। ଯଦି ସରକାରୀ ସହାୟତା ମିଳିପାରନ୍ତା ତେବେ ମୋର ସ୍ୱପ୍ନ ସାକାର ହୋଇପାରନ୍ତା। ସରକାରଙ୍କ ତରଫରୁ ଗଦାଧରଙ୍କୁ କେବଳ ଭିନ୍ନକ୍ଷମ ଭତ୍ତା ଓ ମାସକୁ ୫ କେଜି ଚାଉଳ ମିଳୁଛି। ସରକାରୀ ସହାୟତା ମିଳିଲେ ସେ ଜାତୀୟସ୍ତରରେ ଖେଳିବାର ସୁଯୋଗ ପାଆନ୍ତେ ବୋଲି କହିଛନ୍ତି ସ୍ଥାନୀୟ ସରପଞ୍ଚ ବିନୋଦ ବେହେରା।




ଧରିତ୍ରୀ
DHARITRI
ସୋମବାର, ୨ ମାର୍ଚ୍ଚ, ୨୦୨୦



କୌଣସି ସମାଜରେ ଇତର ଭାବେ ବଞ୍ଚିରହିବା ପାଇଁ ସାଧାରଣ ଉପାଦାନ ଆଉ ପରିବେଶ ସବୁ ଥାଏ । କିନ୍ତୁ ଜୀବନ ଯଦି ବିରାଟ ଆଶା, ଅଭୀପ୍ସା ଓ ଆଦର୍ଶରେ ଊର୍ଦ୍ଧ୍ୱଗାମୀ ନ ହୁଏ, ତା'ହେଲେ ଆମେ କହିବା–ସେ ସମାଜ ପ୍ରକୃତରେ ବଞ୍ଚିନାହିଁ । ମାନବାତ୍ମାର ଯେଉଁ ମହାନ୍ ବୈଶିଷ୍ଟ୍ୟ, ତାହା ସେଠାରେ ଅସଂପୂର୍ଣ୍ଣ ।
–ଶ୍ରୀଅରବିନ୍ଦ

# ପରବର୍ତ୍ତୀ ଆଫଗାନିସ୍ତାନ

ଆମେରିକା ଓ ତାଲିବାନ ମଧ୍ୟରେ ୨୯ ଫେବୃୟାରୀ ୨୦୨୦ରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଚୁକ୍ତି ଅନୁଯାୟୀ ଆସନ୍ତା ୧୪ ମାସ ମଧ୍ୟରେ ଆଫଗାନିସ୍ତାନରୁ ଆମେରିକା ଓ ନାଟୋ ସେନା ପ୍ରତ୍ୟାହୃତ ହେବେ । ସବୁ ଠିକ୍‌ଠାକ୍ ରହିଲେ ଦୀର୍ଘ ୧୮ ବର୍ଷ ଧରି ଲାଗିରହିଥିବା ବିବାଦର ସମାପ୍ତି ଘଟିପାରେ । ଆମେରିକାର ସ୍ୱତନ୍ତ୍ର ପ୍ରତିନିଧି ଜଲମେ ଖାଲିଜାଦ୍ ଓ ତାଲିବାନ ସହପ୍ରତିଷ୍ଠାତା ମୁଲ୍ଲା ଅବଦୁଲ ଗନି ବରାଦର ଏହି ଶାନ୍ତି ଚୁକ୍ତି କାତାର ରାଜଧାନୀ ଦୋହାରେ କରିଥିବା ଖବର ପ୍ରସାରିତ ହେବା ପରେ ବିଶ୍ୱରେ ଆଲୋଡ଼ନ ସୃଷ୍ଟି ହୋଇଥିଲା । ତାଲିବାନ ସହ ଆମେରିକା ଶାନ୍ତି ଚୁକ୍ତି କରିବା ପଛରେ କ'ଣ ଉଦ୍ଦେଶ୍ୟ ରହିଛି, ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଆର୍ଥିକ ଦିଗ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ ହେଉଥିବା ଅନ୍ତର୍ଜାତୀୟ ଗଣମାଧ୍ୟମରୁ ଜଣାପଡିଛି । ଆଫଗାନିସ୍ତାନରେ ଏବେ ୧୩ ହଜାର ଆମେରିକୀୟ ସୈନ୍ୟ ନିୟୋଜିତ ଅଛନ୍ତି । ଚୁକ୍ତି ଅନୁଯାୟୀ ୪ ମାସ ମଧ୍ୟରେ ଏହି ସଂଖ୍ୟା ୮,୬୦୦କୁ ହ୍ରାସ କରାଯିବ । ୧୪ ମାସ ମଧ୍ୟରେ ସେଠାରୁ ଆମେରିକୀୟ ସେନା ସମ୍ପୂର୍ଣ୍ଣ ପ୍ରତ୍ୟାହୃତ ହୋଇଗଲେ ଆମେରିକା ଉପରେ ଯେଉଁ ଆର୍ଥିକ ବୋଝ ପଡୁଥିଲା ତାହା ଯଥେଷ୍ଟ ପରିମାଣରେ ହ୍ରାସ ଘଟିବ । ଉଲ୍ଲେଖ କରାଯାଇପାରେ ଯେ, ୨୦୦୧ ସେପ୍ଟେମ୍ବର ୧୧ରେ ନ୍ୟୁୟର୍କସ୍ଥିତ ବିଶ୍ୱ ବାଣିଜ୍ୟ କେନ୍ଦ୍ର (ଡବ୍ଲ୍ୟୁଟିସି) ଉପରେ ଆତଙ୍କବାଦୀ ସଂଗଠନ ଅଲ୍‌କାଏଦା ଆକ୍ରମଣ କରିଥିଲା । ଏଥିରେ ୨,୯୯୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୫,୦୦୦ରୁ ଅଧିକ ଆହତ ହୋଇଥିଲେ । ସେତେବେଳେ ଅଲ୍‌କାଏଦାକୁ ଆଶ୍ରୟ ଦେବା ସହ ସହଯୋଗ କରୁଥିବା ତାଲିବାନକୁ ଆଫଗାନିସ୍ତାନରେ କ୍ଷମତାରୁ ହଟାଇବା ଲାଗି ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶ୍ (ଜୁନିୟର) ପଣ କରିଥିଲେ । ଫଳରେ ଆଫଗାନିସ୍ତାନକୁ ସେନା ପଠାଇ ତାଲିବାନକୁ ଦମନ କରିଚାଲିଥିଲେ । ୨୦୦୧ ନଭେମ୍ବରରେ ୧୩୦୦ ଆମେରିକା ସେନା ପ୍ରେରଣ କରାଯାଇଥିବା ବେଳେ ତାହା ୨୦୧୦ ଅଗଷ୍ଟ ବେଳକୁ ଲକ୍ଷେରେ ପହଞ୍ଚିଥିଲା । ଏତେସଂଖ୍ୟକ ସୈନ୍ୟଙ୍କୁ ଆଫଗାନିସ୍ତାନରେ ନିୟୋଜିତ କରିଥିବାରୁ ସେମାନଙ୍କ ଲାଗି ବ୍ୟୟ ହେଉଥିବା ଅର୍ଥ ଆମେରିକା ରାଜକୋଷ ଉପରେ ବୋଝ ଭାବେ ପଡିଥିଲା । ଏହା ଫଳରେ ଆମେରିକା ଲୋକ ପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଆଜିର ଏହି ଚୁକ୍ତି ସେହି ଅସନ୍ତୋଷର ପ୍ରତିକ୍ରିୟାରୁ ଜନ୍ମ ବୋଲି କୁହାଯାଉଛି ।

ଏବର ପରିସ୍ଥିତି ଦେଖିଲେ ଆର୍ଥିକ ମାନ୍ଦାବସ୍ଥା ବିଶ୍ୱକୁ କବଳିତ କରି ରଖିଛି । ତେଣୁ ଅନ୍ୟ ଦେଶରେ ସୃଷ୍ଟି ହେଉଥିବା ଅସ୍ଥିରତା ଓ ସମସ୍ୟାକୁ ସମାଧାନ କରିବା ଲାଗି ଆମେରିକା ପୂର୍ବ ଭଳି ମନ ବଳାଇବାକୁ ଚେଷ୍ଟା କରୁ ନ ଥିବା ଏହି ଶାନ୍ତି ଚୁକ୍ତିରୁ ବୁଝାପଡିଯାଉଛି । ପୂର୍ବରୁ ବିଶ୍ୱ ପୋଲିସର ଆଖ୍ୟା ପାଇଥିବା ଆମେରିକା ବର୍ତ୍ତମାନ ନିଜ ଓଜନରେ ଦବି ଗଲା ଭଳି ମନେହେଉଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କ୍ଷମତାକୁ ଆସିବା ପରେ 'ଆଗ ଆମେରିକା' ବା 'ଆମେରିକା ଫାଷ୍ଟ' ନୀତି ଆପଣାଉଛନ୍ତି । ସେଥିଲାଗି ଆମେରିକା ଅର୍ଥନୀତିର ବିକାଶ ତାଙ୍କ ଲାଗି ଅଗ୍ରପ୍ରାଧାନ୍ୟ ଲାଭ କରିଛି । ସମ୍ଭବତଃ ଆଫଗାନିସ୍ତାନରେ ପର୍ଯ୍ୟାପ୍ତ ସୈନ୍ୟ ରଖି ଆମେରିକା କୌଣସି ସାମରିକ ବିଜୟ ହାସଲ କରିପାରିନାହିଁ ବୋଲି ଅନୁଭବ କରିବା ପରେ ଏଭଳି ନିଷ୍ପତ୍ତି ନିଆଯାଇଛି । ଅନୁରୂପ ଭାବେ ୨୦୦୧ରେ ତାଲିବାନକୁ କ୍ଷମତାରୁ ହଟାଇବା ପାଇଁ ଆମେରିକା ଓ ଏହାର ମିତ୍ରଶକ୍ତି ଏକଜୁଟ ହୋଇ ଯୁଦ୍ଧ ରଚାଇଥିଲେ । ଫଳରେ ଆଫଗାନିସ୍ତାନରେ ତାଲିବାନର ଶକ୍ତି ହ୍ରାସ ପାଇଥିଲା । କେତେକ ଅଞ୍ଚଳରେ ତାଲିବାନ ସକ୍ରିୟ ଥିବାରୁ ସେମାନଙ୍କୁ ଦମନ କରିବା ଲକ୍ଷ୍ୟରେ ଆମେରିକାର କେତେକ ସୈନ୍ୟ ସଜାଗ ରହିଛନ୍ତି । ତାଲିବାନ ନେତାମାନେ ପୂର୍ବଭଳି ଆର୍ଥିକ ସମର୍ଥନ ପାଉ ନ ଥିବାରୁ ସେମାନେ ମଧ୍ୟ ଶାନ୍ତି ଆଲୋଚନାକୁ ଆସିବାକୁ ଉଚିତ ମଣିଛନ୍ତି ବୋଲି କୁହାଯାଉଛି ।

ଆଜିର ଆଫଗାନିସ୍ତାନ ପରିସ୍ଥିତିକୁ ଦେଖିଲେ ସହଜରେ ସେଠାରେ ଶାନ୍ତି ଫେରିବା ଭଳି ମନେହୁଏନାହିଁ । ଆଫଗାନିସ୍ତାନର ବିଭିନ୍ନ ପ୍ରାନ୍ତରେ ଥିବା ୱାର୍ ଲର୍ଡ ବା ଯୁଦ୍ଧପ୍ରିୟ ନେତା ନିଜ ନିଜର ସେନା ଧରି ବସିଛନ୍ତି । ଶକ୍ତିଶାଳୀ ଆମେରିକାର ଉପସ୍ଥିତି ଯୋଗୁ ଏହି ଯୁଦ୍ଧଖୋର ଆଞ୍ଚଳିକ ନେତାମାନେ ନୀରବ ରହିଥିଲେ । କିନ୍ତୁ ପୂର୍ବରୁ ଆମେରିକା ସମର୍ଥିତ କାବୁଲ ସରକାରକୁ ଯେଉଁଭଳି ଭାବେ ସେମାନଙ୍କ ଦ୍ୱାରା ବିରୋଧ କରାଯାଉଥିଲା, ସମ୍ଭବତଃ ତାଲିବାନ ମଧ୍ୟ ସେଭଳି ବିରୋଧର ସମ୍ମୁଖୀନ ହେବାର ସବୁ ଆଶଙ୍କା ରହିଛି । ଏହାବ୍ୟତୀତ ତାଲିବାନ ଦ୍ୱାରା ପରିଚାଳିତ ପ୍ରଶାସନରେ ମହିଳାମାନଙ୍କର ସ୍ଥିତି ଅତ୍ୟନ୍ତ ଶୋଚନୀୟ ହୋଇଯିବ । ପୂର୍ବରୁ ତାଲିବାନର ଏହି ମହିଳା ବିରୋଧୀ ଆଭିମୁଖ୍ୟର ଅନେକ ଉଦାହରଣ ଦେଖିବାକୁ ମିଳିଥିଲା । ସମ୍ପୂର୍ଣ୍ଣ ଭାବେ ଇସ୍‌ଲାମୀୟ ବ୍ୟବସ୍ଥାରେ ସରକାର ଚଳାଇବାକୁ ଚେଷ୍ଟା କରାଗଲେ ପ୍ରଥମ ଶିକାର ମହିଳା ହେବେ । ଆଫଗାନ୍ ମାଟିରୁ ଆମେରିକା ନିଜ ସେନା ପ୍ରତ୍ୟାହାର କରିଦେବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ । ଅନ୍ୟପଟେ ଆଫଗାନିସ୍ତାନର ଆଭ୍ୟନ୍ତରୀଣ ସାମାଜିକ ପରିସ୍ଥିତି ଯେଉଁଭଳି କ୍ଷତିଗ୍ରସ୍ତ ହେବ ସେଥିପ୍ରତି କେହି ଧ୍ୟାନ ଦେବେ ବୋଲି ଚିନ୍ତା କରାଯାଇପାରୁନାହିଁ ।

# ବିଭାଜନର ପାଚେରି

ନାରାୟଣ ପଣ୍ଡା

ସ୍ୱାଧୀନତା ପୂର୍ବରୁ ଦେଶର ଦୁର୍ବଳବର୍ଗଙ୍କ ଉପରେ ଐତିହାସିକ ଶୋଷଣ, ଅସମାନତା ଓ ପାତରଅନ୍ତର ନୀତି ଯୋଗୁ ସେମାନେ ସାମାଜିକ ନ୍ୟାୟ ପାଇବାରୁ ବଞ୍ଚିତ ହେଉଥିଲେ । ସେମାନଙ୍କୁ ବଞ୍ଚିତ କରି ରଖିବାର ଏକ ବିଳାସ ଥିଲା ସବର୍ଣ୍ଣ ଓ ସ୍ୱଚ୍ଛଳବର୍ଗମାନଙ୍କର । ସ୍ୱାଧୀନତା ପ୍ରାପ୍ତି ପରେ ଆଇନସିଦ୍ଧ ଭାବରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ନିମନ୍ତେ ବିଭିନ୍ନ କ୍ଷେତ୍ରରେ ସଂରକ୍ଷଣ ସୃଷ୍ଟି ହେଲା । ୧୯୮୦ଠାରୁ ପଛୁଆ ଜାତି ଏହାର ଅନ୍ତର୍ଭୁକ୍ତ ହେଲେ । ଦେଶ ସ୍ୱାଧୀନ ହେବାର ଦୀର୍ଘ ୭୦ ବର୍ଷ ପରେ ଆର୍ଥିକ ଦୁର୍ବଳ ଶ୍ରେଣୀର ସାଧାରଣବର୍ଗର ଲୋକଙ୍କ ନିମନ୍ତେ ୧୦ ପ୍ରତିଶତ ସୁବିଧା ସୁଯୋଗ ଉପଲବ୍ଧ ହୋଇଛି । ଉନ୍ମୁକ୍ତ ହୋଇଛି ସମସ୍ତଙ୍କ ପାଇଁ ବିକାଶର ଦରଜା । ସମ୍ବିଧାନ ଦ୍ୱାରା ସ୍ୱୀକୃତ ଏହି ସମସ୍ତ ସଂରକ୍ଷଣ ସୁବିଧା ସମ୍ପୃକ୍ତ ବର୍ଗର ଶୈକ୍ଷିକ, ସାମାଜିକ ଓ ଆର୍ଥିକ କ୍ଷେତ୍ରର ବିକାଶ ସାଧନ ନିମନ୍ତେ ଅଭିପ୍ରେତ । ଏହାଦ୍ୱାରା ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯାଇପାରୁଛି । ବର୍ତ୍ତମାନ କେନ୍ଦ୍ର ସରକାର ନିଯୁକ୍ତି ଓ ଅନ୍ୟାନ୍ୟ କ୍ଷେତ୍ରରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ସାଧାରଣ ବର୍ଗଙ୍କ ପାଇଁ ଯଥାକ୍ରମେ ୪୧, ୨୨, ୨୭ ଓ ୧୦ ପ୍ରତିଶତ ସଂରକ୍ଷଣ ଜାରି ରଖିଛନ୍ତି ।

ବିଡମ୍ବନାର ବିଷୟ, ଦେଶରେ ଭିନ୍ନ ଏକ ପ୍ରକାର ସଂରକ୍ଷଣ ସମ୍ପ୍ରତି ଅଞ୍ଚଳ ଅଞ୍ଚଳ ଓ ରାଜ୍ୟ ରାଜ୍ୟ ମଧ୍ୟରେ ବିଭାଜନର ପାଚେରି ସୃଷ୍ଟି କରୁଛି । 'ଗୋଟିଏ ଦେଶ, ଗୋଟିଏ ସମ୍ବିଧାନ, ଗୋଟିଏ ଧ୍ୱଜା ଓ ଗୋଟିଏ ଜାତୀୟ ସଙ୍ଗୀତ'ର ଆହ୍ୱାନ ଦିଆଯାଇ ଜମ୍ମୁ–କଶ୍ମୀର ଓ ଅବଶିଷ୍ଟ ଦେଶ ମଧ୍ୟରେ ଥିବା ଦୀର୍ଘଦିନର ବିଭାଜନର ପାଚେରି ଭାଙ୍ଗି ଦିଆଗଲା । ଗୋଟିଏ ପାଚେରି ଭାଙ୍ଗିଯାଇଛି ସତ, କିନ୍ତୁ ଦେଶଯାକ କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସବୁଠି ଗଢିଉଠୁଛି ଭିନ୍ନ ଭିନ୍ନ ପାଚେରି । ଏ ପାଚେରି ଆଞ୍ଚଳିକତାର । ଭୋଟବ୍ୟାଙ୍କ ରାଜନୀତି ପାଇଁ ଜାତି ଓ ଧର୍ମ ଭିତ୍ତିରେ ସୃଷ୍ଟି ହେଉଥିବା ପାଚେରି । ଏବେ ସମଗ୍ର ଭାରତର ଭୂମିପଟରେ ଆଞ୍ଚଳିକତାବାଦ ଏତେ ଭୟଙ୍କର ଓ ଉନ୍ମତ୍ତ ଭାବରେ କାୟାବିସ୍ତାର କରୁଛି ଯାହାର ସୁଦୂରପ୍ରସାରୀ ଫଳାଫଳ ଦିନେ ଭାରତୀୟ ଜନଜୀବନକୁ ଭୟାନକ ଭାବେ ପ୍ରଭାବିତ କରିବ ।

ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ କମଳନାଥ ଘରୋଇ କ୍ଷେତ୍ରରେ ୭୦ ପ୍ରତିଶତ ଚାକିରି ରାଜ୍ୟର ଅଧିବାସୀମାନଙ୍କ ପାଇଁ ସଂରକ୍ଷିତ ରଖିଥିବାବେଳେ କ୍ଷମତାସୀନ ହେବାପରେ ଆନ୍ଧ୍ରବାସୀଙ୍କ ପାଇଁ ୭୫ ପ୍ରତିଶତ ଚାକିରି ସଂରକ୍ଷିତ କରିବା ପାଇଁ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ । ମହାରାଷ୍ଟ୍ରର ମୂଳ ମରାଠୀ ଅଧିବାସୀମାନଙ୍କ ଅଧିକାର ପାଇଁ ଶିବସେନା ଓ ମହାରାଷ୍ଟ୍ର ନବନିର୍ମାଣ ସେନା ସର୍ବଦା ଦୃଢ ଦାବି ରଖି ଆସୁଛନ୍ତି । ଗୁଜରାଟ ସରକାର ଅନୁରୂପ ଭାବେ ରାଜ୍ୟ ଶିଳ୍ପକ୍ଷେତ୍ରର ୮୦ଭାଗ ଚାକିରି ଗୁଜରାଟୀଙ୍କ ପାଇଁ ସଂରକ୍ଷିତ ରଖିବା ଲାଗି ଆଇନ ଆଣୁଛନ୍ତି । ସବୁ ରାଜ୍ୟର ସରକାର ଓ ଜନସାଧାରଣ ଚାହାନ୍ତି ଆପଣା ଆପଣା ସ୍ୱାର୍ଥ । ବର୍ତ୍ତମାନ ଦେଶର ନାଗରିକତାକୁ ମାଟିର ସନ୍ତାନ ଓ ବାହାର ଲୋକଙ୍କ ମଧ୍ୟରେ ବାଣ୍ଟି ଦିଆଯାଉଛି । ଆମର ଜାତୀୟତାବାଦୀମାନେ ପୂର୍ବରୁ ଜମ୍ମୁ–କଶ୍ମୀରର ୩୭୦ ଧାରାକୁ ବିରୋଧ କରି ଆସୁଥିଲେ ମଧ୍ୟ ବର୍ତ୍ତମାନ ଅନ୍ୟ ରାଜ୍ୟଗୁଡିକ ନିଜ ରାଜ୍ୟ ପାଇଁ ଚାକିରି ସଂରକ୍ଷଣ କରି ଅନ୍ୟ ରାଜ୍ୟରୁ ଆଗତ ନାଗରିକଙ୍କ ନିଯୁକ୍ତି ଓ ସୁବିଧା ରୁଦ୍ଧ କରୁଥିବାବେଳେ ସେମାନେ ନୀରବ ରହୁଛନ୍ତି । ଭାରତରେ ଅନେକ ରାଜ୍ୟ ନିଜର ଭୋଟ ବ୍ୟାଙ୍କ ତଥା ସଂକୀର୍ଣ୍ଣ ସ୍ୱାର୍ଥ ନିମନ୍ତେ ସ୍ୱତନ୍ତ୍ର ସୁବିଧା ଦାବି କରିଆସୁଛନ୍ତି । ଭବିଷ୍ୟତରେ ଏହି ଭୋଟବ୍ୟାଙ୍କ ରାଜନୀତି ଜାତି ଓ ଧର୍ମ ପରିଚୟରେ ଭୟାନକ ଅସନ୍ତୁଳନ ସୃଷ୍ଟି କରିବ, ଏହାର ବିଷକ୍ରିୟା ଆରମ୍ଭ ହୋଇଗଲାଣି ।

ଦେଶବିଦେଶର ବହୁରାଷ୍ଟ୍ରୀୟ କମ୍ପାନୀମାନେ ଯୋଗ୍ୟତାଭିତ୍ତିରେ ଦେଶର ବିଭିନ୍ନ ଅଞ୍ଚଳରୁ ପ୍ରଯୁକ୍ତିବିଦ୍ୟାର ସମର୍ଥ ଯନ୍ତ୍ରୀମାନଙ୍କୁ ବ୍ୟବସାୟିକ ସଫଳତା ପାଇଁ ନିଯୁକ୍ତି ଦେଇଥାନ୍ତି । ଏହି ଯନ୍ତ୍ରୀମାନେ କ'ଣ ସମ୍ପୃକ୍ତ ଅଞ୍ଚଳ ପାଇଁ ବିପଦ ସୃଷ୍ଟି କରୁଛନ୍ତି ? କର୍ନାଟକର 'କନ୍ନଡ ରକ୍ଷଣ ବେଦିକା' ଏହାକୁ ବିରୋଧ କରେ । ଦେଶର ରାଷ୍ଟ୍ରାୟତ୍ତ ଶିଳ୍ପପ୍ରତିଷ୍ଠାନମାନଙ୍କରେ ଭେଦାଭେଦ ଓ ବିରୋଧର ଏକାନ୍ତ ପରିହାର ଆବଶ୍ୟକ । ଆମ ଦେଶ ବହୁଜାତି, ବହୁଧର୍ମ ସମ୍ବଳିତ ଏକ ପ୍ରାଚୀନ ମହାନ୍ ପରମ୍ପରା ଓ ସଂସ୍କୃତିର ଦେଶ । ବିଭିନ୍ନତା ମଧ୍ୟରେ ଏକତା ଏ ଦେଶର ବୈଶିଷ୍ଟ୍ୟ । ଜିଲା ଓ ରାଜ୍ୟଭିତ୍ତିକ ଚାକିରି ଛଡା କେନ୍ଦ୍ରୀୟ ଓ ବହୁରାଷ୍ଟ୍ରୀୟ କମ୍ପାନୀଗୁଡିକରେ ସ୍ଥାନ ନିର୍ବିଶେଷରେ ପ୍ରାର୍ଥୀମାନେ ନିଯୁକ୍ତି ପାଇବା ଅସାମ୍ବିଧାନିକ ନୁହେଁ । କୋଲକାତାର ମାରୱାଡିମାନେ ସମ୍ପୃକ୍ତ ଅଞ୍ଚଳର ଆର୍ଥିକ ବିକାଶ ପାଇଁ ଅବଦାନ ରଖିଥାନ୍ତି, ଯେପରି ପାର୍ସୀମାନେ ବମ୍ବେରେ ।

ଅନ୍ୟ ଏକ ବିଭେଦର ପାଚେରି ଆମ ରାଜନେତାମାନେ ଗଢିଚାଲିଛନ୍ତି । ତାହା ହେଲା ଦେଶରେ ବାସ କରୁଥିବା ଲକ୍ଷ ଲକ୍ଷ ବିଦେଶୀ ଅଣନାଗରିକଙ୍କୁ ଯେନତେନ ପ୍ରକାରେଣ ଭୋଟ ଅଧିକାର ପ୍ରଦାନ କରି ନିଜର ସଂକୀର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ସିଦ୍ଧ କରିବା । ଦେଶରେ ଏବେ ଲକ୍ଷ ଲକ୍ଷ ଅବାଞ୍ଛିତ ଶରଣାର୍ଥୀ ବାସକରୁଥିବା ସ୍ପଷ୍ଟ ହୋଇଗଲାଣି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଉକ୍ତ ରାଜନେତାମାନଙ୍କ ସାହାଯ୍ୟରେ ଫଟୋ ପରିଚୟ ପତ୍ର, ଆଧାରକାର୍ଡ ଆଦି ହାସଲକରି ଅସଲ ନାଗରିକର ଭ୍ରମ ସୃଷ୍ଟି କରୁଛନ୍ତି । ବିଭିନ୍ନ ଦେଶରୁ ଆସୁଥିବା ଶରଣାର୍ଥୀଙ୍କ ପାଇଁ ଭାରତକୁ ଧର୍ମଶାଳାରେ ପରିଣତ କରାଯାଉଛି । କେବଳ ଭୋଟବ୍ୟାଙ୍କ ପାଇଁ ଉକ୍ତ ଅନୈତିକ ବ୍ୟାପାରର ସର୍ଜନା । ସେମାନଙ୍କ ଥଇଥାନ ଦ୍ୱାରା ଦେଶର ଲୋକଙ୍କ ଭାତ ଉପରେ ଭାଗ ବସୁଛି । ପ୍ରେମ ଓ ସହିଷ୍ଣୁତା ଏବେ ନିର୍ବାସିତ । ଭୋଟବ୍ୟାଙ୍କର ମାୟାଜାଲରେ ଆମଦେଶର ନେତାମାନେ ପଡି ଏହି ନୀତିଆଦର୍ଶରୁ ବିଚ୍ୟୁତ ହେବା ଆତ୍ମଘାତୀ ହେବ । ଭାରତର ସଂସ୍କୃତି ଉଦାର ହେଲେ ମଧ୍ୟ ନିର୍ଦ୍ଦିଷ୍ଟ ସୀମା ଅତିରିକ୍ତ ଦେଶାନ୍ତରୀମାନଙ୍କୁ ଶରଣ ଦେବା ଭବିଷ୍ୟତରେ ସମସ୍ୟା ସୃଷ୍ଟି କରିପାରେ ।

ସ୍ୱାଧୀନ ଭାରତର ପ୍ରତିଷ୍ଠାତାମାନେ ନାଗରିକତାର ଉଦାର ବ୍ୟାଖ୍ୟା କରିଥିଲେ– ପ୍ରତ୍ୟେକ ମଣିଷ ମାନବିକତାର ନାଗରିକ, ଯେପରି ବେଦରେ କୁହାଯାଇଛି 'ତେ ହି ପୁତ୍ରାସୋ ଅଦିତେଃ ପ୍ରଜୀବସେ ମର୍ତ୍ତ୍ୟାୟ, ଜ୍ୟୋତିର୍ଯଚ୍ଛନ୍ତ୍ୟଜସ୍ରମ୍ । (ଯଜୁର୍ବେଦ ୩/୧୩) । ଅଦିତି ବା ଭୂମି ଉପରେ ଜନ୍ମ ନେଉଥିବା ସମସ୍ତ ମନୁଷ୍ୟ ଭୂମିପୁତ୍ର ନୁହନ୍ତି । ଯେଉଁମାନେ ମାନବଜାତିର ମଙ୍ଗଳ ପାଇଁ କାର୍ଯ୍ୟକରନ୍ତି, ସେହିମାନେ ହିଁ ପ୍ରକୃତ ଭୂମିପୁତ୍ର । ଭୂମି ବା ଅଦିତି ଅଖଣ୍ଡନୀୟା । ଏହାକୁ ଶାସନଗତ ଓ ବ୍ୟାବହାରିକ ସୁବିଧା ପାଇଁ ଦେଶ ଓ ପ୍ରଦେଶରେ ବିଭକ୍ତ କରାଯାଇଥାଏ ସତ, ଏ ବିଭାଜନ କିନ୍ତୁ କୃତ୍ରିମ । ଦେଶର ଏକତା, ଅଖଣ୍ଡତା ଓ ଭାଇଚାରାର ଦ୍ୱାହିଦେଇ ସମ୍ବିଧାନର ଲକ୍ଷ୍ମଣରେଖା ଅତିକ୍ରମ କରା ନ ଯାଉ ।

ନୂଆବନ୍ଧସାହି, ନବରଙ୍ଗପୁର,
ମୋ– ୯୪୩୭୧୧୮୯୬୨

# ଓଜନ–ମାପ: ସେକାଳ ଓ ଏକାଳ

ଇଂ. ହାଡ଼ିବନ୍ଧୁ ଖଣ୍ଡୁଆଳ

ମୋର ପୂର୍ବ ନିବନ୍ଧ (ଧରିତ୍ରୀ ୧୫।୨) ପଢ଼ି କିଛି ପାଠକଙ୍କ ଅନୁରୋଧକ୍ରମେ ଆଉ କିଛି ବାକି ରହିଯାଇଥିବା କଥା ଲେଖିବାକୁ ବାଧ୍ୟ ହେଲି । ପୂର୍ବେ ଗାଁ ଗଣ୍ଡାରେ କାନ୍ଥଘଣ୍ଟା, ଟେବୁଲ ଘଣ୍ଟା ବା ହାତବନ୍ଧା ଘଡ଼ିର ବ୍ୟବହାର କ୍ୱଚିତ୍ ଦେଖିବାକୁ ମିଳୁଥିଲା । ଆକାଶରେ ସୂର୍ଯ୍ୟଙ୍କ ସ୍ଥିତି ଦେଖି ସମୟ ବା ବେଳ କୁହାଯାଉଥିଲା । ସୂର୍ଯ୍ୟ ଉଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ସମୟକୁ ଦିନର ୪ ପ୍ରହର ଓ ସୂର୍ଯ୍ୟାସ୍ତରୁ ପରଦିନ ସୂର୍ଯ୍ୟୋଦୟ ସମୟକୁ ରାତ୍ରିର ୪ ପ୍ରହର କୁହାଯାଏ । ୩ ଘଣ୍ଟାକୁ ଏକ ପ୍ରହର ଧରାଯାଉଥିଲା । ସକାଳ ୪ଟାରୁ ୫ଟା ସମୟକୁ କୁହାଯାଉଥିଲା ଭୋର ବା ଝିଟିମିଟିଆ । ୫ଟାରୁ ୭ଟା ସମୟକୁ କୁହାଯାଉଥିଲା ସକାଳ । ସୂର୍ଯ୍ୟ ମୁଣ୍ଡ ଉପରେ ଦେଖାଯିବା ସମୟକୁ କୁହାଯାଉଥିଲା ଦିନ ଦିପ୍ରହର, କେହି କେହି ସେ ସମୟକୁ କହୁଥିଲେ, ଗାଧୁଆ ବେଳ, କାରଣ ସେ ସମୟରେ ଲୋକେ କୃଷି କ୍ଷେତ୍ରରୁ ବାହୁଡି ଗାଧୁଆପାଧୁଆ କରନ୍ତି । ଘର ଚାଳର ଛାଇ ଚିହ୍ନ ଦେଖି ପିଲାମାନେ ୧୦ଟା ବେଳେ ବିଦ୍ୟାଳୟ ଯାଆନ୍ତି । ଦିନ ୧୨ଟାରୁ ଅପରାହ୍ନ ୩ଟା ସମୟକୁ କୁହାଯାଉଥିଲା ଖରାବେଳ । ୩ଟାରୁ ଅପରାହ୍ନ ୫ଟା ସମୟକୁ କୁହାଯାଏ ଉପରବେଳା ବା ଛାଇଲେଉଟା । ସନ୍ଧ୍ୟାବେଳେ ଯେତେବେଳେ ଗୋରୁଗୋଠ ଘର ବାହୁଡି ଆସିବା ସମୟରେ ଦାଣ୍ଡରେ ଧୂଳି ଉଡେ, ତାକୁ କୁହନ୍ତି ଗୋଧୂଳି ସମୟ । ଯେତେବେଳେ ମୁହଁ ଅନ୍ଧାର ଦିଶେ, ତାକୁ କହନ୍ତି ସଞ୍ଜବେଳ ଅର୍ଥାତ୍ ସେତେବେଳେ ସଞ୍ଜବତି ଜଳାଯାଏ । ଗାଁଗହଳରେ ପ୍ରାୟ ରାତି ୯ଟାରେ ବିଲୁଆମାନେ ଭୁକନ୍ତି । ସେ ଶବ୍ଦ ଶୁଣି ଲୋକେ କହନ୍ତି ରାତି ପ୍ରହରେ ହେଲା । ରାତ୍ରିରେ ପରିସ୍ରା ପାଇଁ ଉଠି, ଆକାଶକୁ ଚାହିଁ କୁଆଁତାରା ଦେଖିଲେ କୁହନ୍ତି ପାହାନ୍ତିଆ ସମୟ ହେଲା ।

ବର୍ତ୍ତମାନ ପ୍ରଚଳିତ ମିଟର–କିଲୋଗ୍ରାମ୍–ସେକେଣ୍ଡ (ଏମ୍‌କେଏସ୍) ବା ମେଟ୍ରିକ ମାପ ପ୍ରଣାଳୀ । ଏବେ ଦୈର୍ଘ୍ୟର ଏକକ ମିଟର, ଓଜନର ଏକକ କିଲୋଗ୍ରାମ୍ ଓ ସମୟର ଏକକ ସେକେଣ୍ଡ । ପୂର୍ବେ ଓଜନର ଏକକ ପାଉଣ୍ଡ ଥିଲେ ମଧ୍ୟ ହାଟବଜାରରେ ଓଜନ ପ୍ରକାଶ କରାଯାଉଥିଲା ମହଣ, ସେର, ଛଟାଙ୍କି, ତୋଳା ଇତ୍ୟାଦିରେ । ଏପରିକି ଦୁଇ ପ୍ରକାର ସେର ମଧ୍ୟ ବ୍ୟବହାର କରାଯାଉଥିଲା । ଯେଉଁ ସେରର ଓଜନ ୧୦୫ ତୋଳା ତାକୁ କୁହାଯାଉଥିଲା କଟକୀ ସେର । ୧୦୦ ତୋଳା ପାଖାପାଖି ଆଉ ଏକ ସେର ବଜାରରେ ଦେଖିବାକୁ ମିଳୁଥିଲା, ଯାହାକୁ କୁହାଯାଉଥିଲା ବାଲେଶ୍ୱରୀ ସେର । ପାଉଣ୍ଡ ଓ ସେର ମଧ୍ୟରେ ସମ୍ବନ୍ଧ ବଡ଼ ଜଟିଳ ଥିଲା, ଯେପରି ଏକ ସେର = ୨.୦୫ ପାଉଣ୍ଡ । ଏବେ ଓଜନ ମାପ ପ୍ରଣାଳୀରେ ସର୍ବତ୍ର ଓଜନ ହେଉଛି କେବଳ ଗ୍ରାମ୍‌ରେ (କିଲୋଗ୍ରାମ୍‌ରୁ ମିଲିଗ୍ରାମ୍ ପର୍ଯ୍ୟନ୍ତ) । ଜଳର ଆୟତନକୁ ଓଜନରେ ପ୍ରକାଶ କରିବା ପୂର୍ବେ ଜଟିଳ ଥିଲା । ଯେପରି ଏକ ଘନଫୁଟ ଜଳର ଓଜନ ୬୨.୪ ପାଉଣ୍ଡ । ଏବେ ତାହା ସରଳ କରାଗଲା । ଯେପରି ଏକ ଘନମିଟର ଜଳର ଓଜନ ୧୦୦୦ କିଲୋଗ୍ରାମ୍ । ପୂର୍ବେ ଏକ ଗ୍ୟାଲେନ ଜଳର ଓଜନ ଥିଲା ପାଖାପାଖି ୫ ସେରରୁ କମ୍, ତାହା ସହଜ ହୋଇ ଏବେ ହେଲା ଏକ ଲିଟର ଜଳର ଓଜନ ଏକ କିଲୋଗ୍ରାମ୍ ଓ ଏକ ମିଲିଲିଟର ଜଳର ଓଜନ ଏକ ଗ୍ରାମ୍ । ଏକ ଏକର ଜମିର କ୍ଷେତ୍ରଫଳ ଥିଲା ୪୩,୫୬୦ ବର୍ଗଫୁଟ (୪୮୪୦ ବର୍ଗ ଗଜ), ଏବେ ଏକ ହେକ୍ଟର ଜମିର କ୍ଷେତ୍ରଫଳ (୧୦୦ମି x ୧୦୦ ମି) ହେଲା ୧୦,୦୦୦ ବର୍ଗମିଟର । ପୂର୍ବେ ଏକ ସେର ସୁନା ଓଜନ ଥିଲା ୧୦୫ ତୋଳା (ଭରି) ବା ୮୪୦ ରତି କିନ୍ତୁ ଏବେ ଏକ କିଲୋଗ୍ରାମ୍ ସୁନାର ଓଜନ ହେଲା ୧୦୦୦ ଗ୍ରାମ୍ । ପୂର୍ବେ ଯେଉଁ ବାୟୁମଣ୍ଡଳୀୟ ଚାପ ବର୍ଗଇଞ୍ଚକୁ ୧୪.୭ ପାଉଣ୍ଡ ବୋଲି ପ୍ରକାଶ କରାଯାଉଥିଲା, ଏବେ ତାକୁ ସହଜରେ ପ୍ରକାଶ କରାଗଲା– ବର୍ଗ ସେଣ୍ଟିମିଟରକୁ ଏକ କିଲୋଗ୍ରାମ୍ । ବାୟୁମଣ୍ଡଳୀୟ ଚାପ ସର୍ବତ୍ର ଓ ସବୁବେଳେ ସମାନ ନ ଥାଏ । ବର୍ତ୍ତମାନ ଦୈର୍ଘ୍ୟ ମପାଯାଉଛି କେବଳ ମିଟରରେ (ଏକ ମିଟର = ୩.୨୮ ଫୁଟ୍) । ୧୦୦୦ ମିଟରକୁ କୁହାଯାଉଛି ଏକ କିଲୋମିଟର (ଏକ କିଲୋମିଟର = ୦.୬୨୫ ମାଇଲ) ଓ ଏକ ମିଟରର ୧୦୦୦ ଭାଗରୁ ଏକ ଭାଗକୁ କୁହାଯାଉଛି ଏକ ମିଲିମିଟର । କୁହାଯାଉଛି ଭୁବନେଶ୍ୱରରୁ ପୁରୀ ୬୦ କିଲୋମିଟର । ଝଡ଼ର ବେଗ ଘଣ୍ଟାକୁ ୨୦୦ କିଲୋମିଟର । ୧୦୦ ମିଲିମିଟର ବର୍ଷାରେ ସହର ରାସ୍ତା ବୁଡ଼ିଗଲା ଇତ୍ୟାଦି । ଜମିବାଡ଼ି ମପାଯାଉଛି ୩୦ ମିଟର ଦୈର୍ଘ୍ୟ ଫିତାରେ ଓ କ୍ଷେତ୍ରଫଳ ପ୍ରକାଶ କରାଯାଉଛି ହେକ୍ଟର (ଏକ ହେକ୍ଟର = ୨.୪୭ ଏକର)ରେ । ଗୋଡି, ବାଲି, ମାଟିର ପରିମାଣ ପ୍ରକାଶ କରାଯାଉଛି ଘନମିଟର (ଏକ ଘନମିଟର = ୩୫.୨୮ ଘନଫୁଟ)ରେ । ଯେପରି ଟ୍ରକ ଡାଲାରେ ବାଲି ବୋଝେଇ ହୁଏ ୬ ସିଏମ୍ ବା ୬ ଘନମିଟର । ତରଳ ପଦାର୍ଥ ମପାଯାଉଛି କେବଳ ଲିଟର (୧ ଲିଟର = ୦.୨୬୪ ଗ୍ୟାଲେନ)ରେ । କୁହାଯାଉଛି ବ୍ୟାରେଲରେ ଡିଜେଲ ଅଛି ଏକ କିଲୋଲିଟର (୧ କିଲୋଲିଟର = ୧୦୦୦ ଲିଟର), କ୍ଷୀର ଲିଟର ୪୦ ଟଙ୍କା ଇତ୍ୟାଦି । ଲିଟରର ୧୦୦୦ ଭାଗରୁ ଏକ ଭାଗକୁ କୁହାଯାଉଛି ଏକ ମିଲିଲିଟର ବା ୧ଏମ୍‌ଏଲ୍, ଯେପରି ୫୦୦ ମିଲିଲିଟର କ୍ଷୀରର ଦାମ୍ ୨୦ ଟଙ୍କା ।

ଏବେ ଯେ କୌଣସି ପଦାର୍ଥର ଓଜନ ପ୍ରକାଶ କରାଯାଉଛି କେବଳ ଗ୍ରାମ୍‌ରେ । ଓଜନିଆ ପଦାର୍ଥକୁ ମପାଯାଉଛି କିଲୋଗ୍ରାମ୍ (୧ କିଲୋଗ୍ରାମ୍ = ୧୦୦୦ ଗ୍ରାମ୍)ରେ ଓ ଛୋଟ ପଦାର୍ଥ ଓଜନ ହେଉଛି ମିଲିଗ୍ରାମ୍ (୧ ମିଲିଗ୍ରାମ୍= ଗ୍ରାମ୍‌ର ୧୦୦୦ ଭାଗରୁ ଏକ ଭାଗ)ରେ । ଯେପରି ଏକ କିଲୋଗ୍ରାମ୍ ଚାଉଳର ଦାମ୍ ୨୦ ଟଙ୍କା, ୫୦୦ ମିଲିଗ୍ରାମ୍ ସୁନାର ଦାମ୍ ୨୦୦୦ ଟଙ୍କା ଇତ୍ୟାଦି । ଏଠାରେ ସୂଚାଇ ଦିଆଯାଇପାରେ ଯେ, ପୂର୍ବେ ପ୍ରଚଳିତ ୧ ଭରି ବା ୧ ତୋଳାର ଓଜନ ହେଉଛି ୧୨.୬୬ ଗ୍ରାମ୍ । ଜଳରେ ଦ୍ରବୀଭୂତ ପଦାର୍ଥକୁ ପୂର୍ବେ ପ୍ରକାଶ କରାଯାଉଥିଲା ପିପିଏମ୍ (ନିୟୁତାଂଶ)ରେ କିନ୍ତୁ ଏବେ ତାହା ପ୍ରକାଶ କରାଯାଉଛି ଲିଟର ପିଛା କେତେ ମିଲିଗ୍ରାମ୍ ପଦାର୍ଥ । ଯେପରି ଟ୍ୟାପ୍‌ରେ ଆସୁଥିବା ଜଳରେ ଗୋଳିଆ ଭାଗ ଲିଟର ପିଛା ୩୦ ମିଲିଗ୍ରାମ୍, ପୂର୍ବେ ଜଳସ୍ରୋତ ମପାଯାଉଥିଲା କ୍ୟୁସେକ୍ ବା ସେକେଣ୍ଡକୁ କେତେ ଘନଫୁଟ । କିନ୍ତୁ ଏବେ ପ୍ରକାଶ କରାଯାଉଛି କ୍ୟୁମେକ୍ ବା ସେକେଣ୍ଡକୁ କେତେ ଘନମିଟର । ଯେପରି କୁହାଯାଏ ହୀରାକୁଦ ଜଳଭଣ୍ଡାରରୁ ଜଳ ନିଷ୍କାସନ ହେଉଛି ୫୦ କ୍ୟୁମେକ୍ ।

ପୂର୍ବେ ପ୍ରଚଳିତ ମୁଦ୍ରା ସବୁ ଥିଲା ଟଙ୍କା, ଅଧୁଲି, ସିଉକି, ଅଣି ଇତ୍ୟାଦି କିନ୍ତୁ ଏବେ ପ୍ରଚଳିତ ମୁଦ୍ରା ଟଙ୍କିକିଆ, ଦୁଇଟଙ୍କିଆ, ପାଞ୍ଚଟଙ୍କିଆ, ଦଶଟଙ୍କିଆ ଓ ଖୁଚୁରା ୫୦ ପଇସି । ଯେହେତୁ ଆଉ ଟଙ୍କା ଅଣାର ପ୍ରଚଳନ ନାହିଁ । ଏବେ ପଣିକିଆରେ ଆଉ କାହାଣ, ପଣ ଶିଖାଯାଉ ନାହିଁ । ପୂର୍ବେ ଅମଳ ଧାନ ପ୍ରକାଶ କରାଯାଉଥିଲା ଭରଣ, ଗୌଣୀ ବା ବସ୍ତାରେ । ୬୪ ସେର ଓଜନ ଚାଉଳ ଥିବା ଅଖାକୁ ବସ୍ତାଏ କୁହାଯାଉଥିଲା । ଏବେ ବସ୍ତାଏ କହିଲେ ଏକ କୁଇଣ୍ଟାଲ ଓଜନ ଧାନ ଧରୁଥିବା ଅଖା । ଏବେ ଜମିରୁ ଉତ୍ପନ୍ନ ଧାନକୁ ପ୍ରକାଶ କରାଯାଉଛି କୁଇଣ୍ଟାଲ ବା ବସ୍ତାରେ ।

କୋଟିତୀର୍ଥ, ଭୁବନେଶ୍ୱର,
ମୋ–୭୦୦୮୮୪୬୨୭୨

## ଏଇ ଭାରତରେ

ଭୟରେ ଥାନା ଦୁଆରମୁହଁ ମାଡୁ ନ ଥିବା ଆଦିବାସୀଙ୍କ ବିଶ୍ୱାସଭାଜନ ହୋଇପାରିଛି ରାଜସ୍ଥାନ ପୋଲିସ । ଉଦୟପୁର ରେଞ୍ଜର ମହାନିରୀକ୍ଷକ ବିନୀତା ଠାକୁର୍ ଓ ଡୁଙ୍ଗରପୁର ଜିଲା ପୋଲିସ ଅଧୀକ୍ଷକ ଜୟ ଯାଦବ ସପ୍ତାହରେ ଗୋଟିଏ ଦିନ ଆଦିବାସୀ ଗାଁକୁ ଯାଇ ସେଠାରେ ପିଲାମାନଙ୍କୁ ପଢାଉଛନ୍ତି । ପୋଲିସ ଅଧିକାରୀମାନେ ଛୋଟ ପିଲାମାନଙ୍କୁ ପ୍ରାରମ୍ଭିକ ସ୍ତରର ଶିକ୍ଷା ପ୍ରଦାନ କରୁଛନ୍ତି । ଏହା ବ୍ୟତୀତ ଦ୍ୱାଦଶ ଶ୍ରେଣୀର ପିଲାମାନଙ୍କୁ ବିଭିନ୍ନ ବିଷୟ ପଢାଇବା ସହ ସେମାନଙ୍କୁ ସରକାରୀ ଚାକିରି ସମ୍ପର୍କରେ ଅବଗତ ମଧ୍ୟ କରୁଛନ୍ତି । କେବଳ ଏତିକି ନୁହେଁ, ଆଦିବାସୀଙ୍କ ଉନ୍ନତି ପାଇଁ କରାଯାଇଥିବା ଯୋଜନା ବିଷୟରେ ଏମାନେ ସଚେତନ କରୁଛନ୍ତି । ସମୟ ସମୟରେ ପୋଲିସ ଅଧିକାରୀମାନେ ପିଲାମାନଙ୍କୁ ବାହାରକୁ ବୁଲାଇବା ଲାଗି ମଧ୍ୟ ନେଉଛନ୍ତି ଓ ପିଲାମାନେ ଏମାନଙ୍କୁ 'ପୋଲିସ ଗୁରୁ' ବା 'ପୋଲିସ ଚାଚା' ବୋଲି ସମ୍ବୋଧନ କରୁଛନ୍ତି । ଉକ୍ତ ଅଧିକାରୀମାନେ ପିଲାମାନଙ୍କ ସହ ମଧ୍ୟାହ୍ନଭୋଜନ କରୁଛନ୍ତି । ଏମିତି କି ଜୟ ଯାଦବ ଗୋଟିଏ ଦିନ ରାତିରେ ଆଦିବାସୀଙ୍କ ସାଥିରେ ରହୁଛନ୍ତି । ଏହି ସମୟରେ ସେ ଆଦିବାସୀ ସଂସ୍କୃତି ସମ୍ପର୍କରେ ଜାଣିବା ସହ ସେମାନଙ୍କୁ ଅନ୍ଧବିଶ୍ୱାସ ଯୋଗୁ ହେଉଥିବା କ୍ଷତି ସମ୍ପର୍କରେ ଅବଗତ କରୁଛନ୍ତି । ସେହିପରି ବାଂଶବାଡା ପୋଲିସ ଅଧୀକ୍ଷକ କେଶର ଶେଖାୱତ ତାଙ୍କ ଅଞ୍ଚଳରେ ସରକାରୀ ସ୍କୁଲକୁ ଯାଇ ପିଲାମାନଙ୍କୁ ଗଣିତ ପଢାଉଛନ୍ତି । ଏହି ବରିଷ୍ଠ ଅଧିକାରୀମାନେ ଥାନା ଅଧିକାରୀମାନଙ୍କ ଦ୍ୱାରା ଗରିବ ପିଲାମାନଙ୍କୁ ବହି, ଖାତା ଓ ୟୁନିଫର୍ମ ମଧ୍ୟ ଯୋଗାଇଦେଉଛନ୍ତି ।

## ଚିରନ୍ତନୀ

ସୂକ୍ଷ୍ମ ତବ ପରଶ ଲାଗୁ
ରୁକ୍ଷ ଏହି ଭବେ
ମର୍ମରିତ ମଞ୍ଜୁ ଧ୍ୱନି
ପଲ୍ଲବେ ପଲ୍ଲବେ । (ପଉଷ ସନ୍ଧ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨ ମାର୍ଚ୍ଚ ୧୯୯୫

- ଯୁଗୋସ୍ଲୋଭିଆଠାରୁ ଅଲଗା ହେବାର ୩ ବର୍ଷ ପରେ ବୋସନିଆ ପ୍ରଥମ ଥର ପାଇଁ ତା'ର ସ୍ୱାଧୀନତା ଦିବସ ପାଳନ କରିଛି ।
- ସୋମାଲିଆରେ ମୁତୟନ ହୋଇଥିବା ଜାତିସଂଘ ସୈନ୍ୟ ମଧ୍ୟରେ ଆମେରିକାର ୧୮୦୦ ଓ ଇଟାଲୀର ୪୦୦ ସୈନ୍ୟ ପ୍ରତ୍ୟାହାର କରିନିଆଯାଇଛି ।

## ସାପ୍ତାହିକ ପଞ୍ଜିକା

ଫେବୃୟାରୀ ୨୩– ପୁରୀ ଜିଲା ପିପିଲି ଓ ବଳଙ୍ଗା ଅଞ୍ଚଳରେ ଏକ ଦନ୍ତାହାତୀ ଉପଦ୍ରବରେ ୪ଜଣଙ୍କ ମୃତ୍ୟୁ ଘଟିଛି ।

୨୪– ଦୁଇଦେଶ ମିଳିତଭାବେ ଇସ୍‌ଲାମିକ୍ ଆତଙ୍କବାଦର ମୁକାବିଲା କରିବେ ବୋଲି ଅହମଦାବାଦର ମୋଟେରା ଷ୍ଟାଡିୟମ୍‌ରେ ଅନୁଷ୍ଠିତ 'ନମସ୍ତେ ଟ୍ରମ୍ପ୍' କାର୍ଯ୍ୟକ୍ରମରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି ।

୨୫– ସ୍ତ୍ରୀ ଉଷାଶ୍ରୀଙ୍କୁ ହତ୍ୟା ପରେ ୩ଶହ ଖଣ୍ଡ କରି କାଟିଥିବା ଅବସରପ୍ରାପ୍ତ ସେନା ଡାକ୍ତର ସୋମନାଥ ପରିଡ଼ାଙ୍କୁ ଖୋର୍ଦ୍ଧା ଜିଲା ଦୌରାଜଜ୍ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି ।

* ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଗସ୍ତ ଅବସରରେ ଭାରତ ଓ ଆମେରିକା ମଧ୍ୟରେ ୩ ବିଲିୟନ ଡଲାରର ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷରିତ ।

୨୬– ରାଜସ୍ଥାନର ବୁନ୍ଦି ଜିଲା ଅନ୍ତର୍ଗତ କୋଟା–ଦୌସା ମେଗା ହାଇୱେ ନିକଟ ମୈଜ୍ ନଦୀରେ ଏକ ବରଯାତ୍ରୀ ବସ୍ ଖସିପଡ଼ିବାରୁ ସେଥିରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୨୫ ଜଣଙ୍କ ମୃତ୍ୟୁ ଘଟିଛି ।

## ଆମ ସମସ୍ୟା

### ପୋଲ ଉପରୁ ଆବର୍ଜନା ସଫାହେଉନି

ମହାଶୟ,

ମଧୁପାଟଣା ନିକଟ ସମ୍ରାଟ ହଲଠାରୁ ଓଏମ୍‌ପି ପର୍ଯ୍ୟନ୍ତ ଲମ୍ବିଥିବା ଫ୍ଲାଇଓଭର ଉପରୁ ଆବର୍ଜନା ସଫା କରାଯାଉନାହିଁ । ଅନ୍ୟ ମହାନଗର ନିଗମ ନିୟମିତ ଶୃଙ୍ଖଳିତ କାର୍ଯ୍ୟ ତୁଲାଉଥିବା ସ୍ଥଳେ କଟକ ମହାନଗର ନିଗମ ବ୍ୟତିକ୍ରମ କରୁଛି । ଉଚ୍ଚ କର୍ତ୍ତୃପକ୍ଷ କର୍ମଚାରୀଙ୍କୁ ଦାୟିତ୍ୱ ଦେଇ ତୁରନ୍ତ ସଫାକରାଇବା ଆବଶ୍ୟକ । ମହାନଦୀ ଓ କାଠଯୋଡି ପୋଲ ସଫା ହେଉଛି । କିନ୍ତୁ ସବୁ ପୋଲ ପ୍ରତି ଦୃଷ୍ଟି ଦିଆଯିବା ଉଚିତ । ବିଭିନ୍ନ ଡ୍ରେନ ଅଳିଆ ଆବର୍ଜନାରେ ପୂରି ଯାଉଛି । ନିୟମିତ ସଫା ହେଉ ନ ଥିବାରୁ ପରିବେଶ ଅସନ୍ତୁଳିତ ହେଉଛି । ରାସ୍ତାରେ ମଧ୍ୟ ବହୁଦିନ ମାଟି ଓ ନର୍ଦ୍ଦମା ପଙ୍କ ପକାଇ ରଖାଯାଉଛି ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

### ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିର ଅପାରଗତା

ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିର ୧୯ ନଂ. ୱାର୍ଡର ଚୂନଡିହଠାରୁ ଏସଡିପିଓ ଅଫିସ ପର୍ଯ୍ୟନ୍ତ ସର୍ବଦା ଅବହେଳିତ । ଦୀର୍ଘ ୬ ମାସ ହେଲା ରାସ୍ତାର ଦୁଇ ପାର୍ଶ୍ୱ ଖୁଣ୍ଟରେ ଲାଇଟ୍ ଲାଗିଛି ସତ, ହେଲେ କୌଣସି ଗୋଟିଏ ହେଲେ ଜଳୁନାହିଁ । ଏବେ ନିକଟରେ ସରକାରଙ୍କ ସ୍ୱଚ୍ଛ ଅଭିଯାନରେ ଘରପିଛା ଦୁଇଟି ଲେଖାଏଁ ଡଷ୍ଟବିନ୍ ବକେଟ ଦେଇ ୧୦/୧୫ ଦିନ ଅଳିଆ ସଂଗ୍ରହ ଗାଡି ଆଣି ସେଗୁଡିକୁ ନେଲେ । ଏବେ ସେ ଗାଡି ଆସୁନି କି ଅଳିଆ ନେଉନି । ଏପଟେ ମ୍ୟୁନିସିପାଲିଟିର ଟ୍ୟାକ୍ସ ନେବାରେ ଆଦୌ ହେଳା ନାହିଁ । କିନ୍ତୁ ଶୂନ ସେବା ମିଳୁଛି ।

ଡା. ମନୋରଞ୍ଜନ ଦାଶ, ପ୍ରଭାବତୀ ନିଳୟମ୍, ବେଲତଳ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 1 | | 7 | | D | 3 | C | E | | | 2 |
| | | 0 | | 3 | 6 | 4 | | | | | | | | 1 |
| | 9 | 6 | | E | | | A | | | | | | | |
| | D | | | | 7 | | 2 | 0 | | 6 | | | 5 | A |
| | | | D | | 2 | | 3 | | | 4 | | | | |
| B | | | | | 0 | | | 5 | | 7 | | | | |
| 8 | | 2 | | 6 | | D | 9 | | | 5 | | | | |
| E | | | 8 | | | | | | | 9 | D | 6 | A | |
| | | 9 | 4 | | 5 | | B | 7 | | | 1 | | | E |
| 7 | | 5 | | | | | C | | 8 | 2 | | 9 | | |
| 2 | 5 | D | | 0 | 4 | A | | | 1 | | | | 8 | |
| | 3 | | | E | | | B | | | | 4 | | | 6 |
| | C | | | | | | | | | | | | 1 | B |
| | | 4 | 2 | | 0 | 5 | 8 | | | A | | | 7 | 3 |
| | | 1 | | 5 | | 6 | | | | E | 7 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 2 | 1 | 5 | 6 | 9 | 4 | 3 | 7 | 0 | E | 8 | C | D | A |
| C | 3 | 5 | 7 | 1 | 0 | 8 | 2 | 9 | D | A | E | 6 | B | 4 |
| A | 7 | 0 | D | 4 | C | B | 6 | E | 3 | 9 | 5 | 1 | 2 | 8 |
| 9 | E | B | A | B | 3 | C | D | 0 | 1 | 4 | 7 | 2 | 5 | 6 |
| 6 | 4 | 2 | B | A | 0 | 5 | 1 | E | 8 | B | 7 | C | 9 | 3 |
| E | B | 6 | 4 | A | 7 | 9 | 1 | C | 8 | 5 | 0 | D | 3 | 2 |
| 3 | 5 | 2 | C | 8 | B | D | E | 0 | 9 | 4 | 7 | A | 6 | 1 |
| 7 | 9 | 8 | 2 | E | 1 | 3 | 5 | A | B | 6 | D | 4 | 0 | C |
| 1 | 4 | C | 0 | 5 | D | 6 | 7 | B | A | 2 | 9 | 8 | E | 3 |
| 0 | A | D | 9 | 6 | 3 | 2 | 8 | 4 | E | C | 1 | B | 7 | 5 |
| C | 9 | 6 | E | D | 0 | 5 | B | 2 | 7 | 1 | 4 | 3 | A | 0 |
| D | 1 | A | 8 | 7 | 5 | 0 | 4 | 6 | 2 | 3 | E | 9 | C | B |
| 4 | 6 | B | 1 | 0 | 2 | E | A | 3 | C | D | 9 | 5 | 8 | 7 |
| 5 | 0 | 3 | B | C | 4 | 7 | 9 | D | 6 | 8 | A | 2 | E | 1 |
| 2 | E | 7 | 3 | 9 | A | 1 | C | 0 | 5 | B | 8 | 6 | 4 | D |

ଗତକାଲିର ଉତ୍ତର

## ସଂକ୍ଷେପରେ

### ୬ରୁ ପେଣ୍ଠ ବେଳାଭୂମିରେ ସାଗର ବେଳା ମହୋତ୍ସବ

ରାଜନଗର,୧।୩(ଡି.ଏନ୍.ଏ.): ପ୍ରଥମଥର ପାଇଁ ରାଜନଗର ବ୍ଲକର ବଙ୍ଗୋପସାଗର ତଟବର୍ତ୍ତୀ ପେଣ୍ଠ ବେଳାଭୂମିରେ ସାଗର ବେଳା ମହୋତ୍ସବ ଆସନ୍ତା ୬ରୁ ୮ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଅନୁଷ୍ଠିତ ହେବ। ଏହି ମହୋତ୍ସବ ପାଇଁ ପ୍ରସ୍ତୁତି ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏ ନେଇ ରବିବାର ପୂର୍ବାହ୍ନରେ ସ୍ଥାନୀୟ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପରିସରରେ କମିଟିର କର୍ମକର୍ତ୍ତାମାନେ ଏକାଠି ହୋଇଥିଲେ। ମହୋତ୍ସବ କମିଟିର ମୁଖ୍ୟ ଡ. ଅଭୟ ପାତ୍ର, ଆବାହକ ପ୍ରଫେସର ସତ୍ୟବାଦୀ ଜେନା, ଡ. ଧରଣୀଧର ରାଉତ, ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ରାଉତ, ଡ. ପଦ୍ମଲୋଚନ ରାଉତ, ଅଧାପିକା ଭଗବତୀ ନାୟକ, କୈଳାସ ମହାନ୍ତି, ଅନିଲ କୁମାର ବଳ, ହାତୀନା ସରପଞ୍ଚ ଶ୍ରୀକାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ ଏହି ମହୋତ୍ସବକୁ ଲୋକାଭିମୁଖୀ କରାଯିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ରାଜନଗର ଅଞ୍ଚଳର ଐତିହ୍ୟ, ସଂସ୍କୃତି, କଳା, ଭିତରକନିକାର ବିଭବ, ଜୈବ ବିବିଧତା, ହେନ୍ତାଳ ବଣ, ଗହୀରମଥାର ଅଲିଭ ରିଡଲେ କଇଁଛଙ୍କ ଜୀବନଶୈଳୀ ଉପରେ ୩ ଦିନ ଧରି ଆଲୋଚନାଚକ୍ର ଅନୁଷ୍ଠିତ ହେବ। ପ୍ରତି ସନ୍ଧ୍ୟାରେ ଓଡ଼ିଶାର ଲୋକକଳା, ଲୋକନୃତ୍ୟ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ବେଳାଭୂମିରେ ମହୋତ୍ସବ ଅନୁଷ୍ଠିତ ହେଉଥିବାରୁ ଲୋକଙ୍କ ଭିଡ ଜମିବା ସହିତ ରଙ୍ଗ ବେରଙ୍ଗ ଆଲୋକସଜ୍ଜା ସାଗରକୂଳର ଶୋଭାକୁ ଦ୍ୱିଗୁଣିତ କରିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

### ଧାନମଣ୍ଡିରେ ବଢୁଛି ଟୋକନ ସମସ୍ୟା

କେନ୍ଦ୍ରାପଡା ଅଫିସ,୧।୩- କେନ୍ଦ୍ରାପଡା ଜିଲାରେ ମାର୍ଚ୍ଚ ଶେଷ ସୁଦ୍ଧା ୮,୧୧,୭୬୫ କୁଇଣ୍ଟାଲ ଧାନ କ୍ରୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ତେବେ ଅଦ୍ୟାବଧି ୫,୯୫,୯୭୨ କୁଇଣ୍ଟାଲ ଧାନ କ୍ରୟ ହୋଇଛି। ଟୋକନ ଏକ ପ୍ରମୁଖ୍ୟ ସମସ୍ୟା ବୋଲି ଶନିବାର ଜିଲାସ୍ତରୀୟ ଧାନ କ୍ରୟ କମିଟିର ସମୀକ୍ଷା ବେଳେ ଏହା ଜଣାପଡିଛି। ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଧାନ କ୍ରୟ ସମ୍ପର୍କରେ ସମୀକ୍ଷା ହୋଇଥିଲା। ଏଥିରେ ସିଏସଓ ରଜନୀକାନ୍ତ ଦାସ ଯୋଗଦେଇ ପ୍ରକାଶ କରିଥିଲେ ଯେ, ଜିଲାରେ ୧୧୬ଟି ପ୍ରାଥମିକ ସମବାୟ ସମିତି ପରିସରରେ ଧାନମଣ୍ଡି ଖୋଲିଛି। ଏଥିପାଇଁ ମୋଟ ୩୪,୧୯୭ ଜଣ ଚାଷୀ ନିଜ ନାମ ପଞ୍ଜୀକରଣ କରିଛନ୍ତି। ଏଥିମଧ୍ୟରୁ ୧୫,୧୩୨ ଜଣ ଚାଷୀ ଧାନମଣ୍ଡିରେ ଖରିଫ ଧାନ ବିକ୍ରୟ କରିଛନ୍ତି। ଏହି ଜିଲାର ୨୫ ଓ ବାହାର ଜିଲାର ୫ ମିଲରଙ୍କୁ ଧାନ ଉଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ କମିଟି ସଦସ୍ୟ ବାବୁରାମ ନାୟକ, ହେମନ୍ତ କୁମାର କର ପ୍ରମୁଖ ଟୋକନ ସମସ୍ୟା ଥିବା ପ୍ରକାଶ କରିଥିଲେ। ସମସ୍ତ ପଞ୍ଜୀକୃତ ଚାଷୀଙ୍କୁ ଟୋକନ ବ୍ୟବସ୍ଥା କରିବାକୁ ଜିଲାପାଳ ବର୍ମା ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ସମୟରେ ଏସିଏସଓ ଭବାନୀ ପ୍ରସାଦ ଦାଶ, ରଶ୍ମିତା ସାହୁ, ଅଶୋକ କୁମାର ବେହେରା, ରବୀନ୍ଦ୍ର ବିଶ୍ୱାଳ, ଚାଷୀ ପ୍ରତିନିଧି ଓ ମିଲର ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ୱାଲ ପେଣ୍ଟିଂ, ଘୋଡାନାଚ, ଯାଦୁଖେଳ ସହରବାସୀଙ୍କ ମନ ମୋହିଲା

**କେନ୍ଦ୍ରାପଡା ଅଫିସ,୧।୩**

ପଥପ୍ରାନ୍ତ ଉତ୍ସବ ମାଧ୍ୟମରେ ପ୍ରଥମ ଥର ପାଇଁ କେନ୍ଦ୍ରାପଡା ସହରରେ ରୂପାନ୍ତରଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ସହରର କଜଳାଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛ ଭାରତ, ପ୍ଲାଷ୍ଟିକ ବର୍ଜନ, ବେଟି ବଚାଓ ବେଟି ପଢାଓ ପରି ବିଭିନ୍ନ ଜନ ହିତକର ଯୋଜନାକୁ ପୌର ପ୍ରଶାସନ ପକ୍ଷରୁ ସାମିଲ କରାଯାଇଛି। ଏଥିସହିତ ୱାଲ ପେଣ୍ଟିଂ, ଘୋଡା ନାଚ, ଯାଦୁ ଖେଳ ଆଦି କାର୍ଯ୍ୟକ୍ରମ ରାଜ୍ୟର ସର୍ବ ପୁରାତନ କେନ୍ଦ୍ରାପଡା ପୌରାଞ୍ଚଳବାସୀଙ୍କ ମନ ମୋହିଛି। ପୂର୍ବାହ୍ନ ୮ଟାରେ ଏହି ରୂପାନ୍ତରଣ କାର୍ଯ୍ୟକ୍ରମକୁ ଜିଲାପାଳ





କେନ୍ଦ୍ରାପଡା ସହରର କଜଳାଠାରେ କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମର ଝଲକ।

### ରୂପାନ୍ତରଣ କାର୍ଯ୍ୟକ୍ରମ

ସମର୍ଥ ବର୍ମା ଉଦ୍‌ଘାଟନ କରିଥିଲେ। ପୌରନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, ପୌରସଂସ୍ଥା କର୍ମଚାରୀ ବିଜୟ କୁମାର ମିଶ୍ର, ମାନସ ରଞ୍ଜନ ମହାନ୍ତି, ସଞ୍ଜୀବ ମହାନ୍ତି, ପ୍ରଶାନ୍ତ କୁମାର ନାୟକ, କ୍ଷୀରୋଦ ଚନ୍ଦ୍ର ପାତ୍ର, ପ୍ରଶାନ୍ତ କୁମାର ଦାସ, ଭୁବନମୋହନ କାନୁନଗୋ, ଅଶୋକ କୁମାର ସାହୁ, ଗଣେଶ କୁମାର ପାତ୍ର, ସୁଚିସ୍ମିତା ଜେନା, ତପସ୍ୱିନୀ ଦାସ, ମନୋରଞ୍ଜନ ଦାସ, ମାମିନୀ ପଣ୍ଡା, କ୍ରିଷ୍ଣା ମହାପାତ୍ର, ରୋଜାଲିନ ଦାସ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ମନଛୁଆଁ ହୋଇପାରିଛି ବୋଲି ସହରବାସୀ ମତ ଦେଇଛନ୍ତି। ଏ ସମ୍ପର୍କରେ ମାଧପୁର ଗ୍ରାମର ଦେବଦାସ ମହାନ୍ତି କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମ ପାଇଁ ପୌରପାଳିକା ପକ୍ଷରୁ ଗତ କିଛି ଦିନ ଧରି ପ୍ରସ୍ତୁତି ଚାଲିଥିଲା। ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଇ ରୂପାନ୍ତରଣ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା। ଏହା କି ପ୍ରକାର କାର୍ଯ୍ୟକ୍ରମ ତାହା ଜାଣିବାକୁ ଉତ୍ସୁକତା ବଢ଼ିଥିଲା। ତେବେ ଏହି କାର୍ଯ୍ୟକ୍ରମରେ ଜିଲାପାଳ ବର୍ମା ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ସାମିଲ ହେବା ଘଟଣା ଆମକୁ ବେଶ ପ୍ରଭାବିତ କରିଛି। କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ନିୟତି ଫାଉଣ୍ଡେଶନ ଅଧ୍ୟକ୍ଷ ନିର୍ମଳ କୁମାର ପଣ୍ଡା କହିଛନ୍ତି ଯେ, ରୂପାନ୍ତରଣ କାର୍ଯ୍ୟକ୍ରମରେ ଆମ ସଂଗଠନ ଭାଗ ନେଇ ଥିବାରୁ ଖୁସି ମନେ କରୁଛୁ। ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ବିଜୁ ଯୁବ ବାହିନୀ, ପୌରସଂସ୍ଥା କର୍ମଚାରୀମାନଙ୍କ ସହିତ ସହର ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲୁ। ଏହି ସଚେତନତା କାର୍ଯ୍ୟକ୍ରମ ସହରବାସୀଙ୍କ ପାଇଁ ଆହ୍ୱାନ ପାଲଟିଛି। ଆଗାମୀ ଦିନରେ ସହରବାସୀ ନିଜ ଆଖପାଖ ପରିବେଶକୁ ସଫା ରଖିବା ପାଇଁ ପ୍ରେରଣା ପାଇଛନ୍ତି। କଲେଜ ଛାତ୍ରୀ ଅସୀମା କର କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ଯୋଜନା ଘୋଡା ନାଚ, ୱାଲ ପେଣ୍ଟିଂ, ଯାଦୁଖେଳ ମାଧ୍ୟମରେ ଉପସ୍ଥାପିତ ହୋଇଥିବାରୁ ଭିଡ ଜମିଥିଲା। ଆଗାମୀ ରବିବାର ଏହି କାର୍ଯ୍ୟକ୍ରମ ସହରରେ ହେବାକୁ ଅଛି। ଏଥିରେ ସାମିଲ ହେବେ ବୋଲି କଲେଜ ଛାତ୍ରୀ କର ପ୍ରକାଶ କରିଥିଲେ। ସହରର ସଞ୍ଜୟ ରାଉତ କୁହନ୍ତି ଯେ, ସହରରେ ରୂପାନ୍ତରଣ କାର୍ଯ୍ୟକ୍ରମ ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ପୌରସଂସ୍ଥା ଓ ଜିଲା ପ୍ରଶାସନ ପକ୍ଷରୁ ସହରବାସୀଙ୍କ ମୌଳିକ ସମସ୍ୟା ଦୂର ପାଇଁ ବିହିତ ପଦକ୍ଷେପ ନେବାର ଅଛି। ସହର ମଧ୍ୟରେ ରାସ୍ତା, ଟ୍ରାଫିକ, ବିଦ୍ୟୁତ, ପାନୀୟ ଜଳ ଆଦି ସମସ୍ୟାକୁ ସମାଧାନ କରିବା ଆବଶ୍ୟକ। ଏହି ସହର ରାଜ୍ୟର ସର୍ବ ପୁରାତନ ହୋଇଥିଲେ ମଧ୍ୟ ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିବା କ୍ଷୋଭର ବିଷୟ। ସହରର ଦୁଇ ପାର୍ଶ୍ୱରେ ଥିବା ଗୋବରୀ ନଦୀ ଓ କେନାଲକୁ ପ୍ରଦୂଷଣ ମୁକ୍ତ କରିବାକୁ କାର୍ଯ୍ୟକ୍ରମରେ ପ୍ରାଥମିକତା ଦେବା ଦରକାର। କାର୍ଯ୍ୟକ୍ରମ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ବଳ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ୫-ଟିକୁ ଆଧାର କରାଯାଇ ରୂପାନ୍ତରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମ କାର୍ଯ୍ୟକ୍ରମ ୧୯, ୨୦ ଓ ୨୧ ନମ୍ବର ୱାର୍ଡ ପାଇଁ କଜଳାଠାରେ ଆୟୋଜିତ ହୋଇଥିବା ବେଳେ ପ୍ରତି ରବିବାର ବିଭିନ୍ନ ୱାର୍ଡରେ ଏହା ଆୟୋଜିତ ହେବ। ବିଭିନ୍ନ ପୁରସ୍କାର ଯୋଜନା ରଖାଯାଇ ସ୍ୱଚ୍ଛ ଓ ସୁସ୍ଥ ସହର ଭାବେ ଗଢି ତୋଳିବାକୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ସେ ପ୍ରକାଶ କରିଛନ୍ତି।

## ଜିଲାସ୍ତରୀୟ ମହା ସ୍ୱାସ୍ଥ୍ୟମେଳା




ମେଳାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ପଟ୍ଟାମୁଣ୍ଡାଇ,୧।୩(ସ୍ୱ.ପ୍ର.)**

କେନ୍ଦ୍ରାପଡା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ପଟ୍ଟାମୁଣ୍ଡାଇ ବ୍ଲକ ବଡପଡା ମହାବିଦ୍ୟାଳୟଠାରେ ୨ ଦିନିଆ ଜିଲାସ୍ତରୀୟ ମହା ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟମେଳାରେ ବିଭିନ୍ନ ବିଭାଗର ୩୭ ଜଣ ଡାକ୍ତର, ୧୮୦ଜଣ ପାରାମେଡିକାଲ୍ ଷ୍ଟାଫ୍ ଯୋଗ ଦେଇଥିଲେ। ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ। ଶନିବାର ମେଳା ଉଦ୍‌ଘାଟନୀ ଅବସରରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା ସମ୍ପର୍କରେ କହିଥିଲେ। କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଉର୍ମିଳା ମିଶ୍ର ଏଥିରେ ପୌରୋହିତ୍ୟ କରିଥିଲେ। ଜିଲା ପରିଷଦ ଅଧକ୍ଷ ମାନସ ରଞ୍ଜନ ପରିଡା, ଜିଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ପ୍ରଧାନ, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷା ଜ୍ୟୋତିର୍ମୟୀ ବେହେରା, ପଟ୍ଟାମୁଣ୍ଡାଇ ବ୍ଲକ ଉପାଧକ୍ଷ ସୁଶାନ୍ତ ଦାସ, ଶ୍ରୀକାନ୍ତ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ମେଳାରେ ୪୦ଟି ଷ୍ଟଲ୍ ଖୋଲା ଯାଇଥିବା ବେଳେ ବିଭିନ୍ନ ବିଭାଗର ଡାକ୍ତରମାନଙ୍କ ଦ୍ୱାରା ରୋଗୀଙ୍କୁ ଚିକିତ୍ସା କରାଯାଇଥିଲା। ଏଥିରେ ଡାକ୍ତର ମିର୍ଜା ବେଗ୍, ଡା. ପ୍ରମୋଦ ପ୍ରହରାଜ, ଡା. ନିରାକାର ପରିଡା, ଡା. ସଚ୍ଚିଦାନନ୍ଦ ମିଶ୍ର, ଡା. ମନୋଜ ରାଉତ, ଡା. ହିମାଂଶୁ ଭୂଷଣ ଷଡଙ୍ଗୀ, ଡା. ରଶ୍ମିରଞ୍ଜନ ମହାନ୍ତିଙ୍କ ସମେତ ୩୭ଜଣ ଡାକ୍ତର ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ମେଳାରେ ଦୁଇଦିନ ମଧ୍ୟରେ ୬୨୭୫ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା।

## ଦୈନିକ ୫୨ଟଙ୍କାରେ ୧୨ ଘଣ୍ଟା ଖଟୁଛନ୍ତି ରାତ୍ର ଜଗୁଆଳି

**କେନ୍ଦ୍ରାପଡା ଅଫିସ, ୧।୩**

ରାଜ୍ୟ ସରକାର ଜଣେ ବ୍ୟକ୍ତିଙ୍କ ସର୍ବନିମ୍ନ ଦୈନିକ ମଜୁରି ୨୧୩ ଟଙ୍କା ବୋଲି ୨୦୧୭ ଏପ୍ରିଲ ପହିଲାରେ ଘୋଷଣା କରିଛନ୍ତି। ୮ ଘଣ୍ଟା କାମ କଲେ ଏହି ଅର୍ଥ ମିଳିବ ବୋଲି ଏଥିରେ ଦର୍ଶାଯାଇଛି। ତେବେ କେନ୍ଦ୍ରାପଡା ଜିଲାର ଆଇସିଡିଏସ (ଇଣ୍ଟିଗ୍ରେଟେଡ ଚାଇଲଡ୍ ଡେଭଲପମେଣ୍ଟ ସର୍ଭିସେସ)ରେ ଏହି ନିୟମ ଅଦ୍ୟାବଧି ଲାଗୁ ହୋଇନାହିଁ। ଚୁକ୍ତିବଦ୍ଧ ରାତ୍ର ଜଗୁଆଳି ତଥା ପିଅନ ଦୈନିକ ୧୨ରୁ ୧୭ ଘଣ୍ଟା କର୍ମକ୍ଷେତ୍ରରେ ଅତିବାହିତ କରୁଥିଲେ ମଧ୍ୟ ପାରିଶ୍ରମିକ ମାତ୍ର ୫୨ଟଙ୍କା ୫୦ ପଇସା ମିଳୁଛି। ୨୦୦୪ ମସିହାରୁ ଏନେଇ ରାତ୍ର ଜଗୁଆଳିମାନେ ବିଭାଗୀୟ ଅଧିକାରୀ, ବିଭିନ୍ନ ଦପ୍ତର ଓ କୋର୍ଟର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସୁଫଳ ମିଳି ପାରିନାହିଁ।

ଏ ସମ୍ପର୍କରେ ଜିଲା ମହିଳା ଓ ଶିଶୁ ବିକାଶ ବିଭାଗର ଜନୈକ ଅଧିକାରୀ କହିଛନ୍ତି ଯେ, ବିଭାଗୀୟ ଅଧିକାରୀଙ୍କ ଅସହଯୋଗ ଯୋଗୁ ଏହି ତଳ ଶ୍ରେଣୀର କର୍ମଚାରୀଙ୍କୁ ଅଣଦେଖା କରାଯାଉଛି। ଏ ସମ୍ପର୍କରେ ଅଭିଯୋଗକାରୀ ଡେରାବିଶ ବ୍ଲକ ଆଇସିଡିଏସର ଚୁକ୍ତିବଦ୍ଧ ରାତ୍ର ଜଗୁଆଳି ତଥା ପିଅନ ଭିକାରୀ ଚରଣ ସ୍ୱାଇଁ କୁହନ୍ତି ଯେ, ସ୍ୱଳ୍ପ ମଜୁରିରେ କାର୍ଯ୍ୟ କରିବା ଫଳରେ ପରିବାର ଚଳାଇବା କଷ୍ଟକର ହେଉଛି। କେନ୍ଦ୍ରାପଡା ଆଇସିଡିଏସର ରଞ୍ଜନ କୁମାର ସେଠୀ, ଗରଦପୁର ଆଇସିଡିଏସର ଦେବେନ୍ଦ୍ର କୁମାର ଲେଙ୍କା ଦୀର୍ଘ ବର୍ଷ ଧରି ରାତ୍ର ଜଗୁଆଳି ଭାବେ କାର୍ଯ୍ୟ କରି ଆସୁଛନ୍ତି। ୨୦୦୪ ପୂର୍ବରୁ ମାତ୍ର ୧୧ ଟଙ୍କାରେ ଦୈନିକ ମଜୁରିରେ କାର୍ଯ୍ୟ କରୁଥିଲେ। ୨୦୦୪ ରେ ରାଜନଗର ଆଇସିଡିଏସର ରାତ୍ର ଜଗୁଆଳି ଅନନ୍ତ କୁମାର ସାହୁ ଏ ନେଇ ପ୍ରଶାସନିକ ଟ୍ରିବ୍ୟୁନାଲରେ ଅପିଲ କରିବା ପରେ ଦୈନିକ ମଜୁରୀ ୧୧ଟଙ୍କାରୁ ୫୨ଟଙ୍କା ୫୦ ପଇସାକୁ ବୃଦ୍ଧି କରାଯାଇଛି। ଏହି ଅପିଲ ଫଳରେ ଅନନ୍ତଙ୍କୁ ସ୍ଥାୟୀ ନିଯୁକ୍ତି ମିଳିଥିବା ଭିକାରି ପ୍ରକାଶ କରିଛନ୍ତି। ଏଥିସହିତ ସେ ଦର୍ଶାଇଛନ୍ତି ଯେ, ୨୦୧୪ ମସିହାରେ ଏନେଇ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅପିଲ କରାଯାଇଥିଲା। ପରେ ବିଭାଗୀୟ କର୍ତ୍ତୃପକ୍ଷ ଦୈନିକ ମଜୁରି ୧୫୦ ଟଙ୍କା ବୃଦ୍ଧି କରିବା ପାଇଁ ଆଇସିଡିଏସର ଡିଏସଡବ୍ଲ୍ୟୁଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତତ୍କାଳୀନ ଜିଲାପାଳ ସରକାରୀ ଧାର୍ଯ୍ୟ ଦରରେ ମଜୁରି ଅର୍ଥ ଦେବା ପାଇଁ ଉକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା ପାଣି ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପତ୍ର ଲେଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ଅଦ୍ୟାବଧି ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ନ ଥିବା ଜଣାପଡିଛି। ଦୈନିକ ମଜୁରି ବୃଦ୍ଧି ହେଲେ ପରିବାରରେ ଆର୍ଥିକ ସ୍ୱଚ୍ଛଳତା ଫେରି ପାରନ୍ତା ବୋଲି ଭିକାରି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ଏପରି ସ୍ଥିତି ରାଜ୍ୟର ୩୧୪ ବ୍ଲକର ୬୫ ରାତ୍ର ଜଗୁଆଳିଙ୍କର ଅଛି ବୋଲି ସୂଚନା ମିଳିଛି।

### ଜାତୀୟ ବିଜ୍ଞାନ ଦିବସ ପାଳିତ

**ରାଜନଗର,୧।୩(ଡି.ଏନ.ଏ.)**

ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳସ୍ଥିତ ସାବିତ୍ରୀ ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଇତିମଧ୍ୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସମୀରଣ ମଣ୍ଡଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜନଗର ବ୍ଲକ ଓଷ୍ଟା ସଂଘର ସଭାପତି ସୀତାକାନ୍ତ ରାଉଳ ଓ ମୁଖ୍ୟବକ୍ତା ଭାବେ ମମତାରାଣୀ ବିଶ୍ୱାଳ ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରୀତିଲତା ରାଉତ ସ୍ୱାଗତ ଭାଷଣ ଦେଇଥିଲେ।

## ହରିଅଙ୍କ ମେଲଣ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ



ଆଲୋଚନାରତ ମେଲଣ କମିଟି ସଦସ୍ୟ।

**ଡେରାବିଶ,୧।୩ (ସ୍ୱ.ପ୍ର.**

ଡେରାବିଶ ବ୍ଲକର ପ୍ରସିଦ୍ଧ ହରିଅଙ୍କ ମେଲଣ ଆସନ୍ତା ୯ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ମେଲଣ ପଡିଆସ୍ଥିତ ମା' କ୍ଷେତ୍ରପାଳିନୀଙ୍କ ପୀଠରେ ଆଲୋଚନା ହୋଇଯାଇଛି। ସାମାଜିକ କର୍ମୀ ଅମ୍ବିକା ପ୍ରସାଦ ରଥଙ୍କ ଆବାହକତ୍ୱରେ କମିଟି କର୍ମକର୍ତ୍ତା ଓ ସ୍ଥାନୀୟ ଜନସାଧାରଣ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ମେଲଣ କମିଟିର ପରିଚାଳକ ସୁଧାକର ଶତପଥୀ ସମସ୍ତଙ୍କ ସହଯୋଗ କ୍ରମେ ଗତବର୍ଷର ମେଲଣ ଅତି ଶୃଙ୍ଖଳାର ସହ ଶେଷ ହୋଇଥିବାରୁ ଉପସ୍ଥିତ ସମସ୍ତ ଠାକୁରବାଡି ସେବକ ପ୍ରତିନିଧି, ସ୍ଥାନୀୟ ଅଞ୍ଚଳବାସୀ ଓ ଜିଲା ପ୍ରଶାସନକୁ ସାଧୁବାଦ ଜଣାଇଥିଲେ। ଚଳିତବର୍ଷ ମେଲଣକୁ ଅଧିକ ଶୃଙ୍ଖଳିତ କରିବା ପାଇଁ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ମେଲଣକୁ ଆସୁଥିବା ସମସ୍ତ ବିମାନ କିପରି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପହଞ୍ଚିବ ସେଥିପ୍ରତି ସମସ୍ତ ଠାକୁରବାଡି ସେବକ ପ୍ରତିନିଧି ଗୁରୁତ୍ୱ ଦେବାକୁ ଭବନୀ ଶଙ୍କର ପଣ୍ଡା ମତ ରଖିଥିଲେ। ମେଲଣ ପଡିଆରେ ବିମାନ ବସୁଥିବା ସ୍ଥାନରେ ଏକ ଗଛ ଥିବାରୁ ଉପୁଜୁଥିବା ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ଏଥିସହିତ ପାରମ୍ପରିକ ବାଦ୍ୟ ଉପରେ ସମସ୍ତ ଠାକୁରବାଡି ସେବକ ପ୍ରତିନିଧି ଦୃଷ୍ଟି ଦେବାକୁ ରମେଶ ଚନ୍ଦ୍ର ପଣ୍ଡା ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରୋଜକାନ୍ତ ପଣ୍ଡା, ପତିତପାବନ ସ୍ୱାଇଁ ଓ ନିଶିକାନ୍ତ ପଣ୍ଡା ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଶ୍ରୀବଳଦେବଜୀଉଙ୍କ ରଥ ଡାହୁକଙ୍କ ପରଲୋକ

**କେନ୍ଦ୍ରାପଡା ଅଫିସ,୧।୩**

ରବିବାର ପୂର୍ବାହ୍ନରେ ଶ୍ରୀବଳଦେବଜୀଉଙ୍କ ରଥର ଡାହୁକ ବୈଷ୍ଣବ ବ୍ରହ୍ମଚାରୀ ମହାରାଜଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ଇଚ୍ଛାପୁରସ୍ଥ ବାସଭବନରେ ସ୍ୱର୍ଗତ ମହାରାଜଙ୍କ ଶେଷ ଦର୍ଶନ ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।



## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱ ଦେବେନ୍ଦ୍ର କୁମାର ଦାସ (ବୁଲୁ ଦାସ)
ଆବିର୍ଭାବ : ୧୨.୦୬.୧୯୬୧
ତିରୋଧାନ : ୨୧.୦୨.୨୦୨୦
ଗ୍ରାମ : ପାଣ୍ଡିଆସାହି, ପୁରୁଣାଗଡ଼ ଥାନା : ବନ୍ତଳା, ଜି: ଅନୁଗୁଳ
ତୁମର ନିଷ୍କପଟ ସ୍ନେହଶ୍ରଦ୍ଧା ଓ କର୍ତ୍ତବ୍ୟପରାୟଣତା ଆମପାଇଁ ପ୍ରେରଣାର ଉତ୍ସ। ତୁମ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
- ଶୋକସନ୍ତପ୍ତ -
ପତ୍ନୀ, ପୁଅ, ଝିଅ, ଜ୍ୱାଇଁ, ନାତୁଣୀ, ଝିଆରୀ, ପୁତୁରା, ବନ୍ଧୁ ଓ ପରିବାରବର୍ଗ
ଧ-୧୬୯୭୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ତରୁଣ କୁମାର ଦାଶ (ଟିଙ୍କୁ)
ତିରୋଧାନ: ୦୨।୦୩।୨୦୧୬
ତୋର ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମ୍ଭମାନଙ୍କ ପାଇଁ ପଥପ୍ରଦର୍ଶକ ହେଉ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ବାପା, ନାନୀ, ନନା, ଭଣଜା, ବନ୍ଧୁ ଓ ପରିବାରବର୍ଗ।
ଧ-୬୯୦୧୪


## ଆନ୍ତଃ ସିନିଅର କ୍ଲବ କ୍ରିକେଟ ଟୁର୍ନାମେଣ୍ଟ: ଏମ୍‌ସିସି ଯାଜପୁର ଟାଉନ ବିଜୟୀ

**ଧର୍ମଶାଳା,୧।୩(ଡିଏନ୍ଏ)**

ଓଡିଶା କ୍ରିକେଟ ଆସୋସିଏଶନ ଓ ଯାଜପୁର ଜିଲା କ୍ରିକେଟ ଆସୋସିଏଶନ ଅନୁକୂଲ୍ୟରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଚାଲିଥିବା ସିନିଅର ପୁରୁଷ କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ଖେଳରେ ଏସିଏ ବାରଗାଡିଆକୁ ୧୮୩ ରନରେ ପରାସ୍ତ କରି ଏମ୍‌ସିସି ଯାଜପୁର ଟାଉନ ବିଜୟୀ ହୋଇଛି। ଏମସିସି ଯାଜପୁର ଟାଉନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରୁ ୪୫ ଓଭରରେ ୮ ଉଇକେଟ ହରାଇ ୨୯୮ ରନ ସଂଗ୍ରହ କରିଥିଲା। ଏହାପରେ ବାରଗାଡିଆ ବ୍ୟାଟିଂ କରି ୩୩.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୧୫ ରନ କରି ବିଜୟୀ ହୋଇଥିଲା।

## ନକଲି ଡାକ୍ତରଙ୍କ ଚିକିତ୍ସାରେ ମହିଳା ମୃତ

### ଜମ୍ଭୁ ଅଞ୍ଚଳରେ ବୃଦ୍ଧି ପାଉଛି କ୍ୱାକଙ୍କ ପ୍ରାଦୁର୍ଭାବ, ସ୍ୱାସ୍ଥ୍ୟବିଭାଗ ନୀରବ

**ମହାକାଳପଡା, ୧।୩ (ଡି.ଏନ.ଏ.)**


ମହାକାଳପଡା ବ୍ଲକ ଅଧୀନ ଜମ୍ଭୁ ଅଞ୍ଚଳରେ ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ରବିବାର ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ଜମ୍ଭୁ ଅଞ୍ଚଳର ଜଣେ ୩୮ ବର୍ଷୀୟା ମହିଳାଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁସାରେ, ଦୀର୍ଘଦିନ ହେବ ଏଠାରେ ଜଣେ ନକଲି ଡାକ୍ତର ରହି ରୋଗୀଙ୍କ ଘରକୁ ଯାଇ ଚିକିତ୍ସା କରି ଆସୁଛନ୍ତି। ଅପରାହ୍ନରେ ଜ୍ୱରରେ ପୀଡିତା ଜଣେ ମହିଳାଙ୍କ ଘରକୁ ଡାକ୍ତର ଯାଇ ଚିକିତ୍ସା କରିଥିଲେ। ସେ ଜ୍ୱର ଭଲ ହେବା ପାଇଁ ଏକ ଇଞ୍ଜେକସନ ଦେବା ସହ କିଛି ବଟିକା ଖାଇବାକୁ ଦେଇଥିଲେ। ମାତ୍ର ଇଞ୍ଜେକସନ ନେବାର ୧ ଘଣ୍ଟା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ପ୍ରଚାରିତ ହେବା ପରେ ଏହାକୁ ଚାପି ଦେବା ପାଇଁ ଉଦ୍ୟମ ହୋଇଛି। ଏ ନେଇ ଜମ୍ଭୁ ମେରାଇନ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା କୁହାଯାଉଛି। ଜମ୍ଭୁ ଅଞ୍ଚଳରେ କ୍ୱାକ୍‌ମାନେ କଲିକତାରୁ ଔଷଧ ମଗାଇ ଗାଁ ଗାଁ ବୁଲି ଚିକିତ୍ସା କରିଥାନ୍ତି। ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ନୀରବଦ୍ରଷ୍ଟା ସାଜିବା ଜନ ଅସନ୍ତୋଷର କାରଣ ହୋଇଛି।






ବଲିଉଡ୍‌ର ମିଷ୍ଟର ପରଫେକ୍ସନିଷ୍ଟ ଭାବେ ପରିଚିତ ଆମିର ଖାଁ ନିକଟରେ ସେନା ପୋଷାକରେ ନଜର ଆସିଛନ୍ତି। ସବୁବେଳେ ନିଜ କାମକୁ ଶହେ ପ୍ରତିଶତ ଦେବାକୁ ଚେଷ୍ଟା କରୁଥିବା ଆମିର ଏବେ ତାଙ୍କ ଅପ୍ କମିଙ୍ଗ ଫିଲ୍ମ 'ଲାଲ ସିଂ ଚଡ୍ଢା'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଏହାକୁ ନେଇ ବିଭିନ୍ନ ସମୟରେ ଆମିର ଭିନ୍ନ ଭିନ୍ନ ଲୁକ୍‌ରେ ନଜର ଆସିଛନ୍ତି। ଏଥର ଆମିର ସେନା ପୋଷାକରେ ନଜର ଆସିବା ପରେ ତାଙ୍କର ହି ଫଟୋ ସାସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଫଟୋରେ ସେ ଜଣେ ଫ୍ୟାନଙ୍କ ସହ ସେଲ୍‌ଫିରେ ନଜର ଆସିଛନ୍ତି। ପୂର୍ବ ଅପେକ୍ଷା ତାଙ୍କର ଲୁକ୍ ସମ୍ପୂର୍ଣ୍ଣ ଭିନ୍ନ ରହିଛି।

# ମାଇଁ ନେମ୍ ଇଜ୍ '୦୦୩'



**ମେକ୍ସିକୋ ସିଟି:** '୦୦୩'। ସାଧାରଣ ଲୋକଙ୍କ ପାଇଁ ଏହା ଏକ ସଂଖ୍ୟା ହୋଇଥାଇପାରେ। ହେଲେ ଯଦି କୁହାଯାଏ ଏହା ହେଉଛି ଜଣେ ଯୁବକଙ୍କ ନାମ, ତେବେ ହୁଏତ ଏହା ଅନେକଙ୍କୁ ଯୋଗାଇବ ହସର ଖୋରାକ। ୟୁକାର୍ଟନ ପ୍ରଦେଶ ମେରିଦା ସହରର ପ୍ରସିଦ୍ଧ ପିଜା ଚେନ୍ 'କେସେରା ପିଜା' ପକ୍ଷରୁ ନିକଟରେ ନିଆରା ନାମଧାରୀଙ୍କୁ ନେଇ ଆୟୋଜିତ ହୋଇଥିଲା ପ୍ରତିଯୋଗିତା, ଯେଉଁଥିରେ ବିଜୟୀ ହୋଇଛନ୍ତି '୦୦୩'। 'କେସେରା ପିଜା' ପକ୍ଷରୁ ନିକଟରେ ଅନୁଷ୍ଠିତ ହୋଇଥିଲା ମନୋରଞ୍ଜନ ଭିତ୍ତିକ ଭିନ୍ନ ଧରଣର ପ୍ରତିଯୋଗିତା। ଏଥିରେ ଭିନ୍ନ ନାମଧାରୀ ବିଜେତାଙ୍କୁ ବିନା ଦେୟରେ ପିଜା ଦିଆଯିବାକୁ ଘୋଷଣା କରାଯାଇଥିଲା। ବିଭିନ୍ନ ସ୍ଥାନରୁ ଶତାଧିକ ଯୁବତୀଯୁବକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ଭିତରୁ କେତେଜଣଙ୍କ ନାମ ଥିଲା ଭେର୍ସିଂଗ୍‌ଏଣ୍ଟୋରିକ୍ସ, ବେସିଗେଟରୋଜ, ଦଇମାରୁ, ବାନିନ୍ତୁ, ୟେସାଙ୍ଗ, ଜୁଲିପର, ନିବିଆ, ଇଟାଣ୍ଡେଗୁଇ, ବାହଜିବାଦୀ, ଓଣ୍ଡିହାମନ, ଓବଦୁଲିଆ, କ୍ଲୁଏସେଟ୍, ମାହୋନ୍ରି। ସେମାନଙ୍କ ମଧ୍ୟରୁ ବେସିଗେଟରୋଜ, ନିବିଆ, ବାହଜିବାଦୀ ଫାଇନାଲ ପର୍ଯ୍ୟାୟକୁ ଚୟନ ହୋଇଥିଲେ। ଏମାନଙ୍କ ଭିତରକୁ ହିଁ କେହିଜଣେ ବିଜେତା ହେବେ ବୋଲି ଦର୍ଶକମାନେ ନିଶ୍ଚିତ ହୋଇଯାଇଥିଲେ। ଏହି ସମୟରେ ଜଣେ ଯୁବକ ଆସିଲେ। ଏବଂ ସେ ନିଜର ନାମ 'ସେରୋ ସେରୋ ଥେସ୍' ବୋଲି କହିଥିଲେ। ଏହି ସ୍ପାନିଶ୍ ଶବ୍ଦର ଇଂଲିଶ ଭାଷାନ୍ତର 'ଜୀରୋ ଜୀରୋ ଥ୍ରୀ' (୦୦୩)। ଶେଷରେ ସମସ୍ତଙ୍କୁ ପଛରେ ପକାଇ ବାଜିମାତ୍ କରିଥିଲେ '୦୦୩'। ମେକ୍ସିକୋବାସୀ ନିଜର ସନ୍ତାନଙ୍କ ଅଭୂତପୂର୍ବ ନାମ ରଖିବା ବଡ଼କଥା ନୁହେଁ। ହେଲେ '୦୦୩' ମଧ୍ୟ ଏକ ନାମ ବୋଲି ଭାବିଲା ବେଳକୁ ପ୍ରତିଯୋଗିତାରେ ସୃଷ୍ଟି ହୋଇଥିଲା ହାସ୍ୟରୋଳର ମାହୋଲ। ଏ ନେଇ ପ୍ରତିଯୋଗିତାର ଜଣେ ଆୟୋଜକ କୁହନ୍ତି, ପ୍ରଥମେ ଲାଗୁଥିଲା ଯୁବକ ଜଣକ ମଜା କରୁଛନ୍ତି। ଅଥବା ବଡ଼ ହେଲା ପରେ ସେ ନିଜର ନାମ ପରିବର୍ତ୍ତନ କରିଥାଇପାରନ୍ତି। ହେଲେ ଏପରି ଅଜବ ନାମକରଣ ପଛରେ ଥିବା ସତ୍ୟତା ଉପରୁ ପରଦା ଖୋଲିଛନ୍ତି '୦୦୩'। ସେ କହିଛନ୍ତି, ଏପରି ନାମ ତାଙ୍କ ଅଭିଭାବକ ହିଁ ଦେଇଛନ୍ତି। ସେ ହେଉଛନ୍ତି ପରିବାରର ୩ୟ ସନ୍ତାନ। ତେଣୁ ତାଙ୍କ ନାମ '୦୦୩' ରଖାଯାଇଥିଲା। ସାର୍ଟିଫିକେଟରେ ମଧ୍ୟ ତାଙ୍କର ଏହି ନାମ ଉଲ୍ଲେଖ ରହିଛି। '୦୦୩' ଆମେରିକାରେ ବଢ଼ିଛନ୍ତି। ଘର ଲୋକେ ତାଙ୍କୁ ସ୍ନେହରେ ବେବିନୋ ଡାକୁଥିଲେ। ୧୫ବର୍ଷ ଯାଏ ତାଙ୍କର ପ୍ରକୃତ ନାମ ସେ ଜାଣି ନ ଥିଲେ। ମେକ୍ସିକୋ ଆସିବା ପରେ ହିଁ ନିଜର ନାମ '୦୦୩' ବୋଲି ଜଣାପଡ଼ିଥିଲା। ଜନ୍ମ ପ୍ରମାଣପତ୍ର ରେଜିଷ୍ଟରରେ ସଂଖ୍ୟା ଲେଖିବାକୁ ଅନୁମତି ନାହିଁ। ତେଣୁ '୦୦୩'ର ଆକ୍ଷରିକ ଅର୍ଥ ସେରୋ ସେରୋ ଟ୍ରେସ୍ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। '୦୦୩' ଆହୁରି ମଧ୍ୟ କହିଛନ୍ତି, ଏପରି କୌତୂହଳପୂର୍ଣ୍ଣ ନାମକରଣ ପାଇଁ ସ୍କୁଲରେ ସାଙ୍ଗସାଥୀ ଚିଡ଼ାଉଥିଲେ। ହେଲେ ଏବେ ସେଲିବ୍ରିଟି ଭଳି ଅନୁଭବ ହେଉଛି ବୋଲି ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ୩ କୋଟି ପାର ଟପିଲା ସଲମାନଙ୍କ ଫଲୋୟର୍ସଙ୍କ ସଂଖ୍ୟା



ସଲମାନ ଖାନ୍

**ମୁମ୍ବାଇ:** ବଲିଉଡ୍ ଭାଇଜାନ୍ ସଲମାନ ଖାଁଙ୍କର ପ୍ରଶଂସକଙ୍କ ସଂଖ୍ୟା କମ୍ ନାହିଁ। ତାଙ୍କ ଫିଲ୍ମ ହେଉ ଅବା ସୋସିଆଲ ମିଡିଆ ଆକାଉଣ୍ଟ ସବୁଠି ଦେଖିବାକୁ ମିଳେ ସଲମାନଙ୍କ ବହୁ ପ୍ରଶଂସକଙ୍କୁ। ଏବେ ତାଙ୍କର ଅଫିସିଆଲ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଫଲୋୟର୍ସଙ୍କ ସଂଖ୍ୟା ୩ କୋଟି ପାର ହୋଇଛି। ଏହାକୁ ଦେଖିବା ପରେ ସେ ଭିନ୍ନ ଢଙ୍ଗରେ ତାଙ୍କ ଫଲୋୟର୍ସଙ୍କୁ ଧନ୍ୟବାଦ ଦେଇଛନ୍ତି। ପ୍ରଥମେ ସେ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଭିଡିଓ ଶେୟାର କରିଛନ୍ତି। ଉକ୍ତ ଭିଡିଓରେ ସେ ପ୍ରଥମେ ତାଙ୍କ ପ୍ରଶଂସକଙ୍କୁ ସାଲ୍ୟୁଟ କରୁଛନ୍ତି ପରେ ହାତଯୋଡି ଧନ୍ୟବାଦ ଜଣାଉଛନ୍ତି। ଆଉ ଶେଷରେ ତାଙ୍କ ଷ୍ଟାଇଲରେ କହୁଛନ୍ତି, 'ଉଇ ମା... ୩୦ ମିଲିୟନ, ଆପ ସଭିକୋ ଥ୍ୟାଙ୍କ ୟୁ'। ଫଟୋ ଶେୟାରିଂ ପ୍ଲାଟଫର୍ମ ଇନଷ୍ଟାଗ୍ରାମରେ ଅଧିକ ଫଲୋୟର୍ସ ତାଲିକାରେ ସବୁଠୁ ଆଗରେ ରହିଛନ୍ତି ଭାରତୀୟ କ୍ରିକେଟ ଦଳର କ୍ୟାପଟେନ ବିରାଟ କୋହଲି। ତାଙ୍କର ୫୦.୮ ମିଲିୟନ ଫଲୋୟର୍ସ ରହିଥିବା ବେଳେ ତାଙ୍କ ପଛକୁ ଅଛନ୍ତି ବଲିଉଡ୍ ନାୟିକା ପ୍ରିୟଙ୍କା ଚୋପ୍ରା। ପ୍ରିୟଙ୍କାଙ୍କ ଫଲୋୟର୍ସଙ୍କ ସଂଖ୍ୟା ରହିଛନ୍ତି ୫୦ ମିଲିୟନରୁ ସାମାନ୍ୟ ଅଧିକ। ସେମିତି ଦୀପିକା ପାଦୁକୋନଙ୍କର ୪୪.୬ ମିଲିୟନ ଫଲୋୟର୍ସ ଥିବା ବେଳେ ସୋସିଆଲ ମିଡିଆରେ ଆକ୍ଟିଭ ରହୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ରହିଛନ୍ତି ପ୍ରାୟ ୩୫.୧ ମିଲିୟନ ଫଲୋୟର୍ସ।


# ଜନବସତିରେ ରହିବା ପାଇଁ କରିବାକୁ ପଡ଼େ ଆପେଣ୍ଡିକ୍ସ ଅପରେଶନ୍

**ୱାଶିଂଟନ:** ଭାରତରେ ରହିବା ପାଇଁ ଭାରତୀୟ ନାଗରିକତ୍ୱ ପ୍ରମାଣ ଜରୁରୀ। ସେହିପରି ପୃଥିବୀର ବିଭିନ୍ନ ସ୍ଥାନରେ ରହିବା ଲାଗି ଭିନ୍ନ ଭିନ୍ନ ପ୍ରାମାଣିକ ତଥ୍ୟର ଆବଶ୍ୟକତା ରହିଥାଏ। ତେବେ ଅଣ୍ଟାର୍କଟିକାରେ ଏକ ଛୋଟ ଜନବସତି ବିଲାସ ଲାସ୍ ଏଷ୍ଟ୍ରେଲାସ୍‌ରେ ରହିବା ଲାଗି ଏକ ଅଜବ ସର୍ତ୍ତ ରହିଛି। ଏଠାରେ ବାସ କରୁଥିବା ଲୋକଙ୍କ ହେବାର ଅଧିକ ଆଶଙ୍କା ରହିଥାଏ। ତେଣୁ ଏଠାରେ ବାସ କରୁଥିବା ଲୋକେ ଆପେଣ୍ଡିକ୍ସ ଅପରେଶନ୍ କରିବାକୁ ବାଧ୍ୟ ହୋଇଥାନ୍ତି। ଏଠାରେ ପ୍ରାୟ ୧୦୦ ଜଣ ଲୋକ ବାସ କରନ୍ତି। ସେମାନଙ୍କ ଆବଶ୍ୟକତାର ସମସ୍ତ ଜିନିଷ ଏଠାରେ ମହଜୁଦ୍ ରହିଥାଏ। ଅଷ୍ଟ୍ରେଲିଆ ଏବଂ ରୁଷିଆର କେତେକ ଲୋକ ଏଠାରେ ବାସ କରନ୍ତି।

ଆପେଣ୍ଡିକ୍ସ ଅପରେଶନ କରିବାକୁ ପଡ଼ିଥାଏ। ଏଠାରେ ଶୀତଦିନେ ତାପମାତ୍ରା ପ୍ରାୟ ମାଇନସ୍ ୫୦ ଡିଗ୍ରୀ ରହିଥାଏ। ତେବେ ବର୍ଷର ଅନ୍ୟ ସମୟ ତଥା ଖରା ଦିନେ ତାପମାତ୍ରା ୨.୫ ଡିଗ୍ରୀ ସେଲସିୟସ୍ ରହିଥାଏ। ଏତେ କମ୍ ତାପମାତ୍ରାରେ ମନୁଷ୍ୟ ଶରୀର ଆପେଣ୍ଡିକ୍ସ ସ୍ୱାଭାବିକ ଭାବେ କାମ କରିବାକୁ ସକ୍ଷମ ହୋଇ ପାରେ ନାହିଁ। ଫଳରେ ଖାଦ୍ୟ ହଜମ ହେବା ଅସମ୍ଭବ ହେବା ସହିତ ଆପେଣ୍ଡିକ୍ସରେ ବ୍ୟାକ୍ଟେରିଆ ସଂକ୍ରମଣ



# ପ୍ରଦୂଷଣ କମାଇଛି କରୋନା





## ସାଟେଲାଇଟ୍ ଫଟୋ ଜାରି କଲା ନାସା

**ବେଜିଂ:** କରୋନା ଭାଇରସ୍ ଯୋଗୁ ଏବେ ସୁଦ୍ଧା ଚାଇନାରେ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିଥିବା ବେଳେ ଏବେ ଏହା ବିଶ୍ୱର ପ୍ରାୟ ୫୬ ଦେଶକୁ ବ୍ୟାପୀ ଗଲାଣି। ଏହାର ନିରାକରଣ ପାଇଁ ବୈଜ୍ଞାନିକମାନେ ଉଦ୍ୟମ ଚଳାଇଥିବା ବେଳେ ନାସା ପକ୍ଷରୁ ରିଲିଜ୍ କରାଯାଇଥିବା ଏକ ସାଟେଲାଇଟ୍ ଫଟୋରୁ ଏକ ଆଶ୍ଚର୍ଯ୍ୟକର ତଥ୍ୟ ପଦାକୁ ଆସିଛି। ୟୁରୋପୀୟ ଅନ୍ତରୀକ୍ଷ ଏଜେନ୍ସିର ପ୍ରଦୂଷଣ ଯାଞ୍ଚ କରୁଥିବା ଉପଗ୍ରହ ସହ ମିଶି ନାସା ପକ୍ଷରୁ ଜାରି କରାଯାଇଥିବା ଏହି ଫଟୋରେ ଦେଖାଯାଇଛି ଯେ, ଚାଇନା ବାୟୁରେ ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ (NO2) ଗ୍ୟାସ୍ ବହୁଳ ଭାବେ କମ୍ ହୋଇଛି। ନାସାର ଗଡ୍ଡାର୍ଡ ସ୍ପେସ୍ ଫ୍ଲାଇଟ୍ ସେଣ୍ଟରର ବାୟୁ ଗୁଣବତ୍ତା ବିଶେଷଜ୍ଞ ଫେଇ ଲିଉଙ୍କ କହିବା ଅନୁସାରେ କରୋନା ଭାଇରସ୍ ବ୍ୟାପିବା ପରଠାରୁ ହିଁ ଚାଇନା ବାୟୁମଣ୍ଡଳରେ ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ ଗ୍ୟାସ୍ କମିଛି। ପେଟ୍ରୋଲ ବା ଡିଜେଲ ଚାଳିତ ଗାଡ଼ି, ପାୱାର ପ୍ଲାଣ୍ଟ ଓ ବିଭିନ୍ନ ଶିଳ୍ପୋଦ୍ୟୋଗରୁ ନାଇଟ୍ରୋଜେନ ଡାଇଅକ୍ସାଇଡ୍ ଭଳି ହାନିକାରକ ଗ୍ୟାସ୍ ବାହାରିଥାଏ। କରୋନା ଭାଇରସ୍ ବ୍ୟାପିବା ଭୟରେ ଚାଇନାରେ ପ୍ରାୟତଃ ସବୁ ଶିଳ୍ପ ବନ୍ଦ ରହିବା ସହ, ଯାନବାହନ ଚଳାଚଳ ବହୁ ପରିମାଣରେ କମିଯାଇଥିବାରୁ ଏହି ଗ୍ୟାସ୍‌ର ମାତ୍ରା ବାୟୁମଣ୍ଡଳରେ କମିଥିବା ଦେଖାଯାଉଛି। ଏଜେନ୍ସି ପକ୍ଷରୁ ଜାରି କରାଯାଇଥିବା ମ୍ୟାପ୍‌ରେ ଜାନୁୟାରୀ ୧ରୁ ୨୦ ତାରିଖ ଓ ଫେବୃୟାରୀ ୧୦ରୁ ୨୫ ତାରିଖ ମଧ୍ୟରେ ବାୟୁରେ ନାଇଟ୍ରୋଜେନ ଡାଇଅକ୍ସାଇଡ୍‌ର ମାତ୍ରା ଚିତ୍ର ଆକାରରେ ଦର୍ଶାଯାଇଛି। ଅନ୍ୟପଟେ ଲୁନାର ନବବର୍ଷ ପାଳନ ପାଇଁ ଚାଇନାରେ ବହୁ ଶିଳ୍ପ ସଂସ୍ଥାନ ଓ କାରଖାନା ଆଦି ବନ୍ଦ ରହିବା ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍‌ର ମାତ୍ରା କମିବାର ଅନ୍ୟ ଏକ କାରଣ ମଧ୍ୟ ହୋଇପାରେ ବୋଲି ନାସାର ବାୟୁ ଗୁଣବତ୍ତା ବିଶେଷଜ୍ଞ ବେରୀ ଲେଫର୍‌ଙ୍କ କହିଛନ୍ତି।

# ଶହେ ବର୍ଷୀୟା ବୃଦ୍ଧା ପାଳିଲେ ୨୫ତମ ଜନ୍ମଦିନ



**ୱାଶିଂଟନ:** ଆମେରିକାର ଜଣେ ବୃଦ୍ଧା ଡୋରିସ୍ କ୍ଲିଫ୍ ଶହେ ବର୍ଷ ବୟସରେ ୨୫ ତମ ଜନ୍ମଦିନ ପାଳନ କରିଛନ୍ତି। କଥାଟା ଅଦ୍ଭୁଆ ଲାଗୁଥିଲେ ବି ସତ। ଆମେରିକାର ପୋର୍ଟସ ମାଉଥ୍‌ରେ ଜନ୍ମ ନେଇଥିବା ଏହି ମହିଳାଙ୍କ ଜନ୍ମଦିନ ହେଉଛି ଫେବୃୟାରୀ ୨୯। ଏହା ଅଧିବର୍ଷ ହୋଇଥିବାରୁ ପ୍ରତି ୪ ବର୍ଷରେ ଥରେ ପଡିଥାଏ ଫେବୃୟାରୀ ୨୯। ତେଣୁ ମହିଳା ଜଣଙ୍କ ୧୦୦ ବର୍ଷରେ ପାଦ ଦେଇଥିବା ବେଳେ ଏବେ ସେ ତାଙ୍କର ୨୫ ତମ ଜନ୍ମଦିନ ପାଳନ କରିଛନ୍ତି ବୋଲି କହିଛନ୍ତି। ଏଥିପାଇଁ ତାଙ୍କ ପରିବାର ପକ୍ଷରୁ ଏକ ସରପ୍ରାଇଜ ପାର୍ଟିର ଆୟୋଜନ ମଧ୍ୟ କରାଯାଇଥିଲା। ଏକ ସାକ୍ଷାତ୍‌କାରରେ ଡୋରିସ କହିଛନ୍ତି ୨୫ ତମ ଜନ୍ମଦିନ ପାଳନ କରି ତାଙ୍କୁ ଖୁସି ଲାଗୁଛି। ଜୀବନରେ ସେମିତି କିଛି ବଦଳି ନାହିଁ ବରଂ ସେ ତାଙ୍କ ପରିବାର ସହ ଖୁସିରେ ଅଛନ୍ତି ବୋଲି କହିଛନ୍ତି।

# ଜଳ ସଂରକ୍ଷଣ ପାଇଁ ଅଣ୍ଟା ଭିଡ଼ିଲେ ୨୦ ହଜାର ଲୋକ

**ଝାବୁଆ:** ଜଳ ସଂରକ୍ଷଣ ପାଇଁ ମଧ୍ୟପ୍ରଦେଶ ଝାବୁଆ ଜିଲାରେ ରବିବାର ୨୦ ହଜାର ଲୋକ ମିଳିତ ଭାବେ କାମ କରିଛନ୍ତି। ସେମାନେ ସକାଳ ୬ଟା ପୂର୍ବାହ୍ନ ୯ଟା ମଧ୍ୟରେ ୪୦ ହଜାର ଜଳସଂରକ୍ଷଣ କୁଣ୍ଡ ନିର୍ମାଣ କରିଛନ୍ତି। ସାମାଜିକ ସଂସ୍ଥା ଶିବଗଙ୍ଗା ପକ୍ଷରୁ ହୋଇଥିବା ସଚେତନତା ଦ୍ୱାରା ଲୋକେ ହାତରେ କୋଡ଼ି କୋଦାଳ ଧରି ସ୍ଥାନୀୟ ହାଥିପାୱା ପାହାଡ଼ ଅଞ୍ଚଳରେ ମିଳିତ ଭାବେ ଏଭଳି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ୧୫୦ରୁ ଅଧିକ ଅତିଥିଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଏହି ମିଳିତ ଶ୍ରମଦାନ କାର୍ଯ୍ୟକ୍ରମର ୨ ମିନିଟ୍ ୪୬ ସେକେଣ୍ଡର ଏକ ଭିଡ଼ିଓ ସୋସିଆଲ ମିଡ଼ିଆରେ ଶେୟାର କରାଯାଇଛି। ଏହାକୁ ବହୁ ୟୁଜର ବେଶ୍ ପସନ୍ଦ କରିଛନ୍ତି।



# ୬ କି.ମି. ବହି ସଜାଇ ଗିନିଜ୍ ରେକର୍ଡ



**ନ୍ୟୁୟର୍କ:** କେତେକଙ୍କ ମଧ୍ୟରେ ରେକର୍ଡ କରିବା ନିଶା ରହିଥାଏ। ସେମାନେ ନିଜ କାମ ଦ୍ୱାରା ରେକର୍ଡ କରିବାକୁ ଉଦ୍ୟମ କରିଥାନ୍ତି। ନ୍ୟୁୟର୍କରେ କିଛି ସ୍ୱେଚ୍ଛାସେବୀ ୬.୧୩ କିମିର ବହି ସଜାଇ ଏକ ନିଆରା ରେକର୍ଡ କରିଛନ୍ତି। ରେକର୍ଡ ପାଇଁ 'ଦି ବୁକ୍ ଫ୍ୟାରିଜ୍' ସଂଗଠନର ୧୫୦ ଜଣ ସ୍ୱେଚ୍ଛାସେବୀ ମିଳିତ ଭାବେ ୩୧,୦୦୦ ବହି ଲାଇନରେ ସଜାଇ ରଖିଥିଲେ। ସ୍ଥାନୀୟ ୱାଣ୍ଟାଚ୍ ସ୍ଥିତ ଏକ ପ୍ରାଥମିକ ସ୍କୁଲରେ ବହି ଗୁଡ଼ିକୁ ସଜାଇ ରଖାଯାଇଥିଲା। ପୂର୍ବରୁ ୪.୧୮ କିମି ବହି ସଜାଇ ଏକ ରେକର୍ଡ କରାଯାଇଥିଲା। ତେବେ ସ୍ୱେଚ୍ଛାସେବୀମାନେ ପୂର୍ବ ରେକର୍ଡକୁ ଭାଙ୍ଗିଛନ୍ତି। ଏଥିପାଇଁ ବ୍ୟବହୃତ ହୋଇଥିବା ବହିଗୁଡ଼ିକୁ ସ୍ଥାନୀୟ ବାସିନ୍ଦାଙ୍କଠାରୁ ସଂଗ୍ରହ କରାଯାଇ ଥିଲା।

# ୧୧୦ ମିନିଟରେ ୧୩୬ କୋଟି ସଂଗ୍ରହ

## ମନ୍ଦିର ପାଇଁ ଧନବର୍ଷା

**ଅହମଦାବାଦ:** ମନ୍ଦିର ନିର୍ମାଣ ପାଇଁ ଗୁଜରାଟରେ ଏକ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକେ ଧନବର୍ଷା କରିଛନ୍ତି। ମାତ୍ର ୧୧୦ ମିନିଟରେ ୧୩୬ କୋଟି ଟଙ୍କାର ଚାନ୍ଦା ସଂଗ୍ରହ ହୋଇଛି। ତେବେ ୪୦ କୋଟି ଟଙ୍କା କମ ପଡ଼ିବାରୁ ଆବଶ୍ୟକ ଟଙ୍କା ମାତ୍ର ୧୭ ମିନିଟରେ ଲୋକେ ଚାନ୍ଦା ଭାବେ ଦେଇଛନ୍ତି। ସ୍ଥାନୀୟ ଜାସପୁରରେ ଅମିୟା ମାତାଙ୍କ ମନ୍ଦିର ନିର୍ମାଣ କରାଯିବ। ଏହା ପୃଥିବୀର ସବୁଠାରୁ ଉଚ୍ଚା ମନ୍ଦିର ହେବ ବୋଲି କୁହାଯାଉଛି। ଏହାର ଉଚ୍ଚତା ୪୩୧ ଫୁଟ ହେବ। ମନ୍ଦିରଟି ୧୦୦ ବିଘା ଜମି ଉପରେ ନିର୍ମିତ ହେବ। ମନ୍ଦିର ମଧ୍ୟରେ ୫୨ ଫୁଟ ଉଚ୍ଚାର ପ୍ରତିମା ପୂଜା ପାଇବେ। ଏଥି ପାଇଁ ୧୦୦୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ୨ ଦିନିଆ ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଶ୍ୱ ଅମିୟା ଫାଉଣ୍ଡେଶନ ପକ୍ଷରୁ ୧୨୫ କୋଟି ଟଙ୍କା ସଂଗ୍ରହର ଲକ୍ଷ୍ୟ ରଖାଯାଇଥିଲା।





କିନ୍ନରମାନଙ୍କୁ ଘର ଯୋଗାଇଦେବା ଲାଗି ବଲିଉଡ୍ ସୁପରଷ୍ଟାର ଅକ୍ଷୟ କୁମାର ଦେଢ଼କୋଟି ଟଙ୍କା ଦାନ କରିଛନ୍ତି। ତାଙ୍କ ଅଭିନୀତ ଫିଲ୍ମ 'ଲକ୍ଷ୍ମୀ ବମ୍ବ'ର ନିର୍ଦ୍ଦେଶକ ରାଘବ ଲରେନ୍ସ ଏହି ଦାତବ୍ୟ ଟ୍ରଷ୍ଟ ଆରମ୍ଭ କରିଛନ୍ତି। ସେ ଅକ୍ଷୟ କୁମାରଙ୍କୁ ଫେସ୍‌ବୁକ୍‌ରେ ଧନ୍ୟବାଦ ଜଣାଇଛନ୍ତି। ଲରେନ୍ସଙ୍କ ଟ୍ରଷ୍ଟ ୧୫ ବର୍ଷରେ ପହଞ୍ଚିଥିବାରୁ ଏହି ଅବସରରେ କିନ୍ନରମାନଙ୍କୁ ଆଶ୍ରୟସ୍ଥଳ ଯୋଗାଇଦେବା ଲାଗି ଚଳିତ ବର୍ଷ ନୂଆ ପ୍ରକଳ୍ପ ଆରମ୍ଭ କରାଯାଇଛି। ଟ୍ରଷ୍ଟ ଜମି ଯୋଗାଇଦେବ ଏବଂ ଘର ତିଆରି ଲାଗି ପାଣ୍ଠି ସଂଗ୍ରହ କରିବ ବୋଲି ଲରେନ୍ସ କହିଛନ୍ତି।



ଦଙ୍ଗା ପ୍ରଭାବିତ ଅଞ୍ଚଳରେ ପୋଡ଼ିଯାଇଥିବା ଗାଡ଼ି।



ଉତ୍ତର-ପୂର୍ବ ଦିଲ୍ଲୀର ଦଙ୍ଗା ପ୍ରଭାବିତ ଅଞ୍ଚଳରେ ଜଳିଯାଇଥିବା ଗାଡ଼ିଗୁଡ଼ିକୁ କ୍ରେନ୍ ସାହାଯ୍ୟରେ ଉଠାଯାଉଛି।

# ଶୁଖୁନି ସିଏଏ କ୍ଷତ

**ନୂଆଦିଲ୍ଲୀ,୧।୩**

ଠିକ୍ ସପ୍ତାହେ ତଳେ ଜାତୀୟ ରାଜଧାନୀର ଉତ୍ତର-ପୂର୍ବ ଅଞ୍ଚଳରେ ସୃଷ୍ଟି ହୋଇଥିଲା ହିଂସା। କେନ୍ଦ୍ର ସରକାରଙ୍କ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟରେ ଘଟିଥିଲା ସଂଘର୍ଷ। ରବିବାର ଆରମ୍ଭ ହୋଇଥିବା ଏହି ହିଂସା କ୍ରମଶଃ ସାମ୍ପ୍ରଦାୟିକ ଦଙ୍ଗାର ରୂପ ନେଇଥିଲା। ସୋମବାର ୪ ଜଣଙ୍କ ପ୍ରାଣହାନି ଘଟିଥିବାବେଳେ ସାତ ଦିନ ପରେ ଏହି ମୃତ୍ୟୁସଂଖ୍ୟା ୪୭କୁ ଛୁଇଁଛି। ଏହାସହ ୨୦୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇ ବିଭିନ୍ନ ହସ୍ପିଟାଲରେ ଚିକିତ୍ସାଧୀନ ଓ ଅନେକ ନିଖୋଜ ଅଛନ୍ତି। ଶବଗୃହ ବାହାରେ ଏବେ ମଧ୍ୟ ବହୁ ଲୋକ ନିଜ ଆତ୍ମୀୟସ୍ୱଜନଙ୍କୁ ଅପେକ୍ଷା କରିଛନ୍ତି। ଦଙ୍ଗାକାରୀ ଭିଆଇଥିବା ଲୁଟ୍, ରାହାଜାନି, ଭଙ୍ଗାରୁଜା ଓ ଜଳାପୋଡ଼ାର କ୍ଷତ ସବୁଠି ବାରି ହୋଇଯାଉଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଗସ୍ତ ବେଳେ ଦିଲ୍ଲୀରେ ଦଙ୍ଗା ହୋଇଥିଲା। ଏଥିରେ ସବୁଠୁ ବେଶି ପ୍ରଭାବିତ ହୋଇଛି ଜାଫରାବାଦ, ମୌଜପୁର, ବାବରପୁର, ଚାନ୍ଦବାଗ, ଶିବବିହାର, ଭଜନପୁରା, ଯମୁନା ବିହାର ଓ ମୁସ୍ତାଫାବାଦ ଅଞ୍ଚଳ। ଶନିବାର ସୁଦ୍ଧା ମୃତ୍ୟୁସଂଖ୍ୟା ୪୩ରେ ପହଞ୍ଚିଥିବାବେଳେ ରବିବାର ଏହି ଅଞ୍ଚଳରେ ଆଉ ୪ ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି। ଅପରାହ୍ଣରେ ଗୋକଲପୁରୀର ଏକ କେନାଲରୁ ଜଣଙ୍କ ମୃତଦେହ ଉଦ୍ଧାର ହୋଇଥିବାବେଳେ ଆଉ ଦୁଇଟି ମିଳିଛି ଭାଗୀରଥି ବିହାର କେନାଲରୁ। ସେହିପରି ଶିବବିହାରସ୍ଥିତ ଭଗିରଥ ଡ୍ରେନ୍‌ରୁ ରାତି ୮ଟା ୨୦ରେ ଆଉ ଜଣଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ତେବେ ସେଗୁଡ଼ିକୁ ଚିହ୍ନଟ କରାଯାଇ ପାରିନାହିଁ। ଏହା ପୂର୍ବରୁ ଗୁରୁ ତେଗ୍ ବାହାଦୁର ହସ୍ପିଟାଲରେ ୩୮ ଓ ଲୋକନାୟକ ଜୟପ୍ରକାଶ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ୩ ଜଣ ଆଖିବୁଜିଦେଇଥିଲେ। ଦିଲ୍ଲୀ ଦଙ୍ଗାକୁ ନେଇ ପୋଲିସ ୨୫୪ ଏଫ୍‌ଆଇଆର୍ କରିଥିବାବେଳେ ୯୦୩ ଜଣଙ୍କୁ ଗିରଫ କରିଛି କିମ୍ବା ଅଟକ ରଖିଛି। ଏହି ମାମଲାଗୁଡ଼ିକ ମଧ୍ୟରୁ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ଅଭିଯୋଗରେ ୪୧ଟି ଏଫ୍‌ଆଇଆର୍ ହୋଇଛି। ସ୍ଥିତି ସ୍ୱାଭାବିକ ହେବାରେ ଲାଗିଥିବାରୁ ପୋଲିସକୁ ଆଉ ଦଙ୍ଗା ସମ୍ପର୍କିତ ଅଭିଯୋଗ ନେଇ ଫୋନ୍ କଲ ଆସୁ ନ ଥିବା ଜଣାପଡ଼ିଛି। କ୍ରାଇମ୍‌ବ୍ରାଞ୍ଚ ପୋଲିସର ଦୁଇଟି ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ବିଭିନ୍ନ ଅଞ୍ଚଳ ବୁଲି ତନାଘନା ଜାରି ରଖିଛନ୍ତି। ଦିଲ୍ଲୀରେ ଏବେ ଜୀବନଯାତ୍ରା ସ୍ୱାଭାବିକ ହେବାରେ ଲାଗିଛି। ଏହାସହ ଷଡ଼ଯନ୍ତ୍ରକୁ ନେଇ ଅନେକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ବିଶ୍ୱାସଘାତକଙ୍କୁ ଗୁଳି ମାର ବୋଲି ସିଏଏ ବିପକ୍ଷବାଦୀଙ୍କ ବିରୋଧରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଦୃଢ଼ ଭାବେ ଓକିଲାତି କରିଥିଲେ। କୋଲକାତାରେ ସିଏଏ ସପକ୍ଷରେ ଆୟୋଜିତ ସଭାରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଭାଷଣ ଦେଉଥିବାବେଳେ 'ଗୋଲି ମାରୋ' ସ୍ଲୋଗାନ ଶୁଣିବାକୁ ମିଳିଛି। ସୋମବାର ଆରମ୍ଭ ହେବାକୁ ଥିବା ପାର୍ଲାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନରେ ଶାହାଙ୍କ ଇସ୍ତଫା ଦାବି ଜୋର୍ ଧରିବା ସାଙ୍ଗକୁ ଦିଲ୍ଲୀ ଦଙ୍ଗା ପ୍ରମୁଖ ପ୍ରସଙ୍ଗ ହେବ ବୋଲି ବିରୋଧୀ ସୂତ୍ରରୁ ଜଣାପଡ଼ିଛି। ଆଧ୍ୟାତ୍ମିକ ଗୁରୁ ତଥା ଆର୍ଟ ଅଫ୍ ଲିଭିଙ୍ଗ ପ୍ରତଷ୍ଠାତା ଶ୍ରୀଶ୍ରୀ ରବିଶଙ୍କର ଉତ୍ତର-ପୂର୍ବ ଦିଲ୍ଲୀର ଦଙ୍ଗା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ପୀଡ଼ିତମାନଙ୍କୁ ଭେଟିଛନ୍ତି। ହିଂସା ଭିଆଉଥିବା ଅପରାଧୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ ବୋଲି ସେ କହିଛନ୍ତି।



ଉତ୍ତର-ପୂର୍ବ ଦିଲ୍ଲୀ ଦଙ୍ଗା ପ୍ରଭାବିତ ଭଜନପୁରା ଏରିଆରେ ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କର।

**ଦିଲ୍ଲୀ ଦଙ୍ଗା**
- ୪୭ ଛୁଇଁଲା ମୃତ୍ୟୁସଂଖ୍ୟା
- ଡ୍ରେନ୍‌ରୁ ମିଳିଲା ଆଉ ୪ ମୃତଦେହ
- ୨୫୪ ଏଫ୍‌ଆଇଆର୍, ଧରାପଡ଼ିଲେଣି ୯୦୩ ଜଣ
- ଶ୍ରୀ ଶ୍ରୀ ରବିଶଙ୍କର ବୁଲିଲେ ପ୍ରଭାବିତ ଅଞ୍ଚଳ
- ଶାହାଙ୍କ କୋଲକାତା ରାଲିରେ ଗୋଲି ମାରୋ ସ୍ଲୋଗାନ

## ସେନା ହେଲିକପ୍ଟର ନିର୍ମାଣ କରିବ ହାଲ୍

**ନୂଆଦିଲ୍ଲୀ,୧।୩(ପି.ଟି.)**



ହିନ୍ଦୁସ୍ତାନ ଏରୋନଟିକ୍ସ ଲିଃ (ହାଲ୍) ସୈନ୍ୟବାହିନୀ ପାଇଁ ୧୦ରୁ ୧୨ ଟନ୍ ଓଜନ ବିଶିଷ୍ଟ ଲଢୁଆ ହେଲିକପ୍ଟର ନିର୍ମାଣ କରିବ। ଏହା ବିଶ୍ୱ ସ୍ତରରେ ବୋଇଂ କମ୍ପାନୀର ଆପାଚେ ଭଳି ମଧ୍ୟମ ଓଜନଦାର ସାମରିକ ହେଲିକପ୍ଟର ହେବ। ଏଥିପାଇଁ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇଛି ଓ ୨୦୨୭ ସୁଦ୍ଧା ହେଲିକପ୍ଟର ନିର୍ମାଣ ଲାଗି ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ୩ ବାହିନୀ ପାଇଁ ଆଗାମୀ ବର୍ଷରେ ୪ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସାମରିକ ହେଲିକପ୍ଟର ଆମଦାନୀ କରିବାକୁ ଥିବାବେଳେ ଏହାକୁ ରୋକିବା ଏହି ମେଗା ପ୍ରକଳ୍ପର ଉଦ୍ଦେଶ୍ୟ ବୋଲି ହାଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଆର୍. ମାଧବନ କହିଛନ୍ତି। ହେଲିକପ୍ଟରର ପ୍ରାରମ୍ଭିକ ଡିଜାଇନ ଚୂଡ଼ାନ୍ତ ହୋଇଛି। ସରକାରଙ୍କଠାରୁ ସବୁଜ ସଙ୍କେତ ମିଳିଲେ ୨୦୨୩ ସୁଦ୍ଧା ପ୍ରଥମ ପ୍ରୋଟୋଟାଇପ୍‌ର ଅନ୍ୟୁନ ୫୦୦ ୟୁନିଟ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି।

## ଦୁଇ ମାଲ୍‌ବାହୀ ଟ୍ରେନ୍ ଧକ୍କାରେ ୩ ମୃତ



**ସିଙ୍ଗ୍ରାଉଲି,୧।୩(ପି.ଟି.)**

ମଧ୍ୟପ୍ରଦେଶର ସିଙ୍ଗ୍ରାଉଲି ଜିଲାରେ ରବିବାର ଭୋର ସମୟରେ ଦୁଇଟି ମାଲ୍‌ବାହୀ ଟ୍ରେନ୍ ମଧ୍ୟରେ ଧକ୍କା ହେବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ଆମ୍‌ଲୋରି ଖଣିରୁ କୋଇଲା ନେଇ ଉତ୍ତରପ୍ରଦେଶ ଯାଉଥିବା ଟ୍ରେନ୍‌ଟି ଘନହରି ଗ୍ରାମ ନିକଟରେ ଏକ ଖାଲି ଟ୍ରେନ୍‌କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଗୋଟିଏ ଟ୍ରେନ୍‌ର ୧୩ଟି ୱାଗନ ଓ ଗୋଟିଏ ଇଞ୍ଜିନ ଲାଇନଚ୍ୟୁତ ହୋଇଛି। ମୃତ ୩ ଜଣଙ୍କୁ ଚିହ୍ନଟ କରାଯାଇପାରିନାହିଁ। ସେମାନେ ଟ୍ରେନ୍‌ର ଦୁଇ ଡ୍ରାଇଭର ଓ ଜଣେ ପଏଣ୍ଟସ୍ ମ୍ୟାନ ହୋଇଥିବା ପ୍ରାଥମିକ ସୂଚନାରୁ ଜଣାପଡିଛି। ଯେଉଁ ରେଳଲାଇନରେ ଦୁର୍ଘଟଣା ଘଟିଛି, ତାହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଏନ୍‌ଟିପିସି ନେଇଥିଲା। ଡ୍ରାଇଭରଙ୍କ ତ୍ରୁଟି କିମ୍ବା ସିଗ୍‌ନାଲରେ ଭୁଲ୍ ଯୋଗୁ ଦୁର୍ଘଟଣା ହୋଇଥିବା ଅନୁମାନ କରାଯାଉଛି।

## ସାଉଥ୍ କରୋଲିନା ପ୍ରାଇମେରି ଜିତିଲେ ଜୋ ବିଡେନ

**କଲମ୍ବିଆ,୧।୩**



ଆଫ୍ରିକୀୟ ଆମେରିକୀୟମାନଙ୍କ ସମର୍ଥନ ବଳରେ ଆମେରିକାର ପୂର୍ବତନ ଉପରାଷ୍ଟ୍ରପତି ଜୋ ବିଡେନ ଶନିବାର ଅନୁଷ୍ଠିତ ସାଉଥ କରୋଲିନା ଡେମୋକ୍ରାଟିକ୍ ପ୍ରାଇମେରିକୁ ସହଜରେ ଜିତିଯାଇଛନ୍ତି। ଫଳରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ତଥା ଦଳର ଅନ୍ୟତମ ଆଶାୟୀ ବର୍ନି ସାଣ୍ଡର୍ସଙ୍କ ବିଜୟ ଧାରାରେ ରୋକ୍ ଲାଗିଛି। ଏହି ବିଜୟ ବିଡେନଙ୍କ ପାଇଁ ଅତି ଜରୁରୀ ଥିଲା। ଏବେ ସୁପର ଟିଉଜ୍‌ଡେ ଉପରେ ସମସ୍ତଙ୍କ ନଜର ରହିଛି। ସାଉଥ କରୋଲିନା ବିଜୟ ତାଙ୍କୁ ସାଣ୍ଡର୍ସଙ୍କ ବିକଳ୍ପ ଭାବେ ପ୍ରତିଷ୍ଠିତ କରିବାକୁ ଯଥେଷ୍ଟ ହେବ ବୋଲି ବିଡେନ ଆଶା କରୁଛନ୍ତି। ବିଡେନଙ୍କର ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ହେଲେ ନ୍ୟୁୟର୍କ ସହରର ପୂର୍ବତନ ମେୟର ମାଇକ ବ୍ଲୁମବର୍ଗ। ବିଶ୍ୱର ଅନ୍ୟତମ ଧନୀ ବ୍ଲୁମ୍‌ବର୍ଗ ଭୋଟରଙ୍କୁ ପ୍ରଭାବିତ କରିବା ଲାଗି ୫୦ କୋଟି ଡଲାରରୁ ଅଧିକ ଖର୍ଚ୍ଚ କରିସାରିଲେଣି।

## ମେଘାଳୟ୍ ହିଂସା ମୃତ୍ୟୁସଂଖ୍ୟା ୩

**ଶିଲଂ,୧।୩(ପି.ଟି.):** ମେଘାଳୟର ପୂର୍ବ ଖାସି ପାର୍ବତ୍ୟାଞ୍ଚଳ ଜିଲାରେ ଆଦିବାସୀ-ଅଣଆଦିବାସୀ ସଂଘର୍ଷଜନିତ ମୃତ୍ୟୁସଂଖ୍ୟା ରବିବାର ୩ରେ ପହଞ୍ଚିଛି। ଶନିବାର ଦୁଇଜଣଙ୍କ ମୃତ୍ୟୁ ଘଟିଥିବାବେଳେ ରବିବାର ସକାଳେ ୩ ଜଣ ଦୁର୍ବୃତ୍ତ ଜଣେ ଯୁବକଙ୍କୁ ହତ୍ୟା କରିଛନ୍ତି। ଏହି ଘଟଣାରେ କାହାକୁ ଗିରଫ କରାଯାଇନାହିଁ। ହିଂସା ପରେ ଲାଗୁ ହୋଇଥିବା ରାତ୍ରିକାଳୀନ କର୍ଫ୍ୟୁକୁ ରବିବାର ସକାଳେ ଉଠାଇ ଦିଆଯାଇଥିବାବେଳେ ଲୁମ୍‌ଡିଏଙ୍ଗ୍ରୀ, ସଦର ଥାନା ଓ କ୍ୟାଣ୍ଟନମେଣ୍ଟ ବିଟ୍ ହାଉସ୍ ଅଞ୍ଚଳରେ କର୍ଫ୍ୟୁ ବଳବତ୍ତର ରହିଛି। ତିନିଜଣଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଲାଗି ରହିଛି।

# ମୁହଁ ଖୋଲନ୍ତୁ ମୋଦି

**ହାଇଦ୍ରାବାଦ,୧।୩(ଆଇଏଏନ୍‌ଏସ୍)**


ଦିଲ୍ଲୀରେ ଘଟିଥିବା ହିଂସା ଏକ ସୁନିୟୋଜିତ ଗଣହତ୍ୟା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୀରବତା ଭଙ୍ଗ କରନ୍ତୁ। ସେ ନିଜ ସାମ୍ବିଧାନିକ ଦାୟିତ୍ୱ ତୁଲାଇ ଦୋଷୀଙ୍କୁ ଆଇନର କାଠଗଡ଼ାରେ ଛିଡ଼ା କରାନ୍ତୁ ବୋଲି ରବିବାର ଅଲ୍ ଇଣ୍ଡିଆ ମଜ୍‌ଲିସ-ଇ-ଇତ୍ତେହାଦୁଲ ମୁସଲିମିନ୍ (ଏଆଇଏମ୍‌ଆଇଏମ୍) ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି ଆହ୍ୱାନ ଦେଇଛନ୍ତି। ହଇଦ୍ରାବାଦରେ ଏଆଇଏମ୍‌ଆଇଏମ୍‌ର ୬୨ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଆୟୋଜିତ ଏକ ସଭାକୁ ସମ୍ବୋଧିତ କରି ସ୍ଥାନୀୟ ଏମ୍‌ପି ଓୱାଇସି କହିଛନ୍ତି, ମୁସଲମାନମାନଙ୍କ ବିରୋଧରେ ଏକ 'ଘୃଣାର ଝଡ଼' ସୃଷ୍ଟି କରାଯାଇଛି। ଏହା ଦେଶ ପାଇଁ ଶୁଭଙ୍କର ନୁହେଁ। ଦିଲ୍ଲୀରେ ଘଟିଥିବା ହିଂସା ଏକ ନିୟୋଜିତ ଆକ୍ରମଣ। ଏହାର ଉତ୍ତରଦାୟିତ୍ୱ କେନ୍ଦ୍ରର ଭାଜପା ସରକାରଙ୍କର। ତେବେ ଅନ୍ୟ ସମୁଦାୟର ଲୋକଙ୍କୁ ବଞ୍ଚାଇବା ପାଇଁ ନିଜ ଜୀବନକୁ ବିପଦ ଭିତରକୁ ଠେଲି ଦେଇଥିବା ଲୋକେ ଅନ୍ଧକାରରେ ଆଶାର କିରଣ ବୋଲି ସେ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ୨୦୦୨ ଗୁଜରାଟ ଗଣହତ୍ୟାରୁ ଶିକ୍ଷାଲାଭ କରିବେ ବୋଲି ସେ ମନେକରୁଥିଲେ। ହେଲେ ସେପରି କିଛି ଦେଖିବାକୁ ମିଳିଲାନାହିଁ। ବିଗତ ସାଢ଼େ ୫ ବର୍ଷରେ ମୁସଲିମ୍ ସମ୍ପ୍ରଦାୟ ବିରୋଧରେ ଦେଶରେ ଘୃଣା ବିସ୍ତାର ଲାଭ କରିଛି। ହିଂସାରେ ପ୍ରାଣ ହରାଇଥିବା ଉଭୟ ସମ୍ପ୍ରଦାୟର ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ମୁହଁ ଖୋଲିବା ଉଚିତ ବୋଲି ଓୱାଇସି କହିଛନ୍ତି।



**ଦିଲ୍ଲୀ ଦଙ୍ଗା ପ୍ରାୟୋଜିତ ଗଣହତ୍ୟା: ଓୱାଇସି**

## ୬ ମାସର ଶିଶୁକନ୍ୟାକୁ ପିଟି ମାରିଦେଲେ ମାଆ

**ଆଗ୍ରା,୧।୩:** ଉତ୍ତରପ୍ରଦେଶ ଆଲିଗଡ଼ ଜିଲା ଅଧୀନ ରାମପୁସ୍ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ହୋଲି ପାଇଁ ନୂଆ ପୋଷାକ ଆଣିବାକୁ ସ୍ୱାମୀ ମନା କରିବାରୁ ଏଥିରେ ଉତ୍କ୍ଷିପ୍ତ ହୋଇ ପିଙ୍କି ଶର୍ମା ନାମ୍ନୀ ମହିଳା ତାଙ୍କ ୬ ମାସର ଶିଶୁକନ୍ୟାକୁ ପିଟି ହତ୍ୟା କରିଛନ୍ତି। ପୋଲିସ ପିଙ୍କିଙ୍କୁ ଗିରଫ କରିଛି। ଶନିବାର ସନ୍ଧ୍ୟାରେ ପିଙ୍କି ତାଙ୍କ ପାଇଁ ଓ ଝିଅ ପାଇଁ ନୂଆ ପୋଷାକ ଆଣିବା ଲାଗି ସ୍ୱାମୀ ରାହୁଲଙ୍କୁ କହିଥିଲେ। ସେ ମନା କରିବାରୁ ଏହାକୁ ନେଇ ଦୁଇଜଣଙ୍କ ମଧ୍ୟରେ ବଚସା ହୋଇଥିଲା। ପିଙ୍କି ରାଗିଯାଇ ଝିଅକୁ ବାରମ୍ବାର ପିଟିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଝିଅକୁ ମାରିବା ତାଙ୍କର ଉଦ୍ଦେଶ୍ୟ ନ ଥିଲା ବୋଲି ପିଙ୍କି ପୋଲିସକୁ କହିଛନ୍ତି। ତାଙ୍କ ବିରୋଧରେ ଆଇପିସିର ଧାରା ୩୦୨ରେ ମାମଲା ରୁଜୁ ହୋଇଛି।





ରବିବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗୋଟିଏ ଦୁଇଟି ସ୍ଥାନରେ କାଁଭାଁ ବର୍ଷା ସତ୍ତ୍ୱେ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୧୯ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୪ | ୧୭.୫ |
| ଚାନ୍ଦବାଲି | ୩୧.୭ | ୧୮.୯ |
| କଟକ | ୩୨.୦ | ୧୭.୦ |
| ପାରାଦ୍ୱୀପ | ୨୯.୦ | ୧୯.୬ |
| ଭୁବନେଶ୍ୱର | ୩୨.୫ | ୧୮.୩ |
| ଗୋପାଳପୁର | ୩୦.୫ | ୧୯.୩ |
| ପୁରୀ | ୩୦.୬ | ୨୦.୪ |
| ଅନୁଗୋଳ | ୩୨.୧ | ୧୨.୬ |
| ବାରିପଦା | ୩୨.୫ | ୧୮.୦ |
| ଝାରସୁଗୁଡ଼ା | ୩୨.୬ | ୧୫.୮ |
| କେନ୍ଦୁଝର | ୩୦.୦ | ୧୫.୪ |
| ସମ୍ବଲପୁର | ୩୧.୯ | ୧୫.୬ |
| ସୁନ୍ଦରଗଡ଼ | ୩୦.୦ | ୧୩.୦ |
| ହୀରାକୁଦ | ୩୧.୧ | ୧୬.୪ |
| ତାଳଚେର | ୩୩.୧ | ୧୫.୫ |
| ଭବାନୀପାଟଣା | ୩୧.୫ | ୧୭.୨ |
| ବଲାଙ୍ଗୀର | ୩୨.୨ | ୧୬.୬ |
| କୋରାପୁଟ | ୨୯.୮ | ୧୫.୦ |
| ଫୁଲବାଣୀ | ୨୯.୪ | ୧୩.୦ |
| ଟିଟିଲାଗଡ଼ | ୩୨.୪ | ୧୪.୬ |
| ମାଲକାନଗିରି | ୩୫.୨ | ୧୫.୬ |
| ସୋନପୁର | ୩୧.୨ | ୧୨.୬ |
| ଦାରିଙ୍ଗିବାଡ଼ି | ୨୮.୫ | ୧୧.୫ |

ଡିଗ୍ରୀ ସେଲ୍‌ସିୟସ୍

## ଇତିହାସର ଆଇନାରେ
### ମାର୍ଚ୍ଚ ୨ର ପ୍ରମୁଖ ଘଟଣା

୧୮୦୭ ମାର୍ଚ୍ଚ ୨ରେ ଆମେରିକା କଂଗ୍ରେସରେ କ୍ରୀତଦାସ ଆମଦାନି ରୋକିବା ଲାଗି ଏକ ଆଇନ ଗୃହୀତ ହୋଇଥିଲା। ଦାସତ୍ୱ ପ୍ରଥା ବନ୍ଦ କରିବା ଦିଗରେ ଏହା ଥିଲା ପ୍ରଥମ ବଡ଼ ପଦକ୍ଷେପ।


୧୯୯୧ ମାର୍ଚ୍ଚ ୨ରେ ଶ୍ରୀଲଙ୍କା ରାଜଧାନୀ କଲମ୍ବୋରେ ଏଲ୍‌ଟିଟିଇର କାର ବୋମା ବିସ୍ଫୋରଣରେ ଦେଶର ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ରଞ୍ଜନ ବିଜୟରତ୍ନେ ନିହତ ହୋଇଥିଲେ। ଏହି ବିସ୍ଫୋରଣରେ ତାଙ୍କର ୫ ଅଙ୍ଗରକ୍ଷୀଙ୍କ ସମେତ ୧୯ ଜଣଙ୍କ ମୃତ୍ୟୁ ଘଟିଥିଲା। ଜେନେରାଲ ବିଜୟରତ୍ନେ ୧୯୮୯ରୁ ୧୯୯୧ ମାର୍ଚ୍ଚ ପର୍ଯ୍ୟନ୍ତ ପ୍ରେମଦାସାଙ୍କ କ୍ୟାବିନେଟରେ ବହିର୍ବ୍ୟାପାର ମନ୍ତ୍ରୀ ଓ ପରେ ବନୀକରଣ ଶିଳ୍ପମନ୍ତ୍ରୀ ଥିଲେ। ଏଥିସହିତ ସେ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ଭାବେ କାମ କରୁଥିଲେ। ଏଲ୍‌ଟିଟିଇ ପ୍ରତି କଠୋର ଆଭିମୁଖ୍ୟ ରଖୁଥିବାରୁ ତାଙ୍କୁ ଟାର୍ଗେଟ କରାଯାଇଥିଲା।

# ସିଏଏକୁ ରୋକିପାରିବେନି ଦିଦି

**କୋଲକାତା,୧।୩(ପି.ଟି.)**

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ରୋକି ପାରିବେନି। ଶରଣାର୍ଥୀମାନଙ୍କୁ ଭାରତର ନାଗରିକତ୍ୱ ଦେବାରେ ସେ କେନ୍ଦ୍ର ସରକାରଙ୍କୁ ଅଟକାଇ ପାରିବେ ନାହିଁ ବୋଲି ରବିବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ହୁଙ୍କାର ଦେଇଛନ୍ତି। ସିଏଏର ଦୃଢ଼ ବିରୋଧୀ ଭାବେ ଜଣାଶୁଣା ମମତା ପଶ୍ଚିମବଙ୍ଗରେ ଏହାକୁ ଆଦୌ ଲାଗୁ କରିବାକୁ ଦିଆଯିବ ନାହିଁ ବୋଲି ବାରମ୍ବାର ଗର୍ଜନ କରୁଥିବାବେଳେ ତାଙ୍କୁ ଏଭଳି ଜବାବ ଦେଇଛନ୍ତି ଶାହା।

କୋଲକାତାରେ ସିଏଏ ସପକ୍ଷରେ ଆୟୋଜିତ ଏକ ସଭାକୁ ସମ୍ବୋଧନ କରି ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି, ବିରୋଧୀ ଦଳଗୁଡ଼ିକ ଶରଣାର୍ଥୀମାନଙ୍କୁ ନାଗରିକତ୍ୱ ପ୍ରଦାନ ପାଇଁ ଉଦ୍ଦିଷ୍ଟ ନବପ୍ରଣୀତ ଆଇନକୁ ନେଇ ମିଥ୍ୟା ଧାରଣା ସୃଷ୍ଟି କରି ଭୟଭୀତ କରାଉଛନ୍ତି। ଏହି ଆଇନକୁ ନେଇ ମମତା ନିଜ ରାଜ୍ୟରେ ଦଙ୍ଗାକୁ ଅନୁମତି ଦେଉଛନ୍ତି। ଏଠାରେ ଟ୍ରେନ୍ ଓ ରେଳ ଷ୍ଟେଶନଗୁଡ଼ିକୁ ଜାଳି ଦିଆଯାଉଛି। ମମତା ଦିଦି ବିରୋଧୀ ଦଳରେ ଥିବାବେଳେ ଶରଣାର୍ଥୀଙ୍କୁ ନାଗରିକତ୍ୱ ପ୍ରଦାନ ପ୍ରସଙ୍ଗ ଉଠାଇଥିଲେ। ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗର ଲକ୍ଷ ଲକ୍ଷ ଶରଣାର୍ଥୀଙ୍କୁ ନାଗରିକତ୍ୱ ଦେବା ଲାଗି ଆଇନ ଆଣିଥିବାବେଳେ ମମତା ଏହାକୁ ବିରୋଧ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏବେ ସେ କଂଗ୍ରେସ ଓ କମ୍ୟୁନିଷ୍ଟମାନଙ୍କ ସହ ପୁଣି ଛିଡ଼ା ହୋଇଛନ୍ତି ବୋଲି ଶାହା ସମାଲୋଚନା କରିଛନ୍ତି।



**ମମତାଙ୍କ ଗଡ଼ରେ ଶାହାଙ୍କ ଗର୍ଜନ**

ଯେଉଁ ଘରେ ସୁଲକ୍ଷଣା ନାରୀ ବାସ କରେ, ସେହି ଘରେ ଲକ୍ଷ୍ମୀ ରହନ୍ତି।
କୋଟି କୋଟି ଦେବତା ମଧ୍ୟ ସେହି ଘରକୁ ତ୍ୟାଗ କରନ୍ତି ନାହିଁ।
- ମହର୍ଷି ଗର୍ଗ



# ଜାଭିୟର, ବିଦ୍ୟା ଡିଗ୍ରୀ କଲେଜକୁ ଜବାବ ତଲବ

ଯାଜପୁର ଅଫିସ,୧।୩

ଘରୋଇ ଆବାସିକ ଡିଗ୍ରୀ କଲେଜ ଛାତ୍ରୀଛାତ୍ରଙ୍କ ପିଛା ବେଆଇନଭାବେ ଅତ୍ୟଧିକ ଫି' ଆଦାୟ କରୁଥିବା ନେଇ ଜାତୀୟ ମାନବାଧିକାର କମିଶନ (ଏନଏଚଆରସି)ରେ ମାମଲା ରୁଜୁ ହୋଇଛି। ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ (ଆରଡିଇ) ପକ୍ଷରୁ ଏନେଇ ସମ୍ପୃକ୍ତ କଲେଜଗୁଡ଼ିକୁ ୨୬।୧୧।୨୦୧୯ରୁ ଏଯାଏ ୫ଥର ଜବାବ ତଲବ କରାଯାଇଛି। ହେଲେ ଏଯାଏଁ ଅଭିଯୋଗରେ ସମ୍ପୃକ୍ତ କୌଣସି କଲେଜ ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିବାରୁ ଆରଡିଇର ନିର୍ଦ୍ଦେଶକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏନେଇ ସେ ପତ୍ରସଂଖ୍ୟା ୨୨୩୫/୮।୨।୨୦୨୦ରେ ଆସନ୍ତା ୪।୩।୨୦୨୦ ଅପରାହ୍ନ ୩ଟା ସୁଦ୍ଧା ବିଭାଗୀୟ ଇ-ମେଲରେ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ ପୁଣିଥରେ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ନିର୍ଦ୍ଦେଶକୁ ଅତି ଗୁରୁତରଭାବେ ଗ୍ରହଣ କରିବା ସହ କାଗଜପତ୍ର ଦାଖଲରେ ବିଫଳ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆରଡିଇ ନିର୍ଦ୍ଦେଶକ ଚେତାବନୀ ଦେଇଛନ୍ତି। ଏହିକ୍ରମରେ ଯାଜପୁରରୋଡ ଜାଭିୟର ଡିଗ୍ରୀ କଲେଜ ଓ କୋରେଇ ବ୍ଲକ ପଥରପଦା ବିଦ୍ୟା ଡିଗ୍ରୀ କଲେଜ ମଧ୍ୟ ବେଆଇନ ଫି' ଆଦାୟ ତାଲିକାରେ ରହିଛି।

ସେଲ୍ଫ ଫାଇନାନ୍ସିଂ ସ୍କିମ ନାମରେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷାର ବ୍ୟବସାୟୀକରଣ ଅଣାୟତ୍ତ ହୋଇଛି। ଉନ୍ନତମାନର ଭିତ୍ତିଭୂମି ଓ ଗୁଣ ମାନ ଶିକ୍ଷା ନାମରେ କେତେକ ଘରୋଇ କଲେଜ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଆକର୍ଷିତ କରିପାରିଛି। ଏପରିକି ଅନେକ ଘରୋଇ କଲେଜର ଆବଶ୍ୟକ ଭିତ୍ତିଭୂମି ଅଭାବ ସତ୍ତ୍ୱେ ସେମାନଙ୍କୁ ସ୍ୱୀକୃତି ମିଳିଛି। ଏହିକ୍ରମରେ ସଂସ୍କୃତ ମହାବିଦ୍ୟାଳୟରୁ ଆରମ୍ଭ କରି ଆବାସିକ ଡିଗ୍ରୀ କଲେଜଗୁଡ଼ିକୁ ମଧ୍ୟ ଯାଜପୁର ଜିଲାରେ ଅହେତୁକ ଅନୁକମ୍ପା ଦିଆଯାଉଥିବା ଦେଖାଯାଇଛି। ସମସ୍ତ ସରକାରୀ ନୀତିନିୟମକୁ ଜଳାଞ୍ଜଳି ଦିଆଯାଇଥିଲେ ମଧ୍ୟ ସେହି କଲେଜଗୁଡ଼ିକୁ ଅନୁମତି ଦିଆଯାଇଛି। ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱରଙ୍କ ଅଧୀନରେ ଥିବା ଯାଜପୁର ଜିଲାରେ ୨୦ରୁ ଉର୍ଦ୍ଧ୍ୱ ବେସରକାରୀ ଅନୁଦାନପ୍ରାପ୍ତ ଯୁକ୍ତ ୩ କଲେଜ ରହିଛି। ଜିଲାର କୌଣସି ଘରୋଇ କଲେଜ ଓଡିଶା ଏଜୁକେସନ ଆକ୍ଟ ଆଣ୍ଡ ରୁଲ୍ସ ଅନୁସାରେ ଆବଶ୍ୟକ ମାନଦଣ୍ଡ ପୂରଣ କରିବାରେ ବିଫଳ ହୋଇଛନ୍ତି। କଲେଜର ବିଲଡିଂ, ଖେଳପଡ଼ିଆ, ଲ୍ୟାବ ଆଦି ଆନୁଷଙ୍ଗିକ ଭିତ୍ତିଭୂମି ପୂରଣ କରିବାକୁ ଛାତ୍ରୀଛାତ୍ରଙ୍କ ଉପରେ ବୋଝ ଲଦି ବେଆଇନ ଭାବେ ଫି' ଆଦାୟ କରାଯାଉଛି। ଛାତ୍ରୀଛାତ୍ର ପିଛା ବାର୍ଷିକ ଲକ୍ଷାଧିକ ଟଙ୍କା ଆଦାୟ ହେଉଥିବା ଅଭିଯୋଗ ହେଉଛି। ବିଦ୍ୟା ଡିଗ୍ରୀ କଲେଜରେ ୨୦୧୯-୨୦ ଶିକ୍ଷାବର୍ଷରେ କଳାରେ ୯୬, ଫିଜିକାଲ ସାଇନ୍ସରେ ୮୮ ଓ ବାୟୋଲୋଜିକାଲ ସାଇନ୍ସରେ ୪୦ଜଣ ଛାତ୍ରୀଛାତ୍ର ନାମ ଲେଖାଇଥିଲେ। ଏହି ଛାତ୍ରୀଛାତ୍ରଙ୍କଠାରୁ ଅତ୍ୟଧିକଭାବେ ବେଆଇନ ଫି' ଆଦାୟ ହୋଇଥିବା ଏନଏଚଆରସିରେ ଅଭିଯୋଗ ହୋଇଛି। ଏହି ଅଭିଯୋଗ ସଂକ୍ରାନ୍ତରେ ବିଦ୍ୟା ଡିଗ୍ରୀ କଲେଜର ଅଧ୍ୟକ୍ଷ ରଞ୍ଜିତ ନାଏକଙ୍କୁ ପଚାରିବାରେ, ଅଭିଯୋଗରେ କୌଣସି ସତ୍ୟତା ନାହିଁ। ଏହି କଲେଜରେ ଖାଇବା, ରହିବା, ପାଠ ପଢିବା ଆଦି ବାବଦକୁ ନିଆଯାଉଥିବା ଖର୍ଚ୍ଚ ବହୁତ କମ। ବାର୍ଷିକ ଛାତ୍ରୀଛାତ୍ର ପିଛା ମାତ୍ର ୬୦ହଜାର ଟଙ୍କା ନିଆଯାଉଛି। ଏପରିକି ଆରଡିଇରୁ କୌଣସି ପତ୍ର ସେ ପାଇ ନାହାନ୍ତି। ତଥାପି ଯେକୌଣସି ତଦନ୍ତ ପାଇଁ ସେମାନେ ପ୍ରସ୍ତୁତ ବୋଲି ସେ କହିଛନ୍ତି।

ସେହିପରି ଯାଜପୁରରୋଡ ଜାଭିୟର ଡିଗ୍ରୀ କଲେଜରେ ୨୦୧୯-୨୦ ଆର୍ଥିକ ବର୍ଷରେ ଫିଜିକାଲ ସାଇନ୍ସରେ ୧୦୮ ଓ ବାୟୋଲୋଜିକାଲ ସାଇନ୍ସରେ ୨୦ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଜାଭିୟର କଲେଜର ପ୍ରିନ୍ସିପାଲ ଅଶୋକ ସ୍ୱାଇଁଙ୍କୁ ପଚାରିବାରେ, ଚଳିତ ଶିକ୍ଷାବର୍ଷରେ କଲେଜକୁ ଅନୁମତି ମିଳିଛି। ଯେଉଁ ଅଭିଯୋଗ ହୋଇଛି ତାହା ସମ୍ପୂର୍ଣ୍ଣ ମିଥ୍ୟା। ଏଯାଏ ଆରଡିଇ ବିଭାଗରୁ ସେଭଳି କୌଣସି ପତ୍ର ସେ ପାଇନାହାନ୍ତି। ପତ୍ର ମିଳିବା ପରେ ଆବଶ୍ୟକ ଉତ୍ତର ଦିଆଯିବ ବୋଲି ସେ କହିଛନ୍ତି।

**ଘରୋଇ ଆବାସିକ ଡିଗ୍ରୀ କଲେଜରେ ବେଆଇନ ଫି' ଆଦାୟ**



- ୪ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ ନିର୍ଦ୍ଦେଶ
- ବିଫଳ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ
- ଆବଶ୍ୟକ ଭିତ୍ତିଭୂମି ନ ଥାଇ ମିଳୁଛି ଅନୁମତି

## ପପୁ ମେମୋରିଆଲ କ୍ରିକେଟ: ଯାଜପୁର ଚାମ୍ପିୟନ

ଧର୍ମଶାଳା,୧।୩(ଡିଏନଏ)

ଧର୍ମଶାଳା ବ୍ଲକ ଉତ୍ତରପ୍ରତାପ ପଞ୍ଚାୟତର ନୀଳକଣ୍ଠପୁର ପପୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚରେ ଆରସିସି କଟକକୁ ଇଲେଭେନ ଷ୍ଟାର ଯାଜପୁର ୧୬୬ ରନରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଟସ ଜିତି ଯାଜପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୩ ଉଇକେଟ ହରାଇ ୨୬୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରାଜା ଧଳ ୧୩୦ ରନ କରିଥିଲେ। ଜବାବରେ ଆରସିସି କଟକ ୧୫ ଓଭରରେ ୯୩ ରନ କରି ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ବିନାୟକ ସାହୁ ୪୨ ରନ ସଂଗ୍ରହ କରିଥିଲେ। ୟମ୍ୟାଚକୁ ଶିବବ୍ରତ ଶତପଥୀ ଓ ଜଗନ୍ନାଥ ଦାଶ ପରିଚାଳନା କରିଥିଲେ। ଏହି ଖେଳରେ ରାଜା ଧଳଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦଯାପନୀ ଉତ୍ସବରେ ଜିଲା ପରିଷଦ ସଭ୍ୟା ମମତା ଦଣ୍ଡପାଟ, ଯୁବନେତା ଗୌତମ ସାହୁ, ପୂର୍ବତନ ସରପଞ୍ଚ ସୁଧାଂଶୁ ସାହ ଓ ପ୍ରବୋଧ ମହାନ୍ତି ପ୍ରମୁଖ ଯୋଗଦେଇ ବିଜୟୀ ଟିମ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ବାଲି, ମୋରମ ବୋଝେଇ ୨ଟ୍ରକ ଜବତ



**ଚଣ୍ଡିଖୋଲ,୧।୩(ଡିଏନଏ):** ଦର୍ପଣ ତହସିଲ ଅଞ୍ଚଳରୁ ବେଆଇନ ବାଲି ଚୋରାଚାଲାଣ ହେଉଥିବା ଖବର ପ୍ରକାଶ ପାଇବା ପରେ ରବିବାର ୨ଟି ବାଲି ଓ ମୋରମ ବୋଝେଇ ଟ୍ରକକୁ ଜବତ କରାଯାଇଥିବା ଖବର। ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ଛକ ନିକଟରେ ମୋରମ ଓ ବାଲି ବୋଝେଇ ୨ଟି ଟ୍ରକ ଯାଉଥିବାବେଳେ ଆଇଡ଼ି ୨୨୨୫ ଓ ଓଡ଼ି୦୪ଡବ୍ଲୁ୦୨୦୪କୁ ତହସିଲଦାର ବରେନ୍ଦ୍ର ମହାନ୍ତି ଜବତ କରିଛନ୍ତି। ଜବତ ଗାଡ଼ି ୨ଟିକୁ ବାଲିଚନ୍ଦ୍ରପୁର ପୋଲିସକୁ ହସ୍ତାନ୍ତର କରାଯାଇଛି। ସୂଚନା ଯେ, ମାଙ୍କଡ଼ା ପାହାଡ଼ରୁ ବେଆଇନଭାବେ ମୋରମ ବୋଝେଇ କରି ଆସୁଥିବାବେଳେ ତହସିଲଦାର ଗାଡ଼ିକୁ ଅଟକାଇ କାଗଜପତ୍ର ମାଗିଥିଲେ। କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ମୋରମ ବୋଝେଇ ଟ୍ରକକୁ ଜବତ କରିବା ସହିତ ଏହା ପଛେପଛେ ଆସୁଥିବା ବେଆଇନ ବାଲି ବୋଝେଇ ହାଇୱା ଟ୍ରକକୁ ଜବତ କରିଥିଲେ।

### ବାଇକ୍, ଅଟୋ ଧକ୍କା: ୩ ଗୁରୁତର

**ଯାଜପୁରରୋଡ,୧।୩ (ଡି.ଏନ.ଏ.):** ଯାଜପୁରରୋଡ ଥାନା ଦାନଗଦି ବ୍ଲକର ମାର୍ଥାପୁର ନିକଟରେ ରବିବାର ପୂର୍ବାହ୍ନ ସାଢେ ୮ଟାରେ ଏକ ଅଟୋ ଏବଂ ବାଇକ ମଧ୍ୟରେ ଦୁର୍ଘଟଣା ଘଟିଛି। ଫଳରେ ବାଇକରେ ଥିବା ୩ ଜଣ ଗୁରୁତର ହୋଇଛନ୍ତି। ଆହତମାନେ ହେଲେ ମିର୍ଜାପୁର ଗ୍ରାମର ଚିତ୍ତରଞ୍ଜନ ପଣ୍ଡା (୩୫), ସିଙ୍ଗାପୁର ଗ୍ରାମର ପ୍ରତାପ ରାଉତ (୪୨) ଓ ରଞ୍ଜିତ ଦାସ (୨୮)। ସେମାନଙ୍କୁ ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଛି।

### ମା' ନନ୍ଦିକେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ଧର୍ମଶାଳା,୧।୩(ଡିଏନଏ):** ଧର୍ମଶାଳା ବ୍ଲକ ରଥିଆସ୍ଥିତ ମା' ନନ୍ଦିକେଶ୍ୱରୀ କ୍ରିକେଟ ଟିମ ଆନୁକୂଲ୍ୟରେ ଏକ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ୮ଟି ଦଳ ଅଂଶଗ୍ରହଣ କରିଥିବାବେଳେ ସେଥିରୁ ଥାନୁଆଳର ମା' ବୁଢି ଜାଗୁଲାଇ ଟିମ ଓ ଶ୍ରୀରାମପୁର କ୍ରିକେଟ ଟିମ ଫାଇନାଲକୁ ଉନ୍ନୀତ ହୋଇଥିଲା। ଶ୍ରୀରାମପୁର ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୭ ଉଇକେଟ ହରାଇ ୪୦ ରନ ସଂଗ୍ରହ କରିଥିଲା। ଜବାବରେ ଥାନୁଆଳ ୯.୨ ଓଭରରେ ୬ ଉଇକେଟ ହରାଇ ବିଜୟୀ ହୋଇଥିଲା। ଖେଳରେ ମ୍ୟାନ ଅଫ ଦି ମ୍ୟାଚ ଭାବରେ ସୁବ୍ରତ ଓ ମ୍ୟାନ ଅଫ ଦି ସିରିଜ ଭାବେ ପ୍ରଶାନ୍ତଙ୍କୁ କପ ପ୍ରଦାନ କରାଯାଇଥିଲା। ଉଦଯାପନୀ ସଭାରେ ଅଧାପକ ବିଜୟ କୁମାର ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ସଂଗ୍ରାମ ଜେନା, ମୁଖ୍ୟବକ୍ତା ଭାବେ ସମ୍ବଦ ସମ୍ପାଦକ ଅଖିଳ କୁମାର ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ଆଜିର ଆହ୍ୱାନ ସମ୍ପାଦକ ମାନସ ରଞ୍ଜନ ଜେନା ପ୍ରମୁଖ ଯୋଗଦେଇ ବିଜୟୀ ଓ ପରାଜିତ ଦଳକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ରଥିଆ ଗ୍ରାମର ଯୁବକ ଓ କ୍ରିକେଟ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ। ପ୍ରଶାନ୍ତ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ।

### ଦ୍ୱିତୀୟ ଦିବସରେ ଆଲ୍‌ମି ଇଜ୍‌ତମା

**ରସୁଲପୁର,୧।୩(ଡିଏନଏ):** ରସୁଲପୁର ଅନ୍ତର୍ଗତ ବ୍ରହ୍ମବରଦାରେ ବିଶ୍ୱ ମୁସଲିମ୍ ଧର୍ମ ସମ୍ମିଳନୀର ରବିବାର ଦ୍ୱିତୀୟ ଦିବସରେ ବି ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି। ୩ଦିନ ଧରି ଏହି ସମ୍ମିଳନୀ ଚାଲିବ। ପ୍ରତ୍ୟେହ ସମ୍ମିଳନୀ ସ୍ଥଳକୁ ଭକ୍ତ, ବହୁ ପ୍ରଶାସନିକ ଅଧିକାରୀଙ୍କର ମଧ୍ୟ ସୁଅ ଛୁଟୁଛି। କାର୍ଯ୍ୟକ୍ରମକୁ ଶାନ୍ତିର ସହ ଶେଷ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି। ବିଭିନ୍ନ ଦଳର ରାଜନେତା ଭୋଟରମାନଙ୍କୁ ଭେଟି ସର୍ବ ଧର୍ମପ୍ରତି ରହିଥିବା ସମ୍ମାନର ସୂଚନା ଦେଇଛନ୍ତି। ସମ୍ମିଳନୀ ଅବସରରେ ବହୁ ପୁରୁଣା ବନ୍ଧୁଙ୍କୁ ସାକ୍ଷାତ କରିବାର ସୁଯୋଗ ବି ସୃଷ୍ଟି ହୋଇଛି। ସବୁ ଭକ୍ତ ସମ୍ମିଳନୀ ସ୍ଥଳରେ ଏକତ୍ରିତ ହୋଇ ନାମଜ ପାଠ କରୁଛନ୍ତି। ଏହି ଉତ୍ସବ ସମଗ୍ର ରାଜ୍ୟ ବିଶେଷକରି ବ୍ରହ୍ମବରଦା ଅଞ୍ଚଳ ପାଇଁ ମହୋତ୍ସବର ମାହୋଲ ସୃଷ୍ଟି କରିଥିବା ଦେଖାଯାଇଛି।

## ରଫାଦଫା ପାଇଁ ଚାଲିଛି କସରତ

ରସୁଲପୁର,୧।୩(ଡିଏନଏ)

**ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ମାମଲା**

- ପିଡିତାଙ୍କ ବୟାନ ଓ ଡାକ୍ତରୀ ରିପୋର୍ଟ ଉପରେ ନଜର

ରସୁଲପୁର ବ୍ଲକ ଅଞ୍ଚଳର ଜଣେ ଆଦିବାସୀ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ବ୍ଲକ ଯୁବ ବିଜେଡି ସଭାପତି ସୁବାସ ଖୁଣ୍ଟିଆଙ୍କୁ ଏବେ ବିଚାର ବିଭାଗୀୟ ହାଜତରେ ରଖାଯାଇଛି। ଏହି ଘଟଣା ଦଳ ପାଇଁ ଅଡୁଆ ବଢାଇ ଦେଇଛି। ଥାନାସ୍ତରରେ ମାମଲାଟି ରଫାଦଫା ହୋଇ ନ ପାରିବାରୁ ଦଳୀୟ କର୍ମୀ ଓ ଅଭିଯୁକ୍ତଙ୍କ ନିକଟତମ ଲୋକଙ୍କ ମଧ୍ୟରେ ବ୍ୟସ୍ତତା ବଢିଯାଇଛି। ଏବେ ପିଡିତା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା ରିପୋର୍ଟ ଉପରେ ସମସ୍ତଙ୍କ ନଜର ରହିଛି। ସୂଚନା ଥାଉକି, ଶୁକ୍ରବାର କୁଆଖିଆ ଥାନାରେ ଘଟଣା ସମ୍ପର୍କରେ ନାବାଳିକାଙ୍କ ବାପା ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଥାନାସ୍ତରରେ ରଫାଦଫା କରିବା ପାଇଁ ଜୋରଦାର ପ୍ରୟାସ କରାଯାଇଥିଲା। ମାତ୍ର ଗଣମାଧ୍ୟମ ପ୍ରତିନିଧି ଥାନାରେ ପହଞ୍ଚି ଯିବାରୁ ପୋଲିସ ପାଇଁ ଅଡୁଆ ପରିସ୍ଥିତି ଉପୁଜିଥିଲା। ଏହାପରେ ପୋଲିସ ଏକ ମାମଲା (ନଂ-୬୮/୨୦) ରୁଜୁ କରିଥିଲା। ସେହିଦିନ ତଦନ୍ତ ଦାୟିତ୍ୱ କୁଆଖିଆ ଥାନାର ସବ ଇନ୍ସପେକ୍ଟର ଅନିତା ପ୍ରଧାନଙ୍କୁ ଦିଆଯାଇଥିଲା। ମାତ୍ର ପରଦିନ ସକାଳୁ ନାବାଳିକା ଜଣକ ଅନୁସୂଚିତ ଜାତିର ବୋଲି ଜଣାପଡିବା ପରେ କେସ୍‌ର ଦଫା ବଦଳିବା ସହ ତଦନ୍ତ ଦାୟିତ୍ୱ ଡିଏସପି ଚିନ୍ମୟ କୁମାର ନାୟକ ନେଇଥିଲେ। ଏହାପରେ ଥାନାରେ ସ୍ଥାନୀୟ ଲୋକ ଓ ବିଜେଡି ଦଳର ଛାମୁଆ ନେତାଙ୍କ ଭିଡ଼ ଜମିବାକୁ ଲାଗିଥିଲା। ଥାନା ସମ୍ମୁଖରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା କରି ପୋଲିସ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରିବା ଆଳରେ ଥାନା ଅଞ୍ଚଳରୁ ଖସାଇ ଦେଇ ଯାଜପୁରକୁ ପଠାଇ ଦେଇଥିଲା। ସେଠାରେ ଅଭିଯୁକ୍ତଙ୍କୁ ଦୀର୍ଘ ସମୟ ଧରି ଏକ ଅଜ୍ଞାତ ସ୍ଥାନରେ ରଖିବା ପରେ ଅପରାହ୍ନରେ ଡାକ୍ତରୀ ମାଇନା କରାଯାଇ କୋର୍ଟକୁ ପଠାଇ ଦିଆଯାଇଥିଲା। ଏହିସବୁ କାର୍ଯ୍ୟ ଅତ୍ୟନ୍ତ ଗୋପନୀୟରେ କରାଯାଇଥିଲା। ସବୁ ସୁଯୋଗ ହାତଛଡା ହୋଇଯିବା ପରେ ମାମଲା ରଫଦଫା କରିବା ପାଇଁ ଅନ୍ୟ ସମସ୍ତ ଉଦ୍ୟମ କରାଯାଉଥିବା ଚର୍ଚ୍ଚା ହେଉଛି। ମାତ୍ର ଅଭିଯୁକ୍ତଙ୍କ ସମର୍ଥକମାନେ ଏହାକୁ ଏକ ଷଡ଼ଯନ୍ତ୍ର ବୋଲି କହୁଛନ୍ତି।

## ଦ୍ୱିତୀୟ ହରେକୃଷ୍ଣ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ: ପଟୁଣିଆ ଚାମ୍ପିୟନ

ଧର୍ମଶାଳା,୧।୩(ଡିଏନ୍‌ଏ)

ଧର୍ମଶାଳା ବ୍ଲକ ଚୋରମୁହାଁ ଯୁଥକ୍ଲବ ଆନୁକୂଲ୍ୟରେ ଚୋରମୁହାଁସ୍ଥିତ ମଜହାର ପଡିଆରେ ଚାଲିଥିବା ୨ୟ ବାର୍ଷିକ ହରେକୃଷ୍ଣ ରାଉତ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଚୋରମୁହାଁକୁ ହରାଇ ଷ୍ଟାର ଆଣ୍ଡ ଷ୍ଟାର କ୍ଲବ ପଟୁଣିଆ ଚାମ୍ପିୟନ ହୋଇଛି। ପଟୁଣିଆ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୬ ଉଇକେଟ ହରାଇ ୨୮୯ ରନ ସଂଗ୍ରହ କରିଥିଲା। ଜବାବରେ ଚୋରମୁହାଁ ଟିମ ବ୍ୟାଟିଂ କରି ୧୮ ଓଭରରେ ୯ ଉଇକେଟ ହରାଇ ୧୫୯ ବିଜୟୀ ହୋଇଥିଲା। ଏହି ମ୍ୟାଚକୁ ରବୀନ୍ଦ୍ର ଦାସ ଓ ପ୍ରଦୀପ ଜେନା ପରିଚାଳନା କରିଥିଲେ। ଏହି ଟୁର୍ନାମେଣ୍ଟରେ ବିଜୟୀ ଦଳର ଜେ.ଖଟୁଆଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ବସନ୍ତ ମହାନ୍ତିଙ୍କୁ ମ୍ୟାନ ଅଫ ଦି ସିରିଜ ବିବେଚିତ କରାଯାଇଥିଲା। ଉଦଯାପନୀ ଉତ୍ସବରେ ମୁମ୍‌ତାଜ ଖାଁ ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ଚୋରମୁହାଁ ସରପଞ୍ଚ ସୁଚିସ୍ମିତା ସାମଲ ଓ ସମିତି ସଭ୍ୟା ଗୀତାଞ୍ଜଳି ପ୍ରଧାନ ଯୋଗ ଦେଇଥିଲେ। ସଭାପତି ପ୍ରଦ୍ୟୁମ୍ନ ମହାନ୍ତି ଅତିଥିଙ୍କୁ ସ୍ୱାଗତ କରିଥିଲେ। ବିଜୟୀ ଦଳକୁ ଅତିଥିମାନେ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିବାବେଳେ ଚୋରମୁହାଁ ଦଳକୁ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ। ସମ୍ପାଦକ ପ୍ରବୋଧ ପ୍ରାତ୍ର ଧନ୍ୟବାଦ ଦେଇଥିଲେ।

## କୁଆଖିଆରେ ଖୋଲିଲା ଗୋବିନ୍ଦ ଜୁଏଲର୍ସ ଶୋ-ରୁମ



ଅଭିନେତ୍ରୀ ଶିବାନୀ ଶୋ-ରୁମ୍‌କୁ ଉଦ୍‌ଘାଟନ କରୁଛନ୍ତି।

ରସୁଲପୁର,୧।୩(ଡିଏନଏ)

ରସୁଲପୁର ବ୍ଲକ କୁଆଖିଆ ବଜାରରେ ଗୋବିନ୍ଦ ଜୁଏଲର୍ସ ମେଗା ଶୋ-ରୁମ୍ ଉଦ୍‌ଘାଟିତ ହୋଇଯାଇଛି। ଓଲିଉଡ ସିନେ ତାରକା ଶିବାନୀ ସଂଗୀତା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଶୋ'ରୁମକୁ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସ୍ମିତିରଞ୍ଜନ ମହାନ୍ତି(ନଟିଆ), ସିନେ କଳାକାର ଅଶ୍ୱିନୀ ତ୍ରିପାଠୀ, ସଞ୍ଜୟ ମହାକୁଡ, ଯୁବନେତା ପୂର୍ଣ୍ଣଚନ୍ଦ୍ର ରାଉତ, ରୂପା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଦିନତମାମ ଶୋ-ରୁମ୍‌ରେ ଭିଡ ଲାଗିରହିଛି। ନୂତନଭାବେ ଖୋଲିଥିବା ଏହି ଦୋକାନ ମାଲିକ ଗୋବିନ୍ଦ ଚନ୍ଦ୍ର ସାହୁ ଓ ପୁଅ କୃଷ୍ଣଚନ୍ଦ୍ର ସାହୁଙ୍କ ପକ୍ଷରୁ ଗ୍ରାହକଙ୍କୁ ନାନା ସୁବିଧା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। ୧୦ ଗ୍ରାମ୍ ସୁନା ଗହଣା କ୍ରୟ କଲେ ସେମାନଙ୍କୁ ଏକ ରୂପା ମୁଦ୍ରା ମାଗଣାରେ ଦିଆଯିବ। ଏଥିସହ ପ୍ରତ୍ୟେକ ୧୦ହଜାର ଟଙ୍କାର ଗହଣା କିଣିଲେ ଗୋଟିଏ ଲଟେରୀ କୁପନ ମିଳିବ। ଲଟେରୀ ବିଜେତାଙ୍କ ପାଇଁ ବହୁ ଆକର୍ଷଣୀୟ ପୁରସ୍କାର ମଧ୍ୟ ରହିଛି। ଦୋକାନରେ ଆଶାତୀତ ବ୍ୟବସାୟ ହୋଇଛି ବୋଲି କୁହାଯାଉଛି। ଏହାଛଡା ଗ୍ରାହକଙ୍କୁ ବିଭିନ୍ନ ଉପହାର ଓ କିସମର ସୁନା, ରୁପା, ହୀରା ଗହଣା ଖୁସି ଆଣି ଦେଇଛି। ଗ୍ରାହକମାନେ ଶୋ-ରୁମ୍‌କୁ ବୁଲି ଦେଖିବା ସହ ସାଜସଜ୍ଜାକୁ ଦେଖି ଆନନ୍ଦିତ ହୋଇଛନ୍ତି।

## ମେସର୍ସ ପାର୍ବତୀ ଜୁଏଲର୍ସର ନୂତନ ଶୋ-ରୁମ ଉଦ୍‌ଘାଟିତ

ରସୁଲପୁର,୧।୩(ଡିଏନଏ)

ରସୁଲପୁର ବ୍ଲକ କୁଆଖିଆ ବଜାରରେ ମେସର୍ସ ପାର୍ବତୀ ଜୁଏଲର୍ସ (ବଙ୍ଗାଳି ଦାଦାଙ୍କ) ଶୋ-ରୁମ ମଧ୍ୟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ନିୟୁ ପାର୍ବତୀ ଜୁଏଲର୍ସ ସୁନା ବ୍ୟବସାୟରେ ପ୍ରତିଷ୍ଠା ଲାଭ କରିସାରିଛି ଓ ଏକ ପରିଚିତ ନାଁ ହୋଇଥିବାରୁ ଗ୍ରାହକଙ୍କୁ ଆକୃଷ୍ଟ କରିବାରେ ସକ୍ଷମ ହୋଇପାରିଛି। ନିୟୁ ପାର୍ବତୀ ଜୁଏଲର୍ସର ଉପର ମହଲାରେ ଏହି ମେସର୍ସ ପାର୍ବତୀ ଜୁଏଲର୍ସ ଶୋ-ରୁମ୍ ଖୋଲିଛି। ଏଠାରେ ପ୍ରତି ୫ହଜାର ଟଙ୍କାରେ ଏକ ଲଟେରି କୁପନ ଗ୍ରାହକଙ୍କୁ ମିଳୁଛି। ଏହାଛଡା ପ୍ରତ୍ୟେକ ସୁନାଗହଣା(୧୦ଗ୍ରାମ)ରେ ରୂପା ମୁଦ୍ରା ବି ମାଗଣାରେ ମିଳୁଛି। ଲଟେରୀ ପ୍ରାଇଜ୍ ଭାବରେ ଏକ କାର, ବୁଲେଟ୍, ସ୍କୁଟି ଭଳି ଆକର୍ଷଣୀୟ ପୁରସ୍କାର ମିଳିବାର ସୁଯୋଗ ସୃଷ୍ଟି କରିଛି। ପ୍ରତି ୫ହଜାରରେ ଗୋଟିଏ କୁପନ ମିଳୁଥିବାରୁ ଲଟେରୀ ଗ୍ରାହକଙ୍କ ସଂଖ୍ୟା ବହୁତ ବଢିଯିବାର ଆଶଙ୍କା କରାଯାଉଛି। ଶୋ-ରୁମ୍‌ରେ ବିଭିନ୍ନ କିସମର ଗହଣା ଉପଲବ୍ଧ ହେଉଥିବାରୁ ଗ୍ରାହକଙ୍କ ଭିଡ଼ ଜମିଛି। ଗ୍ରାହକଙ୍କୁ ଏହି ସୁବିଧା ମାସାଧିକ କାଳ ପର୍ଯ୍ୟନ୍ତ ପ୍ରଦାନ କରାଯିବ ବୋଲି ଦୋକାନ ମାଲିକ ସତ୍ୟନ୍ ରାଣା (ବଙ୍ଗାଳି ଦାଦା) ଓ ଆଦିତ୍ୟ ରାଣା ପ୍ରମୁଖ ପ୍ରକାଶ କରିଛନ୍ତି।

## ଯାଜପୁରରେ ଇଜ୍‌ତମା ଉଦ୍‌ଯାପିତ

ଯାଜପୁର ଟାଉନ,୧।୩(ଡିଏନଏ)

ଯାଜପୁର ସହର ବାଳାଶ୍ରମ ପଡ଼ିଆରେ ଚାଲିଥିବା ଅଲ୍ ଇଣ୍ଡିଆ ତବଲିଗ୍-ଇ-ସିରତ୍ ପକ୍ଷରୁ ସୁନ୍ନି ଇଜ୍‌ତମା ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଏହି ସୁନ୍ନି ଇଜ୍‌ତେମାରେ ସାରା ରାଜ୍ୟରୁ ୬୦ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇ ଇଜତମାକୁ ସଫଳ କରିଥିଲେ। ଉଦ୍‌ଯାପନୀ ଦିବସରେ ପ୍ରାତଃ ସମୟରୁ ପ୍ରଥମ କୋରାନ୍ ପାଠ କରାଯାଇ ଶ୍ରଦ୍ଧାଳୁଙ୍କୁ ଇସ୍‌ଲାମ ଧର୍ମ ବିଷୟରେ ସଚେତନ କରାଯାଇଥିଲା। ସର୍ବଭାରତୀୟ ସମ୍ମିଳନୀର ଉଦ୍‌ଯାପନୀ ଦିବସକୁ ମୌଲାନା ଇଲିୟାସ ଫୌଜି ପରିଚାଳନା କରିଥିଲେ। ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ବରେଲିରୁ ହଜରତ ସାହଜାଦେ ମନ୍ନାନୀ ମିଆଁଙ୍କ ସୁପୁତ୍ର ମୁଫ୍‌ତି ହଜରତ ସମ୍‌ନାନୀ ଯୋଗଦେଇ ହଜରତ ମହମ୍ମଦଙ୍କ ଜୀବନ ଶୈଳୀ ଓ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ। ସେହିପରି ଉତ୍ତର ପ୍ରଦେଶର ମୁଫ୍‌ତି ଅଖତର ହସନ୍ ଆଲମି, ମୁଫ୍‌ତି ସମସାଦ ଆଲମ୍, ମୁଫ୍‌ତି ଫୈଜାନୁଲ ମୁସ୍ତଫା ପ୍ରମୁଖ ଯୋଗ ଦେଇଥିଲେ। ମୌଲାନା ଅଫଜଲ, ସାହାନାୱାଜ ହସନ୍, ସାହିଦ୍ ରଜା ପ୍ରମୁଖ ମହମ୍ମଦଙ୍କ ଉପରେ ଧାର୍ମିକ ସାୟରି ପ୍ରକାଶ କରିଥିଲେ। ସମ୍ମିଳନୀରେ ଅନ୍ୟତମ ଅତିଥିଭାବେ ହବିବୁର ରହେମାନ(ମୋଜାହିଦ-ଏ-ମିଲ୍ଲତ)ଙ୍କ ନାତି ଗୋଲାମ୍ ମହମ୍ମଦ ହବିବି, ମୁଫ୍‌ତି ସାହିଦ୍ ଅଖତର, ମୁଫ୍‌ତି ଅବୁ-ୟୁସୁଫ୍ ମୁସଲମାନ ଧର୍ମ ଉପରେ ଆଧାରିତ ଜୀବନୀ ଶୈଳୀରେ ଚାଲିବା ପାଇଁ ଅନୁରୋଧ କରିଥିଲେ। ସର୍ବଶେଷରେ ସାହଜାଦେ ସାଜ୍‌ରୁ ସରିୟା ହଜୁର ମୋହାଦ୍ଦିଶ କବିର ତିନି ତଲାକ ଉପରେ ଆଲୋଚନା କରି ଅଧିକାଂଶ ତଲାକକୁ କିପରି ରୋକାଯାଇ ପାରିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ସନ୍ଧ୍ୟାରେ ନମାଜ ପାଠ ପରେ ସଲାମ୍ ଫେରିବା ସହିତ ଭଗବାନଙ୍କ ନିକଟରେ ପ୍ରାର୍ଥନା (ଦୁଆ) କରି ଇଜ୍‌ତମାକୁ ଉଦ୍‌ଯାପିତ କରିଥିଲେ। ଉଦ୍‌ଯାପନୀ ଦିବସରେ ବଡଚଣା ବିଧାୟକ ଅମର ପ୍ରସାଦ ଶତପଥି, ବରୀ ବିଧାୟିକା ସୁନନ୍ଦା ଦାସ ପ୍ରମୁଖ ଯୋଗଦେଇ ମୁସଲମାନ ଭାଇଙ୍କୁ ଏହି କାର୍ଯ୍ୟ ପାଇଁ ଶୁଭେଚ୍ଛା ଭାଇଚାରାକୁ ସୁଦୃଢ଼ ରଖି ଶାନ୍ତି ଓଡ଼ିଶା ପ୍ରତିଷ୍ଠା କରିବା ପ୍ରଧାନ ଲକ୍ଷ୍ୟ ହେଉ ବୋଲି ପ୍ରକାଶ କରିଥିଲେ। ଯାଜପୁର ଏସପି ଚରଣ ସିଂ ମୀନା ଦୀର୍ଘ ସମୟ ଧରି ଇଜତମା କୁ ଉପଭୋଗ କରିବା ସହ ଆଇନ ଶୃଙ୍ଖଳାକୁ ତଦାରଖ କରିଥିଲେ।

## ଚଣ୍ଡିଖୋଲରେ ଖୋଲିବ ଜେଏମ୍‌ଏଫ୍‌ସି, ଏଡିଜେ କୋର୍ଟ

ଚଣ୍ଡିଖୋଲ,୧।୩(ଡିଏନଏ)




ଚଣ୍ଡିଖୋଲ ସବଜଜ କୋର୍ଟ।

ଯାଜପୁର ଜିଲା ଚଣ୍ଡିଖୋଲରେ ଥିବା ସବ୍‌ଜଜ କୋର୍ଟର କଳେବର ବୃଦ୍ଧି କରାଯିବ। ଏକ ସଙ୍ଗେ ନୂତନଭାବେ ଅତିରିକ୍ତ ଜିଲା ଜଜ୍ (ଏଡିଜେ) କୋର୍ଟ ସହିତ ସ୍ୱତନ୍ତ୍ରଭାବେ ଏକ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ କୋର୍ଟ (ଜେଏମ୍‌ଏଫ୍‌ସି) ଖୋଲିବା ପାଇଁ ଓଡ଼ିଶା ହାଇକୋର୍ଟ ମଞ୍ଜୁରୀ ଦେଇଛନ୍ତି। ଗତ ୨୬ ତାରିଖ ହାଇକୋର୍ଟର କାର୍ଯ୍ୟ ନିର୍ବାହୀ ମୁଖ୍ୟ ବିଚାରପତି ସଞ୍ଜୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ପୂର୍ଣ୍ଣ ବେଞ୍ଚରେ ଏହା ଅନୁମୋଦନ ଲାଭ କରିଛି। ଏହି ଦୁଇ କୋର୍ଟ ଖୋଲିବା ପାଇଁ ଆବଶ୍ୟକ ପଦବୀ ମଞ୍ଜୁରୀ ସହିତ ଅର୍ଥ ବରାଦ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଜଣାପଡ଼ିବା ପରେ କାର୍ଯ୍ୟରତ ଆଇନଜୀବୀ ଓ ଜନସାଧାରଣଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଏହି ଅବସରରେ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନ ସଭାପତି ଜନ୍ ବେହେରା ଓ ସମ୍ପାଦକ ଉଦୟନାଥ ସାହୁଙ୍କ ସମେତ ସମସ୍ତ ଆଇନଜୀବୀ ବାର ଆସୋସିଏଶନ ଦାବିକୁ ଗ୍ରହଣ କରି ହାଇକୋର୍ଟ ଏହି ନିଷ୍ପତ୍ତି ନେଇଥିବାରୁ କାର୍ଯ୍ୟ ନିର୍ବାହୀ ମୁଖ୍ୟ ବିଚାରପତି କୁମାରୀ ପଣ୍ଡାଙ୍କ ସମେତ ଯାଜପୁର ଜିଲା ପାଇଁ ନିଯୁକ୍ତ ପୋର୍ଟଫୋଲିଓ ଜଜ୍ ବିଶ୍ୱଜିତ ମହାନ୍ତି, ହାଇକୋର୍ଟର ରେଜିଷ୍ଟ୍ରାର (ଆଡମିନିଷ୍ଟ୍ରେଶନ) ରାଜେନ୍ଦ୍ର କୁମାର ତୋଷ ଏବଂ ଯାଜପୁର ଜିଲା ଓ ଦୌରାଜଜ ବିରଞ୍ଚି ନାରାୟଣ ମିଶ୍ରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ୨୦୧୯ ଡିସେମ୍ବର ସୁଦ୍ଧା ଚଣ୍ଡିଖୋଲ ପ୍ରସ୍ତାବିତ ଏଡିଜେ କୋର୍ଟ ନିମନ୍ତେ ୮୧୭ଟି ଫୌଜଦାରୀ ଓ ଦେୱାନୀ ସହ ଜେଏମ୍‌ଏଫ୍‌ସି କୋର୍ଟ ନିମନ୍ତେ ୧୩,୨୮୯ଟି ଫୌଜଦାରୀ ମାମଲା ବିଚାର ପାଇଁ ପଡ଼ିରହିଛି। ସେଥିପାଇଁ ସେପ୍ଟେମ୍ବର ୩୦ରେ ବାର ଆସୋସିଏଶନ ପକ୍ଷରୁ ଏହି ଦୁଇ କୋର୍ଟ ପ୍ରତିଷ୍ଠା ନେଇ ଏକ ପ୍ରତୀକ ଆନ୍ଦୋଳନ କରାଯିବା ସହିତ ଗତବର୍ଷ ଅକ୍ଟୋବର ୧୪ରେ ଏନେଇ ଏକ ସଂକଳ୍ପ ପାରିତ ହୋଇ ତାହାକୁ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସମେତ ରାଜ୍ୟ ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀ, ବଡ଼ଚଣା ଓ ଧର୍ମଶାଳା ବିଧାୟକଙ୍କୁ ଅବଗତ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ୨୦୦୭ ଡିସେମ୍ବର ୬ରେ ଚଣ୍ଡିଖୋଲରେ ଏକ ଜେଏମ୍‌ଏଫ୍‌ସି କୋର୍ଟ ତଥା କନିଷ୍ଠ ଶ୍ରେଣୀ ସିଭିଲ ଜଜ କୋର୍ଟ ଖୋଲିବା ସହ ଚଣ୍ଡିଖୋଲ ରାଜ୍ୟ ବିଚାର ବିଭାଗୀୟ ମାନଚିତ୍ରରେ ସ୍ଥାନ ପାଇଥିଲା। ଏଠାରେ ଜଣେମାତ୍ର ବିଚାରପତି ନିଯୁକ୍ତ ହୋଇ ଅଦ୍ୟାବଧି ୨ଟିଯାକ କୋର୍ଟର କାର୍ଯ୍ୟଭାର ସମ୍ଭାଳି ଆସୁଥିବାରୁ ବିଚାର ପ୍ରକ୍ରିୟାରେ ବିଳମ୍ବ ହେଉଥିଲା। ସେହିପରି ୨୦୧୯ ଫେବୃୟାରୀ ୧୬ରେ ଏଠାରେ ଏକ ବରିଷ୍ଠ ଶ୍ରେଣୀ ସିଭିଲ ଜଜ୍ (ସବଜଜ୍) କୋର୍ଟ କାର୍ଯ୍ୟାରମ୍ଭ କରିଥିଲା। ଏହି ସବଜଜ୍‌କୁ ମଧ୍ୟ ସହକାରୀ ଦୌରାଜଜ୍‌ର କ୍ଷମତା ପ୍ରଦାନ କରାଯାଇଥିଲା। ଏସବୁ ସତ୍ତ୍ୱେ ଗୁରୁତ୍ୱପୂର୍ଣ୍ଣ ଫୌଜଦାରୀ ମମଲାଗୁଡିକରେ ପକ୍ଷ ଓ ଆଇନଜୀବୀଙ୍କୁ ମାମଲା ପରିଚାଳନା ପାଇଁ ଯାଜପୁର ଜିଲା ଅଦାଲତକୁ ଦୌଡ଼ିବାକୁ ପଡୁଥିଲା। ତେବେ ବର୍ତ୍ତମାନ ଏଥିରେ ଏଡିଜେ କୋର୍ଟ ଖୋଲିବା ନିମନ୍ତେ ହାଇକୋର୍ଟଙ୍କ ପକ୍ଷରୁ ସରକାରଙ୍କୁ ସୁପାରିଶ କରାଯାଇଥିବାରୁ ଏହି କୋର୍ଟ ଖୋଲିଗଲେ ଅନେକ ସମସ୍ୟାରୁ ଲୋକଙ୍କୁ ନିସ୍ତାର ମିଳିବା ସହିତ ଚଣ୍ଡିଖୋଲ ଏକ ପୂର୍ଣ୍ଣାଙ୍ଗ ନ୍ୟାୟିକ ସ୍ଥଳ ହୋଇପାରିବ ବୋଲି ଜଣାପଡ଼ିଛି।

# ଟଙ୍କା ଦେଇ ଭିଆଇପି

ହେମନ୍ତ ନାୟକ
ପୁରୀ ଅଫିସ, ୧।୩

## ଶ୍ରୀମନ୍ଦିରରେ ସହଜ ଦର୍ଶନର ନୂଆ ଉପାୟ

ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ପ୍ରତ୍ୟହ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଆସୁଛନ୍ତି। ଏମାନଙ୍କ ମଧ୍ୟରେ ଅନେକ ଭିଆଇପି ଏବଂ ଭିଭିଆଇପି ବି ରହୁଛନ୍ତି। ସେମାନଙ୍କୁ ସହଜରେ ଦର୍ଶନ ସୁବିଧା ଯୋଗାଇଦେବା ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। କୌଣସି ଭିଆଇପି ଆସିଲେ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଏବଂ ପୋଲିସ କର୍ମଚାରୀ ସେମାନଙ୍କୁ ନେଇ ମନ୍ଦିର ଭିତରେ ଦର୍ଶନ କରାଇଥାନ୍ତି। ଏଭଳି ବ୍ୟବସ୍ଥା କେତେଜଣ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ପାଇଁ ଉପଲବ୍ଧ ଥିବାବେଳେ ଏବେ ଶ୍ରୀମନ୍ଦିରରେ ଏହାର ଫାଇଦା ନେଉଛନ୍ତି କେତେଜଣ ସୁରକ୍ଷା କର୍ମୀ। ବ୍ୟକ୍ତିଗତ ଫାଇଦା ପାଇଁ ସାଧାରଣ ଦର୍ଶନାର୍ଥୀଙ୍କୁ ବି ସଜାଇ ଦେଉଛନ୍ତି ଭିଆଇପି। ସେମାନଙ୍କୁ ସାଙ୍ଗରେ ନେଇ ଭିତରେ ଦର୍ଶନ କରାଇ ହାତଚିକ୍କଣ କରୁଥିବା ଅଭିଯୋଗ ହେଉଛି। ଏପରି କି ଛୁଟି ଏବଂ ସ୍ୱତନ୍ତ୍ର ପର୍ବପର୍ବାଣି ଦିନରେ ଏହି ତଥାକଥିତ ଭିଆଇପିଙ୍କ ପାଇଁ ମନ୍ଦିରର ଭିତର କାଠ ନିକଟରେ ଗହଳି ହେଉଛି। ଫଳରେ ସାଧାରଣ ଭକ୍ତ ଭଲ ଭାବେ ଦର୍ଶନ କରିପାରୁ ନାହାନ୍ତି।

ଶ୍ରୀମନ୍ଦିରକୁ ସାଧାରଣ ଦିନରେ ପ୍ରାୟ ୫୦ରୁ ୬୦ ହଜାର ଭକ୍ତ ଆସୁଛନ୍ତି। ପର୍ବପର୍ବାଣିଗୁଡ଼ିକରେ ଏହା ଲକ୍ଷେ ଟପିଯାଉଛି। ତେଣୁ ଭକ୍ତମାନେ କିପରି ଶାନ୍ତିଶୃଙ୍ଖଳାର ସହ ଦର୍ଶନ କରି ଫେରିବେ ତା' ଉପରେ ଗୁରୁତ୍ୱ ଦିଆଯାଉଛି। ମନ୍ଦିର ଭିତରେ ଗହଳି କମାଇବା ପାଇଁ ସୁରକ୍ଷା କର୍ମୀ ନିୟୋଜିତ ଅଛନ୍ତି। ଦର୍ଶନ ପରେ ଯେଉଁମାନେ ଅଧିକ ସମୟ ଠିଆ ହେଉଛନ୍ତି ସେମାନଙ୍କୁ ଖାଲି କରୁଛନ୍ତି। କିନ୍ତୁ ଏମିତି କେତେଜଣ ସୁରକ୍ଷା କର୍ମୀ ଅଛନ୍ତି, ଯେଉଁମାନେ ଭିଆଇପି ଭକ୍ତ କହି ଭଲ ଦି ପଇସା ପାଇବା ସହ ଦର୍ଶନରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଏହି ସୁରକ୍ଷା କର୍ମୀମାନଙ୍କୁ ପୂର୍ବରୁ ଫୋନରେ ଯୋଗାଯୋଗ କରୁଛନ୍ତି କେତେଜଣ ଭକ୍ତ ଓ ମଧ୍ୟସ୍ଥ। ଏପରି କି ସିଂହଦ୍ୱାର ବାହାରୁ ମଧ୍ୟ ସହଜ ଦର୍ଶନ କରିବାକୁ ଚାହୁଁଥିବା ଭକ୍ତଙ୍କ ସହିତ କଥା ହୋଇ ସେମାନଙ୍କୁ ସାଙ୍ଗରେ ଧରି ଆସୁଛନ୍ତି। ସୁରକ୍ଷା କର୍ମୀଙ୍କ ସାଙ୍ଗରେ ଯାଉଥିବାରୁ କେହି ଭିଆଇପି ହୋଇଥିବେ ବୋଲି ସେବାୟତ, କର୍ମଚାରୀ ବି ଭାବୁଛନ୍ତି। ତେଣୁ ସମ୍ପୃକ୍ତ ଶ୍ରଦ୍ଧାଳୁମାନେ ସହଜରେ ଭିତର କାଠକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି। ବାହାରିବା ପରେ ପୂର୍ବ ମୂଲଚାଲ ମୁତାବକ ହାତଗୁଞ୍ଜା ଦେଇ ଫେରିଯାଉଛନ୍ତି। ଏପରି ହାତଗୁଞ୍ଜା ଦେଇ ସହଜରେ ଦର୍ଶନ ସୁବିଧା ପାଉଥିବା ଭକ୍ତ ସମ୍ପୃକ୍ତ ସୁରକ୍ଷା କର୍ମୀଙ୍କ ଯୋଗାଯୋଗ ନମ୍ବର ନେଉଛନ୍ତି। ଏଭଳି କାର୍ଯ୍ୟ ଦ୍ୱାରା କେତେଜଣ ମାଲାମାଲ ହେଉଥିବାବେଳେ ସମ୍ପୂର୍ଣ୍ଣ ଦର୍ଶନ ବ୍ୟବସ୍ଥା ବିଶୃଙ୍ଖଳିତ ହୋଇପଡୁଛି।

ଏ ସମ୍ପର୍କରେ ଶ୍ରୀମନ୍ଦିର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ କୌଶିକ ନାୟକଙ୍କୁ ପଚାରିବାରେ କିଏ ଏମିତି କରୁଛନ୍ତି ସେ ନେଇ ଆମ ପାଖରେ କୌଣସି ଅଭିଯୋଗ ନାହିଁ। ଯଦି ବି କେହି ଏମିତି କରୁଥିବେ ତେବେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନାୟକ କହିଛନ୍ତି।

# ବିଜୁ ଜୟନ୍ତୀରେ ହେବ ମିନି ମାରାଥନ

ଭୁବନେଶ୍ୱର, ୧।୩(ବ୍ୟୁରୋ)

ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଆସନ୍ତା ୫ ତାରିଖରେ 'ବିଜୁ ପଟ୍ଟନାୟକ ମିନି ମାରାଥନ' ଆୟୋଜିତ ହେବ। ମୋଟ ୬ଟି ବର୍ଗରେ ହେବାକୁ ଥିବା ଏହି ମାରାଥନରେ ଉଭୟ ପୁରୁଷ ଓ ମହିଳା ପ୍ରତିଯୋଗୀମାନେ ଅଂଶଗ୍ରହଣ କରିପାରିବେ। ୩୫ଶହରୁ ଅଧିକ ପ୍ରତିଯୋଗୀଙ୍କୁ ନେଇ ଆୟୋଜିତ ହେବାକୁ ଥିବା ମାରାଥନ୍‌ରେ କନିଷ୍ଠ ବର୍ଗରେ ୧୫ରୁ ୧୮ବର୍ଷ ବୟସର ବାଳିକା, ବାଳକମାନେ ଅଂଶଗ୍ରହଣ କରିପାରିବେ। ସେହିପରି ବରିଷ୍ଠ ବର୍ଗରେ ୧୮ବର୍ଷରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିପାରିବେ। ଭେଟେରାନ୍ ବର୍ଗରେ ୫୦ରୁ ଉର୍ଦ୍ଧ୍ୱ ବୟସର ମହିଳା ଓ ପୁରୁଷ ପ୍ରତିଯୋଗୀ ଅଂଶଗ୍ରହଣ କରିପାରିବେ। ଏହି ମିନି ମାରାଥନ ସକାଳ ୭ଟାରେ ବିଜୁ ପଟ୍ଟନାୟକ ପାର୍କ(ଫରେଷ୍ଟ ପାର୍କ)ଠାରେ ଶୁଭାରମ୍ଭ ହେବ। ପ୍ରତିଯୋଗୀମାନେ ଏଠାରୁ ବାହାରି ଶିଶୁଭବନ ଛକ, ରାଜମହଲ, ଏଜି, ପାୱାର ହାଉସ୍, କଳିଙ୍ଗ ଷ୍ଟାଡିୟମ୍ ଗେଟ୍ ନଂ-୩ ଦେଇ ମୁଖ୍ୟ ପଡ଼ିଆକୁ ଆସିବେ। କୃତୀ ପ୍ରତିଯୋଗୀଙ୍କ ଲାଗି ମୋଟ ୧ଲକ୍ଷ ୫୮ହଜାର ଟଙ୍କାର ପୁରସ୍କାର ରାଶି ମିଳିବ। ପ୍ରଥମରୁ ପଞ୍ଚମ ସ୍ଥାନ ଭିତରେ ରହିବା ପ୍ରତିଯୋଗୀଙ୍କ ଲାଗି ପୁରସ୍କାର ରାଶି ରଖାଯାଇଛି। ଯେଉଁମାନେ ଭାଗ ନେବା ପାଇଁ ଇଚ୍ଛୁକ ସେମାନେ ୨ରୁ ୪ ତାରିଖ ମଧ୍ୟରେ ନିଜ ନାମ ପଞ୍ଜୀକରଣ କରାଇବେ। ବାହାରୁ ଯେଉଁମାନେ ଆସିବେ ତାଙ୍କ ଲାଗି ୪ତାରିଖ ରାତିରେ କଳିଙ୍ଗ ଷ୍ଟାଡିୟମ୍‌ରେ ବିଭାଗ ପକ୍ଷରୁ ରାତ୍ରି ରହଣି ସୁବିଧା ଯୋଗାଇ ଦିଆଯିବ ବୋଲି ଜୟନ୍ତୀ କମିଟି ପକ୍ଷରୁ ସୂଚନା ମିଳିଛି।

# ଶ୍ରମିକ ସାଜିଲେ ଚନ୍ଦାହାଣ୍ଡି ବିଡିଓ



ଶ୍ରମିକଙ୍କ ସହ ମିଶି ବିଡିଓ କାମ କରୁଛନ୍ତି।

ଚନ୍ଦାହାଣ୍ଡି, ୧।୩(ଡି.ଏନ.ଏ)

ଶ୍ରମିକ ସାଜିଲେ ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବିଡିଓ ଧର୍ମରାଜ ମାଝି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ନିଜେ ବାଲି, ସିମେଣ୍ଟ ବୋହି ଶ୍ରମିକଙ୍କ ସହ କାମ କରୁଥିବାର ଶନିବାର ଦେଖିବାକୁ ମିଳିଥିଲା। ଏହା ଦେଖି ଶ୍ରମିକମାନେ ମଧ୍ୟ ଉତ୍ସାହିତ ହୋଇ କାମ କରିଥିଲେ। ବିଡିଓଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

ଚନ୍ଦାହାଣ୍ଡି ବ୍ଲକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଧିମେଇ ଯାଇଛି। ସେଥିପାଇଁ ବିଡିଓ ଧର୍ମରାଜ ବିଭିନ୍ନ ପଞ୍ଚାୟତ ଶନିବାର ପରିଦର୍ଶନରେ ଯାଇଥିଲେ। ଚନ୍ଦାହାଣ୍ଡି ବ୍ଲକ ମୋହରା ପଞ୍ଚାୟତର ପୂଜାରିଗୁଡାଠାରେ କଂକ୍ରିଟ ରାସ୍ତା ନିର୍ମାଣ ହେଉଥିବାର ଦେଖିଥିଲେ। ସେଠାରେ ପହଞ୍ଚି ରାସ୍ତା କାମ ଯାଞ୍ଚ କରିଥିଲେ। ଏଥିସହ ଶ୍ରମିକମାନଙ୍କ ସହ ମିଶି ବାଲି, ସିମେଣ୍ଟ , କଂକ୍ରିଟ ବୋହି କାମ କରିଥିଲେ। ଉନ୍ନୟନମୂଳକ କାର୍ଯ୍ୟରେ ସମସ୍ତ ଗ୍ରାମବାସୀ ଆଗେଇ ଆସି ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏହା ପରେ ଜମାଦରାପଡା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଚାଲିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କ ଘର ନିର୍ମାଣ ଦେଖିଥିଲେ। ଜଣେ ହିତାଧିକାରୀଙ୍କ ଆବାସ ଗୃହ ନିର୍ମାଣ ବେଳେ ଶ୍ରମିକଙ୍କ ସହ ମିଶି ବିଡିଓ କାମ କରିଥିଲେ। ହିତାଧିକାରୀଙ୍କୁ ଘର କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ। ବିଡିଓଙ୍କ ସହ ମିଶି ପଞ୍ଚାୟତ ନିର୍ବାହୀ ଅଧିକାରୀ ଲଛମନ ନିଆଲ, ଯୋଗାଣ ସହାୟକ ପୂର୍ଣ୍ଣ ସୁନା ପ୍ରମୁଖ କାମ କରୁଥିବା ମଧ୍ୟ ଦେଖିବାକୁ ମିଳିଥିଲା।

# ଅଯୋଗ୍ୟଙ୍କୁ ଘର, ଯୋଗ୍ୟଙ୍କଠାରୁ ଲାଞ୍ଚ

ସୋନପୁର, ୧।୩(ନି.ପ୍ର.)

- ପିଏମ୍‌ଏୱାଇଜିରେ ଅନିୟମିତତା
- ବିନିକା ବିଡିଓଙ୍କ ନାମରେ ଡ୍ରାଫ୍ଟ ଚାର୍ଜ
- ୫ ସରକାରୀ କର୍ମଚାରୀ, ୧୨ ହିତାଧିକାରୀଙ୍କ ନାମରେ ମାମଲା

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ(ପିଏମ୍‌ଏୱାଇଜି)ରେ ବ୍ୟାପକ ଅନିୟମିତତା ହୋଇଛି। ପକ୍କା ଘର ଥିବା ଧନୀକ ଶ୍ରେଣୀର ବ୍ୟକ୍ତିଙ୍କୁ ଏହି ଯୋଜନାରେ କାର୍ଯ୍ୟାଦେଶ ମିଳିଛି। ଅଯୋଗ୍ୟଙ୍କୁ ଯୋଜନାରେ ଜାଣିଶୁଣି ଅନ୍ତର୍ଭୁକ୍ତ କରାଯାଇଛି। ଗୋଟିଏ ପରିବାରର ୩ଜଣଙ୍କୁ ଘର ମିଳିଛି। ସେହିପରି ଯୋଗ୍ୟ ହିତାଧିକାରୀଙ୍କ ବିଲ୍ କରାଇ ଦେବା ନାଁରେ ଜିଆରଏସ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ଲାଞ୍ଚ ନେଇଛନ୍ତି। ରାଜ୍ୟ ପଞ୍ଚାୟତିରାଜ ବିଭାଗର ସ୍ୱତନ୍ତ୍ର ଟିମ୍ ଦ୍ୱାରା ତଦନ୍ତ ପରେ ଏଭଳି ଅନିୟମିତତାର ପର୍ଦ୍ଦାଫାସ ହୋଇଛି। ପଞ୍ଚାୟତିରାଜ ବିଭାଗର ଉପସଚିବ କୁଳମଣି ମିଶ୍ରଙ୍କ ଚିଠି ନଂ ୧୦୧୭/ତା୧୩।୦୧।୨୦୨୦ରିଖ ଅନୁଯାୟୀ ଜିଲାପାଳ ମୋନିଷା ବାନାର୍ଜୀ ଏହି ଘଟଣାରେ ବିନିକା ବିଡିଓ ବିଶ୍ୱରଞ୍ଜନ ମଲ୍ଲିକଙ୍କ ନାମରେ ଡ୍ରାଫ୍ଟ ଚାର୍ଜ କରିଛନ୍ତି। ବିଡିଓ ମଲ୍ଲିକଙ୍କ ନାମରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲାପାଳ ରାଜ୍ୟ ସରକାରଙ୍କ ଅନୁମତି ଲୋଡିଛନ୍ତି। ଅନ୍ୟପକ୍ଷେ ବିଡିଓ ମଲ୍ଲିକ ସୁବର୍ଣ୍ଣପୁର ଜିଲାପାଳ ଓ ପିଡି ଡିଆରଡିଏଙ୍କ ନିର୍ଦ୍ଦେଶକ୍ରମେ ପିଇଓ ରମାକାନ୍ତ ନାଏକ, ଜିଆରଏସ ଅନିଲ କୁମାର ସାହୁ, ନିରୋଜ ନଳିନୀ ନାଏକ, ସୁନୀଲ ପ୍ରସାଦ ସାହୁ ଓ କନିଷ୍ଠ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ଶିବ ସୁନ୍ଦର ଗୁରିଆଙ୍କ ନାମରେ ବିନିକା ଥାନାରେ ଗତ ୨୦ ତାରିଖରେ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ଅଯୋଗ୍ୟ ହିତାଧିକାରୀ ଯୁଲୁଣ୍ଡା ଗ୍ରାମର ଚିତ୍ର ଦନ୍ତା, ବିଲେଇବାହାଲିର ଦୌଲଥ ବାଗ, ରତନ ନାଗ, କଦଳିପାଲିର କାର୍ତ୍ତିକ କୁମ୍ଭାର, ଭଣ୍ଡାରର ଅଜାମିଳ ବାରିକ୍, ବାଉଁଶୁଣିର ପ୍ରଦୀପ୍ତ ମହଲା, କଲସେପାଲିର ସାବିତ୍ରୀ ପାଣ୍ଡେ, ତାଙ୍କ ପୁଅ ଦେବରାଜ, ସିଂଘିଯୁବା ପଞ୍ଚାୟତ କମିରାର ଲୋକନାଥ ପଧାନ, ତାଙ୍କ ବାପା ଗୁଲା ପଧାନ ଓ କଣ୍ଠିଆ ପଧାନଙ୍କ ନାମରେ ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିନିକା ଥାନାରେ ୨ଟି ପୃଥକ ମାମଲା ରୁଜୁ ହୋଇଛି।

ପ୍ରକାଶ ଯେ, ଅନିୟମିତତା ନେଇ ପଞ୍ଚାୟତିରାଜ ବିଭାଗରେ ଅଭିଯୋଗ ହୋଇଥିଲା। ବିଭାଗ ପକ୍ଷରୁ ଏକ ଟିମ୍ ସ୍ଥାନୀୟ ପ୍ରଶାସନର ଅଗୋଚରରେ ବିନିକା ବ୍ଲକର ସିଂଘିଯୁବା, ବାଉଁଶୁଣି, ଭଣ୍ଡାର ଓ ଯୁଲୁଣ୍ଡା ପଞ୍ଚାୟତର ବିଭିନ୍ନ ଗ୍ରାମ ଗସ୍ତ କରି ଅଭିଯୋଗର ତଦନ୍ତ କରିଥିଲେ। ତଦନ୍ତରୁ ୨୦୧୯-୨୦ ଆର୍ଥିକ ବର୍ଷରେ କାର୍ଯ୍ୟାଦେଶ ପ୍ରଦାନରେ ଅନିୟମିତତା ଥିବାର ପ୍ରମାଣ ମିଳିଥିଲା। ଅଯୋଗ୍ୟଙ୍କୁ କାର୍ଯ୍ୟାଦେଶ ମିଳିଥିଲା ବେଳେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ମଜୁରି ପ୍ରଦାନ ସକାଶେ ହିତାଧିକାରୀଙ୍କଠାରୁ ତଳିଆ କର୍ମଚାରୀ ଲାଞ୍ଚ ନେଇଥିଲେ। ତଦନ୍ତକାରୀ ଟିମ୍ ଅଯୋଗ୍ୟ ହିତାଧିକାରୀ ଓ ଅନିୟମିତତାରେ ସମ୍ପୃକ୍ତ କର୍ମଚାରୀଙ୍କ ନାମ ତାଲିକା ସହିତ ସରକାରଙ୍କୁ ସିଧାସଳଖ ରିପୋର୍ଟ କରିଥିଲେ। ଅନ୍ୟପକ୍ଷେ ଏହି କାର୍ଯ୍ୟାନୁଷ୍ଠାନ ପରେ ଜିଲାର ଲାଞ୍ଚୁଆ ସରକାରୀ କର୍ମଚାରୀ ଓ ଅଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ତେବେ ବିନିକା ପୋଲିସ ଏହି ଘଟଣାରେ ଗଣମାଧ୍ୟମକୁ ତଥ୍ୟ ପ୍ରଦାନ ନ କରି ତଦନ୍ତକୁ ବାଟବଣା କରୁଥିବା ଅଭିଯୋଗ ହେଉଛି।

# ଛାତ୍ରୀଙ୍କୁ ବ୍ଲାକମେଲ୍ ଉଦ୍ୟମ, ଯୁବକ ଗିରଫ

ଜଗତ୍‌ସିଂହପୁର ଅଫିସ, ୧।୩

ଇଞ୍ଜିନିୟରିଂ ଛାତ୍ରୀଙ୍କୁ ବ୍ଲାକମେଲ୍ କରିବାକୁ ଉଦ୍ୟମ କରି ରବିବାର ଜଣେ ଯୁବକ ଗିରଫ ହେବା ସହ କୋର୍ଟ ଚାଲାଣ ହୋଇଛନ୍ତି। ସେ ହେଲେ ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଧୂଆଁପାରିର ହିରଣ୍ମୟ ବାରିକ ଓରଫ୍ ଶଙ୍କର। ପୋଲିସ ସୂଚନା ଅନୁଯାୟୀ ଶଙ୍କର ସଅଁରା ଛକରେ ଏକ ଷ୍ଟୁଡିଓ କରିଛନ୍ତି। ଇଞ୍ଜିନିୟରିଂ ଛାତ୍ରୀଙ୍କୁ ସେ ଜାଣିଛନ୍ତି। ତେଣୁ ପ୍ରଥମେ ଛାତ୍ରୀଙ୍କୁ ପ୍ରେମ ଜାଲରେ ଛନ୍ଦିବା ପାଇଁ ଉଦ୍ୟମ କରି ବିଫଳ ହେବାରୁ ବଦନାମ କରିବା ପାଇଁ ଚେଷ୍ଟା କରିଥିଲେ। ଫେସବୁକ୍ ଆକାଉଣ୍ଟରୁ ଛାତ୍ରୀଙ୍କ ଫଟୋ ନେଇ ତାହାକୁ ଅଶ୍ଳୀଳ ଫଟୋ ସହ ଯୋଡ଼ିଥିଲେ। ପରେ ଏହି ଫଟୋ ଓ ଭିଡିଓକୁ ଜାନୁୟାରୀ ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ଛାତ୍ରୀଙ୍କ ପାଖକୁ ପଠାଇ କଥାବାର୍ତ୍ତା ହେବା ପାଇଁ ଦାବି କରିଥିଲେ। ଏଭଳି ଅଶ୍ଳୀଳ ନକଲି ଫଟୋ ଦେଖି ଛାତ୍ରୀଜଣକ ତାଙ୍କୁ ଗାଳିଗୁଲଜ କରିଥିଲେ। ହେଲେ ଶଙ୍କରଙ୍କ ଚରିତ୍ରରେ କୌଣସି ପରିବର୍ତ୍ତନ ଆସି ନ ଥିଲା। ବାରମ୍ବାର ଏଭଳି କରିବାରୁ ଗତ ଜାନୁୟାରୀ ୨୯ରେ ଶଙ୍କରଙ୍କ ବିରୋଧରେ ଥାନାରେ ଅଭିଯୋଗ ହୋଇଥିଲା। ଛାତ୍ରୀଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ସଂଖ୍ୟା ୩୮/୨୦ ରୁଜୁ କରି ତଦନ୍ତ ଚଳାଇଥିଲା।


**ODISHA STATE CO-OPERATIVE HANDICRAFTS CORPORATION LTD.**
Utkalika
Jayadev Vatika Square, Khandagiri, Bhubaneswar-30, Ph. : 0674-2975390

**Notice**

Odisha State Co-operative Handicrafts Corporation Ltd. (Utkalika), Bhubaneswar had published a tender notice on dt.18.06.2019 for construction and installation of the statues of Mahatma Gandhi Pada Yatra at Tankapani Bridge and Historical gate at Sisu Ananta Pitha area and the details of the proposed statue (as per the picture) terms and condition are being uploaded in the website : www.utkalika.odisha.in. On administrative ground tender applications of Historical Gate at Sisu Ananta Pitha area has been cancelled. It is for all concerned for information.

Sd/-
Managing Director



**DISTRICT PROJECT OFFICE**
**SAMAGRA SIKSHYA, MAYURBHANJ**

**NO. 646/ST&SC/20 Dated: 29.02.2020**

**TENDER NOTICE**

Sealed Quotations are invited from Id Card Suppliers for printing & supply of Elementary Teachers ID Card. The detailed specification, terms & conditions can be available at DPO, SSA, Mayurbhanj on payment of Rs. 1000.00 as tender application cost & detailed tender paper with terms & conditions can be downloaded at **www.osepa.odisha.gov.in** or **www.mayurbhanj.nic.in**. The applicant can apply in our prescribed format only, latest by **19.03.2020**, up to 12.00 noon & the tender paper is to be opened at 4.00 PM of the same day. The authority reserves the right to cancel any or all quotations without assigning any reason thereof.

Sd./- Collector & Chairman
Samagra Sikshya, Mayurbhanj


# ଗଛ ହାଣିବା ବେଳେ ଖସିପଡ଼ି ୨ ମୃତ

**ରାୟଗଡ଼ା ଅଫିସ, ୧।୩:** ଗଛ କାଟିବା ହେଲା କାଳ। ୨ ଜଣ ଲୋକ ଗଛରେ ଚଢ଼ି ଡାଳ କାଟିବାବେଳେ ଖସିପଡି ଘଟଣାସ୍ଥଳରେ ପ୍ରାଣ ହରାଇଛନ୍ତି। ସେମାନେ ହେଲେ କାଶୀପୁର ବ୍ଲକ ଗୋଡ଼ିବାଲି ପଞ୍ଚାୟତ ଚିରିକୁଲି ଗ୍ରାମର ଲକ୍ଷ୍ମଣ ମାଝି(୩୫) ଓ ବାରି ମାଝି (୪୦)। ସୂଚନା ଅନୁଯାୟୀ, ଲକ୍ଷ୍ମଣ ଓ ବାରି ଘରର ତାଜା ପକାଇବା ପାଇଁ ଝୁରୀ ଡ଼ାଙ୍ଗ ଏବଂ ଡ଼ାଳ ଆଣିବାକୁ ରବିବାର ଗାଁ ନିକଟ ଜଙ୍ଗଲକୁ ଯାଇଥିଲେ। ଉଭୟ ଗୋଟିଏ ଗଛରେ ଚଢି ଡାଳ ହାଣୁଥିବାବେଳେ ହଠାତ୍ ଜୋରରେ ପବନ ବୋହିଥିଲା। ଏଥିରେ ଗଛଟି ମୂଳରୁ ଉପୁଡି ପଡ଼ିଥିଲା। ଲକ୍ଷ୍ମଣ ଓ ବାରି ଛିଟ୍‌କି ପଡ଼ିଥିଲେ। ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ହୋଇ ଯାଇଥିଲା।

# ମୟୂରଭଞ୍ଜ: ୪ ନେତାଙ୍କୁ ଦାୟିତ୍ୱ



ବ୍ୟୋମକେଶ ରାୟ



ମୁକ୍ତିକାନ୍ତ ମଣ୍ଡଳ



ସଞ୍ଜୀବ ମଲ୍ଲିକ



ସୁଶାନ୍ତ ରାଉତ

ଭୁବନେଶ୍ୱର, ୧।୩(ବ୍ୟୁରୋ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ୪ ନେତାଙ୍କୁ ମୟୂରଭଞ୍ଜ ଜିଲାର ୮ ବିଧାନସଭା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ପ୍ରଦାନ କରିଛନ୍ତି। ଜଣେ ନେତାଙ୍କ ହାତରେ ମୟୂରଭଞ୍ଜ ଜିଲାର ଦୁଇଟି ଲେଖାଏ ବିଧାନସଭା କ୍ଷେତ୍ର ପ୍ରଦାନ କରାଯାଇଛି। ୨୦୧୬ ପଞ୍ଚାୟତ ନିର୍ବାଚନରେ ମୟୂରଭଞ୍ଜ ଜିଲାରେ ବିଜେଡି ଫଳାଫଳ ସେତେଟା ଆଖିଦୃଶିଆ ହୋଇ ନ ଥିଲା। ପରବର୍ତ୍ତୀ ସମୟରେ ୨୦୧୯ ସାଧାରଣ ନିର୍ବାଚନ ଫଳାଫଳ ମଧ୍ୟ ଶାସକ ଦଳ ସପକ୍ଷରେ ଗଲାନାହିଁ। ତେଣୁ ଏହାପରଠାରୁ ବିଜେଡି ସଭାପତି ମୟୂରଭଞ୍ଜ ଜିଲା ସାଙ୍ଗଠନିକ ସ୍ଥିତି ସଜାଡିବାକୁ ଏକ ପ୍ରକାର ଜୋରଦାର ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ମୟୂରଭଞ୍ଜ ନିର୍ବାଚନମଣ୍ଡଳୀର କରଞ୍ଜିଆ ଏବଂ ଯଶିପୁର ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଦାୟିତ୍ୱ ପାଇଛନ୍ତି। ଉତ୍ତର ଭୁବନେଶ୍ୱର ନିର୍ବାଚନମଣ୍ଡଳୀ ବିଧାୟକ ସୁଶାନ୍ତ ରାଉତଙ୍କ ହାତରେ ବାରିପଦା ଏବଂ ମୋରଡା ବିଧାନସଭା କ୍ଷେତ୍ର ଦାୟିତ୍ୱ ଦିଆଯାଇଛି। ସେହିପରି ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କୁ ରାଇରଙ୍ଗପୁର ଏବଂ ସାରଶକଣା ଦାୟିତ୍ୱ ଦିଆଯାଇଛି। ଭଦ୍ରକ ବିଧାୟକ ସଞ୍ଜୀବ ମଲିକଙ୍କ ହାତରେ ଉଦଳା ଓ ବଡସାହି ଦାୟିତ୍ୱ ପ୍ରଦାନ କରାଯାଇଛି। ଗତ ସାଧାରଣ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ମୟୂରଭଞ୍ଜ ଜିଲାର ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ତେଣୁ ୮ ନିର୍ବାଚନମଣ୍ଡଳୀ ଦାୟିତ୍ୱ ପାଇଥିବା ୪ ନେତା ବର୍ତ୍ତମାନ ପ୍ରଣବ ପ୍ରକାଶଙ୍କ ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟ କରିବେ। ଆଗକୁ ପଞ୍ଚାୟତ ଏବଂ ମ୍ୟୁନିସିପାଲିଟି ନିର୍ବାଚନ ଆସୁଥିବାରୁ ଏବେଠାରୁ ଉକ୍ତ ଜିଲାକୁ ବିଜେଡି ସଭାପତି ଅଧିକ ଗୁରୁତ୍ୱ ଦେଉଥିବା ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ ଯେ, ମୟୂରଭଞ୍ଜ ଲୋକ ସଭା ନିର୍ବାଚନମଣ୍ଡଳୀର ୭ ବିଧାନସଭା କ୍ଷେତ୍ର ମଧ୍ୟରୁ ୨ଟି ବିଜେଡି ହାତରେ ଥିବାବେଳେ ୫ଟି ଆସନ ଭାଜପା ଅକ୍ତିଆର କରିନେଇଛି। ମୟୂରଭଞ୍ଜ ଜିଲାର ଉଦଳା, ବାରିପଦା, ଜଶିପୁର, ସାରସକଣା, ରାଇରଙ୍ଗପୁର ବିଧାନସଭା ଆସନରେ ଭାଜପା ବିଜୟୀ ହୋଇଛି। ସେହିପରି ମୋରଡା ଏବଂ ବାଙ୍ଗିରପୋଷି ଆସନରେ ବିଜେଡି ବିଜୟୀ ହୋଇଛି। ସେହିପରି ମୟୂରଭଞ୍ଜ ଲୋକ ସଭା ଆସନରେ ଭାଜପା ପ୍ରାର୍ଥୀ ବିଶେଶ୍ୱର ଟୁଡୁ ଏମ୍‌ପି ଭାବେ ବିଜୟୀ ହୋଇଛନ୍ତି। ସେହିପରି ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଥିବା ୮ ବିଧାନସଭା କ୍ଷେତ୍ର ମଧ୍ୟରୁ କରଞ୍ଜିଆ ନିର୍ବାଚନମଣ୍ଡଳୀ ମୟୂରଭଞ୍ଜ ଜିଲା ଭିତରେ ଥିଲେ ମଧ୍ୟ ଏହା କେନ୍ଦୁଝର ଲୋକ ସଭା କ୍ଷେତ୍ର ମଧ୍ୟରେ ଆସୁଛି। ଏହି ଆସନରେ ବିଜେଡି ହାତରେ ଅଛି। ଅନ୍ୟପଟେ ଉଦଳା ମଧ୍ୟ ସମାନଭାବେ ଏହି ଜିଲା ମଧ୍ୟରେ ରହିଥିଲେ ସୁଦ୍ଧା ବାଲେଶ୍ୱର ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ଆସୁଛି। ତେବେ ମୟୂରଭଞ୍ଜ ଜିଲାର ୮ଟି ବିଧାନସଭା କ୍ଷେତ୍ର ଦାୟିତ୍ୱ ଅନ୍ୟ ଜିଲା ନେତାଙ୍କ ହାତରେ ଦିଆଯାଇଥିଲେ ମଧ୍ୟ ବାଙ୍ଗିରପୋଷି ନିର୍ବାଚନମଣ୍ଡଳୀ ଏହି ଜିଲା ଭିତରେ ଥାଇ ସୁଦ୍ଧା କାହାକୁ ବଣ୍ଟାଯାଇନାହିଁ। ବରିଷ୍ଠ ବିଜେଡି ନେତା ତଥା ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ଏହି ଆସନରୁ ଜିତିଥିବାରୁ ଏହାର ଦାୟିତ୍ୱ କାହାକୁ ମିଳି ନ ଥିବା କୁହାଯାଉଛି।


**ପୌରପରିଷଦ କାର୍ଯ୍ୟାଳୟ : ତାଳଚେର**
No. C-537

**ପତ୍ର ସଂଖ୍ୟା : ୪୯୧/ ତା. ୨୯.୦୨.୨୦୨୦**

**ନୋଟିସ**

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି, ତାଳଚେର ପୌରପରିଷଦ ଅନ୍ତର୍ଗତ ନିମ୍ନ ତଫସିଲ ବର୍ଣ୍ଣିତ ସଇରାତଗୁଡିକ ସ୍ନ ୨୦୨୦-୨୧ ବର୍ଷ ପାଇଁ ତା. ୦୧.୦୪.୨୦୨୦ ରିଖ ଠାରୁ ତା. ୩୧.୦୩.୨୦୨୧ ରିଖ ପର୍ଯ୍ୟନ୍ତ ନିମ୍ନସ୍ୱାକ୍ଷରକାରୀଙ୍କ ଦ୍ୱାରା ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି। ଟେଣ୍ଡରରେ ଭାଗନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ତା. ୦୨.୦୩.୨୦୨୦ ରିଖ ଠାରୁ ତା. ୧୧.୦୩.୨୦୨୦ ରିଖ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ (ସରକାରୀ ଛୁଟିଦିନ ବ୍ୟତୀତ) ନିର୍ଦ୍ଦିଷ୍ଟ ଟେଣ୍ଡର ଫର୍ମ ଟ. ୫୦୦/- ଙ୍କା (ପାଞ୍ଚଶତ ଟଙ୍କା) ଦାଖଲ କରି ପୌର କାର୍ଯ୍ୟାଳୟରୁ କ୍ରୟ କରିପାରିବେ। ଟେଣ୍ଡର ତା. ୧୨.୦୩.୨୦୨୦ ରିଖ ପୂର୍ବାହ୍ନ ୧.୦୦ ଘଟିକା ପର୍ଯ୍ୟନ୍ତ ଗ୍ରହଣ କରାଯିବ ଓ ତା. ୧୨.୦୩.୨୦୨୦ରିଖ ଅପରାହ୍ନ ୪.୦୦ ଘଟିକା ସମୟରେ ଟେଣ୍ଡରଦାତା କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ। ଟେଣ୍ଡର ପକାଇବା ସମୟରେ ନିମ୍ନବର୍ଣ୍ଣିତ ସର୍ତ୍ତାବଳୀ ପାଳନ କରିବେ ଏବଂ ପରିଷଦର ନିୟମାନୁଯାୟୀ ସଂପତ୍ତି ପରିଚାଳନା କରିବେ ଏବଂ ଫି ଇତ୍ୟାଦି ଆଦାୟ କରିବେ।

**ସର୍ତ୍ତାବଳୀ**

୧. ଯଉଭୁଦ ଟେଣ୍ଡରରେ ଭାଗନେବା ବ୍ୟକ୍ତି ଯେଉଁ ସଇରାତ ସଂପତ୍ତିକୁ ଟେଣ୍ଡରରେ ନେବାକୁ ଚାହାନ୍ତି ସେହି ସଂପତ୍ତିର ନିର୍ଦ୍ଧାରିତ ଅମାନତ ଟଙ୍କା ନିର୍ବାହୀ ଅଧିକାରୀ, ତାଳଚେର ମ୍ୟୁନିସିପାଲିଟିଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍‌ଟ ଆକାରରେ ଟେଣ୍ଡର ପେପର ସହିତ ନିର୍ଦ୍ଧାରିତ ଟେଣ୍ଡର ବାକ୍ସରେ ଜଉମୁଦ ଲଫାପାରେ ପକାଇବେ, ଯାହାଙ୍କର ଟେଣ୍ଡର ସିଦ୍ଧାନ୍ତ ହେବନାହିଁ ତାଙ୍କ ଟଙ୍କା ଫେରସ୍ତ ଦିଆଯିବ।
୨. ଯେଉଁ ବ୍ୟକ୍ତିଙ୍କ ଉପରେ ପରିଷଦର ବକେୟାପାଉଣା ଥିବ ସେମାନେ ଟେଣ୍ଡରରେ ଭାଗନେଇ ପାରିବେ ନାହିଁ, ଯଦି କରିଥାନ୍ତି ତାହା ଗ୍ରହଣୀୟ ହେବନାହିଁ।
୩. ଟେଣ୍ଡର ଫର୍ଦ୍ଦ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅନୁମୋଦନ ହେବାପରେ ଟେଣ୍ଡରଧାରୀ ଉକ୍ତଦିନ ସଙ୍ଗେ ସଙ୍ଗେ ସମସ୍ତ ଟଙ୍କା ଏକକାଳୀନ ଦାଖଲ କରିବେ ଓ ୩ (ତିନି) ଦିନ ମଧ୍ୟରେ ନିଜ ଖର୍ଚ୍ଚରେ ପରିଷଦ ସହିତ ଚୁକ୍ତିନାମା ସଂପାଦନା କରିବେ। ଏହାପରେ ତାଙ୍କୁ ସଂପତ୍ତି ପରିଚାଳନା ନିମନ୍ତେ ହସ୍ତାନ୍ତର କରାଯିବ।
୪. ଯେଉଁ ବ୍ୟକ୍ତିଙ୍କ ନାମରେ ଟେଣ୍ଡର ଧାର୍ଯ୍ୟ ହେବ, ଯଦି ସେହି ବ୍ୟକ୍ତି ସମସ୍ତ ଟଙ୍କା ପଇଠ ନ କରନ୍ତି, ତାଙ୍କ ଟେଣ୍ଡରଟି ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଦେଇଥିବା ଅମାନତ ଟଙ୍କା ବାଜ୍ୟାପ୍ତି କରାଯିବ।
୫. ଟେଣ୍ଡରଧାରୀ ନିମ୍ନ ସଂପତ୍ତି ପାଇଁ ପରିଷଦର ନିର୍ଦ୍ଧାରିତ ଧାର୍ଯ୍ୟ ସ୍ଥାନରୁ ମହାସୁଲ ଆଦାୟ କରିବେ।
୬. ଦୈବିଦୁର୍ବିପାକ କିମ୍ବା କୌଣସି କାରଣରୁ ଟେଣ୍ଡରଧାରୀ ଯଦି କ୍ଷତି ସହନ୍ତି, ତେବେ ପରିଷଦ ଦାୟୀ ରହିବେ ନାହିଁ କିମ୍ବା ଟେଣ୍ଡରଧାରୀ କିଛି ଦାବି କରିପାରିବେ ନାହିଁ। ଏଥିପାଇଁ କୌଣସି ରିହାତି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ।
୭. ଟେଣ୍ଡରଧାରୀ ପରିଷଦର ନିର୍ଦ୍ଦେଶ ପ୍ରକାରେ ଚୁକ୍ତିପତ୍ରର ସର୍ତ୍ତାବଳୀ ମୁତାବକ ସଂପତ୍ତି ପରିଚାଳନା କରିବେ, କୌଣସି ସର୍ତ୍ତ ଖିଲାପ କଲେ କିମ୍ବା ନିୟମାନୁଯାୟୀ ସେହି ସଂପତ୍ତି ପରିଚାଳନା ନ କରିଲେ ଟେଣ୍ଡର ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଅମାନତ ଟଙ୍କାକୁ ବାଜ୍ୟାପ୍ତି କରାଯିବ।
୮. ଟେଣ୍ଡରକାରୀ (ନିର୍ବାହୀ ଅଧିକାରୀ) ଯେ କୌଣସି ଟେଣ୍ଡରର ସର୍ବୋଚ୍ଚ ମୂଲ୍ୟ ଗ୍ରହଣ ନିମନ୍ତେ ବାଧ ନୁହଁନ୍ତି। ସେ ଇଚ୍ଛା କଲେ ବିନା ନୋଟିସରେ କୌଣସି କାରଣ ନ ଦର୍ଶାଇ ଟେଣ୍ଡର ରଦ୍ଦ କରିପାରିବେ।
୯. ଟେଣ୍ଡର ଖୋଲାଯିବ ସମୟରେ ଟେଣ୍ଡରଧାରୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିମାନେ ଯଦି ଉପସ୍ଥିତ ନ ରୁହନ୍ତି ତେବେ ବି ନିୟମାନୁଯାୟୀ ଟେଣ୍ଡର ଠିକ୍ ସମୟରେ ଖୋଲାଯିବ। ଏ ବାବଦରେ କୌଣସି ପ୍ରକାର ଅଭିଯୋଗ ଟେଣ୍ଡର ଖୋଲାଯିବା ପରେ ଗ୍ରହଣୀୟ ହେବନାହିଁ।
୧୦. ତା. ୦୨.୦୩.୨୦୨୦ରିଖଠାରୁ ତା. ୧୧.୦୩.୨୦୨୦ ରିଖ ମଧ୍ୟରେ ଯେ କୌଣସି କାର୍ଯ୍ୟ ଦିବସରେ ପରିଷଦ କାର୍ଯ୍ୟାଳୟରୁ ନିର୍ଦ୍ଧାରିତ ଟେଣ୍ଡର ଫର୍ମ ଟ. ୫୦୦.୦୦ (ପାଞ୍ଚ ଶହ ଟଙ୍କା) ମାତ୍ର ଦାଖଲ କରି ପାଇ ପାରିବେ ଓ ଟେଣ୍ଡର ସମ୍ବନ୍ଧୀୟ ତଥ୍ୟ ବୁଝିପାରିବେ।

| | ସଇରାତ ସଂପତ୍ତିଗୁଡିକର ନାମ | ସରକାରୀ ଡାକ | ଅମାନତ ଟଙ୍କା |
|---|---|---|---|
| ୧ | ଦୈନିକ ଗୁଜୁରୀ ହାଟ | ଟ. ୧,୩୦,୦୦୦/- | ଟ. ୨୬,୦୦୦/- |
| ୨ | ହାଟତୋଟା ଶୌଚାଳୟ | ଟ. ୨୧,୧୦୦/- | ଟ. ୫,୦୦୦/- |
| ୩ | ଅଙ୍ଗାରୁଆ ଶୌଚାଳୟ | ଟ. ୨୨,୦୦୦/- | ଟ. ୫,୦୦୦/- |
| ୪ | ରାଣୀପାର୍କ ଶୌଚାଳୟ | ଟ. ୧,୦୯,୦୦୦/- | ଟ. ୨୨,୦୦୦/- |
| ୫ | ଆଡଭର୍ଟାଇଜ୍ ବୋର୍ଡ | ଟ. ୧,୬୦,୦୦୦/- | ଟ. ୩୨,୦୦୦/- |
| ୬ | ଦୀନ୍‌ଦୟାଲ ଭବନ | ଟ. ୧୯,୦୦୦/- | ଟ. ୪,୦୦୦/- |
| ୭ | ହାଟତୋଟା ରୋଡ୍ ମାଂସ ଦୋକାନ ନଂ-୧ | ଟ. ୩୫,୦୦୦/- | ଟ. ୭,୦୦୦/- |
| ୮ | ଚିତ୍ରକୂଟ ପୋଖରୀ ମାଂସ ଦୋକାନ | ଟ. ୨୫,୦୦୦/- | ଟ. ୪,୦୦୦/- |
| ୯ | ବିରାଦରପଡା ମାଂସ ଦୋକାନ-୨ ଗୋଟି | ଟ. ୨୭,୦୦୦/- | ଟ. ୫,୫୦୦/- |
| ୧୦ | ଶର୍ମାଛକ ମାଂସ ଦୋକାନ-୨ | ଟ. ୩୧,୦୦୦/- | ଟ. ୬,୦୦୦/- |
| ୧୧ | ଜେଲ ରୋଡ ମାଛ ମାର୍କେଟ ମାଂସ ଦୋକାନ | ଟ. ୪,୦୦୦/- | ଟ. ୧,୦୦୦/- |
| ୧୨ | ହାଣ୍ଡିଧୂଆଁଛକ ମାଂସ ଦୋକାନ - ୫ ଗୋଟି | ଟ. ୯,୭୦୦/- | ଟ. ୨,୦୦୦/- |
| ୧୩ | ବଜାର ପୋଖରୀ (ମଦନମୋହନ ପଛପାଖ) | ଟ. ୫୦,୦୦୦/- | ଟ. ୧୦,୦୦୦/- |
| ୧୪ | ଚିତ୍ରକୂଟ ପୋଖରୀ | ଟ. ୩୦,୦୦୦/- | ଟ. ୬,୦୦୦/- |
| ୧୫ | ରାଣୀପାର୍କ ବସ୍ ପାର୍କିଂ ଫି | ଟ. ୩,୨୦,୦୦୦/- | ଟ. ୬୪,୦୦୦/- |
| ୧୬ | ରାଣୀ ପାର୍କ ଅଟୋ (ଟାଟାମେଜିକ୍) ଷ୍ଟାଣ୍ଡ | ଟ. ୧୬,୦୦୦/- | ଟ. ୩,୨୦୦/- |
| ୧୭ | ଦେଉଳବେଡ଼ା କୋଲିୟରି ମାଂସ ଦୋକାନ | ଟ. ୧୪,୦୦୦/.- | ଟ. ୩,୦୦୦/- |
| ୧୮ | ବାଘୁଆବୋଲ ରୋଡ ମାଂସ ଦୋକାନ | ଟ. ୪,୦୦୦.- | ଟ. ୧,୦୦୦/- |

ସ୍ୱା./- ନିର୍ବାହୀ ଅଧିକାରୀ, ତାଳଚେର ପୌର ପରିଷଦ
OIPR-13077/11/0015/1920



Government of Odisha
No.: B-785

**OFFICE OF THE SUPERINTENDING ENGINEER CUTTACK (R&B) CIRCLE, CUTTACK**

E-mail.ID-sectcrb_2006@yahoo.co.in, Tel/Fax – 0671-2301751/2302751

**('e' – PROCUREMENT NOTICE)**

**Bid Identification No.S.E.Ctc.(R&B) 15/2019-20.**

1. The Superintending Engineer, Cuttack (R&B)Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Road work as mentioned below.
2. No. of work : 6 Nos.
3. Nature of work : Road work.
4. Class of contractor : 'B', 'A' & Special Class
5. Tender paper cost : Rs.10000/- (online)
6. Available of bid documents in the web site. : From 16.03.2020 to 16.00 Hours of 30.03.2020
7. Date of opening of bid : Dt. 31.03.2020 at 11.00 Hours.
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- T.P.Mishra
Superintending Engineer
Cuttack(R&B)Circle
OIPR-34012/11/0022/1920



Government of Odisha

**e- Procurement Notice**

**INVITATION FOR BIDS (IFB)**

**Bid Identification No. S.E.Dkl.(R&B) 12/2019-20**
**Email Id-sedklpwd@gmail.com**

No.: B-784: The Superintending Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Road works as detailed in the table below:


1. Name of the work : Road works
2. No of works : 02 (Two) Nos
3. Estimated Cost : Rs.1,10,63,188/- to Rs. 8,51,12,535/
4. Cost of tender paper : Rs 10,000.00
5. Class of contractor : "A", "B", "Special" & "Super" Class
6. Period of Completion of work : 04( Four) to 11 (Eleven) Calendar months
7. Date and time of availability of bid Document in the website : From Dt.06.03.2020 to 16.00 hours of Dt.20.03.2020
8. Date of opening of bid : Dt.21.03.2020 at 11.30 hours

The bidders have to participate in ONLINE bidding only further details can be seen from the e-Procurement Portal: **www.tendersodisha.gov.in**. Any addendum / corrigendum / cancellation of tender can also be seen in the said website.

Superintending Engineer
Dhenkanal(R&B) Circle, Dhenkanal
OIPR-34132/11/0013/1920

## ସୁସ୍ଥ ହାର୍ଟ ପାଇଁ..

ହୃତ୍‌ପିଣ୍ଡ(ହାର୍ଟ) ସୁସ୍ଥ ରହିଲେ ଆମେ ନୀରୋଗ ରହିବା। କିନ୍ତୁ କେତେକ କାରଣରୁ ହାର୍ଟ ପ୍ରଭାବିତ ହେବା ଦ୍ୱାରା ଆମେ ହୃଦ୍‌ଜନିତ ସମସ୍ୟାର ସମ୍ମୁଖୀନ ହୋଇଥାଉ। ତେଣୁ ହାର୍ଟକୁ କିପରି ସୁସ୍ଥ ରଖିବା ସେ ନେଇ ଆମେ ସଚେତନ ହେବା ନିହାତି ଦରକାର। ଏ ନେଇ ଏକ ସରଳ ତଥା ସହଜ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖନ୍ତି ତେବେ ତାଙ୍କର ହାର୍ଟ ଆହୁରି ସକ୍ରିୟ ଭାବରେ କାର୍ଯ୍ୟ କରିଥାଏ। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ଲଣ୍ଡନ ୟୁନିଭର୍ସିଟିର ହୃଦ୍‌ରୋଗ ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କର ମାନସିକତାକୁ ତର୍ଜମା କରାଯାଇଥିଲା। ଏଥିରୁ ଜଣାପଡ଼ିଥିଲା ଯେ, ଯେଉଁମାନଙ୍କର ମାନସିକତା ଅଧିକାଂଶ ସମୟ ସକାରାତ୍ମକ ରହୁଛି ସେମାନଙ୍କ ହାର୍ଟ ଆହୁରି ସକ୍ରିୟ ଭାବରେ କାର୍ଯ୍ୟ କରୁଛି। ତେଣୁ ଜଣେ ବ୍ୟକ୍ତି ଯେତେ ସମ୍ଭବ ନିଜକୁ ଚାପମୁକ୍ତ ରଖିବା ସହ ନିଜର ମାନସିକତାକୁ ସକାରାତ୍ମକ ରଖିବା ପାଇଁ ସେମାନେ ପରାମର୍ଶ ଦେଇଛନ୍ତି।




## ସନ୍ତୁଳିତ ଖାଦ୍ୟ ଓ ଖୁସି



ଖୁସିରେ ରହିବାକୁ କିଏ ବା ନ ଚାହେଁ? ହେଲେ ଅନେକ କ୍ଷେତ୍ରରେ ଏହା ସମ୍ଭବ ହୋଇ ନ ଥାଏ। କାରଣ ପାରିପାର୍ଶ୍ୱିକ ପରିସ୍ଥିତି, କାର୍ଯ୍ୟଚାପ ଆମକୁ କେତେକ ସମୟରେ ଖୁସିଠାରୁ ଦୂରେଇ ରଖିଥାଏ। ତେବେ ନିଜକୁ ଅଧିକାଂଶ ସମୟ ଖୁସିର ମାହୋଲ ଭିତରେ ରଖିବାକୁ ଚାହୁଁଛନ୍ତି କି? ତେବେ ଏକ ସରଳ ଉପାୟ ଆପଣ ଆପଣେଇ ପାରନ୍ତି। ବାସ୍, ନିଜର ଖାଦ୍ୟପେୟକୁ ସନ୍ତୁଳିତ ରଖନ୍ତୁ। ଏହାଦ୍ୱାରା ଆପଣ କେତେକାଂଶରେ ଖୁସି ରହିପାରିବେ। ଏପରି ମତବ୍ୟକ୍ତ କରିଛନ୍ତି ସିଡ୍‌ନୀ ୟୁନିଭର୍ସିଟିର ବିଶେଷଜ୍ଞମାନେ। ଏଭଳି ଗବେଷଣା ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇଥିଲା। ନିୟମିତ ସନ୍ତୁଳିତ ଖାଦ୍ୟ ଖାଉଥିବା ବ୍ୟକ୍ତି ଅନ୍ୟମାନଙ୍କ ତୁଳନାରେ ଅଧିକ ଖୁସି ରହୁଥିବା ସେମାନେ ଏହି ସର୍ଭେରୁ ଜାଣିବାକୁ ପାଇଥିଲେ।

## ସର୍ଭିକାଲ କ୍ୟାନ୍‌ସର ପାଇଁ ଟିକା

ସର୍ଭିକାଲ କ୍ୟାନ୍‌ସର (ଜରାୟୁ ଗ୍ରୀବା କର୍କଟ) ପାଇଁ ଏକ ଟିକା ନିକଟରେ ଉଦ୍ଭାବିତ ହୋଇଛି। ଡେନ୍‌ମାର୍କର କୋପନହେଗେନସ୍ଥିତ ଡ୍ୟାନିଶ୍ କ୍ୟାନସର ସୋସାଇଟିର କ୍ୟାନ୍‌ସର ବିଶେଷଜ୍ଞମାନେ ଦୀର୍ଘ ୫ବର୍ଷ ପରିଶ୍ରମ କରି ଏଥିରେ ସଫଳ ହୋଇଛନ୍ତି। ଉକ୍ତ ନୂତନ ଟିକାକୁ 'ଏଚ୍‌ପିଭି ୧୬-୧୮ ଟିକା' ନାମରେ ନାମିତ କରାଯାଇଛି। ୨୦୦୬ରେ ଉଦ୍ଭାବିତ ଏଚ୍‌ପିଭି ଟିକାଠାରୁ ଏହା ଉନ୍ନତମାନର ବୋଲି ସେମାନେ ପ୍ରକାଶିତ ଗବେଷଣା ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଉକ୍ତ ସୋସାଇଟିର ଡା. କ୍ରିଗେଲ ସେନଗାର୍ଡ଼ଙ୍କ ତତ୍ତ୍ୱାବଧାନରେ ହୋଇଥିବା ଗବେଷଣାରୁ ଏପରି ସଫଳତା ମିଳିଛି। ସେ କହିଛନ୍ତି ଯେ, ଏହି ଟିକା ନେଲେ ସର୍ଭିକାଲ କ୍ୟାନ୍‌ସର ଆଶଙ୍କାକୁ ଅନେକାଂଶରେ ଦୂରେଇ ଦେଇ ହେବ। କେବଳ ସେତିକି ନୁହେଁ, ଏହାଜନିତ ମୃତ୍ୟୁ ହାରକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ। ବିଶେଷଭାବରେ ମହିଳାମାନଙ୍କ କ୍ଷେତ୍ରରେ ଏହି ଟିକା ଅଧିକ ଫଳପ୍ରଦ ସାବ୍ୟସ୍ତ ହୋଇଥିବାର ଜଣାପଡ଼ିଛି।





# ହ୍ରାସ ପାଉଛି ଆମ ଶରୀରର ସାଧାରଣ ତାପମାତ୍ରା

ଶରୀରର ତାପମାତ୍ରା ମାପିବାକୁ ଆମେ ବ୍ୟବହାର କରୁଥିବା ଡାକ୍ତରୀ ତାପମାନଯନ୍ତ୍ର ବା ଥର୍ମୋମିଟରରେ ୯୮.୬ ଡିଗ୍ରୀ ଫାରେନ୍‌ହିଟ୍ ସୂଚାଉଥିବା ସ୍ଥାନରେ ଅପେକ୍ଷାକୃତ ପ୍ରଶସ୍ତ ଦାଗଟିଏ ଥାଏ। ଏହାକୁ ଆମେ ଏହାର ''ସାଧାରଣ ତାପମାତ୍ରା'' ବୋଲି କହୁ। ତାହା ତହିଁରୁ ଅଧିକ ହେଲେ ଆମକୁ ଜ୍ୱର ହୋଇଥିବାର ମନେକରାଯାଏ। ତେବେ, ପ୍ରକୃତରେ ସମସ୍ତଙ୍କ ଶରୀରର









ଏହି ତଥାକଥିତ ''ସାଧାରଣ ତାପମାତ୍ରା'' ସମାନ ନୁହେଁ। ଲିଙ୍ଗଭେଦ, ବୟସ ଏବଂ ସ୍ୱାସ୍ଥ୍ୟାବସ୍ଥା ଅନୁସାରେ ଏହା ଅଲଗା ଅଲଗା ହୋଇଥାଏ। ପୁନଶ୍ଚ ଏହା ମଧ୍ୟ ଦିନର ବିଭିନ୍ନ ସମୟ, ଶରୀରର କେଉଁ ସ୍ଥାନରୁ ତାହା ମପାଯାଉଛି, ସଚେତନତା ଏବଂ ଭାବପ୍ରବଣତା ଉପରେ ନିର୍ଭରଶୀଳ। ସେଥିପାଇଁ ଏହା ସକାଳେ ସବୁଠାରୁ କମ୍, ଦିନରେ କମ୍ ଏବଂ ରାତିରେ ବେଶି ହେଲାବେଳେ ପାଟିରେ, କାଖତଳେ କିମ୍ବା ମଳଦ୍ୱାରରେ ମାପିଲେ ଏହା ଭିନ୍ନ ଭିନ୍ନ ହେବାର ଦେଖାଯାଏ। ସେହିପରି ଚେଇଁଥିବା, ଶୋଇଥିବା କିମ୍ବା ନିଶା ଔଷଧ ଖାଇ ଘୁମାଉଥିବା ଅବସ୍ଥା ଏବଂ ରାଗ ବା ମାନସିକଚାପ ଅବସ୍ଥାରେ ମଧ୍ୟ ଏଥିରେ ବେଶ୍ ତାରତମ୍ୟ ଦେଖାଯାଏ। ଅନ୍ୟପକ୍ଷରେ ଶାରୀରିକଶ୍ରମ, ଖାଦ୍ୟର ପ୍ରକାରଭେଦ, ମଦ୍ୟପାନ, ଧୂମପାନ ଇତ୍ୟାଦିର ଏହା ଉପରେ ପ୍ରଭାବ ରହିଛି। ସାଧାରଣତଃ ଶିଶୁମାନଙ୍କ ଶରୀରର ହାରାହାରି ତାପମାତ୍ରା ଅଧିକ। ଅନ୍ୟପକ୍ଷରେ, ପୁରୁଷମାନଙ୍କର ନାରୀମାନଙ୍କ ତୁଳନାରେ କମ୍। ପୁନଶ୍ଚ ଏହା କେତେକ ଜୀବରସ ବା ହରମୋନ୍ ପ୍ରତି ସମ୍ବେଦନଶୀଳ। ଉଦାହରଣସ୍ୱରୂପ, ନାରୀମାନଙ୍କ ଋତୁଚକ୍ର କାଳରେ ଡିମ୍ବୋଦୟ ପରେ ଏଷ୍ଟ୍ରୋଜେନ୍ ହ୍ରାସ ଏବଂ ପ୍ରୋଜେଷ୍ଟେରୋନ୍ ବୃଦ୍ଧି ହେଲେ ସେମାନଙ୍କ ଶରୀରର ତାପମାତ୍ରା ହଠାତ୍ ବଢ଼ିଯାଏ। ତେଣୁ ଏ ସମସ୍ତ କଥା ବିଚାରକୁ ନେଇ ବିଭିନ୍ନ ବ୍ୟକ୍ତି ବିଶେଷତଃ ଶରୀରର ''ସାଧାରଣ ତାପମାତ୍ରା'' ୯୭.୭ ଏବଂ ୯୯.୫ ଡିଗ୍ରୀ ଫାରେନ୍‌ହିଟ୍ ମଧ୍ୟରେ ବୋଲି ମନେ କରାଯାଏ। ଏଥିରୁ ଅଧିକ ହେଲେ ତାହା ହେଲା ଜ୍ୱର ଅବସ୍ଥା। କେନ୍ଦ୍ରୀୟ ସ୍ନାୟୁ ବ୍ୟବସ୍ଥା ଦ୍ୱାରା ଶରୀରର ତାପମାତ୍ରା ଏହି ସୀମା ମଧ୍ୟରେ ତାପନିୟମନ ମାଧ୍ୟମରେ ନିୟନ୍ତ୍ରଣ ହୁଏ।

ଊନବିଂଶ ଶତାବ୍ଦୀରେ ''ରକ୍ତର ତାପ'' ବୋଲି କୁହାଯାଉଥିବା ଶରୀରର ହାରାହାରି ''ସାଧାରଣ ତାପମାତ୍ରା'' ୯୮ ଡିଗ୍ରୀ ଫାରେନ୍‌ହିଟ୍ ବୋଲି ବିଭିନ୍ନ ପୁସ୍ତକରେ ସୂଚିତ କରାଯାଇଥିଲା। ତା'ପରେ ୧୯୬୮ ମସିହାରେ ଜର୍ମାନ୍ ଡାକ୍ତର କାର୍ଲ ରେଇନ୍‌ହୋଲଡ୍ ଅଗଷ୍ଟ ୱୁଣ୍ଡରଲିନ୍ ଏହା ୯୮.୬ ଡିଗ୍ରୀ ଫାରେନ୍‌ହିଟ୍ ବୋଲି ନିର୍ଦ୍ଧାରଣ କଲେ ଏବଂ ତାଙ୍କ ପୁସ୍ତକରେ ଏହାକୁ ମାନକ ରୂପେ ସୂଚିତ କଲେ। ସାରା ଦୁନିଆରେ ଚିକିତ୍ସା କ୍ଷେତ୍ରରେ ଏହା ଗୃହୀତ ହେଲା, ଯାହା କି ଏ ପର୍ଯ୍ୟନ୍ତ ଚଳିଆସିଛି। ତେବେ, ସେ ସମୟରୁ ଆଜି ମଧ୍ୟରେ ଶରୀରର ତାପମାତ୍ରା କ୍ରମଶଃ ହ୍ରାସ ପାଇ ଚାଲିଥିବାର ଏବେ ଜଣାପଡ଼ିଛି।



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ବିଭିନ୍ନ ସମୟରେ ତିନୋଟି ବଡ଼ ବଡ଼ ସର୍ବେକ୍ଷଣର ଫଳାଫଳ ବିଚାରକୁ ନେଇ ବୈଜ୍ଞାନିକମାନେ ଏ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ତହିଁରୁ ପ୍ରଥମଟି ଏକ ପୁରାତନ ଦସ୍ତାବିଜ୍। ତାହା କରାଯାଇଥିଲା ୧୮୬୨ରୁ ୧୯୩୦ ମସିହା ମଧ୍ୟରେ ଏବଂ ଏଥିରେ ୨୩,୭୧୦ ଜଣଙ୍କର ଶରୀରର ତାପମାତ୍ରା ମପାଯାଇଥିଲା। ତପ୍ରେ ତାହା ହୋଇଥିଲା ୧୯୭୧ରୁ ୧୯୭୫ ଏବଂ ୨୦୦୭ ରୁ ୨୦୧୭ ମସିହା ମଧ୍ୟରେ। ତହିଁରେ ଯଥାକ୍ରମେ ୧୫,୩୦୧ ଏବଂ ୧,୫୦,୨୦୦ ଲୋକଙ୍କୁ ଅଧ୍ୟୟନ ପରିସରଭୁକ୍ତ କରାଯାଇଥିଲା। ଏହି ପର୍ଯ୍ୟବେକ୍ଷଣ ଅନୁସାରେ ୨୦୦୦ ମସିହା ପରେ ଜନ୍ମ ହୋଇଥିବା ପୁରୁଷମାନଙ୍କ ଶରୀରର ହାରାହାରି ତାପମାତ୍ରା ୧୮୦୦ରୁ ୧୯୦୦ ମସିହା ମଧ୍ୟରେ ଜନ୍ମ ହୋଇଥିବା ପୁରୁଷଙ୍କଠାରୁ ୧.୦୬ ଡିଗ୍ରୀ ଫାରେନ୍‌ହିଟ୍ କମ୍। ନାରୀମାନଙ୍କ କ୍ଷେତ୍ରରେ ଏହା ୦.୫୮ ଡିଗ୍ରୀ ଫାରେନ୍‌ହିଟ୍।

ଏହାର କାରଣ ଏବେସୁଦ୍ଧା ନିର୍ଦ୍ଦିଷ୍ଟ ଭାବେ ସ୍ଥିର ହୋଇପାରି ନାହିଁ। ତେବେ, ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରେ ଭେଷଜବିଜ୍ଞାନ ପ୍ରଫେସର ଡାକ୍ତର ଜୁଲି ପାରସୋନେଟ୍‌ଙ୍କ ସମେତ ଅନେକ ବୈଜ୍ଞାନିକଙ୍କ ମତ ଯେ, ଆମ ଆଧୁନିକ ଜୀବନଶୈଳୀ ଚୟାପଚୟ ହାରକୁ ମନ୍ଥର କରିବାର ସମ୍ଭବତଃ ଏହାର ପ୍ରଧାନ କାରଣ। ଆମେରିକୀୟ ଗବେଷଣା ପତ୍ରିକା 'ଓ୍ୱିରେଡ୍'ର ଜାନୁୟାରୀ ୨୦୨୦ ସଂଖ୍ୟାରେ ସେମାନଙ୍କ ଦ୍ୱାରା ପ୍ରକାଶିତ ଏକ ନିବନ୍ଧରେ ସୂଚିତ କରାଯାଇଛି ଯେ, ଆମେ ବିଗତ ଶତାବ୍ଦୀଗୁଡ଼ିକରେ ଶାରିରିକ କ୍ରିୟାକଳାପ ଦୃଷ୍ଟିରୁ ଯାହା ଥିଲୁ ବର୍ତ୍ତମାନ ତହିଁରୁ ବେଶ୍ ଅଲଗା। ଆମେ ବାସ କରୁଥିବା ପରିବେଶ, ବିବିଧ ସୂକ୍ଷ୍ମଜୀବଙ୍କ ସହିତ ଆମର ସଂସ୍ପର୍ଶ, ଆମ ଖାଦ୍ୟାଭ୍ୟାସ ଇତ୍ୟାଦି ସେ ସମୟଠାରୁ ଅନେକ ବଦଳିଯାଇଛି। ଏଣୁ ଆମେ ମଧ୍ୟ ବଦଳିଚାଲିଛୁ। ଅର୍ଥାତ୍ ଯଦିଓ ଆମେ ନିଜକୁ ଅପରିବର୍ତ୍ତନୀୟ ବୋଲି ଭାବୁଛୁ, ତେବେ ପ୍ରକୃତରେ ଆମ ପ୍ରଜାତିର ବିବର୍ତ୍ତନରେ ଅନ୍ତ ଆସିନାହିଁ। ତାହା ଚାଲିଛି ଏବଂ ଆମେ ବଦଳି ଚାଲିଛୁ। ଆମ ଶରୀରର ''ସାଧାରଣ ତାପମାତ୍ରାରେ ପରିବର୍ତ୍ତନ ଏହାର ଏକ ସୂଚନା।

*-ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର, ମୋ : ୯୯୩୭୯୮୫୭୬୭*

''ସାଧାରଣତଃ ଶିଶୁମାନଙ୍କ ଶରୀରର ହାରାହାରି ତାପମାତ୍ରା ଅଧିକ। ଅନ୍ୟପକ୍ଷରେ, ପୁରୁଷମାନଙ୍କର ନାରୀମାନଙ୍କ ତୁଳନାରେ କମ୍ । ପୁନଶ୍ଚ ଏହା କେତେକ ଜୀବରସ ବା ହରମୋନ୍ ପ୍ରତି ସମ୍ବେଦନଶୀଳ। ଉଦାହରଣସ୍ୱରୂପ, ନାରୀମାନଙ୍କ ଋତୁଚକ୍ର କାଳରେ ଡିମ୍ବୋଦୟ ପରେ ଏଷ୍ଟ୍ରୋଜେନ୍ ହ୍ରାସ ଏବଂ ପ୍ରୋଜେଷ୍ଟେରୋନ୍ ବୃଦ୍ଧି ହେଲେ ସେମାନଙ୍କ ଶରୀରର ତାପମାତ୍ରା ହଠାତ୍ ବଢ଼ିଯାଏ । ତେଣୁ ଏ ସମସ୍ତ କଥା ବିଚାରକୁ ନେଇ ବିଭିନ୍ନ ବ୍ୟକ୍ତି ବିଶେଷତଃ ଶରୀରର 'ସାଧାରଣ ତାପମାତ୍ରା' ୯୭.୭ ଏବଂ ୯୯.୫ ଡିଗ୍ରୀ ଫାରେନ୍‌ହିଟ୍ ମଧ୍ୟରେ ବୋଲି ମନେ କରାଯାଏ ।''

## ଥକ୍କାପଣ ଦୂର କରିବାର ନୂଆ ଉପାୟ



କାର୍ଯ୍ୟଚାପରେ ଅନେକ ଥକି ପଡ଼ିଥାଆନ୍ତି। ଏଥିରୁ ନିଜକୁ ରକ୍ଷା କରିବାର ଏକ ସରଳ ତଥା ସହଜ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ନିଜର ମାନସିକତାକୁ ସକାରାତ୍ମକ ରଖନ୍ତି ତେବେ ତାହା ନିଜ ପାଇଁ ଲାଭପ୍ରଦ ହୋଇଥାଏ। 'ଥକ୍କାପଣ ଓ ସକାରାତ୍ମକ ମାନସିକତା' ଶୀର୍ଷକ ବିଷୟକୁ ନେଇ ଆମେରିକାସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏଥିରୁ ସେମାନେ ଜାଣିପାରିଥିଲେ ଯେ, ଯଦି ଜଣେ ବ୍ୟକ୍ତି ଅଧିକାଂଶ ସମୟ ନିଜର ମାନସିକତାକୁ ସକାରାତ୍ମକ ରଖୁଛନ୍ତି ତେବେ ସେ ଅନେକାଂଶରେ ଥକ୍କାପଣଠାରୁ ନିଜକୁ ଦୂରେଇ ରଖିପାରିବେ। ତେଣୁ ଯୋଜନାବଦ୍ଧ ଭାବରେ ଏବଂ ନିଜ ସାମର୍ଥ୍ୟ ମଧ୍ୟରେ କାମ କଲେ ଜଣେ ଥକ୍କାପଣ ଅନୁଭବ କରିବ ନାହିଁ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

## ଖାଇବା ଲୁଣର ମାତ୍ରା

''ସମୁଦ୍ରରୁ ଲୁଣ ଉତ୍ପାଦନ କରାଯାଇଥାଏ, ଯାହାକୁ ଟେବୁଲ ଲୁଣ ବା ଖାଇବା ଲୁଣ ବୋଲି କୁହାଯାଇଥାଏ। ଏହାର ରାସାୟନିକ ନାମ ସୋଡିୟମ କ୍ଲୋରାଇଡ($NaCl$)। ଗୋଟିଏ ସୋଡିୟମ ଓ କ୍ଲୋରିନ୍ ପରମାଣୁକୁ ନେଇ ଏହି ଅଣୁ ଗଠିତ ହୋଇଥାଏ, ଯାହାକୁ ଖାଇବା ଲୁଣ ଭାବେ ବ୍ୟବହାର କରାଯାଇଥାଏ। ଆମେରିକାନ୍ ହାର୍ଟ ଆସୋସିଏଶନର ତଥ୍ୟ ଅନୁଯାୟୀ ଜଣେ ଦିନକୁ ୧୫୦୦ ମିଲିଗ୍ରାମରୁ ଅଧିକ ଲୁଣ ଖାଇବା ଉଚିତ ନୁହେଁ।''





ଡା. ମାନସ ରଞ୍ଜନ ସେନାପତି

ଲୁଣ ବିନା ଖାଦ୍ୟ ସ୍ୱାଦିଷ୍ଟ ହୋଇ ନ ଥାଏ ବା ଆମ ପାଟିକୁ ଭଲ ଲାଗି ନ ଥାଏ। ଆମ ଶରୀର ପାଇଁ ନିର୍ଦ୍ଦିଷ୍ଟ ମାତ୍ରାରେ ଲୁଣର ଆବଶ୍ୟକତା ରହିଛି। ଏଥିରୁ ଅଧିକ କିମ୍ବା କମ୍ ହେଲେ ଆମ ପାଇଁ କ୍ଷତିକାରକ ହୋଇଥାଏ। ଠିକ୍ ବା ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଅଳ୍ପ ମାତ୍ରାରେ ଲୁଣର ଆବଶ୍ୟକତା ରହିଛି। ଶରୀରରେ ଆୟୋଡିନ ମାତ୍ରା ବଜାୟ ରଖିବା ପାଇଁ ୧୯୨୪ ମସିହାଠାରୁ ଲୁଣରେ ପୋଟାସିୟମ ଆୟୋଡାଇଡ ମିଶାଯାଇ ଆୟୋଡିନ ଯୁକ୍ତ ଲୁଣ ବଜାରକୁ ଛଡ଼ାଯାଉଛି। ସମୁଦ୍ରରୁ ଲୁଣ ଉତ୍ପାଦନ କରାଯାଇଥାଏ, ଯାହାକୁ ଟେବୁଲ ଲୁଣ ବା ଖାଇବା ଲୁଣ ବୋଲି କୁହାଯାଇଥାଏ। ଏହାର ରାସାୟନିକ ନାମ ସୋଡିୟମ କ୍ଲୋରାଇଡ($NaCl$)। ଗୋଟିଏ ସୋଡିୟମ ଓ କ୍ଲୋରିନ୍ ପରମାଣୁକୁ ନେଇ ଏହି ଅଣୁ ଗଠିତ ହୋଇଥାଏ, ଯାହାକୁ ଖାଇବା ଲୁଣ ଭାବେ ବ୍ୟବହାର କରାଯାଇଥାଏ। ଆମେରିକାନ୍ ହାର୍ଟ ଆସୋସିଏଶନର ତଥ୍ୟ ଅନୁଯାୟୀ ଜଣେ ଦିନକୁ ୧୫୦୦ ମିଲିଗ୍ରାମରୁ ଅଧିକ ଲୁଣ ଖାଇବା ଉଚିତ ନୁହେଁ। ମାତ୍ର ଆମେ ଏହାକୁ ଧ୍ୟାନ ନ ଦେଇ ଉଚ୍ଚ ରକ୍ତଚାପ ଓ ହୃଦ୍‌ଘାତର ଶିକାର ହୋଇଥାଉ। ଜଣେ ଆମେରିକୀୟ ପ୍ରତିଦିନ ୩୪୦୦ ମିଲିଗ୍ରାମ ଲୁଣ ଖାଉଥିବା ତଥ୍ୟ ମିଳେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ ଜଣେ ଦିନକୁ ୫ ଗ୍ରାମ ଲୁଣ ଖାଇବା କଥା ମାତ୍ର ଏଥିରେ ଆମେ ଯଥେଷ୍ଟ ଆଗୁଆ। ଜଣେ ଭାରତୀୟ ଦିନକୁ ୧୧ ଗ୍ରାମ ଲୁଣ ଖାଇଥାନ୍ତି, ଯାହାକି ନିର୍ଦ୍ଧାରିତ ମାତ୍ରାଠାରୁ ୧୧୯% ଅଧିକ। ସାଧାରଣତଃ ଆଚାର, ଚିପ୍‌ସ, ଶୁଖୁଆ ଇତ୍ୟାଦିରେ ଲୁଣ ମାତ୍ରାଧିକ ଭାବରେ ଥାଏ। ଆମ ଦେଶରେ ଏଥିପାଇଁ ପ୍ରତିବର୍ଷ ହୃଦ୍‌ଘାତରେ ୧୫ ଲକ୍ଷ ଲୋକେ ମୃତ୍ୟୁବରଣ କରୁଛନ୍ତି। ଅଧିକ ଲୁଣ ଖାଇବା ଦ୍ୱାରା ଶରୀରରୁ ଜଳର ମାତ୍ରା ହ୍ରାସ ପାଇଥାଏ। ସେହିପରି ଶରୀରରୁ ଲୁଣର ମାତ୍ରା କମିଲେ ମଧ୍ୟ ଆମ ପାଇଁ ହାନିକାରକ ହୋଇଥାଏ। ଥକାପଣ, ଦୁର୍ବଳତା ଏପରିକି ମସ୍ତିଷ୍କଘାତ ମଧ୍ୟ ଶରୀରରେ ଲୁଣ ଅଂଶ କମିଲେ ହୋଇଥାଏ। ତେଣୁ ଏହି ସବୁ ଦିଗ ପ୍ରତି ଧ୍ୟାନ ଦେଇ ଆବଶ୍ୟକ ପରିମାଣର ଲୁଣ ଖାଇବା ଉଚିତ। ଏହାଦ୍ୱାରା ଆମେ ନୀରୋଗ ଜୀବନଯାପନ କରିପାରିବା।

*-ଡିନ୍, ବିଜ୍ଞାନ, ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ, ମୋ: ୯୪୩୭୨୩୭୭୯୭*

## ସ୍ୱାସ୍ଥ୍ୟ ସୂଚନା

- ଯେଉଁ ଋତୁ ହେଉନା କାହିଁକି, ଖାଦ୍ୟପେୟ ପ୍ରତି ସବୁବେଳେ ସତର୍କ ରହନ୍ତୁ। ସବୁବେଳେ ଏପରି ଖାଦ୍ୟ ଖାଆନ୍ତୁ, ଯାହା ସହଜରେ ହଜମ ହୋଇପାରୁଥିବ।
- କେତେକ ରୋଗବାହକ ହେଉଛି ପାଣି। ପାଣିକୁ ଫୁଟାଇ ନ ପିଇଲେ ସେଥିରେ ଥିବା ଜୀବାଣୁ ଆମ ଶରୀରରେ ରୋଗ ସୃଷ୍ଟି କରିବାର ଆଶଙ୍କା ରହିଛି।
- ଶୋଇବା ପୂର୍ବରୁ କଦାପି ଟିଭି ଦେଖନ୍ତୁ ନାହିଁ। ଶୋଇବାର କିଛି ସମୟ ପୂର୍ବରୁ ଟିକେ ଚାଲବୁଲ କଲେ ରାତିରେ ଖାଇଥିବା ଖାଦ୍ୟ ସହଜରେ ହଜମ ହୋଇଥାଏ।
- ଯଦି ଆପଣ କୌଣସି ରୋଗରେ ପୀଡ଼ିତ ଏବଂ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଯାଉଛନ୍ତି ତେବେ ତାଙ୍କୁ ନିଜ ବିଷୟରେ ଟିକିନିଖି କୁହନ୍ତୁ। ବିଶେଷଭାବରେ ଯଦି କୌଣସି ଔଷଧ ଖାଇଲେ ଆପଣଙ୍କ ଆଲର୍ଜି ସମସ୍ୟା ସୃଷ୍ଟି ହେଉଛି ସେ ନେଇ ତାଙ୍କୁ ଅବଗତ କରାନ୍ତୁ।
- ଯଦି ଆପଣ ଦୃଷ୍ଟିଶକ୍ତିଜନିତ କୌଣସି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ ବିଳମ୍ବ ନ କରି ତୁରନ୍ତ ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।
- ଆପଣଙ୍କ ବୟସ ୪୦ ଟପିଗଲାଣି କି? ଯଦି ହଁ, ତେବେ ବ୍ଲଡପ୍ରେସର, ସୁଗାର ଏପରି କି ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ।





ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ(ବିପିସିଏଲ୍)ର ବଜାର ମୂଲ୍ୟ ଅତି ଉଚ୍ଚରେ ରହିଛି। ଚୂଡ଼ାନ୍ତ ବିଡ୍ ଦସ୍ତାବିଜ ଆସିବା ପରେ ବିଡିଂରେ ଭାଗ ନେବା ସମ୍ପର୍କରେ ବିଚାର କରାଯିବ।

**– ଅନୀଲ ଅଗ୍ରୱାଲ, ବେଦାନ୍ତ ଅଧ୍ୟକ୍ଷ**



ପବ୍ଲିକ ଫାଇନାନ୍ସ ମ୍ୟାନେଜମେଣ୍ଟ ସିଷ୍ଟମକୁ ସରଳ ଏବଂ ଅଧିକ ଦକ୍ଷ କରିବାକୁ ହେଲେ ଅତ୍ୟାଧୁନିକ ଏବଂ ଗ୍ରହଣଯୋଗ୍ୟ ଟେକ୍ନୋଲୋଜି ଆଣିବାକୁ ହେବ। ସିଭିଲ ଆକାଉଣ୍ଟସ ଅଧିକାରୀମାନେ ଏ ଦିଗରେ କାର୍ଯ୍ୟ କରିବା ଆବଶ୍ୟକ।

**– ନିର୍ମଳା ସୀତାରାମନ, କେନ୍ଦ୍ର ଅର୍ଥ ମନ୍ତ୍ରୀ**

# ହିରୋର ନୂଆ ସୁପର ସ୍ପ୍ଲେଣ୍ଡର



**ନୂଆଦିଲ୍ଲୀ, ୧-୩**

ହିରୋ ମୋଟୋକର୍ପ ପକ୍ଷରୁ ଏହାର ପ୍ରମୁଖ ଲୋକପ୍ରିୟ ମଡେଲ ସୁପର ସ୍ପ୍ଲେଣ୍ଡର ବିଏସ-୬ ସଂସ୍କରଣ ଶୁଭାରମ୍ଭ ହୋଇଛି। ନୂଆ ମଡେଲଟିର ବଜାର ଦର ୬୭,୩୦୦ ଟଙ୍କାରୁ ଆରମ୍ଭ ହେଉଛି। ସମସ୍ତ ବିଏସ-୬ ଉତ୍ପାଦର ଉତ୍ପାଦନ କମ୍ପାନୀ ପୂର୍ବରୁ ହିଁ ବନ୍ଦ କରିସାରିଛି ଏବଂ ବର୍ତ୍ତମାନ କେବଳ ବିଏସ-ଭିଆଇ ଉତ୍ପାଦ ନିର୍ମାଣ କରୁଛି। ଗ୍ରାହକମାନଙ୍କୁ ସୁପରିଅର ଏବଂ ସ୍ୱଚ୍ଛତର ପ୍ରାଦ୍ୟୋଗିକ ଥିବା ପ୍ରିମିୟମ, ଶୀର୍ଷ ଗୁଣବତ୍ତାର ଉତ୍ପାଦ ପ୍ରଦାନ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରୁଛି ବୋଲି ହିରୋ ମୋଟୋକର୍ପ ପୁନଃ ଘୋଷଣା କରିଥିବା ସୂଚନା ରହିଛି। ଏହି ଅବସରରେ କମ୍ପାନୀର ଗ୍ଲୋବାଲ ପ୍ରଡକ୍ଟ ପ୍ଲାନିଂ ମୁଖ୍ୟ, ମେଲୋ ଲି ମେସନ କହିଛନ୍ତି, 'ଭାରତରେ ସୁପର ସ୍ପ୍ଲେଣ୍ଡର ଅନ୍ୟତମ ସର୍ବାଧିକ ଲୋକପ୍ରିୟ ମୋଟରସାଇକେଲ ହୋଇ ରହିଛି। ନୂତନ ସୁପର ସ୍ପ୍ଲେଣ୍ଡର ବିଏସ-ଭିଆଇ ଦ୍ୱାରା ଏହି ଟ୍ରେଣ୍ଡ ଅଧିକ ମଜଭୁତ ହେବ ବୋଲି ଆମେ ସୁନିଶ୍ଚିତ। କମ୍ପାନୀ ନିକଟରେ ନୂତନ ଏକ୍ସଟ୍ରିମ ୧୬୦-ଆର, ପ୍ୟାସନ-ପ୍ରୋ ବିଏସ-୬ ଏବଂ ଗ୍ଲାମର ବିଏସ-୬ ଭଳି ମଡେଲ ହିରୋ ୱାର୍ଲ୍ଡ ୨୦୨୦ରେ ବଜାର ପ୍ରବେଶ ହେବା ପରେ ନୂଆ ସୁପର ସ୍ପ୍ଲେଣ୍ଡର ବିଏସ-୬ ଶୁଭାରମ୍ଭ ହୋଇଛି। ଏହା ପୂର୍ବରୁ ଆଇସ୍ମାର୍ଟ, ସ୍ପ୍ଲେଣ୍ଡର+, ଏଚଏଫ ଡିଲକ୍ସ, ପ୍ଲେଜର+ ୧୧୦, ଡେଷ୍ଟିନି ୧୨୫ ଏବଂ ମାଇଷ୍ଟ୍ରୋ ଏଜ ୧୨୫- ଆଦି ବିଏସ-୬ ଦୁଇ-ଚକିଆର ଏକ ଅନୁକ୍ରମ କମ୍ପାନୀ ପ୍ରବେଶ କରାଇ ସାରିଛି।

# ଟୟୋଟା ଆଣିଲା ଭେଲ୍ଫିରେ



**ଭୁବନେଶ୍ୱର, ୧-୩**

ଟୟୋଟା କିର୍ଲୋସ୍କର ମୋଟର ପକ୍ଷରୁ ଏହାର ନୂଆ ବିଳାସପୂର୍ଣ୍ଣ ସେଲଫ୍-ଚାର୍ଜି ହାଇବ୍ରିଡ୍ ଇଲେକ୍ଟ୍ରିକ୍ ଯାନ ଭେଲ୍ଫିରେର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ନୂଆ ଭେଲ୍ଫିରେ ଶକ୍ତିଶାଳୀ ଡ୍ରାଇଭିଂ ଅଭିଜ୍ଞତା ପ୍ରଦାନ କରିବାକୁ ସକ୍ଷମ ହେବ। ଏହା କମ୍ ଇନ୍ଧନରେ କାର୍ଯ୍ୟ କରିବାକୁ ଥିବା କମ୍ କାର୍ବନ୍ ସୃଷ୍ଟି କରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏଥିରେ ୨.୫ ଲିଟର ୪-ସିଲିଣ୍ଡର ଇନ୍, ଗ୍ୟାସୋଲିନ୍ ହାଇବ୍ରିଡ୍ ଇନ୍, ୮୬ କିଲୋୱାଟ୍(୧୧୫ ବିଏଚ୍‌ପି) ପାୱାର, ୧୯୮ ଏନ୍‌ଏମ୍ ଟର୍କ, ୨୮୦୦ରୁ ୪୦୦୦ ଆର୍‌ପିଏମ୍ ଭଳି ପ୍ରମୁଖ ବୈଶିଷ୍ଟ୍ୟ ରହିଛି। ଏହା ବାଦ ୨ ଇଲେକ୍ଟ୍ରିକ୍ ମୋଟର ଏବଂ ବ୍ୟାଟେରି ସହ ୭ ଏସ୍‌ଆର୍‌ଏସ୍ ଏୟାର ବ୍ୟାଗ, ଭିଡିଆଇଏମ୍, ଏଚ୍‌ଏସି, ଭିଏସ୍‌ସି ଆଦି ସୁରକ୍ଷିତ ଫିଚର ଏଥିରେ ସ୍ଥାନିତ କରାଯାଇଛି। ଏହା ୪ଟି ଆକର୍ଷଣୀୟ ବାହ୍ୟ ରଙ୍ଗରେ ଉପଲବ୍ଧ। ନୂଆ ଯାନଟିର ଏକ୍ସଶୋ'ରୁମ ବଜାର ଦର ୭୯.୫୦ ଲକ୍ଷ ଟଙ୍କା ରହିଛି। ଏହି ଅବସରରେ ଟୟୋଟା କିଲୋସ୍କର ମୋଟରର ଉପାଧ୍ୟକ୍ଷ ବିକ୍ରମ କିର୍ଲୋସ୍କର କହିଛନ୍ତି, ଆମେ ଭାରତରେ ଗ୍ରାହକଙ୍କ ଆବଶ୍ୟକତା ବୁଝି ଉତ୍ପାଦ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଇଛୁ।

# ଜିଏସ୍‌ଟିରେ ଆସିବ ଲଟେରି ବ୍ୟବସ୍ଥା

**ନୂଆଦିଲ୍ଲୀ, ୧-୩**

ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି)ରେ ବିଜନେସ ଟୁ କଷ୍ଟମର ନେଣଦେଣକୁ ପ୍ରୋତ୍ସାହିତ କରିବା ଲାଗି ସରକାର ନୂଆ ବ୍ୟବସ୍ଥା ଗ୍ରହଣ କରିବାକୁ ଯାଉଛନ୍ତି। ଆସନ୍ତା ଏପ୍ରିଲ ପହିଲାରୁ ସରକାର ବିଜନେସ ଟୁ କଷ୍ଟମର (ବି ଟୁ ସି) ଇନଭଏସ୍ ଉପରେ ମାସିକ ଲଟେରୀ ଅଫର ଆରମ୍ଭ କରିବେ ବୋଲି ଜଣାପଡ଼ିଛି। ମାସିକ ଇନଭଏସ ଉପରେ ମାସିକ ଭାଗ୍ୟଶାଳି ବିଜେତା ଘୋଷଣା କରାଯିବାର କାର୍ଯ୍ୟକ୍ରମ ରହିଛି। ଜିଏସ୍‌ଟି ବ୍ୟବସ୍ଥାରେ ଲୋକମାନଙ୍କୁ ସାମଗ୍ରୀ କ୍ରୟ ବେଳେ ବିଲ୍ ନେବାକୁ ଉତ୍ସାହିତ କରିବା ଲାଗି ଏଭଳି ଏକ ଯୋଜନା ସରକାର ହାତକୁ ନେଇଛନ୍ତି। ଏହା ଦ୍ୱାରା ଜିଏସ୍‌ଟି ଠକେଇ ଉପରେ ଅଙ୍କୁଶ ଲଗାଇବା ଲାଗି ସରକାର ପଦକ୍ଷେପ ନେଉଥିବା କୁହାଯାଉଛି। ଲକି ଡ୍ରରେ ଗ୍ରାହକଙ୍କ ଲାଗି ବମ୍ପର ପୁରସ୍କାର ସହ ଦ୍ୱିତୀୟ ଏବଂ ପୁରସ୍କାର ରହିବ ବୋଲି ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ୧୦ ଲକ୍ଷ ଟଙ୍କାରୁ ୧ କୋଟି ମଧ୍ୟରେ ପୁରସ୍କାର ରାଶି ରହିବ ବୋଲି ଅଧିକାରୀ କହିଛନ୍ତି।

ଜିଏସ୍‌ଟି ନେଟୱର୍କ (ଜିଏସ୍‌ଟିଏନ୍) ଦ୍ୱାରା ବିକଶିତ କରାଯାଇଥିବା ମୋବାଇଲ ଆପ୍ଲିକେଶନରେ ଗ୍ରାହକଙ୍କୁ ବିଟୁସି ଇନଭଏସ ସ୍କାନ କରି ଅପ୍‌ଲୋଡ କରିବାକୁ ହେବ। ଏହା ପ୍ରକ୍ରିୟା ଦ୍ୱାରା ଲୋକମାନେ ଲଟେରୀରେ ଭାଗ ନେଇ ପାରିବେ। ଉଭୟ ଆଣ୍ଡ୍ରଏଡ ଏବଂ ଆଇଓଏସ୍ ପ୍ଲାଟଫର୍ମରେ ମୋବାଇଲ ଆପ୍ ଉପଲବ୍ଧ ହେବ। ଲକି ଡ୍ର ଲାଗି ଇନ୍‌ଭଏସର କୌଣସି ଦେୟ ସୀମା ରଖାଯାଇନାହିଁ। ଅର୍ଥାତ କିଛି ବି ପରିମାଣର ନେଣଦେଣ କରିଥିବା ବ୍ୟକ୍ତି ମଧ୍ୟ ଲକି ଡ୍ରର ଅଂଶ ହୋଇ ପାରିବେ। ୨୦୧୭ ଜୁଲାଇ ପହିଲାରୁ ସରକାର ଜିଏସ୍‌ଟିକୁ କାର୍ଯ୍ୟକାରୀ କରାଇଛନ୍ତି। ହେଲେ ଟିକସ ଚୋରୀ ସମେତ ଅନ୍ୟାନ୍ୟ ସମସ୍ୟା ଯୋଗୁ ବର୍ତ୍ତମାନ ଆଶା ମୁତାବକ ରାଜସ୍ୱ ଏହା ଦ୍ୱାରା ସଂଗ୍ରହ ହୋଇପାରିନାହିଁ। ମାର୍ଚ୍ଚ ୧୪ରେ ଅନୁଷ୍ଠିତ ହେବାକୁ ଥିବା ଜିଏସ୍‌ଟି ପରିଷଦ ବୈଠକରେ ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ହେବ। ଖାଉଟି କଲ୍ୟାଣ ପାଣ୍ଠିରୁ ଲଟେରୀ ସ୍କିମରେ ଲୋକଙ୍କୁ ପୁରସ୍କାର ଦିଆଯିବ ବୋଲି ଜଣାପଡ଼ିଛି।

## ଫେବୃୟାରୀରେ ୧.୦୫ ଲକ୍ଷ କୋଟିର ଜିଏସ୍‌ଟି

ଚଳିତ ବର୍ଷ ଫେବୃୟାରୀ ମାସରେ ସରକାର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ବାବଦକୁ ୧.୦୫ ଲକ୍ଷ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିବାକୁ ସକ୍ଷମ ହୋଇଛନ୍ତି। ଏହା ଗତ ବର୍ଷ ଫେବୃୟାରୀ ତୁଳନାରେ ୮% ଅଧିକ ରହିଥିବା ଜଣାପଡିଛି। ଗତ ମାସରେ ଜିଏସ୍‌ଟି ବାବଦକୁ ୧.୧୦ ଲକ୍ଷ କୋଟି ଟଙ୍କା ରାଜକୋଷକୁ ଆସିଥିଲା। ଫେବୃୟାରୀର ମୋଟ ଜିଏସ୍‌ଟି ମଧ୍ୟରୁ କେନ୍ଦ୍ର ଜିଏସ୍‌ଟି(ସିଜିଏସ୍‌ଟି)ର ଅଂଶ ୨୦,୫୬୯ କୋଟି, ରାଜ୍ୟ ଜିଏସ୍‌ଟି(ଏସ୍‌ଜିଏସ୍‌ଟି) ୨୭,୩୪୮ କୋଟି, ସମନ୍ୱିତ ଜିଏସ୍‌ଟି( ଆଇଜିଏସ୍‌ଟି) ବାବଦ ୪୮,୫୦୩ କୋଟି, ଏବଂ ସେସ୍ ବା ଉପକର ବାବଦରେ ୯,୯୪୭ କୋଟି ଟଙ୍କା ରାଜସ୍ୱ ଆଦାୟ କରାଯାଇଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। ଫେବୃୟାରୀ ୨୯ ତାରିଖ ମଧ୍ୟରେ ୮୩ ଲକ୍ଷ ଜିଏସ୍‌ଟିଆରବି ଫାଇଲ କରାଯାଇଛି। ନିୟମିତ ସମାଧାନ ଅନ୍ତର୍ଗତ ଆଇଜିଏସ୍‌ଟିରୁ ସିଜିଏସ୍‌ଟି ବାବଦରେ ୨୨,୫୮୬ କୋଟି ଏବଂ ଏସ୍‌ଜିଏସ୍‌ଟି ବାବଦ ୧୬,୫୭୩ କୋଟି ସମାଧାନ କରାଯାଇଛି।

- ଜିତି ହେବ ୧ କୋଟି ପର୍ଯ୍ୟନ୍ତ ଅର୍ଥ ରାଶି
- ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହେବ




# ସାମ୍‌ସଙ୍ଗର କର୍ଡ ମାଏଷ୍ଟ୍ରୋ ରେଫ୍ରିଜରେଟର



**ଭୁବନେଶ୍ୱର, ୧-୩**

ସାମ୍‌ସଙ୍ଗ ପକ୍ଷରୁ ଓଡ଼ିଶା ବଜାରରେ ଏହାର କର୍ଡ ମାଏଷ୍ଟ୍ରୋ ରେଫ୍ରିଜରେଟରର ଶୁଭାରମ୍ଭ କରାଯାଇଛି। ଏହା ହେଉଛି ବିଶ୍ୱର ପ୍ରଥମ ରେଫ୍ରିଜରେଟର, ଯାହା ଖାଦ୍ୟ ଦ୍ରବ୍ୟଗୁଡ଼ିକୁ କେବଳ ଥଣ୍ଡା ରଖି ନଥାଏ ବଂର ଏହାକୁ ପ୍ରସ୍ତୁତ ମଧ୍ୟ କରିଥାଏ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ନୂତନ ୨୦୨୦ ରେଫ୍ରିଜରେଟର ଲାଇନ୍-ଅପ୍‌ର ଅଂଶସ୍ୱରୂପ ସାମସଙ୍ଗ ମଧ୍ୟ ଭାରତର ପ୍ରଥମ ଫ୍ରଣ୍ଟ ଷ୍ଟାଣ୍ଡ ଫ୍ରି ରେଫ୍ରିଜରେଟର୍, ବେସ୍ ଷ୍ଟାଣ୍ଡ ଡ୍ରୟାର ସହିତ ଉପସ୍ଥାପନା କରିଛି। ଏହା ଭାରତର ପ୍ରଥମ ଫାଇଭ୍ ଷ୍ଟାର ଡାଇରେକ୍ଟ କୁଲ୍ ସିଙ୍ଗଲ୍ ଡୋର ରେଫ୍ରିଜରେଟର୍ ଲାଇନ୍-ଅପ୍ ୨୦୨୦ ଷ୍ଟାର ରେଟିଂରେ ପ୍ରସ୍ତୁତ। ଏହାର ମୂଲ୍ୟ ୧୯୮ ଲିଟର ଡାଇରେକ୍ଟ କୁଲ୍ ସିଙ୍ଗିଲ୍ ଡୋର୍ ରେଫ୍ରିଜରେଟର୍ ପାଇଁ ୧୭,୯୦୦ ରହିଥିବାବେଳେ ସ୍ମାର୍ଟ କନ୍‌ଭର୍ଟିବଲ୍ ୫ ଇନ୍ ୧ ରେଫ୍ରିଜରେଟରର ମୂଲ୍ୟ ୪୫,୯୯୦ ଟଙ୍କା ରହିଛି। ସାମସଙ୍ଗ କର୍ଡ ମାଏଷ୍ଟ୍ରୋର ମୂଲ୍ୟ ୩୦,୯୯୦ ରୁ ୪୫,୯୯୦ମଧ୍ୟରେ ରହିଛି। ଏହି ଅବସରରେ କମ୍ପାନୀର ନିର୍ଦ୍ଦେଶକ ସୌରଭ କଟ୍ୟାଲ୍ କହିଛନ୍ତି ଯେ, ଆମର ଏହି ନୂତନ ରେଞ୍ଜ୍‌ର ରେଫ୍ରିଜରେଟର୍ ମାର୍କେଟ ଲିଡରସିପ୍‌କୁ ଆହୁରି ସୁଦୃଢ଼ କରିବ।



ପୂର୍ବାଞ୍ଚଳର ମୋଷ୍ଟ ଟ୍ରଷ୍ଟେଡ ଜୁଏଲର୍ସ ଭାବେ 'ଖିମ୍‌ଜି ଜୁଏଲର୍ସ' ଟାଇମ୍ସ ବିଜ୍‌ନେସ ଆୱାର୍ଡ ୨୦୨୦ ଲାଭ କରିଛି। ଭୁବନେଶ୍ୱରଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହାର ସ୍ୱତ୍ୱାଧିକାରୀ ମିତେଶ ଖିମ୍‌ଜି ବଲିଉଡ ଅଭିନେତା ଅନିଲ କପୁରଙ୍କଠାରୁ ସମ୍ମାନିତ ହେଉଛନ୍ତି। ଖିମ୍‌ଜି ଗୋଲ୍ଡ ଆଣ୍ଡ ଡାଇମଣ୍ଡ ବର୍ଗରେ ବେଷ୍ଟ ଜୁଏଲର୍ସ, ସିଲ୍‌ଭର ଏବଂ ଫ୍ୟାଶନ ଜୁଏଲେରି ବର୍ଗରେ ବେଷ୍ଟ ଜୁଏଲର୍ସ ପୁରସ୍କାର ହାସଲ କରିଛି।

# କେଟିଏମ୍ ପକ୍ଷରୁ ଷ୍ଟଣ୍ଟ ଶୋ




**କେନ୍ଦୁଝର, ୧-୩**

କେଟିଏମ୍ ପକ୍ଷରୁ କେନ୍ଦୁଝରରେ ଷ୍ଟଣ୍ଟ ଶୋ ଆୟୋଜନ କରାଯାଇଛି। ଏଥିରେ ପେସାଦାର ଷ୍ଟଣ୍ଟ ପ୍ରଦର୍ଶନକାରୀମାନେ ଆଖିଦୃଶିଆ ଷ୍ଟଣ୍ଟ ପ୍ରଦର୍ଶନ କରିଛନ୍ତି। କେନ୍ଦୁଝରର ଓଲ୍ଡ ଟାଉନ୍‌ରେ ଥିବା ଗୁଣ୍ଡିଚା ମନ୍ଦିର ନିକଟସ୍ଥ ବଡ଼ଦାଣ୍ଡରେ ଏହି ଶୋ ଆୟୋଜନ କରାଯାଇଥିଲା। ଏହି ଅବସରରେ ସୁମିତ ନାରଙ୍ଗ, ଉପ ସଭାପତି-ପ୍ରୋ ବାଇକିଙ୍ଗ, ବଜାଜ ଅଟୋ କହିଛନ୍ତି ଯେ, 'କେଟିଏମ୍ ବ୍ରାଣ୍ଡ ଉଚ୍ଚ ପ୍ରଦର୍ଶନକାରୀ ରେସିଂ ବାଇକ୍ ପାଇଁ ଜଣାଶୁଣା ଏବଂ ଏହା ସବୁ ବେଳେ ଚାହେଁ ଯେ ଗ୍ରାହକମାନେ କେଟିଏମ୍ ବାଇକ୍‌ର ରୋମାଞ୍ଚ ଅନୁଭବ କରନ୍ତୁ। କେଟିଏମ୍ ହେଉଛି ଏକ ସ୍ୱତନ୍ତ୍ର ପ୍ରିମିୟମ୍ ବ୍ରାଣ୍ଡ୍ ଏବଂ ଆମେ କେଟିଏମ୍ ଗ୍ରାହକଙ୍କୁ ସ୍ୱତନ୍ତ୍ର କେଟିଏମ୍ ଅନୁଭୂତି ପ୍ରଦାନ କରିବାକୁ ଚାହୁଁଛୁ। କେଟିଏମ୍ ପ୍ରେମୀମାନେ କେଟିଏମ୍ କେନ୍ଦୁଝର-ଏନଏଚ୍ ୬, ବୃନ୍ଦାବନ ବିହାର, କେନ୍ଦୁଝର, ଆଟୋପୁର, ଓଡ଼ିଶାରୁ କେଟିଏମ୍ ବାଇକ୍‌ଗୁଡ଼ିକୁ କିଣିପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।


# CLASSIFIED DISPLAY

## ALL EDITION - B/W (Everyday)

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

BUSINESS

HI TECH TOWER
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ଉପରେ Digital ଟାୱାର ଲଗାନ୍ତୁ । ଅଗ୍ରିମ- 60,00,000/-, ଭଡ଼ା 40,000/- + 25,000/-ର ଅନ୍ୟାନ୍ୟ ସୁବିଧା।
(NOTE- କୌଣସି ଟାୱାର କମ୍ପାନୀରୁ ଠକାମିର ଶିକାର ହୋଇଥିଲେ କିମ୍ବା କାମ ଚାଲିଥିଲେ ତେବେ ଅଭିଯୋଗ କରି ନିଜର ଟଙ୍କା ଫେରିପାଆନ୍ତୁ ଓ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାଇ ଟାୱାର ଲଗାନ୍ତୁ।
HELPLINE No.
07488344055

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

Harpreet Corporation Digital Company
Required Land / Roof / Khet in Village and City Digital Tower Installation + Advance 65 Lakh + Rent 45 Thousand +
Contact :-
9811014559

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

INDUS TOWER LTD
କୌଣସୀ ଖର୍ଚ୍ଚ ନାହିଁ ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାୱର ବସାଇ ଅଗ୍ରୀମ 60,000,00/-, ଭଡା 50,000/- ଟଙ୍କା ପାଆନ୍ତୁ ।
Plot No 37 UA, Bungalow Rd, Kamla Nagar, New Delhi,
8882906098

FINANCE

ଶ୍ରୀ ସାଇ ଫାଇନାନ୍ସ
—ଖର୍ଚ୍ଚ ଋଣରୁ କଟିବ—
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଦ୍ୱାରା ଶିକ୍ଷା, ପ୍ରପର୍ଟି, ଗ୍ରୁପ୍ ଋଣ, ପର୍ସନାଲ, ଗୃହ ଋଣ, ମୁଦ୍ରା, ଆଧାର କାର୍ଡ, ଇଟାଭାଟି ଋଣ, ସବୁ ବର୍ଗ ପାଇଁ ଘରେ ବସି ପାଆନ୍ତୁ 12 ଘଣ୍ଟାରେ ଋଣ।
2% ସୁଧ | 40% ଛାଡ଼
ମହିଳା ଓ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ
ସହାୟତା କେନ୍ଦ୍ର: 75992-54565
89012-71684
94506-10896

DHANLAXMI FINANCE
DHANLAXMIଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8146524009
9992204863

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ | ୫୦% ଛାଡ଼
- ବିଜିନେସ୍ ଋଣ
- ସମ୍ପତ୍ତି ଋଣ
- ମାର୍କଶିଟ୍ ଋଣ
- ଆଧାର କାର୍ଡ ଋଣ
- ବ୍ୟକ୍ତିଗତ ଋଣ
- ବିପିଏଲ୍ ଋଣ
- ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷେ ଲୋକଙ୍କ ଭରସା ସମସ୍ତ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
ସମ୍ପର୍କ କରନ୍ତୁ କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୯୮୦

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍ଚର | ବ୍ୟବସାୟ
ଗୃହ ଋଣ | ଟୁ-ହ୍ୱିଲର୍
ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra

on every Tuesday & Friday





ଟେବୁଲ ଟେନିସ୍‌ରେ ମହିଳା ଓ ପୁରୁଷ ବିଭାଗ ଚାମ୍ପିୟନ ଦଳର ପ୍ରତିଯୋଗିମାନେ ଅତିଥିଙ୍କ ଗହଣରେ।

## ଚିତ୍‌କାରା, ମାଡ୍ରାସ ଚାମ୍ପିୟନ

**କଟକ ଅଫିସ,୧୩:** ସ୍ଥାନୀୟ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁନଭର୍ସିଟି ଗେମ୍ସର ଟେବୁଲ ଟେନିସ୍ (ଟିଟି) ଇଭେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ପୁରୁଷ ବର୍ଗରେ ଚିତ୍‌କାରା ବିଶ୍ୱବିଦ୍ୟାଳୟ ଓ ମହିଳା ବର୍ଗରେ ମାଡ୍ରାସ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ହୋଇଛି। ପୁରୁଷ ବର୍ଗର ଫାଇନାଲରେ ଚିତ୍‌କାରା ବିଶ୍ୱବିଦ୍ୟାଳୟ ୩-୧ ସେଟ୍‌ରେ ଓସମାନିଆ ବିଶ୍ୱବିଦ୍ୟାଳୟକୁ ହରାଇଛି। ମହିଳା ବର୍ଗରେ ମାଡ୍ରାସ ବିଶ୍ୱବିଦ୍ୟାଳୟ ଦଳ ୩-୦ ସେଟ୍‌ରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ସ୍ପୋର୍ଟ୍ସ କାଉନସିଲକୁ ପରାସ୍ତ କରିଛି।

# ପଞ୍ଜାବ ଦଳଗତ ଚାମ୍ପିୟନ, ସାବିତ୍ରୀ ଫୁଲେ ରନର୍ସଅପ୍

**ଭୁବନେଶ୍ୱର,୧।୩(ସ୍ପୋର୍ଟ୍ସ ବ୍ୟୁରୋ):** ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା(କେଆଇୟୁଜି)ର ପ୍ରଥମ ସଂସ୍କରଣ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। କିଟ୍ ବିଶ୍ୱବିଦ୍ୟାଳୟ ମଲ୍ଟି ପର୍‌ପୋଜ ଇନ୍‌ଡୋର ହଲ୍‌ରେ ରବିବାର ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ମେଗା ଇଭେଣ୍ଟର ଉଦ୍‌ଯାପନୀ ଉତ୍ସବ ଆୟୋଜିତ ହୋଇଥିଲା। ପଞ୍ଜାବ ବିଶ୍ୱବିଦ୍ୟାଳୟ ୧୭ ସ୍ୱର୍ଣ୍ଣ, ୧୯ ରୌପ୍ୟ ଓ ୧୦ ବ୍ରୋଞ୍ଜ୍ ସହ ମୋଟ୍ ୪୬ ପଦକ ହାସଲ କରି ପଦକ ତାଲିକାର ଶୀର୍ଷରେ ରହିବା ସହ ଦଳଗତ ଚାମ୍ପିୟନ ହୋଇଛି। ଅନ୍ୟପଟେ ସାବିତ୍ରୀ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟ ୧୭ ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୯ ବ୍ରୋଞ୍ଜ ସହ ମୋଟ ୩୭ ପଦକ ପାଇ ଦ୍ୱିତୀୟ ସ୍ଥାନରେ ରହି ରନର୍ସଅପ୍ ବିବେଚିତ ହୋଇଛି। ସେହିପରି ପଟିଆଲାର ପଞ୍ଜାବୀ ବିଶ୍ୱବିଦ୍ୟାଳୟ ୧୩ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୧୪ ବ୍ରୋଞ୍ଜ୍ ସହ ମୋଟ୍ ୩୩ ପଦକ ପାଇ ତୃତୀୟ ସ୍ଥାନରେ ରହିବା ସହ ସେକେଣ୍ଡ ରନର୍ସଅପ୍ ହୋଇଛି। ଆୟୋଜକ କିଟ୍ ବିଶ୍ୱବିଦ୍ୟାଳୟ ୪ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୨ ବ୍ରୋଞ୍ଜ ସହ ମୋଟ ୭ ପଦକ ହାସଲ କରି ୧୭ତମ ସ୍ଥାନ ଅଧିକାର କରିଛି। ସେହିପରି ସମ୍ବଲପୁର ବିଶ୍ୱବିଦ୍ୟାଳୟ ୧ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ସହ ୨ ପଦକ ପାଇ ୪୫ତମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଉତ୍କଳ କେବଳ ଗୋଟିଏ ବ୍ରୋଞ୍ଜ ପଦକ ପାଇ ୯୭ତମ ସ୍ଥାନରେ ରହିଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ୍ ଜିତି ମୋଟି ୩ ପଦକ ପାଇ ୪୦ତମ ସ୍ଥାନ ପାଇଛି। ପଞ୍ଜାବ ଗୋଟିଏ କମ୍ ସ୍ୱର୍ଣ୍ଣ ପଦକ ପାଇ ପଛରେ ପଡିଥିଲା। ଶନିବାର ପଞ୍ଜାବ ବକ୍ସିଂରେ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରି ସାବିତ୍ରୀକୁ ପଛରେ ପକାଇଥିଲା। ତେବେ ଅନ୍ତିମ ଦିବସରେ ସାବିତ୍ରୀ ଆଥଲେଟିକ୍ସରେ ଆଉ ଏକ ସ୍ୱର୍ଣ୍ଣ ଜିତିଥିଲା।

**ପ୍ରଥମ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଉଦ୍‌ଯାପିତ**

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ କେନ୍ଦ୍ର ଯୁବବ୍ୟାପାର କ୍ରୀଡ଼ାମନ୍ତ୍ରୀ କିରେନ୍ ରିଜିଜୁ, ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଏଓ) ସଭାପତି ଡ. ନରିନ୍ଦର ଧ୍ରୁବ ବାତ୍ରା, ରାଜ୍ୟ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ଅଲ ଇଣ୍ଡିଆ ୟୁନିଭର୍ସିଟି (ଏଆଇୟୁ) ସାଧାରଣ ସମ୍ପାଦକ ଡ. ପଙ୍କଜ ମିତ୍ତଲ, ରାଜ୍ୟ ପର୍ଯ୍ୟଟନ ଓ କ୍ରୀଡ଼ା ବିଭାଗ ସଚିବ ବିଶାଲ ଦେବ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଚାମ୍ପିୟନ, ରନର୍ସଅପ୍ ଓ ସେକେଣ୍ଡ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ପ୍ରଥମ ସଂସ୍କରଣ ବେଶ୍ ସଫଳତାର ସହ ଆୟୋଜନ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ବେଶ୍ ଖୁସି ଜାହିର କରିଥିଲେ। ଏହା ଦେଶ ତଥା ରାଜ୍ୟର କ୍ରୀଡ଼ାବିତ୍‌ଙ୍କୁ ଭବିଷ୍ୟତରେ ଭଲ ପ୍ରଦର୍ଶନ ପାଇଁ ଉତ୍ସାହିତ କରିବ ବୋଲି ସେ କହିଥିଲେ। ଆଗାମୀ ଦିନରେ ଦେଶର କ୍ରୀଡ଼ା ନୂଆ ସୋପାନରେ ପହଞ୍ଚିବ ବୋଲି ସେ ଆଶା ପ୍ରକାଶ କରିଥିଲେ।

ସେହିପରି କେଆଇୟୁଜି ବେଶ୍ ସଫଳ ହୋଇଛି ବୋଲି ରିଜିଜୁ କହିଥିଲେ। ସବୁ ଖେଳାଳି ସେମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଏବେ କେଆଇୟୁଜି ପ୍ରତିବର୍ଷ ନିୟମିତ ଭାବେ ଆୟୋଜନ ହେବ। କଶ୍ମୀରରେ ଖେଲୋ ଇଣ୍ଡଆ ଶୀତକାଳୀନ ଗେମ୍ସ ଆୟୋଜନ କରିବାକୁ ସରକାର ଯୋଜନା କରୁଛନ୍ତି ବୋଲି ସେ କହିଛନ୍ତି। ଏହା ଭବିଷ୍ୟତରେ ଦେଶ ପାଇଁ ଅଲିମ୍ପିକ୍ ମେଡାଲିଷ୍ଟ ସୃଷ୍ଟି କରିବ। ୨୦୨୮ ଅଲିମ୍ପିକ୍ସରେ ଭାରତ ପଦକ ତାଲିକାର ଶ୍ରେଷ୍ଠ ୧୦ରେ ସ୍ଥାନ ପାଇବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। କେଆଇୟୁଜିର ପରବର୍ତ୍ତୀ ସଂସ୍କରଣ କେଉଁ ବିଶ୍ୱବିଦ୍ୟାଳୟ ଆୟୋଜନ କରିବ ତାହା ଖୁବ୍‌ଶୀଘ୍ର ଘୋଷଣା କରାଯିବ ବୋଲି ସେ କହିଥିଲେ। କ୍ରୀଡ଼ା ବିକାଶରେ ଓଡ଼ିଶା ସରକାରଙ୍କ ଦୃଷ୍ଟାନ୍ତମୂଳକ ତଥା ନିରବଚ୍ଛିନ୍ନ ପ୍ରୟାସ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଭୂୟସୀ ପ୍ରଶଂସା କରିଥିଲେ।

ଆୟୋଜକ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କେଆଇୟୁଜିର ସଫଳ ଆୟୋଜନ ପାଇଁ ମଧ୍ୟ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଦୁଇମାସରୁ କମ୍ ସମୟ ଆମକୁ ମିଳିଥିଲା। ତେବେ ଏହା ସତ୍ତ୍ୱେ ଏହି ମେଗା ଇଭେଣ୍ଟ ସଫଳତାର ସହ ଆୟୋଜନ ହୋଇଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜଣାଉଛି ବୋଲି ସେ କହିଛନ୍ତି। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ମଧ୍ୟ କେଆଇୟୁଜିର ସଫଳ ଆୟୋଜନକୁ ବେଶ୍ ପ୍ରଶଂସା କରିଥିଲେ। କ୍ରୀଡ଼ାର ଉନ୍ନତି ପାଇଁ ରାଜ୍ୟ ସରକାର ବଦ୍ଧପରିକର ବୋଲି ସେ କହିଥିଲେ। ସେହିପରି ଦେଶରେ କ୍ରୀଡ଼ାର ବିକାଶ ପାଇଁ ଓଡ଼ିଶା ସରକାରଙ୍କ ପ୍ରୟାସକୁ ନରିନ୍ଦର ବାତ୍ରା ବେଶ୍ ପ୍ରଶଂସା କରିଥିଲେ। ଓଡ଼ିଶାରେ ଏକାଧିକ ବିଶ୍ୱସ୍ତରୀୟ ଇଭେଣ୍ଟ ସଫଳତାର ସହ ଆୟୋଜିତ ହୋଇଛି। ଏଥିପାଇଁ ସେ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ।

## ଅନ୍ତିମ ଦିବସ ଫଳାଫଳ
### ଆଥଲେଟିକ୍ସ

**ପୁରୁଷ ୨୦୦ ମିଟର:** ରବିବାର ଅନ୍ତିମ ଦିବସରେ ମାଡ୍ରାସ ବିଶ୍ୱବିଦ୍ୟାଳୟର ରାହୁଲ କୁମାର ୨୧.୪୨ ସେକେଣ୍ଡ ଟାଇମିଂରେ ପୁରୁଷ ୨୦୦ମିଟର ରେସ୍ ଜିତିଛନ୍ତି। ମୁମ୍ବାଇ ବିଶ୍ୱବିଦ୍ୟାଳୟର ଅକ୍ଷୟ ଆନ୍ନାପ୍ପା ଶେଟ୍ଟି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ମାଙ୍ଗାଲୋର ବିଶ୍ୱବିଦ୍ୟାଳୟର ଏ. ବିଗ୍ନେସ ବ୍ରୋଞ୍ଜ ଜିତିଥିଲେ।

**ହାମର ଥ୍ରୋ:** ପଞ୍ଜାବୀ ବିଶ୍ୱବିଦ୍ୟାଳୟର ଦମନିତ ସିଂ(୬୧.୨୫ ମିଟର) ପୁରୁଷ ହାମର ଥ୍ରୋରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ମାଡ୍ରାସ ବିଶ୍ୱବିଦ୍ୟାଳୟର ଏସ୍. ନିର୍ମଳ ରାଜ ଦ୍ୱିତୀୟ ଏବଂ ରାଜେନ୍ଦ୍ର ସିଂ ବିଶ୍ୱବିଦ୍ୟାଳୟର ଫାରୁକ ଅହମ୍ମଦ ତୃତୀୟ ହୋଇଥିଲେ। ସେହିପରି ମହିଳା ହାମର ଥ୍ରୋରେ ମାଙ୍ଗାଲୋର ବିଶ୍ୱବିଦ୍ୟାଳୟର ବର୍ଷା(୫୧.୮୦ମିଟ) ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ କୁଲବିନ୍ଦର କୌର (ମହାରାଜ ଗଙ୍ଗା ସିଂ ବିଶ୍ୱବିଦ୍ୟାଳୟ) ରୌପ୍ୟ ଏବଂ ସ୍ନେହ ସୂର୍ଯ୍ୟକାନ୍ତ ଯାଦବ(ଶିବାଜୀ ୟୁନିଭର୍ସିଟି) ବ୍ରୋଞ୍ଜ ପଦକ ଲାଭ କରିଥିଲେ।

## ଷ୍ଟିପଲଚେଜ୍‌ରେ କୋମଲଙ୍କ ରେକର୍ଡ

୩୦୦୦ ମିଟର ଷ୍ଟିପଲଚେଜ୍‌ରେ ସାବିତ୍ରୀବାଇ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟର କୋଭଲ ଚନ୍ଦ୍ରକାନ୍ତ ଜଗଦଲେ (୧୦:୨୬.୬୩) ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ନୂଆ ରେକର୍ଡ କରିଛନ୍ତି। ପୂର୍ବରୁ ଏହି ରେକର୍ଡ ମାଙ୍ଗାଲୋର ବିଶ୍ୱବିଦ୍ୟାଳୟର ବି. ଜାମାଜୀ (୧୦:୩୪.୫୩)ଙ୍କ ନାମରେ ରହିଥିଲା। ଇଭେଣ୍ଟରେ ଗୋଲା ମାହେଶ୍ୱରୀ(ପାଲାମୁରୁ ବିଶ୍ୱବିଦ୍ୟାଳୟ) ୧୦:୪୧.୯୦ ଦ୍ୱିତୀୟ ଏବଂ ଶୈଳ ଧାମା (ପଞ୍ଜାବୀ ବିଶ୍ୱବିଦ୍ୟାଳୟ) ତୃତୀୟ ହୋଇଥିଲେ।

### ପଦକ ତାଲିକା (ଟପ୍-୧୦)

| ବିଶ୍ୱବିଦ୍ୟାଳୟ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ୍ |
|---|---|---|---|---|
| ପଞ୍ଜାବ | ୧୭ | ୧୯ | ୧୦ | ୪୬ |
| ସାବିତ୍ରୀ ଫୁଲେ ପୁନେ | ୧୭ | ୧୧ | ୯ | ୩୭ |
| ପଞ୍ଜାବୀ | ୧୩ | ୬ | ୧୪ | ୩୩ |
| ଏମ୍‌ଡିୟୁ | ୧୧ | ୧୧ | ୧୧ | ୩୩ |
| ମାଙ୍ଗାଲୋର | ୯ | ୭ | ୯ | ୨୫ |
| ଲଭ୍‌ଲି ପ୍ରଫେଶନାଲ | ୯ | ୬ | ୮ | ୨୩ |
| ଜୈନ୍ | ୮ | ୬ | ୨ | ୧୬ |
| ଗୁରୁ ନାନକ ଦେବ | ୭ | ୬ | ୧୨ | ୨୫ |
| ମାଡ୍ରାସ୍ | ୭ | ୫ | ୩ | ୧୫ |
| ମୁମ୍ବାଇ | ୬ | ୯ | ୧୦ | ୨୫ |
| ଦିଲ୍ଲୀ | ୬ | ୭ | ୧୩ | ୨୬ |
| ମହାତ୍ମା ଗାନ୍ଧୀ | ୬ | ୪ | ୩ | ୧୩ |
| କିଟ୍ | ୪ | ୧ | ୨ | ୭ |
| ବ୍ରହ୍ମପୁର | ୧ | ୧ | ୧ | ୩ |
| ସମ୍ବଲପୁର | ୧ | ୧ | ୦ | ୨ |
| ଉତ୍କଳ | ୦ | ୦ | ୧ | ୧ |

# ଦୂତୀଙ୍କୁ ଡବଲ୍ ଗୋଲ୍ଡ



ସ୍ୱର୍ଣ୍ଣ ପଦକ ଜିତିବା ପରେ ଦୂତୀ ଚାନ୍ଦ ଖୁସି ମନାଉଛନ୍ତି।

ଭୁବନେଶ୍ୱର, ୧।୩(ସ୍ପୋର୍ଟ୍ସ ବ୍ୟୁରୋ)- ଭାରତର ଦ୍ରୁତତମ ମହିଳା ବିବେଚିତ ହେଉଥିବା ତାରକା ସ୍ପ୍ରିଣ୍ଟର ଦୂତୀ ଚାନ୍ଦ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୧୦୦ମିଟର ଦୌଡ଼ରେ ବିଜୟୀ ହେବା ପରେ ରବିବାର ଅନ୍ତିମ ଦିବସରେ ସେ ୨୦୦ମି. ଦୌଡ଼ରେ ସ୍ୱର୍ଣ୍ଣିମ ସଫଳତା ହାସଲ କରିଛନ୍ତି। ଆୟୋଜକ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍‌ନୋଲୋଜି (କିଟ୍) ବିଶ୍ୱବିଦ୍ୟାଳୟର ଛାତ୍ରୀ ଦୂତୀ ୨୩.୬୬ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ମୁମ୍ବାଇ ବିଶ୍ୱବିଦ୍ୟାଳୟର କୀର୍ତ୍ତି ବିଜୟ ଭୋଇତେ ୨୪. ୯୮ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିବା ସହ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରୀ ଦୀପାଳି ମହାପାତ୍ର ୨୫. ୧୯ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ୍ ପଦକ ଜିତିଛନ୍ତି।

ଉଭୟ ୧୦୦ ଓ ୨୦୦ମି. ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ବେଶ୍ ଖୁସି ଅନୁଭବ କରୁଛି ବୋଲି ଦୂତୀ କହିଛନ୍ତି। ୨୦୦ମି. ରେସ୍ ଅପେକ୍ଷାକୃତ ସହଜ ହୋଇଥାଏ। କାରଣ ୧୦୦ମି.ରେ କେତେବେଳେ ଦ୍ରୁତ ଓ ମନ୍ଥର ଗତିରେ ଦୌଡ଼ିବାକୁ ହେବ ତାହା ବୁଝିବା କଷ୍ଟକର ହୋଇଥାଏ। ତେବେ ୨୦୦ମି.ରେ ଏ ନେଇ ଟିକିଏ ସ୍ୱାଧୀନତା ଥାଏ। ଅପେକ୍ଷାକୃତ ଅଧିକ ଦୂରତା ହୋଇଥିବାରୁ ଆବଶ୍ୟକତା ଅନୁଯାୟୀ ଦ୍ରୁତ ଓ ମନ୍ଥର ଗତିରେ ଦୌଡ଼ିବାକୁ ଓ ଚିନ୍ତା କରିବାକୁ ସମୟ ମିଳିଥାଏ। ତେବେ ୨୦୦ମି.ରେ ଜଣେ ରନରକୁ ଅଧିକ ଜୋର ଦେବାକୁ ହୋଇଥାଏ ବୋଲି ପଦକ ହାସଲ କରିବା ପରେ କହିଛନ୍ତି।

## ଉତ୍କଳର ଦୀପାଳିଙ୍କୁ ବ୍ରୋଞ୍ଜ



**ଭୁବନେଶ୍ୱର, ୧।୩ (ସ୍ପୋର୍ଟ୍ସ ବ୍ୟୁରୋ):** ଏଠାରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଉଦ୍‌ଯାପନୀ ଦିବସରେ ରବିବାର ଓଡ଼ିଶାର ଉତ୍କଳ ବିଶ୍ୱବିଦ୍ୟାଳୟ ପଦକ ଖାତା ଖୋଲିବାରେ ସଫଳ ହୋଇଛି। ମହିଳା ୨୦୦ ମିଟର ଦୌଡ଼ରେ ଦୀପାଳି ମହାପାତ୍ର ୩ୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ଜିତିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମହିଳା ୨୦୦ ମିଟର ରେସ୍‌ରେ ଷ୍ଟାର୍ ସ୍ପ୍ରିଣ୍ଟର ତଥା କିଟ୍ ଛାତ୍ରୀ ଦୂତୀ ଚାନ୍ଦ (୨୩.୬୬ ସେକେଣ୍ଡ) ସ୍ୱର୍ଣ୍ଣ ପଦକ ଜିତିଥିଲେ। ମୁମ୍ବାଇ ବିଶ୍ୱବିଦ୍ୟାଳୟର କୀର୍ତ୍ତି ବିଜୟ ଭୋଇତି (୨୪.୯୮) ଓ ଦୀପାଳି (୨୫.୧୯) ଯଥାକ୍ରମେ ପୋଡିୟମର ୨ୟ ଓ ୩ୟ ସ୍ଥାନରେ ରହିଥିଲେ। ଉତ୍କଳର ଅନ୍ୟତମ ଧାବିକା ବିନତୀ ବେହେରା (୨୬.୬୯) ୮ମ ସ୍ଥାନରେ ରହିଥିଲେ। ଉଲ୍ଲେଖଯୋଗ୍ୟ, ଦୀପାଳି ନୟାଗଡ଼ କଲେଜର ଯୁକ୍ତ ୩ ସୋସିଓଲୋଜି ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରୀ। ନୟାଗଡ଼ ଶାସ୍ତ୍ରୀ ନଗରର ବାସିନ୍ଦା ସୁବାସ ମହାପାତ୍ରଙ୍କ ଝିଅ ହେଉଛନ୍ତି ଦୀପାଳି।

## ସିଦ୍ଧାନ୍ତ, ସାଧବୀ ଶ୍ରେଷ୍ଠ

**ଭୁବନେଶ୍ୱର, ୧।୩ (ସ୍ପୋର୍ଟ୍ସ ବ୍ୟୁରୋ):** ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ପ୍ରଥମ ସଂସ୍କରଣ ରବିବାର ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସୁଇମର ସାଧବୀ ଧୁରୀ (ସାବିତ୍ରୀ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟ) ଓ ସିଦ୍ଧାନ୍ତ ସେଜଓ୍ୱାଲ (ପଞ୍ଜାବ ବିଶ୍ୱବିଦ୍ୟାଳୟ) ଯଥାକ୍ରମେ ମହିଳା ଓ ପୁରୁଷ ବର୍ଗରେ ଶ୍ରେଷ୍ଠ ଆଥ୍‌ଲେଟ୍ ବିବେଚିତ ହୋଇଛନ୍ତି। ଉଭୟ ସାଧବୀ ଓ ସିଦ୍ଧାନ୍ତ ପ୍ରତିଯୋଗିତାରେ ମୋଟ୍ ୫ଟି ଲେଖାଏ ସ୍ୱର୍ଣ୍ଣ ପଦକ ଜିତି ଶ୍ରେଷ୍ଠ ଆଥ୍‌ଲେଟ୍ ହେବାରୁ ଗୌରବ ଲାଭ କରିଛନ୍ତି।

### ୬୪ ବିଶ୍ୱବିଦ୍ୟାଳୟକୁ ସ୍ୱର୍ଣ୍ଣ

ଏହି ୧୦ ଦିବସୀୟ ପ୍ରତିଯୋଗିତାରେ ମୋଟ୍ ୬୪ ବିଶ୍ୱବିଦ୍ୟାଳୟ ଅତିକମ୍‌ରେ ଗୋଟିଏ ଲେଖାଏ ପଦକ ଜିତିଛନ୍ତି। ସେହିଭଳି ୧୧୩ ବିଶ୍ୱବିଦ୍ୟାଳୟ ପଦକ ଖାତା ଖୋଲିବାରେ ସଫଳ ହୋଇଛନ୍ତି।



ମହିଳା ବକ୍ସିଂର କୃତୀ ପ୍ରତିଯୋଗୀମାନେ ଅତିଥି ପୂର୍ବତନ ଭାରତୀୟ ମହିଳା ଫୁଟବଲ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କ ସହ।

ଧରିତ୍ରୀ
DHARITRI
ସୋମବାର, ୨ ମାର୍ଚ୍ଚ, ୨୦୨୦






“ଭାରତୀୟ ଅଧିନାୟକ ବିରାଟ କୋହଲି ଚାପରେ ଥାଇ ବ୍ୟାଟିଂ ବେଳେ ଯେପରି ଭାବେ ତ୍ରୁଟି କରି ବସୁଛନ୍ତି ତାହା ଦେଖିବାକୁ ମଜା ଲାଗୁଛି ।

–ଟ୍ରେଣ୍ଟ ବୋଲ୍ଟ, ନ୍ୟୁଜିଲାଣ୍ଡ ପେସ୍ ବୋଲର

“ନ୍ୟୁଜିଲାଣ୍ଡରେ ଭଲ ପ୍ରଦର୍ଶନ କରିବାକୁ ହେଲେ ଭାରତକୁ ମ୍ୟାଚର ସ୍ଥିତି ଅନୁସାରେ ସତର୍କତା ଓ ଆକ୍ରମଣାତ୍ମକ ନୀତି ଆପଣାଇବାକୁ ପଡ଼ିବ ।

–ଇଆନ ଚାପେଲ, ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର



## ସଂକ୍ଷେପରେ

### ପୂର୍ବତନ ହକି ଖେଳାଳି ବଲ୍‌ବୀରଙ୍କ ପରଲୋକ



**ନୂଆଦିଲ୍ଲୀ, ୧।୩ (ପି.ଟି.):** ଭାରତର ପୂର୍ବତନ ହକି ଖେଳାଳି ବଲ୍‌ବୀର ସିଂ କୁଲାରଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା। ୧୯୬୮ ଅଲିମ୍ପିକ୍ସ ବ୍ରୋଞ୍ଜ ବିଜୟୀ ଦଳର ସେ ଅନ୍ୟତମ ସଦସ୍ୟ ଥିଲେ। ତାଙ୍କର ସ୍ତ୍ରୀ ଏବଂ ଗୋଟିଏ ପୁଅ ଓ ଦୁଇଟି ଝିଅ ଅଛନ୍ତି। ପୁଅ କମଲବୀର ସିଂ କହିଛନ୍ତି ବାପାଙ୍କର ମୋ ସହିତ ଆମେରିକା ଗସ୍ତ କରିବାର କାର୍ଯ୍ୟକ୍ରମ ଥିଲା। ମାତ୍ର ହଠାତ୍ ତାଙ୍କର ହୃଦ୍‌ଘାତ ହୋଇଥିଲା। ଜଳନ୍ଧର ଜିଲାର ସଂସାରପୁରସ୍ଥିତ ବାସଭବନରେ ତାଙ୍କର ଦେହାନ୍ତ ହୋଇଥିଲା। ବଲ୍‌ବୀର ୧୯୬୩ରେ ଫ୍ରାନ୍ସର ଲିଅନଠାରେ ଭାରତ ତରଫରୁ ତାଙ୍କ ପଦାର୍ପଣ ମ୍ୟାଚ ଖେଳିଥିଲେ। ସେ ଭାରତୀୟ ଦଳ ସହିତ ବେଲଜିୟମ, ଇଂଲଣ୍ଡ, ନେଦରଲାଣ୍ଡ୍ସ, ନ୍ୟୁଜିଲାଣ୍ଡ ଏବଂ ତତ୍‌କାଳୀନ ପଶ୍ଚିମଜର୍ମାନୀ ଗସ୍ତ କରିଛନ୍ତି। ସେ ୧୯୬୬ (ବ୍ୟାଙ୍କକ୍) ଏସିଆନ ଗେମ୍ସ ସ୍ୱର୍ଣ୍ଣ ଏବଂ ୧୯୬୮ (ମେକ୍ସିକୋ) ଅଲିମ୍ପିକ ବ୍ରୋଞ୍ଜ ଜିତିଥିବା ଭାରତୀୟ ହକି ଦଳର ଅନ୍ୟତମ ସଦସ୍ୟ ଥିଲେ।

### ୪୪ ମ୍ୟାଚ୍ ପରେ ହାରିଲା ଲିଭରପୁଲ

**ଲଣ୍ଡନ,୧।୩:** ଚଳିତ ସିଜନରେ କ୍ରମାଗତ ପ୍ରିମିୟର ଲିଗ୍‌ରେ ୪୪ ମ୍ୟାଚ୍ ପରେ ଲିଭରପୁଲର ଅପରାଜେୟ ଧାରା ଭଙ୍ଗ ହୋଇଛି। ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ୱାଟଫର୍ଡ ୩-୦ ଗୋଲରେ ୟୁରୋପିଆନ ଚାମ୍ପିୟନ ଲିଭରପୁଲକୁ ହରାଇ ଦେଇଛି। ଇସମାଇଲ ସାର ବିଜୟୀ ଦଳ ପାଇଁ ଡବଲ ଗୋଲ ଦେଇଥିବାବେଳେ ଅଧିନାୟକ ଟ୍ରୋଇ ଡିନେ ତୃତୀୟ ଗୋଲ ସ୍କୋର କରିଥିଲେ। ଏହି ପରାଜୟ ଯୋଗୁ ଲିଭରପୁଲ ଦଳର ଆଶା ଧୂଳିସାତ ହୋଇଛି। ଦଳ ଆର୍ସେନଲର ୪୯ ମ୍ୟାଚ୍‌ର ଅପରାଜେୟ ଧାରା ଭାଙ୍ଗିବାକୁ ଲକ୍ଷ୍ୟ ରଖିଥିଲା। ଆର୍ସେନଲ ୨୦୦୩ ମେ’ରୁ ୨୦୦୪ ଅକ୍ଟୋବର ପର୍ଯ୍ୟନ୍ତ ଲିଗ୍‌ରେ ଅପରାଜେୟ ହୋଇ ରହିଥିଲା। ପରାଜୟ ସତ୍ତ୍ୱେ ପଏଣ୍ଟ ଟେବଲ ଶୀର୍ଷରେ ଥିବା ଲିଭରପୁଲ ଦ୍ୱିତୀୟ ସ୍ଥାନରେ ଥିବା ମାଞ୍ଚେଷ୍ଟର ସିଟିଠାରୁ ୨୨ ପଏଣ୍ଟ ଆଗରେ ଅଛି। ଏହି ମ୍ୟାଚ୍ ପୂର୍ବରୁ ଲିଭରପୁଲ କେବଳ ଦୁଇ ପଏଣ୍ଟ ହାତଛଡ଼ା କରିଥିଲା। ଦଳ ଆଗକୁ ଆହୁରି ୧୧ ଲିଗ୍ ମ୍ୟାଚ୍ ଖେଳିବ। ଏଥିରୁ ୪ ବିଜୟ ହାସଲ କଲେ ଦଳ ୧୯ଥର ପାଇଁ ଚାମ୍ପିୟନ ହେବ।

### ଅନ୍ନାମଲାଇକୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୧।୩ (ସ୍ପୋର୍ଟ୍ସ ବ୍ୟୁରୋ):** ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ମହିଳା ଫୁଟ୍‌ବଲ ପ୍ରତିଯୋଗିତାରେ ତାମିଲନାଡୁର ଅନ୍ନାମଲାଇ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ହୋଇଛି। କିଟ୍ କ୍ୟାମ୍ପସ-୧୩ସ୍ଥିତ ଫୁଟ୍‌ବଲ ଗ୍ରାଉଣ୍ଡରେ ଖେଳାଯାଇଥିବା ଫାଇନାଲରେ ଅନ୍ନାମଲାଇ ୨-୧ ଗୋଲରେ ମଦୁରାଇ କାମରାଜ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା। ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ଗୁରୁ ନାନକ ଦେବ ୩-୧ ଗୋଲରେ ଗୋଆକୁ ହରାଇ ୩ୟ ସ୍ଥାନ ହାସଲ କରିଛି।

# ଆଉ ଏକ ପରାଜୟ ଦ୍ୱାରରେ ଭାରତ

**ଖ୍ରୀଷ୍ଟଚର୍ଚ୍ଚ, ୧।୩ (ପି.ଟି.)**

ଦୁଇ ଦ୍ରୁତ ବୋଲର ମହମ୍ମଦ ଶାମି ଓ ଯଶପ୍ରୀତ୍ ବୁମ୍‌ରାଙ୍କ ଦମ୍‌ଦାର ବୋଲିଂ ବଳରେ ଘରୋଇ ନ୍ୟୁଜିଲାଣ୍ଡ ବିପକ୍ଷରେ ଏଠାରେ ଅନୁଷ୍ଠିତ ୨ୟ ଟେଷ୍ଟ ମ୍ୟାଚ୍‌ରେ ଭାରତ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିଛି। କିନ୍ତୁ ଏହାପରେ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ପୁଣିଥରେ ବିଫଳ ହେବାରୁ ବିଜୟ ଲାଗି ମିଳିଥିବା ସୁବର୍ଣ୍ଣ ସୁଯୋଗକୁ ଭାରତ ହରାଇଛି।

**ଦ୍ୱିତୀୟ ଟେଷ୍ଟ**

**ଶାମି-ବୁମ୍‌ରାଙ୍କ ବୋଲିଂ ବେକାର**



ଟମ୍ ବ୍ଲଣ୍ଡେଲଙ୍କ ଉଇକେଟ୍ ହାସଲ ଅବସରରେ ଉମେଶ ଯାଦବ।

ଭାରତର ପ୍ରଥମ ଇନିଂସ ସ୍କୋର ୨୪୨ ରନର ଜବାବରେ ନ୍ୟୁଜିଲାଣ୍ଡ ୭୩.୧ ଓଭରରେ ୨୩୫ ରନରେ ସୀମିତ ରହିଥିଲା। ଜବାବରେ ୭ ରନରେ ଅଗ୍ରଣୀ ହାସଲ କରିଥିବା ଭ୍ରମଣକାରୀ ଭାରତୀୟ ଦଳ ରବିବାର ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୨ୟ ଇନିଂସରେ ୩୬ ଓଭରରେ ୬ ଉଇକେଟ୍ ହରାଇ ୯୦ ରନ ସଂଗ୍ରହ କରିଛି। ଫଳରେ ୪ ଉଇକେଟ୍ ଥାଇ ଭାରତ ଏବେ ମୋଟ୍ ଉପରେ ୯୭ ରନରେ ଅଗ୍ରଣୀ ହାସଲ କରିଛି। ସୋମବାର ମ୍ୟାଚ୍‌ର ୩ୟ ଦିବସରେ ଫଳାଫଳ ବାହାରିବା ଏକପ୍ରକାର ସ୍ପଷ୍ଟ ହୋଇଯାଇଛି।

ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୬୩/୦ରୁ ରବିବାର ବ୍ୟାଟିଂ ଆରମ୍ଭ କରିଥିବା ନ୍ୟୁଜିଲାଣ୍ଡ ଶାମି ଓ ବୁମ୍‌ରାଙ୍କ ବୋଲିଂକୁ ସାମ୍ନା କରି ନ ପାରି ୨୩୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଓପନର୍ ଟମ୍ ଲଥାମ୍ (୫୨) ଓ ଦ୍ରୁତ ବୋଲର କାଏଲ ଜେମିନସନ (୪୯)ଙ୍କୁ ଛାଡ଼ି ଦେଲେ ଅନ୍ୟ କୌଣସି କିୱି ବ୍ୟାଟ୍ସମ୍ୟାନ ବେଶି ସମୟ ତିଷ୍ଠି ପାରି ନ ଥିଲେ। ଟମ୍ ବ୍ଲଣ୍ଡେଲ ୩୦, ଅଧିନାୟକ କେନ୍ ୱିଲିୟମସନ ୩, ରସ୍ ଟେଲର ୧୫, ହେନରୀ ନିକୋଲ୍ସ ୧୪, କଲିନ୍ ଡି ଗ୍ରାଣ୍ଡହୋମ୍ ୨୬, ନିଲ୍ ୱାଗ୍ନର ୨୧ ରନ କରିଥିବାବେଳେ ବିଜେ ୱାଟ୍‌ଲିଙ୍ଗ୍ ଓ ଟିମ୍ ସୌଦୀ ଖାତା ଖୋଲିବାରେ ବିଫଳ ହୋଇଥିଲେ। ଶାମି (୪/୮୧) ଓ ବୁମ୍‌ରା (୩/୬୨) ମିଳିତ ଭାବେ ୭ ଉଇକେଟ୍ ନେଇଥିଲେ। ରବୀନ୍ଦ୍ର ଜାଡେଜା ୨ ଓ ଉମେଶ ଯାଦବଙ୍କୁ ଗୋଟିଏ ଉଇକେଟ୍ ମିଳିଥିଲା।

୭ ରନରେ ଅଗ୍ରଣୀ ରହିଥିବା ବିରାଟ କୋହଲିଙ୍କ ଦଳ ଦ୍ୱିତୀୟ ଇନିଂସ ଆରମ୍ଭ କରି ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ରବିବାର ଖେଳ ଶେଷ ବେଳକୁ ଦଳର ଟପ୍ ଅର୍ଡରର ୬ ବ୍ୟାଟ୍ସମ୍ୟାନ ପ୍ୟାଭିଲିୟନ ଫେରିଯାଇଥିବାବେଳେ ଦଳ ୯୦ ରନ ସଂଗ୍ରହ କରିଛି। ମୟଙ୍କ ଅଗ୍ରୱାଲ (୩) ଓ ଚେତେଶ୍ୱର ପୂଜାରା (୨୪) ଟ୍ରେଣ୍ଟ ବୋଲ୍ଟଙ୍କ ଇନ୍‌ସୁଇଂ ବୋଲିଂକୁ ସାମ୍ନା କରିବାରେ ବିଫଳ ହୋଇଥିଲେ। ସେହିଭଳି ଯୁବ ଓପନର୍ ପୃଥ୍ୱୀ ଶ’ (୧୪) ସୌଦୀଙ୍କ ବାଉନ୍ସ ବଲରେ ଉଇକେଟ୍ ହରାଇଥିବାବେଳେ ଅଧିନାୟକ କୋହଲି ୧୪ ରନ କରିଥିବାବେଳେ ଗ୍ରାଣ୍ଡହୋମ୍‌ଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ। ଉପଅଧିନାୟକ ଅଜିଙ୍କ୍ୟ ରାହାନେ (୯) ଓ ନାଇଟ୍ ୱାଚ୍‌ମ୍ୟାନ ଭାବେ ଆସିଥିବା ଉମେଶ (୧) ମଧ୍ୟ ଶସ୍ତାରେ ଆଉଟ୍ ହୋଇଛନ୍ତି। ଷ୍ଟମ୍ପ ଅପସାରଣ ବେଳକୁ ହନୁମା ବିହାରୀ ୫ ଓ ରିଷଭ ପନ୍ତ ୧ ରନ କରି ଅପରାଜିତ ରହିଛନ୍ତି। ଘରୋଇ ଦଳ ପକ୍ଷରୁ ବୋଲ୍ଟ (୯-୩-୧୨-୩) ସଫଳ ବୋଲର ରହିଛନ୍ତି।

**ସଂକ୍ଷିପ୍ତ ସ୍କୋର**

**ଭାରତ ପ୍ରଥମ ଇନିଂସ:** ୨୪୨ରେ ଅଲ୍‌ଆଉଟ୍

**ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ:** ୨୩୫ରେ ଅଲ୍‌ଆଉଟ୍ (ଲଥାମ ୫୨, ଜେମିସନ ୪୯, ଶାମି ୪/୮୧)।

**ଭାରତ ୨ୟ ଇନିଂସ:** ୯୦/୬ (ପୂଜାରା ୨୪, କୋହଲି ୧୪, ପୃଥ୍ୱୀ ୧୪, ବୋଲ୍ଟ ୩/୧୨)।

### ଡିଆର୍‌ଏସ୍ ନେବାରେ କୋହଲି ଦକ୍ଷ ନୁହନ୍ତି

**ଖ୍ରୀଷ୍ଟଚର୍ଚ୍ଚ,୧।୩:** ଭାରତୀୟ ଅଧିନାୟକ ବିରାଟ କୋହଲି ଏବେ ଖରାପ ଫର୍ମ ଦେଇ ଗତି କରୁଛନ୍ତି। ସେ ଗତ ୨୦ ଇନିଂସରେ ତିନି ସଂଖ୍ୟା ବିଶିଷ୍ଟ ସ୍କୋର ଛୁଇଁ ପାରି ନାହାନ୍ତି, ଯାହାକି ଟିମ ଇଣ୍ଡିଆ ପାଇଁ ଚିନ୍ତାର କାରଣ। ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟର ପ୍ରଥମ ଇନିଂସରେ କୋହଲି ମାତ୍ର ୩ ରନ କରି ଆଉଟ୍ ହୋଇଥିଲେ ଓ ଭାରତୀୟ ଦଳର ଏକ ଡିଆରଏସ୍ ମଧ୍ୟ ନଷ୍ଟ କରିଥିଲେ। ଏଥିନେଇ ସୋସିଆଲ ମିଡିଆରେ ତାଙ୍କୁ ପ୍ରବଳ ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଖ୍ରୀଷ୍ଟଚର୍ଚ୍ଚ ଟେଷ୍ଟର ଦ୍ୱିତୀୟ ଇନିଂସ ମିଶାଇ କୋହଲି ଟେଷ୍ଟ କ୍ୟାରିୟରରେ ଏପର୍ଯ୍ୟନ୍ତ ୧୫ ଥର ଏଲବିଡବ୍ଲ୍ୟୁ ଆଉଟ୍ ହୋଇଛନ୍ତି। କୌତୂହଳର ବିଷୟ ହେଉଛି, ସେ ୧୪ ଥର ଡିଆରଏସ୍ ନେଇଛନ୍ତି। ମାତ୍ର ନିଜ ପାଇଁ ଡିଆରଏସ୍ ବ୍ୟବହାର କରିବାରେ କୋହଲିଙ୍କ ରେକର୍ଡ ସେତେଟା ଭଲ ନାହିଁ। ସେ ନେଇଥିବା ୧୪ ଡିଆରଏସ୍‌ରୁ ୯ଟି ଭାରତ ହରାଇଛି। ଏହାର ଅର୍ଥ କୋହଲି ନିଜ ପାଇଁ ବ୍ୟବହାର କରୁଥିବା ରିଭ୍ୟୁର ୬୦ ପ୍ରତିଶତ ଭୁଲ। ୩ ଥର ଅମ୍ପାୟରଙ୍କ ନିଷ୍ପତ୍ତି ଯୋଗୁ ତାଙ୍କୁ ଆଉଟ୍ ହେବାକୁ ପଡ଼ିଛି। କେବଳ ଦୁଇ ଥର କୋହଲି ସଫଳ ହୋଇଛନ୍ତି।

### ବିରହାନୁ ଜିତିଲେ ଟୋକିଓ ମାରାଥନ

**ଟୋକିଓ,୧।୩:** ଇଥିଓପିଆର ବିରହାନୁ ଲେଗେସେ ଟୋକିଓ ମାରାଥନରେ ଚାମ୍ପିୟନ ହୋଇଛନ୍ତି। ଏହି ଇଭେଣ୍ଟରେ ୩୮ ହଜାର ରନର ଅଂଶଗ୍ରହଣ କରିବାର ଥିଲା। କିନ୍ତୁ କରୋନା ଭାଇରସ ପ୍ରକୋପ ଯୋଗୁ ମାତ୍ର ୨୦୦ ଆଥ୍‌ଲେଟ୍ ମାରାଥନରେ ଭାଗ ନେଇଥିଲେ। ଲେଗେସେ କ୍ରମାଗତ ଦ୍ୱିତୀୟ ଥର ପାଇଁ ଟୋକିଓ ମାରାଥନ ଜିତିଛନ୍ତି। ସେ ମାରାଥନକୁ ୨ ଘଣ୍ଟା ୪ ମିନିଟ୍ ୧୫ ସେକେଣ୍ଡରେ ଶେଷ କରିଥିଲେ। ମହିଳା ବିଭାଗରେ ଇସ୍ରାଏଲର ଲୋନା ଚେମତାଇ (୨:୧୭.୪୫) ଚାମ୍ପିୟନ ହୋଇଛନ୍ତି। ଟୋକିଓ ମାରାଥନ ଜାପାନର ସବୁଠୁ ବଡ଼ କ୍ରୀଡ଼ା ଭିତ୍ତିକ ଇଭେଣ୍ଟ, ଯାହାକି କରୋନା ଭାଇରସ ଯୋଗୁ ପ୍ରଭାବିତ ହୋଇଛି। ଗତ ସପ୍ତାହରେ ଅନ୍ତର୍ଜାତୀୟ ଟେନିସ ଫେଡେରେଶନ (ଆଇଟିଏଫ୍) ଜାପାନ ଓ ଇକ୍ୱାଡର ମଧ୍ୟରେ ହେବାକୁ ଥିବା ଡେଭିସ କପ୍ ମ୍ୟାଚ୍‌କୁ ଆବଦ୍ଧା ସ୍ଥାନରେ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଥିଲା।



ଟ୍ରଫି ସହ ରାଫାଲ ନାଡାଲ।

### ନାଡାଲଙ୍କୁ ମେକ୍ସିକୋ ଓପନ ଟାଇଟଲ

**ଲସ ଏଞ୍ଜେଲ୍ସ,୧।୩:** ବିଶ୍ୱର ଦ୍ୱିତୀୟ ର୍‍ୟାଙ୍କଧାରୀ ରାଫାଲ ନାଡାଲ ଚଳିତ ଏଟିପି ମେକ୍ସିକୋ ଓପନ ଟାଇଟଲ ହାସଲ କରିଛନ୍ତି। ଫାଇନାଲରେ ଅଣ ସିଡ୍ ଟେଲର ଫ୍ରିଜଙ୍କୁ ସିଧାସଳଖ ୬-୩, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି ନାଡାଲ। ଏହା ସ୍ପାନିଶ ଖେଳାଳିଙ୍କ ଚଳିତବର୍ଷର ପ୍ରଥମ ଓ କ୍ୟାରିୟର ୮୫ତମ ଟାଇଟଲ। ୩୩ ବର୍ଷୀୟ ନାଡାଲ ଗତମାସରେ ଅଷ୍ଟ୍ରେଲିଆନ ଓପନ କ୍ୱାର୍ଟର ଫାଇନାଲରେ ପରାସ୍ତ ହେବା ପରେ ସିଧା ଏହି ଟୁର୍ନାମେଣ୍ଟରେ ଭାଗ ନେଇଥିଲେ। ପୂରା ସପ୍ତାହରେ ସେ ଗୋଟିଏ ହେଲେ ସେଟ୍ ହରାଇ ନ ଥିଲେ। ୧୯ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ନାଡାଲ ଅଷ୍ଟ୍ରେଲିଆନ ଓପନ ବେଳେ ବିଶ୍ୱର ଶୀର୍ଷ ର୍‍ୟାଙ୍କ ମାନ୍ୟତା ହରାଇଥିଲେ।

### ସେମିରେ ଦକ୍ଷିଣ ଆଫ୍ରିକା

**ଆଇସିସି ମହିଳା ଟି୨୦ ବିଶ୍ୱକପ୍**

**ସିଡ୍‌ନୀ, ୧।୩ (ପି.ଟି.):** ଲୌରା ୱଲଭାର୍ଡଙ୍କ ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ସହାୟତାରେ ଦକ୍ଷିଣ ଆଫ୍ରିକା ୧୭ ରନ୍‌ରେ ପାକିସ୍ତାନକୁ ହରାଇ ଆଇସିସି ମହିଳା ଟି୨୦ ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରିଛି। ରବିବାର ଖେଳାଯାଇଥିବା ଗ୍ରୁପ୍ ବି’ର ମ୍ୟାଚ୍‌ରେ ଲୌରା (୫୩*)ଙ୍କ ଯୋଗୁ ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୩୬ ରନ୍ କରିଥିଲା। ମାରିଜାନ୍ନେ କାପ ୩୧ ରନ୍ କରିଥିଲେ। ଇନିଂସର ଅନ୍ତିମ ୮ ବଲରେ ଲୌରା ୪ ଚୌକା ମାରିଥିଲେ, ଯାହାକି ଶେଷକୁ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ପାକିସ୍ତାନ ପକ୍ଷରୁ ବୋଲିଂରେ ଡାଇନା ବେଗ ୨ ଉଇକେଟ ନେଇଥିଲେ। ଜବାବରେ ପାକସ୍ତାନ ଦଳ ଶେଷ ପର୍ଯ୍ୟନ୍ତ ଖେଳି ୫ ଉଇକେଟ କ୍ଷତିରେ ୧୧୯ ରନ୍ କରିଥିଲା। ଦଳ ଲାଗି ଜାଭେରିଆ ଖାନ ୩୧, ଆଲିୟା ରିଆଜ ୩୯ ଓ ଇରାମ ଜାଭେଦ ୧୭ ରନ୍ କରିଥିଲେ। ଏହି ବିଜୟ ସହ ଦକ୍ଷିଣ ଆଫ୍ରିକା ୩ ମ୍ୟାଚ୍‌ରୁ ୩ ବିଜୟ ସହ ୬ ପଏଣ୍ଟ ହାସଲ କରି ଗ୍ରୁପ୍‌ର ଦ୍ୱିତୀୟ ସ୍ଥାନରେ ରହିଛି। ଗ୍ରୁପ୍‌ର ଅନ୍ୟ ଏକ ମ୍ୟାଚ୍‌ରେ ଇଂଲଣ୍ଡ ୪୬ ରନ୍‌ରେ ୱେଷ୍ଟଇଣ୍ଡିଜକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଇଂଲଣ୍ଡ ୪ ମ୍ୟାଚ୍‌ରୁ ୩ୟ ବିଜୟ ସହ ଗ୍ରୁପ୍‌ର ଶୀର୍ଷରେ ରହିଛି।



ଅର୍ଦ୍ଧଶତକ ହାସଲକାରୀ ଲୌରା ୱଲଭାର୍ଡ।

### ‘ଅଲିମ୍ପିକ୍ ଯୋଗ୍ୟତା ପର୍ଯ୍ୟାୟ ସମୟ ବୃଦ୍ଧି କରାଯିବା ଉଚିତ’

**ଖ୍ରୀଷ୍ଟଚର୍ଚ୍ଚ, ୧।୩ (ପି.ଟି.):** କରୋନା ଭାଇରସ ଯୋଗୁ ବହୁ ଅଲିମ୍ପିକ୍ ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟ ବାତିଲ କରାଯାଇଛି। ଏଭଳି ପରିସ୍ଥିତିରେ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ଏବଂ ଅଲିମ୍ପିକ୍ ଯୋଗ୍ୟତା ପର୍ଯ୍ୟାୟ ସମୟ ବୃଦ୍ଧି କରିବା ଉଚିତ ହେବ ବୋଲି ଲଣ୍ଡନ ଅଲିମ୍ପିକ୍ ବ୍ରୋଞ୍ଜ ପଦକ ବିଜେତା ସାଇନା ନେହ୍ୱାଲ ଓ ତାଙ୍କ ସ୍ୱାମୀ ପାରୁପଲ୍ଲୀ କାଶ୍ୟପ କହିଛନ୍ତି। ଏପର୍ଯ୍ୟନ୍ତ କରୋନା ଭାଇରସ ଯୋଗୁ ୪ ଇଭେଣ୍ଟ ଯଥା ଚାଇନା ମାଷ୍ଟର୍ସ (ଫେବୃୟାରୀ ୨୫ରୁ ମାର୍ଚ୍ଚ ୧), ଭିଏତନାମ ଇଣ୍ଟରନ୍ୟାଶନାଲ ଚ୍ୟାଲେଞ୍ଜ (ମାର୍ଚ୍ଚ ୨୪ରୁ ୨୯), ଜର୍ମାନ ଓପନ (ମାର୍ଚ୍ଚ ୩ରୁ ୮) ଓ ପୋଲିସ ଓପନ (ମାର୍ଚ୍ଚ ୨୬ ରୁ ୨୯) ବାତିଲ ହୋଇସାରିଛି। ଅଲିମ୍ପିକ୍ ଯୋଗ୍ୟତା ହାତେଇବା ନିକଟତର ଥିବା ଖେଳାଳିଙ୍କ ପାଇଁ ତାରିଖ ଘୁଞ୍ଚାଇବା ଦରକାର। ନ ହେଲେ ଏହା ଅନୁଚିତ ହେବ ବୋଲି ସାଇନା ବିଡବ୍ଲ୍ୟୁଏଫ୍ ଓ ଆଇଓସିକୁ ଟ୍ୟାଗ କରି ଟୁଇଟ୍ କରିଛନ୍ତି। ସେହିଭଳି କାଶପ୍ୟ ଟୁଇଟ୍ କରିଛନ୍ତି, ଆମ ନିକଟରେ ଏବେ ୭ଟି ଇଭେଣ୍ଟ ଅଛି। ଜର୍ମାନ ଓପନ ବାତିଲ ହୋଇସାରିଥିବାବେଳେ ସିଙ୍ଗାପୁର, ମାଲେସିଆ ଇଭେଣ୍ଟ ନେଇ ଅନିଶ୍ଚିତତା ଲାଗି ରହିଛି। ତାରିଖ ଘୁଞ୍ଚା ନ ହେଲେ ଅଲିମ୍ପିକ୍ସ ଯୋଗ୍ୟତା ନିକଟତର ଥିବା ଆଥ୍‌ଲେଟଙ୍କ ସହ ଉଚିତ ହେବ ନାହିଁ। ଯଦି ଆସନ୍ତା କିଛି ମାସରେ ପରିସ୍ଥିତିରେ ସୁଧାର ଆସେ ତେବେ ଅଲିମ୍ପିକ୍ସ ଧାର୍ଯ୍ୟ ତାରିଖରେ ଅନୁଷ୍ଠିତ। ସେତେବେଳେ ଆଇଓସି ଓ ବିଡବ୍ଲ୍ୟୁଏଫ୍‌କୁ କ୍ୱାଲିଫାଇଂ ତାରିଖ ଘୁଞ୍ଚାଇବାକୁ ପଡ଼ିବ।

### କବାଡ଼ିରେ ଗୁରୁନାନକ ଦେବ, ହିମାଚଳ ପ୍ରଦେଶ ଚାମ୍ପିୟନ

**ଭୁବନେଶ୍ୱର, ୧।୩ (ସ୍ପୋର୍ଟ୍ସ ବ୍ୟୁରୋ):** କିଟ୍ କ୍ୟାମ୍ପସ-୧୩ ସ୍ଥିତ ଇନ୍‌ଡୋର ହଲ୍‌ରେ ଅନୁଷ୍ଠିତ ପୁରୁଷବର୍ଗ କବାଡ଼ି ଫାଇନାଲରେ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ହୋଇଛି। ରବିବାର ଖେଳାଯାଇଥିବା ସଂଘର୍ଷପୂର୍ଣ୍ଣ ଫାଇନାଲରେ ଗୁରୁ ନାନକ ଦେବ ୩୩-୩୧ରେ କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଛି। ସେହିଭଳି ମହିଳା ବର୍ଗରେ ହିମାଚଳ ପ୍ରଦେଶ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଫାଇନାଲରେ ହିମାଚଳ ପ୍ରଦେଶ ୩୨-୧୯ରେ ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟକୁ ହରାଇଥିଲା।



ମହିଳା ଫୁଟବଲରେ ଚାମ୍ପିୟନ ତାମିଲନାଡୁର ଅନ୍ନାମଲାଇ ବିଶ୍ୱବିଦ୍ୟାଳୟର ଖେଳାଳି ଓ ସପୋର୍ଟ ଷ୍ଟାଫ୍।




ମହର୍ଷି ଦୟାନନ୍ଦ ଓ ହିମାଚଳ ପ୍ରଦେଶ ବିଶ୍ୱବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ମହିଳା କବାଡ଼ି ଫାଇନାଲ୍ ମ୍ୟାଚ୍।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୨/୨୦୨୦ Bhubaneswar, Monday, March 2/2020

## ସଂକ୍ଷେପରେ

### ଶାରଳା ମନ୍ଦିରକୁ ୧ କୋଟି ଟଙ୍କା ଅନୁଦାନ: ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ବିଷ୍ଣୁ

**ଜଗତ୍‌ସିଂହପୁର ଅଫିସ,୧।୩:** ଜଗତ୍‌ସିଂହପୁର ଜିଲାର ଆରାଧ ଦେବୀ ମା'ଶାରଳା ମନ୍ଦିର ସମେତ ରାଜ୍ୟର ୨୩ ମନ୍ଦିରର ବିକାଶ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁଦାନ ଯୋଗାଇ ଦେଇଛନ୍ତି। ଏହି ଅନୁଯାୟୀ ମା' ଶାରଳା ମନ୍ଦିରର ଉନ୍ନତି ପାଇଁ ୧ କୋଟି ଟଙ୍କା ଅନୁଦାନ ମିଳିଛି। ମୁଖ୍ୟମନ୍ତ୍ରୀଙ୍କ ଏହି ସହାୟତା ପାଇଁ ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଚରଣ ଦାସ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରବିବାର ସ୍ଥାନୀୟ ସର୍କିଟ୍ ହାଉସ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଧାୟକ ଦାସ ଯୋଗଦେଇ କହିଥିଲେ, ଏହି ଅନୁଦାନ ରାଶିରେ ମନ୍ଦିରର ବିକାଶ ତ୍ୱରାନ୍ୱିତ ହୋଇପାରିବ। ଆଗାମୀ ଦିନରେ ରାଜ୍ୟ ସରକାର ଅନ୍ୟ ମନ୍ଦିରଗୁଡ଼ିକର ବିକାଶ ପାଇଁ ପଦକ୍ଷେପ ନେବେ। ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପ ନେଇ ଧନ୍ୟବାଦ ଦେବାକୁ ଏକ ପ୍ରତିନିଧି ଦଳ ନବୀନ ନିବାସ ଯିବେ ବୋଲି ସେ ସୂଚନା ଦେଇଥିଲେ। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଭଜହରି କର, ଜିପି ସଲିଲ କୁମାର ଘୋଷ, ଦୀପ୍ତି କୁମାର ଦାସ ଓ ଖୋକନ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ଖେଲୋ ଇଣ୍ଡିଆ କ୍ରୀଡ଼ାରେ ପାରାଦୀପରୁ ଦୁଇ ରେଫରି

ପାରାଦୀପ, ୧।୩ (ସ୍ୱ.ପ୍ର.) ଭୁବନେଶ୍ୱରଠାରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ପାରାଦୀପର ଦୁଇଜଣ ରେଫରି ଭାବେ ଯୋଗଦେଇଥିଲେ। ସେମାନେ ହେଲେ କ୍ରୀଡ଼ା ଶିକ୍ଷକ ନକୁଳ ଚନ୍ଦ୍ର ବେହେରା ଓ ମନୋଜ ମହାପାତ୍ର। ଦୁଇଜଣ ଭଲିବଲ୍ ରେଫରି ଭାବେ ଖେଳ ସମ୍ପାଦନ କରିଥିଲେ। ପ୍ରଥମକରି ଆୟୋଜିତ ଏହି ଜାତୀୟ କ୍ରୀଡ଼ାରେ ପାରାଦୀପର ରେଫରି ଦ୍ୱୟ ଭାଗନେବା ଏବଂ ସଫଳତାର ସହ ମ୍ୟାଚ୍ ପରିଚାଳନା କରିବା ଆୟୋଜକଙ୍କ ଦୃଷ୍ଟି ଆକର୍ଷଣ କରିଛି। ଉଭୟଙ୍କୁ ପାରାଦୀପର ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଶୁଭେଚ୍ଛା ଜଣାଇଛନ୍ତି।

### ଜମି ବିବାଦରୁ ଆକ୍ରମଣ ଘଟଣା: ସ୍ୱାମୀଙ୍କ ପରେ ସ୍ତ୍ରୀ ଗିରଫ

**ତିର୍ତ୍ତୋଲ,୧।୩ (ଡି.ଏନ୍.ଏ.):** ତିର୍ତ୍ତୋଲ ଥାନା ଅଧୀନ ଜଗନ୍ନାଥପୁର ପଞ୍ଚାୟତ ବାରବାଟିଆ ଗ୍ରାମରେ ଜମିବାଡ଼ି ବିବାଦରୁ ଜାହିର ଖାନ୍‌ଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ଇସଲାମ ସାହାଙ୍କ ସ୍ତ୍ରୀ ନୂରଜାହାନଙ୍କୁ ରବିବାର ଗିରଫ କରିଛି। ଉକ୍ତ ଘଟଣାରେ ପୂର୍ବରୁ ଇସ୍‌ଲାମ ଗିରଫ ହୋଇଥିବା ବେଳେ ପୋଲିସ ନୂରଜାହାନ ଓ ତାଙ୍କ ଝିଅ ସୋମା ବିବିଙ୍କୁ ଆଣି ଥାନାରେ ପଚରାଉଚୁରା କରୁଥିଲା। ଏହାପରେ ଆବଶ୍ୟକ ପ୍ରମାଣ ମିଳିବା ପରେ ପୋଲିସ ନୂରଜାହାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ସୋମାଙ୍କୁ ଛାଡ଼ି ଦେଇଛି। ସୂଚନାଯୋଗ୍ୟ, ଗତ ୨୦ ତାରିଖରେ ଜମିବାଡ଼ି ବିବାଦରୁ ସଂଘବଦ୍ଧ ଆକ୍ରମଣ ଯୋଗୁ ଜାହିର ଖାନ୍ ଗୁରୁତର ହୋଇଥିଲେ। ଏ ନେଇ ତାଙ୍କ ସ୍ତ୍ରୀ ହୁସନାରା ବିବି ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୫୮/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

### ଚାଷୀଙ୍କୁ ମିଳିଲା କିଷାନ କ୍ରେଡିଟ କାର୍ଡ

**ବିରିଡି, ୧।୩ (ଡି.ଏନ୍.ଏ.):** ବିରିଡ଼ି ବ୍ଲକ ଅଧୀନରେ ଥିବା ଗୋପୀନାଥପୁର କାନାରା ବ୍ୟାଙ୍କ ଶାଖା ପରିସରରେ ପ୍ରଧାନମନ୍ତ୍ରୀ କିଶାନ ସମ୍ମାନ ନିଧି ଯୋଜନା ମାଧମରେ ଚାଷୀମାନଙ୍କୁ କିଶାନ କ୍ରେଡିଟ୍ କାର୍ଡ ବଣ୍ଟନ କରାଯାଇଥିଲା। ପ୍ରୋଜେକ୍ଟର ମାଧମରେ ସିଧାସଳଖ ଉତ୍ତରପ୍ରଦେଶର ଚିତ୍ରକୂଟରୁ ପ୍ରଧାନମନ୍ତ୍ରୀଙ୍କର କିଶାନ ସମ୍ମାନ ନିଧିର ସିଧାପ୍ରସାରଣ ଦେଖାଯାଇଥିଲା। ଏଥିରେ ଭୁବନେଶ୍ୱର ଆଞ୍ଚଳିକ କାନାରା ବ୍ୟାଙ୍କ କାର୍ଯ୍ୟାଳୟର ଡିଭିଜନାଲ ମ୍ୟାନେଜର କୁମାର ସଞ୍ଜିବ, ମାର୍କେଟିଂ ମ୍ୟାନେଜର ମାଧବାନନ୍ଦ ମହାପାତ୍ର, କୃଷି ସମ୍ପ୍ରସାରଣ ଅଧିକାରୀ ଅଶୋକ ଅଙ୍ଗୁଠୁ, କାନାରା ବ୍ୟାଙ୍କ ପୁରଣ ଶାଖା ପରିଚାଳକ ଏନ୍. ବଲରାଜନ ଯୋଗ ଦେଇଥିଲେ। ପ୍ରକାଶ ଗୁରୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୋତି ହେଉଛି ହଂସୁଆ ସଫେଇ

- ବୃଦ୍ଧି ପାଉଛି ବେଆଇନ ଚିଙ୍ଗୁଡ଼ି ଘେରି
- ସମସ୍ୟା ଭୋଗୁଛନ୍ତି ଚାଷୀ

ଏରସମା, ୧।୩ (ସ୍ୱ.ପ୍ର.)

ଏରସମା ବ୍ଲକ ଅଞ୍ଚଳରେ ବେଆଇନ ଚିଙ୍ଗୁଡି ଘେରି ବୃଦ୍ଧି ପାଉଥିବା ବେଳେ ଏଥିଯୋଗୁ ହଂସୁଆ ସଫେଇର ଗର୍ଭ ପୋତି ହେବାରେ ଲାଗିଛି। ସଫେଇ ପୋତି ହେବା ଫଳରେ ବ୍ଲକ ଅଞ୍ଚଳର ଚାଷଜମିରୁ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସିତ ହୋଇ ନପାରି ଜମି ରହୁଛି। ତେବେ ଚାଷଜମିରୁ ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି।

ହଂସୁଆ ସଫେଇ ଏରସମା ବ୍ଲକ ଅଧୀନ ସୋମପୁର, ପଏଦା, ପୋଖରିଆପଡ଼ା, ନାରଦିଆ, ଗଡବିଶୁନିପୁର, ଜିରାଇଲୋ, ଆମ୍ବିକି ଓ ଜପା ପଞ୍ଚାୟତ ଦେଇ ଜଟାଧାର ମୁହାଣରେ ମିଶିଛି। ଏହି ସଫେଇ ନେଇ ସମଗ୍ର ଏରସମା ବ୍ଲକର ଉଦ୍‌ବୃତ୍ତ ବର୍ଷା ଜଳ ସମୁଦ୍ରକୁ ନିଷ୍କାସିତ ହୋଇଥାଏ।



ହଂସୁଆ ସଫେଇ ପାର୍ଶ୍ୱରେ ହୋଇଥିବା ଚିଙ୍ଗୁଡ଼ି ଘେରି।

ହେଲେ ଉକ୍ତ ଅଞ୍ଚଳରେ ଧୀରେଧୀରେ ଚିଙ୍ଗୁଡ଼ି ଘେରି ସଂଖ୍ୟା ବୃଦ୍ଧି ପାଉଥିବାରୁ କାଳକ୍ରମେ ସଫେଇ ପୋତି ହୋଇପଡୁଛି। ସଫେଇ ନିକଟରେ ଓ ସଫେଇ ଭିତରେ ମଧ୍ୟ ବେଆଇନ ଚିଙ୍ଗୁଡି ଘେରି କରାଯାଉଛି, ଯାହା ଜଳ ନିଷ୍କାସନରେ ବାଧକ ସାଜୁଛି। ଏହାଦ୍ୱାରା ଚିଙ୍ଗୁଡ଼ି ଘେରି ମାଲିକମାନେ ଉପକୃତ ହେଉଥିବା ବେଳେ ବ୍ଲକ ଅଞ୍ଚଳର ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ଲକ ଅଞ୍ଚଳର ବହୁ ଲୋକ ଚାଷ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବା ବେଳେ ଚାଷଜମିରୁ ଜଳ ନିଷ୍କାସନ ଚାଷୀଙ୍କ ପାଇଁ ଏକ ପ୍ରମୁଖ ସମସ୍ୟା ପାଲଟିଛି। ଏ ନେଇ ପୂର୍ବରୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ବି ପ୍ରଶାସନିକ କ୍ଷେତ୍ରରେ କିଛି ଆଖିଦୃଶିଆ ପଦକ୍ଷେପ ନିଆ ଯାଇନାହିଁ, ଯାହାଫଳରେ ଚିଙ୍ଗିଡ଼ି ଘେରି ବୃଦ୍ଧି ପାଇବା ସହ ଚାଷୀମାନେ ବହୁ ସମସ୍ୟା ଭୋଗୁଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଏରସମା ତହସିଲଦାର ଚିତ୍ତରଞ୍ଜନ ମହାନ୍ତଙ୍କୁ ପଚାରିବାରେ, ଚାଷୀଙ୍କ ସମସ୍ୟା ନେଇ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



ମା'ବାପା ଓ ନିଜେ ତିଆରି କରିଥିବା ରୋବଟ୍ ସହ ରୁଦ୍ରନାରାୟଣ।

# ଅଦରକାରୀ ସାମଗ୍ରୀରେ ରୋବଟ୍

## ଚର୍ଚ୍ଚାରେ ୯ମ ଶ୍ରେଣୀ ଛାତ୍ର ରୁଦ୍ର

ପାରାଦୀପ, ୧।୩ (ସ୍ୱ.ପ୍ର.)

ପାରାଦୀପ ଇଫ୍‌କୋ ଡିଏଭି ସ୍କୁଲର ୯ମ ଶ୍ରେଣୀ ଛାତ୍ର ରୁଦ୍ର ନାରାୟଣ ସାମଲ ଏବେ ଚର୍ଚ୍ଚାରେ। ସେ ତିଆରି କରିଥିବା ରୋବଟ୍‌କୁ ସ୍କୁଲସ୍ତରୀୟ ବିଜ୍ଞାନ ମେଳାରେ ପ୍ରଦର୍ଶିତ କରିଥିଲେ, ଯାହା ଏବେ ଘରର କିଛି କାମ କରିପାରୁଛି। ଘର ଭିତରେ ବୁଲିବା ସହ କଲିଂ ବେଲ୍ ଭଳି ବିଭିନ୍ନ ଇଙ୍ଗିତ କରିପାରୁଛି। ଏଥିସହ ଗୁଗୁଲ୍ ଆପ୍‌ର କେତେକ ପ୍ରଶ୍ନର ଉତ୍ତର ମଧ୍ୟ ଦେଇପାରୁଛି। ଘରର ଅଦରକାରୀ ସାମଗ୍ରୀ ଯଥା କାର୍ଡବୋର୍ଡ, ଥର୍ମକୁଲ, କାଠ, ରିସିଭର, ଟ୍ରାନ୍ସମିଟର, ମୋଟର ଡ୍ରାଇଭର, ମଟର ହୁଇଲ୍, ସେନ୍‌ସର, ବ୍ୟାଟେରି ଆଦିକୁ ନେଇ ରୁଦ୍ର ଏହି ରୋବଟ୍ କରିଛନ୍ତି। ଇଫ୍‌କୋ କର୍ମଚାରୀ ସୁକାନ୍ତ ଓ ମା' ସୁଷମା ସାମଲଙ୍କ ୧୫ ବର୍ଷୀୟ ପୁତ୍ରଙ୍କ ଏହି କାର୍ଯ୍ୟକୁ ସ୍କୁଲ କର୍ତ୍ତୃପକ୍ଷ, ଇଫ୍‌କୋର ଅଧିକାରୀମାନେ ପ୍ରଶଂସା କରିଛନ୍ତି। ଆଗାମୀ ଦିନରେ ସେ କୃଷି ଭିତ୍ତିକ ରୋବଟ୍ କରିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ରୁଦ୍ର କହିଛନ୍ତି। ରୁଦ୍ର ଘରର ଭଙ୍ଗା ବୈଦ୍ୟୁତିକ ସାମଗ୍ରୀକୁ ନେଇ ସବୁବେଳେ ଖେଳୁଥିବା ବେଳେ ତାଙ୍କର ଏହି ସଫଳତା ପାଇଁ ମା'ବାପା ଖୁସିବ୍ୟକ୍ତ କରିଛନ୍ତି।

# ଏପ୍ରିଲ ୧ ରୁ ଜଗତ୍‌ସିଂହପୁର ଜିଲା ମହୋତ୍ସବ କଲ୍ଲୋଳ

ଜଗତ୍‌ସିଂହପୁର ଅଫିସ,୧।୩

ଆସନ୍ତା ଏପ୍ରିଲ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଜଗତ୍‌ସିଂହପୁର ଜିଲା ମହୋତ୍ସବ କଲ୍ଲୋଳ ଅନୁଷ୍ଠିତ ହେବ। ଏନେଇ ରବିବାର ୨ୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି।

## ରାଜ୍ୟର ସୁନାମଧନ୍ୟ କଳାକାର ହେବେ ମୁଖ୍ୟ ଆକର୍ଷଣ

ଏଥିରେ ମହୋତ୍ସବ ରାଜ୍ୟସ୍ତରୀୟ କରାଯିବା ନେଇ ଆଲୋଚନା ହୋଇଥିଲା। ବିଶେଷକରି ରାଜ୍ୟର କେତେଜଣ ସୁନାମଧନ୍ୟ କଳାକାରଙ୍କୁ ସେମାନଙ୍କ କଳା ପ୍ରଦର୍ଶନ ପାଇଁ ଆମନ୍ତ୍ରଣ କରାଯିବ। ଏହା ମହୋତ୍ସବର ମୁଖ୍ୟ ଆକର୍ଷଣ ହେବ। ବିଗତବର୍ଷଗୁଡ଼ିକରେ କେବଳ ନାମ ଗଡୁଥିବା ସଭ୍ୟାସଭ୍ୟ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ଚଳିତ ବର୍ଷ ତାଲିକାରୁ ବାଦ୍ ଦିଆଯିବାକୁ ନିଷ୍ପତ୍ତି ହୋଇଛି। ମୋଟାମୋଟି ଭାବେ କହିବାକୁ ଗଲେ ଆବଶ୍ୟକ ନ ଥିବା ସବ୍‌କମିଟି ଉଠାଇ ଦେବାକୁ ନିଷ୍ପତ୍ତି ନିଆଯାଇଛି।

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ



ବୈଠକରେ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ଅନ୍ୟମାନେ।

ବୈଠକରେ ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ କହିଥିଲେ, ଜଗତ୍‌ସିଂହପୁର ହେଉଛି କଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ସମ୍ପନ୍ନ ଜିଲା। ଚଳିତବର୍ଷ ଜିଲା ମହୋତ୍ସବକୁ ଅଧିକ ଆକର୍ଷଣୀୟ କରାଯିବା ପାଇଁ ଉଦ୍ୟମ ହେଉ। ଯଦ୍ୱାରା ଏହା ରାଜ୍ୟରେ ଏକ ପ୍ରମୁଖ କାର୍ଯ୍ୟକ୍ରମ ଭାବେ ଗଣନା ହେବ। ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି କହିଥିଲେ, ଏହା ଜିଲାବାସୀଙ୍କ ମହୋତ୍ସବ। ତେଣୁ ମହୋତ୍ସବର ବାସ୍ନା ଜିଲାବାସୀ ପାଇବା ଦରକାର। ତେଣୁ ଏପ୍ରିଲ ୧ ତାରିଖ ସକାଳେ ସାଂସ୍କୃତିକ ଶୋଭାଯାତ୍ରାରେ ପ୍ରତି ବ୍ଲକରୁ ସଂକୀର୍ତ୍ତନ, ପାଲା, ଘୋଡା ନାଚ, ଘଣ୍ଟପାଟୁଆ ଅଦି ସାଂସ୍କୃତିକ ଦଳ ଯୋଗଦେବା ଉଚିତ। ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଚରଣ ଦାସ ମହୋତ୍ସବକୁ ସଫଳ କରିବା ପାଇଁ ପ୍ରତ୍ୟେକଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ମହୋତ୍ସବର ଉଦ୍‌ଘାଟନୀ, ଉଦ୍‌ଯାପନୀ ଓ ୩ ତାରିଖରେ ସଭାର ଆୟୋଜନ ହେବ। ୨ ଓ ୪ ତାରିଖରେ ପୂର୍ଣ୍ଣ ମନୋରଞ୍ଜନ ହେବ। ରାଜ୍ୟର ପ୍ରଖ୍ୟାତ କଳାକାର ସେମାନଙ୍କ କଳାନୈପୁଣ୍ୟ ପ୍ରଦର୍ଶନ କରିବେ ବୋଲି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଥିଲେ। ଏହି ଅବସରରେ ଜିଲାର ବିଭିନ୍ନ କ୍ଷେତ୍ରରେ ଜାତୀୟସ୍ତରରେ ପୁରସ୍କୃତ ହୋଇଥିବା ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧନା ଦିଆଯିବ। ଏଥର ସହରରେ ପ୍ରଦର୍ଶନୀ ମଣ୍ଡପମାନ କରାଯିବ। ଏହାର ସୁରକ୍ଷା ନେଇ ରାତ୍ରି ଜଗୁଆଳ ନିଯୁକ୍ତ ହେବେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଉପସ୍ଥିତ ଥିଲେ। ଶେଷରେ ଜିଲା ସଂସ୍କୃତି ଅଧିକାରୀ ଧନ୍ୟବାଦ ଦେଇଥିଲେ।

# ସିଲ୍ ହେଲା ବେଆଇନ ଧାନ ଗୋଦାମ

ତିର୍ତ୍ତୋଲ, ୧।୩ (ଡି.ଏନ୍.ଏ.)

ତିର୍ତ୍ତୋଲ ବ୍ଲକ ଅଧୀନ ଶାରଳା ହାଟ ନିକଟରେ ଥିବା ଏକ ବେଆଇନ ଧାନ ଗୋଦାମକୁ ରବିବାର ଯୋଗାଣ ବିଭାଗ ପକ୍ଷରୁ ସିଲ୍ କରାଯାଇଛି। ଉକ୍ତ ଗୋଦାମରେ ଗଚ୍ଛିତ ଧାନକୁ ବେନିୟମ ଭାବରେ ସରକାରୀ ଯୋଗାଣ ବିଭାଗ ତରଫରୁ ସ୍ଥିରୀକୃତ ମିଲରଙ୍କୁ ବିକ୍ରୟ କରାଯାଉଥିବା ଅଭିଯୋଗ ହୋଇଥିଲା। ଜିଲା ଯୋଗାଣ ବିଭାଗର ଏକ ଦଳ ଏହା ତଦନ୍ତ କରିବା ସହ ପ୍ରମାଣ ଆଧାରରେ ଉକ୍ତ ଗୋଦାମକୁ ସିଲ୍ କରିଛନ୍ତି। ଏହି ତଦନ୍ତକାରୀ ଦଳରେ ଜିଲା ଯୋଗାଣ ବିଭାଗ ସହକାରୀ ଅଧିକାରୀ ସଲ୍ଲାଉଦ୍ଦିନ ଖାନ, ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ ରାଉତରାୟ, ଜି. ପ୍ରଭାକର ପାତ୍ର, ତିର୍ତ୍ତୋଲ ବ୍ଲକ ଯୋଗାଣ ନିରୀକ୍ଷକ ଯଶୋବନ୍ତ ମଲ୍ଲିକ, କୁଜଙ୍ଗ ଯୋଗାଣ ନିରୀକ୍ଷକ ବିବେକାନନ୍ଦ ମହାନ୍ତି, ରଘୁନାଥପୁର ଯୋଗାଣ ନିରୀକ୍ଷକ ମୋତିରାମ ଦାସ, ବିରିଡି ଯୋଗାଣ ନୀରିକ୍ଷକ ବିବେକାନନ୍ଦ ମହାନ୍ତି ପ୍ରମୁଖ ସାମିଲ ଥିଲେ।

# ମଧ୍ୟାହ୍ନଭୋଜନ ତଥ୍ୟ ଭୁଲ୍

## ନରଣପୁର ପ୍ରାଥମିକ ବିଦ୍ୟାଳୟ

- ୧୧ ସ୍ଥାନରେ ୧୬ ପିଲାଙ୍କ ଉପସ୍ଥାନ ଦର୍ଶାଯାଉଛି

ନାଉଗାଁ, ୧।୩ (ସ୍ୱ.ପ୍ର.)

ସର୍ବଶିକ୍ଷା ଯୋଜନାରେ ପିଲାମାନଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବା ସହ, ପୋଷାକ ଓ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ମଧ୍ୟ କରାଯାଇଛି। ସରକାରୀ ସ୍କୁଲରେ ପାଠପଢ଼ାର ମାନ ହ୍ରାସ ପାଇବା ଯୋଗୁ ଅଭିଭାବକମାନେ ପିଲାଙ୍କୁ ବେସରକାରୀ ସ୍କୁଲକୁ ପଠାଉଥିବା କହୁଛନ୍ତି। ଅନ୍ୟପଟେ ବିଭିନ୍ନ ସ୍କୁଲରେ ମଧ୍ୟାହ୍ନଭୋଜନରେ ସ୍ୱଚ୍ଛତା ରହୁ ନ ଥିବା ଅଭିଯୋଗ ହେଉଛି। ନାଉଗାଁ ବ୍ଲକ ଅଧୀନ ନରଣପୁର ପ୍ରାଥମିକ ବିଦ୍ୟାଳୟରେ ସମାନ ଅସୁବିଧା ହେଉଥିବା ଅଭିଯୋଗ ହୋଇଛି।

ନରଣପୁର ପ୍ରାଥମିକ ବିଦ୍ୟାଳୟରେ ୧ମରୁ ୫ମ ପର୍ଯ୍ୟନ୍ତ ମୋଟ ୧୬ ଜଣ ପିଲା ନାମ ଲେଖାଇଥିବା ଉପସ୍ଥାନ ଖାତାରୁ ଜଣାଯାଇଛି। ସେମାନଙ୍କମଧ୍ୟରୁ ପ୍ରତ୍ୟହ ୧୧ ଜଣ ସ୍କୁଲକୁ ଆସୁଥିବା ଦେଖାଯାଇଛି। ୧୬ ପିଲାଙ୍କ ପାଇଁ ଏଠାରେ ପ୍ରଧାନ ଶିକ୍ଷକ ଦିଲୀପ ମହାପାତ୍ର ଓ ସହକାରୀ ଶିକ୍ଷକ କୈଳାସ ସେଠୀଙ୍କୁ ନିଯୁକ୍ତି ଦିଆଯାଇଛି। ହେଲେ ଉକ୍ତ ସ୍କୁଲରେ ମଧ୍ୟାହ୍ନ ଭୋଜନ ପରିଚାଳନାରେ ସ୍ୱଚ୍ଛତା ଅବଲମ୍ବନ କରାଯାଉନାହିଁ। ଶନିବାର ସ୍କୁଲକୁ ୧୧ ଜଣ ପିଲା ଆସିଥିବା ବେଳେ ୧୬ ପିଲା ମଧ୍ୟାହ୍ନ ଭୋଜନ ଖାଇଥିବା ନେଇ ଦର୍ଶାଇ ସ୍କୁଲରୁ ତଥ୍ୟ ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ ଖବରପାଇ ଗଣମାଧ୍ୟମ ପ୍ରତିନିଧିମାନେ ସ୍କୁଲରେ ପହଞ୍ଚିବା ସହ ସିଆର୍‌ସିସି ଫକୀର ଚରଣ ସ୍ୱାଇଁଙ୍କୁ ଅବଗତ କରାଇବା ପରେ ପ୍ରଧାନଶିକ୍ଷକ ଆଉଥରେ ଠିକ୍ ତଥ୍ୟ ପ୍ରଦାନ କରିଥିଲେ। ଏ ସମ୍ପର୍କରେ ସିଆରସିସିଙ୍କୁ ପଚାରିବାରେ, ପ୍ରଧାନଶିକ୍ଷକଙ୍କ ସହ କଥା ହେବା ପରେ ସେ ଠିକ୍ ତଥ୍ୟ ପ୍ରଦାନ କରିଥିଲେ। ତେବେ ଉକ୍ତ ସ୍କୁଲରେ କମ୍ ପିଲା ନାମ ଲେଖାଇଥିବାରୁ ନିୟମାନୁସାରେ ଚଳିତ ଶିକ୍ଷାବର୍ଷରେ ସେହି ସ୍କୁଲକୁ ବନ୍ଦ କରିଦିଆଯିବ ବୋଲି କହିଛନ୍ତି।

## କଲେଜ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ

**ନାଉଗାଁ, ୧।୩ (ସ୍ୱ.ପ୍ର.):** ନାଉଗାଁ ବ୍ଲକ ଜାମୁଗାଁ ପଞ୍ଚାୟତ କଣିପଡାସ୍ଥିତ ପଲିଟେକ୍‌ନିକ ମହାବିଦ୍ୟାଳୟର କର୍ମଚାରୀ ଅନୀଲ ମହାନ୍ତିଙ୍କୁ କଲେଜ ଆଗରେ ଭାତପଡ଼ାର ମିଳନ ମହାନ୍ତି ଓ ଖଇରାବସ୍ତର ସମୀର ରାୟ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏ ନେଇ ଅନିଲଙ୍କ ବାପା କାନୁନ୍‌ଗୋ ସାହିର ପ୍ରଫୁଲ୍ଲ ମହାନ୍ତି ନାଉଗାଁ ଥାନାରେ ଶନିବାର ରାତିରେ ଲିଖିତ ଅଭିଯୋଗ କରିଛନ୍ତି। ଅନିଲ ଶନିବାର ବାଇକ୍ ଯୋଗେ କଲେଜ ଯାଉଥିବା ବେଳେ ମିଳନ ଓ ସମୀର ତାଙ୍କୁ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହ ଏକ ଲୁହା ରଡ୍‌ରେ ପିଟିଥିଲେ। ସେ ତଳେ ପଡ଼ିଯିବା ପରେ ତାଙ୍କ ମୁହଁକୁ ଇଟାରେ ଛେଚି ଦେଇଥିଲେ। ଏଥିରେ ଅନୀଲଙ୍କ ହାତ ଭାଙ୍ଗି ଯାଇଥିବା ବେଳେ ପାଟିରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବା ସହ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଅନିଲଙ୍କୁ ପ୍ରଥମେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ କଟକସ୍ଥିତ ଏକ ଘରୋଇ ନର୍ସିଂହୋମ୍‌ରେ ଭର୍ତ୍ତି କରାଯାଇଛି ବୋଲି ଅନିଲଙ୍କ ବାପା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏ ନେଇ ଥାନାଧିକାରୀ ଗୋବର୍ଦ୍ଧନ ସାହୁଙ୍କୁ ପଚାରିବାରେ, ଏ ନେଇ ୩୬/୨୦ ନଂ.ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା କହିଛନ୍ତି।

# ଜୀବନ ସଂଗ୍ରାମରେ ଶତ୍ରୁଘ୍ନ

## ୨ କିଡ୍‌ନୀ ନଷ୍ଟ, ଚିକିତ୍ସାରେ ଅର୍ଥ ସାଜିଛି ବାଧକ

ଜଗତ୍‌ସିଂହପୁର ଅଫିସ,୧।୩

ମାତ୍ର ୩୬ ବର୍ଷ ବୟସରେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଜୀବନ ସହ ସଂଗ୍ରାମ କରୁଛନ୍ତି ଜଗତ୍‌ସିଂହପୁର ବ୍ଲକ ଅଧୀନ ଖଇରଙ୍ଗ ପଞ୍ଚାୟତ ନୂଆପାଟଣାର ଶତ୍ରୁଘ୍ନ ନାଥ। ମୂଲ ଲାଗି ପରିବାର ପୋଷଣ କରୁଥିବା ଶତ୍ରୁଘ୍ନ ୪ ମାସ ହେବ ଅସହ୍ୟ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଏକମାତ୍ର ରୋଜଗାରିଆ ପୁଅର ଏଭଳି ଦୁର୍ଦ୍ଦଶାରେ ଭାଙ୍ଗି ପଡିଛନ୍ତି ପରିବାର ଲୋକେ। ଏଣେ ଶତ୍ରୁଘ୍ନଙ୍କ ରୋଜଗାର ନ ଥିବାବେଳେ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ଶତ୍ରୁଘ୍ନଙ୍କ ମା' ମଞ୍ଜୁ ତାଙ୍କର ଗୋଟିଏ କିଡ୍‌ନୀ ପୁଅକୁ ଦେବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। କିନ୍ତୁ କିଡ୍‌ନୀ ପ୍ରତିରୋପଣ ପୂର୍ବ ଓ ପରବର୍ତ୍ତୀ ସମୟରେ ଆବଶ୍ୟକ ପାଖାପାଖି ୩ ଲକ୍ଷ ଟଙ୍କା ଯୋଗାଡ କରିବା ଏହି ପରିବାର ପାଇଁ ଚିନ୍ତାର କାରଣ ହୋଇଛି। ଡାକ୍ତରଙ୍କ ପରାମର୍ଶକ୍ରମେ କିଡ୍‌ନୀ ପ୍ରତିରୋପଣ ନ ହେଲେ ଶତ୍ରୁଘ୍ନଙ୍କ ଜୀବନ ପ୍ରତି ବିପଦ ବଢ଼ିବ। ଏକଥା ଶୁଣିବା ପରେ ପରିବାର ସଦସ୍ୟଙ୍କ ମୁଣ୍ଡରେ ଚଡକ ପଡିଯାଇଛି।

ଶତ୍ରୁଘ୍ନଙ୍କ ବାପା ପହଲି ଦୀର୍ଘ ବର୍ଷ ପୂର୍ବରୁ ସନ୍ନ୍ୟାସୀ ହୋଇ କୁଆଡେ ଚାଲି ଯାଇଛନ୍ତି। ମା' ମଞ୍ଜୁ ବହୁ କଷ୍ଟରେ ୩ ପୁଅଙ୍କୁ ବଡ କରିଛନ୍ତି। ବଡ଼ପୁଅ ଶତ୍ରୁଘ୍ନ ପାଖାପାଖି ୧୦ ବର୍ଷ ପୂର୍ବରୁ ବିବାହ କରିଥିବାବେଳେ ତାଙ୍କର

### ଜିଲାପାଳ ସହାୟତା ଯୋଗାଇ ଦେବାକୁ ଦାବି



ଶତ୍ରୁଘ୍ନ ନାଥ

ଏକ ୯ ବର୍ଷର ପୁଅ ଓ ୬ ବର୍ଷର ଝିଅ ଅଛି। ଶତ୍ରୁଘ୍ନ ଓ ତାଙ୍କ ତଳ ଭାଇ ପଞ୍ଚାନନ ମୂଲ ଲାଗି ଯାହା ରୋଜଗାର କରନ୍ତି ସେଥିରେ ପରିବାର ଭରଣପୋଷଣ ହୋଇଯାଏ। ସବୁଠାରୁ ସାନଭାଇ ସ୍ଥାନୀୟ ଏକ ମହାବିଦ୍ୟାଳୟରେ ଯୁକ୍ତ ଦୁଇରେ ଶିକ୍ଷାଲାଭ କରୁଛନ୍ତି। କେବଳ ଡିଅ ଖଣ୍ଡିକୁ ବାଦ ଦେଲେ ଜମି ବୋଲି ଗୁଣ୍ଠେ ନାହିଁ। ମୁଣ୍ଡ ଗୁଞ୍ଜିବାକୁ ୨ ବଖରା ଚାଳଘର ଭରସା। ଛପର କରିବାକୁ ସମ୍ବଳ ହେଉ ନ ଥିବାରୁ ପଲିଥିନ ଖଣ୍ଡେ ପକାଇ ତା' ଭିତରେ ରହିଯାଉଛନ୍ତି ଶତ୍ରୁଘ୍ନଙ୍କ ପରିବାର। ଦେହମୁଣ୍ଡ ଖରାପ ହେଲେ ଏହି ପରିବାର ପାଇଁ ଦୁଃଖ ବଢିଯାଏ। ତଥାପି ଶତ୍ରୁଘ୍ନଙ୍କ ମନରେ ଅନେକ ସ୍ୱପ୍ନ ଥିଲା। ସ୍ତ୍ରୀ, ୨ ସନ୍ତାନ, ମା', ଭାଇଙ୍କ ମନରେ କେବେ କଷ୍ଟ ଦେବାକୁ ଚାହୁଁ ନ ଥିଲେ। ହେଲେ ସେ କ'ଣ ଜାଣିଥିଲେ ଦଇବ ଦାଉ ସାଧିବ? ୪ ମାସ ପୂର୍ବରୁ ତାଙ୍କର ୨ଟି ଯାକ କିଡ୍‌ନୀ ଖରାପ ଥିବା ଜଣାଯାଇଥିଲା। ପରେ କାମ ବନ୍ଦ। କେବଳ ତାଙ୍କର ନୁହେଁ, ସାନଭାଇ ପଞ୍ଚାନନ ମଧ୍ୟ ଆଉ କାମ କରିପାରୁନାହାନ୍ତି। ସପ୍ତାହରେ ୨ ଥର କଟକ ବଡ ଡାକ୍ତରଖାନା ନବାଆଣିବାରେ ପଞ୍ଚାନନ ବ୍ୟସ୍ତ। ୨ ରୋଜଗାରିଆ ପୁଅଙ୍କ ରୋଜଗାର ବନ୍ଦ ହୋଇଯିବା ପରେ ଏହି ପରିବାରରେ ଖାଦ୍ୟ ଚିନ୍ତା ଉତ୍କଟ ହେଲାଣି। ଯେହେତୁ ଶତ୍ରୁଘ୍ନଙ୍କ ୨ଟି ଯାକ କିଡ୍‌ନୀ ଖରାପ ହୋଇଯାଇଛି ତେଣୁ ତୁରନ୍ତ ଗୋଟିଏ ପ୍ରତିରୋପଣ ହେବା ଉପରେ ଡାକ୍ତର ପରାମର୍ଶ ଦେଇଛନ୍ତି। ଶତ୍ରୁଘ୍ନଙ୍କ ମା' ମଞ୍ଜୁ କହିଛନ୍ତି, ଯେଉଁ ପୁଅ ଭରସାରେ ଜୀବନର ଅବଶିଷ୍ଟ ସମୟ କାଟିଦେବେ ବୋଲି ଭାବୁଥିଲେ ସେ ଆଜି ଜୀବନ ସଂଗ୍ରାମରେ। ଏ ବୟସରେ ପୁଅ, ବୋହୂ, ନାତି, ନାତୁଣୀ ଆଦିଙ୍କ ଦାୟିତ୍ୱ ତାଙ୍କ ଉପରେ ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି। ତେଣୁ ଜିଲାପାଳ ସହାୟତା ଯୋଗାଇଦେବାକୁ ସେ ନିବେଦନ କରିଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ୫–ଟିର ରହୁନି ସ୍ୱଚ୍ଛତା

ନୟାଗଡ଼ ଅଫିସ, ୧।୩

■ ତଥ୍ୟ ଲୁଚାଉଛନ୍ତି ଅଧିକାରୀ
■ ଶୀତଳଭଣ୍ଡାରରେ ସୂଚନା ଅଧିକାର ଆଇନ

ସରକାରୀ ଯୋଜନାକୁ ଲୋକାଭିମୁଖୀ କରିବା ପାଇଁ ସରକାର ୫–ଟି ଉପରେ ଗୁରୁତ୍ୱ ଦେଉଛନ୍ତି। ଏହା ପ୍ରଚଳିତ ହେବା ପରଠାରୁ ସରକାରୀ ଅଧିକାରୀ ଓ କର୍ମଚାରୀ ଭୟଭୀତ ହୋଇପଡିଛନ୍ତି। ଅନିୟମିତତା ଧରା ପଡିବାରୁ କିଏ ଚାକିରି ଛାଡୁଛି ତ ଆଉ କାହାକୁ ନିଲମ୍ବନ କରାଯାଉଛି। ହେଲେ ନୟାଗଡ଼ ଜିଲାରେ ୫–ଟିର ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠୁଛି। ଏଠାରେ ସୂଚନା ଅଧିକାର ଆଇନରେ ତଥ୍ୟ ମାଗିଲେ ମିଳୁନି। ସରକାରୀ ଅଧିକାରୀମାନେ ଜାଣିଶୁଣି ତଥ୍ୟ ଦେଉ ନ ଥିବା ଅଭିଯୋଗ ହେଉଛି। ସତେଯେପରି ଏହି ଆଇନ ଶୀତଳଭଣ୍ଡାରକୁ ଚାଲିଯାଇଛି। ଜିଲାର କେତେଜଣ ସାମାଜିକ କର୍ମୀ ଏଭଳି ଅଭିଯୋଗ ଆଣିଛନ୍ତି। ସାମାଜିକ କର୍ମୀ ରବୀନ୍ଦ୍ର କୁମାର ଦାସ କୁହନ୍ତି, ଜିଲା ସଦର ମହକୁମାର ପୂର୍ତ୍ତ ବିଭାଗ, ନୟାଗଡ଼ ମ୍ୟୁନିସିପାଲିଟି ଓ ସିଡିଏମଓ ଅଫିସକୁ ସୂଚନା ଅଧିକାରରେ ତଥ୍ୟ ମାଗିଲେ ଦେଉ ନାହାନ୍ତି । ହାତଗଣତି ଗୋଟିଏ କିମ୍ବା ଦୁଇଟି ତଥ୍ୟ ଦେଇ କାମ ଶେଷ କରି ଦେଉଛନ୍ତି । ପୂର୍ତ୍ତ ବିଭାଗ ପ୍ରଥମ ଅପିଲକୁ ଅଣଦେଖା କରି ନୀରବତା ଅବଲମ୍ବନ କରୁଛି। ଜିଲାପାଳଙ୍କ କାର୍ଯ୍ୟାଳୟକୁ ତଥ୍ୟ ମାଗିଲେ ସେକ୍ସନ ୫ ଓ ୪ରେ ବିଭାଗୀୟ କାର୍ଯ୍ୟାଳୟକୁ ପଠାଇ ତଥ୍ୟ ଦିଅନ୍ତୁ କହି କାମ ଶେଷ କରି ଦେଉଛନ୍ତି।

## ବିବାହ ପଞ୍ଜୀକରଣ ସାର୍ଟିଫିକେଟରେ ଜାଲିଆତି

ନିର୍ମାଣ ଶ୍ରମିକଙ୍କ ପରିବାର ସଦସ୍ୟଙ୍କ ବିବାହ ସହାୟତା ରାଶି ୫୦ ହଜାର ଟଙ୍କା ପ୍ରଦାନରେ ଅନିୟମିତତା ହୋଇଛି। ନୟାଗଡ଼ ଜିଲା ରଣପୁର ବ୍ଲକରୁ ଏପରି ଅଭିଯୋଗ ଆସିଛି। ୨୦୧୯ ମେ ୧ରୁ ଡିସେମ୍ବର ୧୩ ପର୍ଯ୍ୟନ୍ତ କେତେଜଣ ଦମ୍ପତି ବିବାହ ପଞ୍ଜୀକରଣ କରି ସାର୍ଟିଫିକେଟ ପାଇଛନ୍ତି। ଏଥିରେ କିଛି ଅନିୟମିତତା ହୋଇଛି କି ନାହିଁ ସେ ନେଇ ତଥ୍ୟ ମଗାଯାଇଥିଲା। ତେବେ ରଣପୁର ବ୍ଲକ ପକ୍ଷରୁ କିଛି ଉତ୍ତର ଆସିନି। ଏ ନେଇ ସୂଚନା ଆବେଦନକାରୀ ନୟାଗଡର ଦେବୀ ପ୍ରସାଦ ମହାପାତ୍ର କୁହନ୍ତି, ୨୦୧୯ର କିଛି ମାସର ରଣପୁର ବ୍ଲକରେ ହୋଇଥିବା ବିବାହ ପଞ୍ଜୀକରଣ ତଥ୍ୟ ସୂଚନା ଆଇନ ଅନୁସାରେ ଜିଲାପାଳଙ୍କୁ ମାଗିଥିଲେ। ଜନସୂଚନା ଅଧିକାରୀ ତଥା ଜିଲାପାଳଙ୍କ କାର୍ଯ୍ୟାଳୟରୁ ଚିଠି ସଂଖ୍ୟା ୬୩୪/ତା୧୯।୧୨।୨୦୧୯ରେ ରଣପୁର ବିଡିଓଙ୍କ କାର୍ଯ୍ୟାଳୟକୁ ଯାଇଛି। କିଛିସୂଚନା ନ ମିଳିବାରୁ ପ୍ରଥମ ଅପିଲ ମଧ୍ୟ କରିଛି। ଅପିଲ ପରେ ମଧ୍ୟ ଉତ୍ତର ନାହିଁ। ତେଣୁ ଅଭିଯୋଗ ପାଇ ଯେଉଁ ସୂଚନା ମାଗିଥିଲି ତାହା ସତ୍ୟ ବୋଲି ଭାବୁଛି। କାରଣ ବିନା ସରଜମିନ ତଦନ୍ତରେ ବିବାହ ପଞ୍ଜୀକରଣ ସାର୍ଟିଫିକେଟ ଦିଆଯାଇଛି। ଏହାକୁ ଲୁଚାଇବାକୁ ତଥ୍ୟ ଦିଆଯାଉନି। ଏ ନେଇ ରଣପୁର ଏବିଡିଓ ରତନଲାଲ ଲୋହରାଙ୍କ ମୋବାଇଲ (ନଂ.୭୭୪୯୯୩୫୫୩୫)କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ ଉଠାଇ ନ ଥିଲେ।

## ଅର୍ଥ ରୋଜଗାରର ମାଧ୍ୟମ

ସୂଚନା ଅଧିକାର ଆଇନ ଅର୍ଥ ରୋଜଗାରର ମାଧ୍ୟମ ପାଲଟିଛି। ଏହାକୁ ଅପବ୍ୟବହାର କରାଯାଉଥିବା ଅଭିଯୋଗ ଉଠିଛି। ଯଦି ସବୁ କିଛି ଠିକ୍‌ଠାକ ଅଛି ସୂଚନା ଅଧିକାରୀଙ୍କୁ ତଥ୍ୟ ଦିଆଯାଉନି କାହିଁକି। ପୁଣି ଯେଉଁ ସୂଚନାକର୍ମୀ ଲାଞ୍ଚ ମାଗୁଛନ୍ତି ସେମାନଙ୍କ ବିରୋଧରେ ଥାନାରେ ଅଭିଯୋଗ କାହିଁକି କରାଯାଉନି। ସେମାନଙ୍କୁ ଗିରଫ କରାଗଲେ ଆଇନରେ ସ୍ୱଚ୍ଛତା ଆସିପାରନ୍ତା। ଏ କ୍ଷେତ୍ରରେ ଅଧିକାରୀ ଓ କର୍ମଚାରୀ କାହିଁକି ପଛଘୁଞ୍ଚା ଦେଉଛନ୍ତି। ସରକାର ଆଣିଥିବା ଆଇନରେ ଯଦି ଅପବ୍ୟବହାର ହେଉଛି ସେଥିରେ ପରିବର୍ତ୍ତନ କାହିଁକି କରୁ ନାହାନ୍ତି । ଏ ନେଇ ସରକାରୀ ଅଧିକାରୀମାନେ ବିଭିନ୍ନ ସୂଚନା ଅଧିକାର କର୍ମଶାଳାରେ ଅଭିଯୋଗ କରି ଏହାର ସମାଧାନର ବାଟ ବାହାର କରିବା ଆବଶ୍ୟକ ବୋଲି ମତପ୍ରକାଶ ପାଉଛି। ଜଣେ ସୂଚନା କର୍ମୀ କହିଛନ୍ତି, ପ୍ରତି ଜିନିଷର ସୁଫଳ କୁଫଳ ରହିଛି। ସୂଚନା ଅଧିକାର ଆଇନର ଅପବ୍ୟବହାର ହେଉଥିବା କଥାର ସତ୍ୟତା ଅଛି। ପୁଣି ସରକାରୀ ଅଧିକାରୀ ଓ କର୍ମଚାରୀ ଯେଉଁ ଦୁର୍ନୀତି କରୁଛନ୍ତି ତାହା ମଧ୍ୟ ସତ୍ୟ। ସୂଚନା ଆଇନରେ ତଥ୍ୟ ମାଗିଲେ ଧରା ପଡିଯାଉଥିବାରୁ ଏଭଳି ଅଭିଯୋଗ ଆସିବା ସ୍ୱାଭାବିକ । କାରଣ ଅଧିକାରୀ ଓ କର୍ମଚାରୀଙ୍କ ଭାଗ କମି ଯାଉଛି। କିଛି ସୂଚନା ଅଧିକାର କର୍ମୀ ଏହାର ଫାଇଦା ନେଉଛନ୍ତି। ଏ ଦିଗରେ ଅଧିକ ବିତର୍କର ଆବଶ୍ୟକତା ପଡିଲାଣି।

# ୩୮ ଗାଡ଼ି ଯାଞ୍ଚ, ୭୬ ହଜାର ଜରିମାନା ଆଦାୟ



ନୟାଗଡ଼ ବସ୍‌ଷ୍ଟପ୍‌ରେ ଯାଞ୍ଚ କରାଯାଉନାହିଁ।

ନୟାଗଡ଼ ଅଫିସ, ୧।୩

ନୂଆ ମୋଟରଯାନ ଆଇନ ଅନୁସାରେ ରବିବାର ନୟାଗଡ଼ ସହରରେ ମୋଟ ୩୮ ଗାଡି ଯାଞ୍ଚ କରାଯାଇ ୭୬ ହଜାର ୫୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ୩୨ ଗାଡି ଯାଞ୍ଚ କରାଯାଇ ୭୦ ହଜାର ଜରିମାନା ଆଦାୟ କରାଯାଇଛି। ଯାଞ୍ଚ ସମୟରେ କାଗଜପତ୍ର ଠିକ୍ ନ ଥିବାରୁ ଏକ ଗାଡି ଜବତ ହୋଇଛି। ଉପଜିଲାପାଳ ତଥା ଆଞ୍ଚଳିକ ପରିବହନ ଅଧିକାରୀ ଲଗ୍ନଜିତ ରାଉତ ନୟାଗଡ ସଦର ଥାନା ନିକଟରେ ଏହି ଯାଞ୍ଚ କରାଇଥିଲେ। ସେହିପରି ଇଟାମାଟି ଥାନା ପୋଲିସ ବିଜିପୁର ଚେକ୍ ଗେଟ ନିକଟରେ ୬ ଗାଡି ଯାଞ୍ଚ କରି ୬ହଜାର ୫ ଶହ ଟଙ୍କା ଜରିମାନା ଆଦାୟ କରିଛି।

## ନୟାଗଡ଼ ବସ୍‌ଷ୍ଟପରେ ଯାଞ୍ଚ ନାହିଁ

ନୟାଗଡ଼ ବସ୍‌ଷ୍ଟପରେ ଯାଞ୍ଚ ନ ଥିଲା। ହେଲମେଟ ନ ପିନ୍ଧି ଚାଳକ ଗାଡି ଚଳାଉଥିବାବେଳେ ଗୋଟିଏ ବାଇକ୍‌ରେ ୩ ଜଣ ବସି ଯାଉଥିଲେ। ଏପରି କି ଛୋଟ ପିଲା ଗାଡି ଚଳାଉଥିବା ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଜଣେ ଆହତ

**ଖଣ୍ଡପଡା, ୧।୩(ସ୍ୱ.ପ୍ର.):** ଖଣ୍ଡପଡା-ଖଲିସାହି ରାସ୍ତାର ଇଚ୍ଛାପୁର ଗ୍ରାମ୍ୟ ରାସ୍ତା ନିକଟରେ ରବିବାର ସନ୍ଧ୍ୟାରେ ଏକ ଟ୍ରାକ୍ଟର ଧକ୍କାରେ ଖଲିସାହି ହନୁମାନ ସାହିର ମାନସ କୋଠାଳ(୩୮) ଆହତ ହୋଇଛନ୍ତି। ମାନସ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରାକ୍ଟର ଧକ୍କା ଦେବାରୁ ସେ ରାସ୍ତା କଡକୁ ଛିଟିକି ପଡିଥିଲେ। ତାଙ୍କୁ ଆଶୁ ଚିକିତ୍ସା ନିମନ୍ତେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଖଣ୍ଡପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଜବତ କରିବା ସହ ଚାଳକଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ମାନସଙ୍କ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ବିମଳ କୁମାର ମଲ୍ଲିକଙ୍କଠାରୁ ପ୍ରକାଶ ।

### ଏକଦିବସୀୟ କ୍ରିକେଟ: ଜିଲାପାଳ ଏକାଦଶ ବିଜୟୀ

**ନୟାଗଡ ଅଫିସ, ୧।୩:** ନୟାଗଡ଼ ଖେଳ ପଡିଆରେ ରବିବାର ଅନୁଷ୍ଠିତ ଏକଦିବସୀୟ କ୍ରିକେଟ ମ୍ୟାଚରେ ଜିଲାପାଳ ଏକାଦଶ ୫୧ ରନରେ ତହସିଲ ଏକାଦଶକୁ ପରାସ୍ତ କରି ବିଜୟୀ ହୋଇଛି। ଟସ୍ ଜିତି ଜିଲାପାଳ ଏକାଦଶ ୧୫ ଓଭରରେ ୭ ଉଇକେଟ ହରାଇ ୧୮୪ ରନ କରିଥିଲା। ଜବାବରେ ତହସିଲ ଏକାଦଶ ୧୫ ଓଭରରେ ୮ ଉଇକେଟ ହରାଇ ୧୩୩ ରନ କରି ପରାସ୍ତ ହୋଇଥିଲା। ଉପଜିଲାପାଳ ଲଗ୍ନଜିତ ରାଉତ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବିଜୟୀ ଦଳକୁ ୨ ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ୧ ହଜାର ଟଙ୍କା ପ୍ରଦାନ କରିଥିଲେ।

### ଚିନିକଲ କାର୍ଯ୍ୟକ୍ଷମ ନେଇ ୬ରେ ଆନ୍ଦୋଳନ

**ନୟାଗଡ଼ ଅଫିସ, ୧।୩:** ନୟାଗଡ଼ ସମବାୟ ଚିନି ଶିଳ୍ପ କାରଖାନାରେ ୫ବର୍ଷ ହେଲା ତାଲା ଝୁଲୁଛି। ଏହାକୁ କାର୍ଯ୍ୟକ୍ଷମ କରିବା ଦାବିରେ ମାର୍ଚ୍ଚ ୬ରେ ନୟାଗଡ଼ରେ ବନ୍ଦ ପାଳନ ହେବ। ବନ୍ଦକୁ ସଫଳ କରିବା ପାଇଁ ଚିନିକଲ କ୍ରିୟାନୁଷ୍ଠାନ କମିଟି ଜିଲାସାରା ସଚେତନତା ସୃଷ୍ଟି କରିଛି। ୧୨ ତାରିଖରେ ଚିନିକଲର ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତିର ସ୍ଥିତାବସ୍ଥା ନେଇ ଠିକ୍ ତାଲିକା ନିରୂପଣ କରାଯିବ। ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହା କରିବାକୁ ଜିଲାପାଳ ତଥା ଭାରପ୍ରାପ୍ତ ଅଧିକାରୀ ନୟାଗଡ଼ ସମବାୟ ଚିନି ଶିଳ୍ପଙ୍କ ଆଦେଶ ମୁତବାକ ବିଜ୍ଞପ୍ତି ପ୍ରକାଶ ପାଇଛି।

# ଓଡ଼ଗାଁ ବଜାର ଛକରେ ଅଘୋଷିତ ରାସ୍ତା ଅବରୋଧ

ଓଡ଼ଗାଁ, ୧।୩(ସ୍ୱ.ପ୍ର.)

ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ତଥା ୨୧ ନମ୍ବର ରାଜ୍ୟ ରାଜପଥ ଅତିକ୍ରମ କରୁଥିବା ଲକ୍ଷ୍ମୀବଜାର ଛକରେ ରବିବାର ପୂର୍ବାହ୍ନ ପ୍ରାୟ ସାଢେ ୮ଟାରେ ଏକ ଅସ୍ୱାଭାବିକ ପରିସ୍ଥିତ ଉପୁଜିଥିଲା । ସବୁଦିନ ଭଳି ବଜାରକୁ ଆସିଥିବା ସ୍ଥାନୀୟ ବାସିନ୍ଦାଙ୍କ ସମେତ ସେହି ରାସ୍ତାରେ ଯାଉଥିବା ଯାନବାହନ ଚାଳକଙ୍କ ମଧ୍ୟରୁ କେହି କିଛି ବୁଝିବା ବେଳକୁ ସେଠାରେ ଶତାଧିକ ଲୋକଙ୍କ ଦୁଇଚକିଆ ଯାନ ଓ ଗାଡି ମୋଟର ଦ୍ୱାରା ହଠାତ୍ ରାସ୍ତା ଅବରୋଧ ହୋଇଥିଲା। ସ୍ଥାନୀୟ ରାଧାକାନ୍ତ ବାଳିକା ହାଇସ୍କୁଲରେ ଓଡିଶା ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇବାକୁ ହେଉଥିବା ପ୍ରବେଶିକା ପରୀକ୍ଷା ନିମନ୍ତେ ୪୯୨ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ସ୍କୁଲ ଆଗରେ ଭିଡ ଜମାଇଥିଲେ। ସକାଳ ୯ରୁ ୧୧ ଏବଂ ୧୨ ପର୍ଯ୍ୟନ୍ତ ହେବାକୁ ପ୍ରବେଶିକା ପରୀକ୍ଷା ନିମନ୍ତେ ସ୍କୁଲ ଫାଟକ ଖୋଲିବାକୁ ଅପେକ୍ଷାରେ ରହିଥିଲେ। ଏଭଳି ରାସ୍ତା ଅବରୋଧ ସ୍ଥାନୀୟ ପୋଲିସ ନିୟନ୍ତ୍ରଣ କରିବାକୁ ନାକେଦମ୍ ହୋଇଥିଲା। ଓଡ଼ଗାଁ–ଭଞ୍ଜନଗର–ବୁଗୁଡା ରାଜ୍ୟ ରାଜପଥରେ ପ୍ରାୟ ୧ ଘଣ୍ଟା ବ୍ୟାପୀ ରାସ୍ତା ଅବରୋଧ ଯୋଗୁ ହନୁମାନ ଛକର ଉଭୟ ପାର୍ଶ୍ୱରେ ଗାଡିମୋଟର ଅଟକି ରହିଥିଲା। ଅନ୍ୟପକ୍ଷେ ନିକଟସ୍ଥ ଆଖୁପଦର ମୌଜାରେ ଓଡିଶା ଆଦର୍ଶ ବିଦ୍ୟାଳୟର ନିଜସ୍ୱ ବହୁତଳ ବିଶିଷ୍ଟ କୋଠା ଓ ସୁବିସ୍ତୀର୍ଣ୍ଣ ପଡିଆକୁ ବିକଳ୍ପ ଭାବେ ନିଆଯାଇଥିଲେ ଏଭଳି ପରିସ୍ଥିତିକୁ ଏଡାଇ ଦେବା ସମ୍ଭବ ହୋଇଥାନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ସମ୍ପର୍କରେ ସ୍ଥାନୀୟ ବିଇଓଙ୍କ ମତାମତ ନେବା ସମ୍ଭବ ହୋଇ ନ ଥିବା ବେଳେ ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଥିବା ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କୁ ପଚାରିବାରୁ ସେ ଆଗାମୀ ଦିନରେ ଏ ଦିଗରେ ଧ୍ୟାନ ଦେବେ ବୋଲି ପ୍ରକାଶ କରିଥିଲେ।



ଲକ୍ଷ୍ମୀବଜାର ଛକରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି।

# ମୃତଦେହ ରଖି ରାସ୍ତା ଅବରୋଧ



ଆଡକଟାଠାରେ ଗ୍ରାମବାସୀଙ୍କ ରାସ୍ତା ଅବରୋଧ। ଇନ୍‌ସେଟ୍‌ରେ ଗିରଫ ଗଦା ବେହେରା।

ଗଣିଆ, ୧।୩ (ଡି.ଏନ.ଏ.)

**ଆକ୍ରମଣକାରୀଙ୍କୁ ଗିରଫ ଦାବି**

ଗଣିଆ ଥାନା ଆଡକଟା ପଞ୍ଚାୟତ ଉପରହଦପଶି ଗ୍ରାମରେ ସଂଘବଦ୍ଧ ଆକ୍ରମଣରେ ଗୁରୁତର ଦଣ୍ଡଧର ବେହେରା (୪୩)ଙ୍କ ଚିକିତ୍ସାଧୀନ ସମୟରେ ଶନିବାର ମୃତ୍ୟୁ ଘଟିଥିଲା। ଏଥିରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ରବିବାର ଅପରାହ୍ନରେ ଗ୍ରାମବାସୀ ଆଡକଟା ଛକଠାରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଗଣିଆ–ଦଶପଲ୍ଲା ରାଜ୍ୟ ରାଜପଥର ଉଭୟ ପାର୍ଶ୍ୱରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ ହଦପଶି ଗ୍ରାମର ଚରଣ ବେହେରା ଓ ତାଙ୍କର କିଛି ସହଯୋଗୀ ପୂର୍ବ ଶତ୍ରୁତାକୁ ନେଇ ଗତ ଶୁକ୍ରବାର ରାତିରେ ଦଣ୍ଡଧର ଓ ତାଙ୍କ ଶ୍ୱଶୁର ବିକା ଡାଙ୍ଗୁଆଙ୍କୁ ଆକ୍ରମଣ କରିଥିଲେ। ଦଣ୍ଡଧରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ଗଣିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ନୟାଗଡ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ପଠାଯାଇଥିଲା । ଏ ସମ୍ପର୍କରେ ଗଣିଆ ଥାନାରେ ଗତ ଶୁକ୍ରବାର ମୃତ ଦଣ୍ଡଧରଙ୍କ ମା' ପଞ୍ଚେଇ ବେହେରାଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଜଣଙ୍କୁ ଥାନାରେ ଅଟକ ରଖିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୯/୨୦) ରୁଜୁ କରାଯାଇ ଅଟକ ଥିବା ଗଦା ବେହେରା (ସୁଶାନ୍ତ)ଙ୍କୁ ଗିରଫ କରାଯାଇ ରବିବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ରାସ୍ତା ଅବରୋଧ ଖବର ପାଇ ଖଣ୍ଡପଡା ଏସଡିପିଓ ଶ୍ରୀନିବାସ ମହାନ୍ତି, ଖଣ୍ଡପଡା ଥାନା ଅଧିକାରୀ ବିମଳ ମଲ୍ଲିକ, କଣ୍ଟିଲୋ ଫାଣ୍ଡି ଅଧିକାରୀ ଜୟକୃଷ୍ଣ ପରିଡା, ନୟାଗଡ ଜିଲା ପରିଷଦ ଅଧ୍ୟକ୍ଷା ବୈଜୟନ୍ତୀବାଳା ମହାନ୍ତି, ଗଣିଆ ଥାନା ଏଏସ୍‌ଆଇ ବାଳକୃଷ୍ଣ ଦାଶ ଓ ଆଡକଟା ସରପଞ୍ଚ ବୀରକିଶୋର ଜେନା, ସମିତିସଭ୍ୟ ଚନ୍ଦ୍ରଶେଖର ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଅଭିଯୁକ୍ତମାନଙ୍କୁ ଗିରଫ କରାଯିବା ସହ ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ସହାୟତା ରାଶି ଯୋଗାଇଦେବାକୁ ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତା ଅବରୋଧ ହଟିଥିଲା।

# ବ୍ରୋଞ୍ଜ ପଦକ ପାଇଲେ ଦୀପାଳି



ନୟାଗଡ ଅଫିସ, ୧।୩

**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡା**

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡାର ମହିଳା ୨୦୦ ମିଟର ଦୌଡରେ ନୟାଗଡ ବ୍ଲକ ବଉଳସାହିର ଦୀପାଳି ମହାପାତ୍ର ତୃତୀୟ ସ୍ଥାନ ହାସଲ କରି ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ୧୦୦ ମିଟର ଦୌଡରେ ସେ ୫ନଂ. ସ୍ଥାନରେ ରହି ନୟାଗଡ ଜିଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଗତ ୨୨ ତାରିଖଠାରୁ ଆରମ୍ଭ ହୋଇଥିବା ଏହି କ୍ରୀଡାର ରବିବାର ଥିଲା ଅନ୍ତିମ ଦିବସ। ଏହି ଦିବସରେ ଦୀପାଳିଙ୍କ ସଫଳତା ପାଇଁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା : ୩ ପରୀକ୍ଷାର୍ଥୀ ଅନୁପସ୍ଥିତ

ଖଣ୍ଡପଡ଼ା, ୧।୩(ସ୍ୱ.ପ୍ର.)

ଖଣ୍ଡପଡା ଓଡିଶା ଆଦର୍ଶ ବିଦ୍ୟାଳୟରେ ନୂତନ କରି ନାମ ଲେଖାଇବା ନିମନ୍ତେ ରବିବାର ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ବିଭିନ୍ନ ବିଦ୍ୟାଳୟରୁ ୩୧୨ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଥିବାବେଳେ ତନ୍ମଧ୍ୟରୁ ୩ଜଣ ଅନୁପସ୍ଥିତ ଥିବା ଅନୁଷ୍ଠାନର ପ୍ରଧାନ ଶିକ୍ଷକ କିଶୋର ମୋହନ ପ୍ରଧାନଙ୍କଠାରୁ ପ୍ରକାଶ । ଖଣ୍ଡପଡା ପୋଲିସ ପକ୍ଷରୁ ପରୀକ୍ଷା କେନ୍ଦ୍ରରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।



# ସିସିଟିଭି ଫୁଟେଜ ଆଧାରରେ ପୋଲିସର ତଦନ୍ତ

ଖଣ୍ଡପଡ଼ା, ୧।୩(ସ୍ୱ.ପ୍ର.)

**ଅନ୍ୟର ଏଟିଏମ୍ କାର୍ଡରୁ ଟଙ୍କା ଉଠାଇନେବା ଘଟଣା**

ଖଣ୍ଡପଡ଼ା ଥାନା ବେଣାଗାଡିଆ ଗ୍ରାମର ଜଣେ ମହିଳାଙ୍କ ହଜିଯାଇଥିବା ଏଟିଏମ୍ କାର୍ଡ ଯୋଗେ କେହି ଦୁର୍ବୃତ୍ତ କଣ୍ଟିଲୋ ଷ୍ଟେଟବ୍ୟାଙ୍କ ଏଟିଏମ୍ କାଉଣ୍ଟରରୁ ଟଙ୍କା ଉଠାଇ ନେଇଥିଲେ। ସିସିଟିଭି ଫୁଟେଜ ଆଧାରରେ ପୋଲିସ ସମ୍ପୃକ୍ତ ଲୁଟେରାଙ୍କୁ ଖୋଜୁଥିବା ଜଣାପଡିଛି । ପ୍ରକାଶ ଯେ, ଗତ ଫେବୃୟାରୀ ୨୧ ତାରିଖରେ ବେଣାଗାଡିଆ ଗ୍ରାମର ଜଗନ୍ନାଥ ମହାପାତ୍ର ଓ ସ୍ତ୍ରୀ ତିଳୋତ୍ତମା ମହାପାତ୍ର ନୀଳମାଧବ ପୀଠ ବୁଲିବାକୁ ଆସିଥିବା ବେଳେ ମନିପର୍ସ ସହ ଏଟିଏମ୍ କାର୍ଡଟିକୁ କେଉଁଠି ହଜାଇ ଦେଇଥିଲେ। ଗ୍ରାମକୁ ଫେରି ସେ ଏ ବିଷୟରେ ଜାଣିଥିଲେ। ପରେ ତାଙ୍କ ଏଟିଏମ୍ କାର୍ଡ ଜରିଆରେ କଣ୍ଟିଲୋ ବଜାର ଷ୍ଟେଟବ୍ୟାଙ୍କ ଏଟିଏମ୍ କାଉଣ୍ଟରରୁ ୨ଥରରେ ୨୦ ହଜାର ଟଙ୍କା ଉଠାଣ ହୋଇଥିବା ନେଇ ମୋବାଇଲକୁ ମେସେଜ ଆସିବା ପରେ ତିଳୋତ୍ତମାଙ୍କ ଚିନ୍ତା ବଢିଯାଇଥିଲା। ସଙ୍ଗେ ସଙ୍ଗେ ସେ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇ ଏଟିଏମ କାର୍ଡଟିକୁ ଲକ୍ କରିଦେଇଥିଲେ। ଏ ନେଇ ଜଗନ୍ନାଥ ଖଣ୍ଡପଡା ଥାନା ଓ କଣ୍ଟିଲୋ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଉକ୍ତ ଏଟିଏମ୍ କାଉଣ୍ଟରରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାର କରି ଘଟଣାର ତଦନ୍ତ ଚଳାଇଛି। ସିସିଟିଭିରେ ଟଙ୍କା ଉଠାଣ କରିଥିବା ଲୁଟେରାଙ୍କ ଫଟୋକୁ ପୋଲିସ ସୋସିଆଲ ମିଡିଆରେ ଭାଇରାଲ କରିଥିବା ଜଣାପଡିଛି। କୌଣସି ବ୍ୟକ୍ତି ଏ ସମ୍ପର୍କରେ ଟେର ପାଇଲେ ଥାନା କର୍ତ୍ତୃପକ୍ଷଙ୍କୁ ସୂଚନା ଦେବାକୁ ଆଇଆଇସି ବିମଳ କୁମାର ମଲ୍ଲିକ କହିଛନ୍ତି। ସୂଚନାଯୋଗ୍ୟ ଏଟିଏମ୍ କାର୍ଡ ଉପରେ ତିଳୋତ୍ତମା କାର୍ଡର ସିକ୍ରେଟ ପିନ ନମ୍ବର ଲେଖିଥିବାରୁ ଏପରି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡିଛି।

## ବାର୍‌ହା ଆକ୍ରମଣରେ ଚାଷୀ ଗୁରୁତର

ଭଞ୍ଜନଗର, ୧।୩(ଡି.ଏନ.ଏ)

ଭଞ୍ଜନଗର କେନ୍ଦ୍ରୀୟ ବନାଞ୍ଚଳ ଅନ୍ତର୍ଗତ କେ.ନୂଆଗଡର ଶିବରାମ ବରାଡଙ୍କୁ ରବିବାର ସକାଳେ ଏକ ବାରହା ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଭଞ୍ଜନଗର ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ଶିବରାମ ସକାଳେ ଜମିକୁ ଯାଉଥିବାବେଳେ ଏକ ବୁଦାରୁ ବାର୍‌ହାଟି ବାହାରି ତାଙ୍କୁ ଆକ୍ରମଣ କରିଥିଲା। ତାଙ୍କ ଗୋଡରେ ଗଭୀର କ୍ଷତ ହୋଇଛି।

## ପ୍ରେମ ପାଇଁ ଖଣ୍ଡଯୁଦ୍ଧ

**ନୟାଗଡ ଅଫିସ, ୧।୩–**ପ୍ରେମ ପାଇଁ ରବିବାର ନୟାଗଡ଼ର ଆର୍‌ଏମ୍‌ସି ମାର୍କେଟ ନିକଟରେ ଖଣ୍ଡଯୁଦ୍ଧ ଦେଖିବାକୁ ମିଳିଥିଲା। ସ୍ୱାମୀଙ୍କୁ ପ୍ରେମିକାଙ୍କ କବଳରୁ ମୁକୁଳାଇବା ପାଇଁ ସ୍ତ୍ରୀ ପହଞ୍ଚି ଯାଇଥିଲେ ଆର୍‌ଏମ୍‌ସି ମାର୍କେଟ ନିକଟରେ। ଏହି ସମୟରେ ପ୍ରେମିକା କିଛି ଯୁବକଙ୍କ ସହ ଆଲୋଚନା କରୁଥିଲେ। ମହିଳା ଜଣକ ପ୍ରଥମେ ଯୁବକମାନଙ୍କୁ ଘଉଡାଇ ପରେ ସ୍ୱାମୀଙ୍କ ପ୍ରେମିକାଙ୍କ ସହ ଝଗଡା ଆରମ୍ଭ କରିଥିଲେ। ଉଭୟଙ୍କ ବିବାଦ ରାସ୍ତା ଅବରୋଧର ରୂପ ନେଇଥିଲା। ରାସ୍ତା ଜାମ ହେବା ପରେ ସ୍ଥାନୀୟ ଲୋକେ ଉଭୟଙ୍କୁ ବୁଝାଇ ଘରକୁ ପଠାଇ ଦେଇଥିଲେ। ମହିଳା ଅଭିଯୋଗ ଆଣିଥିଲେ ଯୁବତୀ ଜଣକ ତାଙ୍କ ସ୍ୱାମୀଙ୍କ ସହ ଫୋନରେ ଗପି ହସଖୁସିର ପରିବାରକୁ ଭାଙ୍ଗିଦେବାକୁ ଉଦ୍ୟମ କରୁଛନ୍ତି।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ ଦେବେନ୍ଦ୍ର କୁମାର ଦାସ (ବୁଲୁ ଦାସ)
ଆବିର୍ଭାବ : ୧୨.୦୬.୧୯୬୧
ତିରୋଧାନ : ୨୧.୦୨.୨୦୨୦
ଗ୍ରାମ : ପାଣ୍ଡିଆସାହି, ପୁରୁଣାଗଡ଼ ଥାନା : ବନ୍ତଲା, ଜି: ଅନୁଗୁଳ
ତୁମର ନିଷ୍କପଟ ସ୍ନେହଶ୍ରଦ୍ଧା ଓ କର୍ତ୍ତବ୍ୟପରାୟଣତା ଆମପାଇଁ ପ୍ରେରଣାର ଉତ୍ସ। ତୁମ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
- ଶୋକସନ୍ତପ୍ତ -
ପତ୍ନୀ, ପୁଅ, ଝିଅ, ଜ୍ୱାଇଁ, ନାତୁଣୀ, ଝିଆରୀ, ପୁତୁରା, ବନ୍ଧୁ ଓ ପରିବାରବର୍ଗ
ଧ–୧୬୯୬୨

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ତରୁଣ କୁମାର ଦାଶ (ଟିକୁ)
ତିରୋଧାନ: ୦୨।୦୩।୨୦୧୬
ତୋର ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମ୍ଭମାନଙ୍କ ପାଇଁ ପଥପ୍ରଦର୍ଶକ ହେଉ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
–:ଶୋକସନ୍ତପ୍ତ:–
ବାପା, ନାନୀ, ନନା, ଭଣଜା, ବନ୍ଧୁ ଓ ପରିବାରବର୍ଗ ।
ଧ–୬୯୦୧୪

ଶୁଭ ଉଦ୍‌ଘାଟନ • ତା୦୧।୦୩।୨୦୨୦
Parbati
On purchase of 10gms GOLD Jewellery 10 gms Silver Coin Free & Get a Prize Coupon on Every Rs. 5000/- purchase of Jewellery.
UPTO 50% on MC of Silver
UPTO 20% on MRP of Diamond
Branded Watches UPTO 20% Off
ମେସର୍ସ ପାର୍ବତୀ ଜୁଏଲର୍ସ (ବଙ୍ଗାଳିଦାଦା)
916 BIS Hallmark
ମଧୁବନ ରୋଡ୍, କୁଆଖିଆ, ଯାଜପୁର
ମୋ: ୯୯୩୭୯୦୯୧୪୮ (ମୁନା), ୯୬୫୮୮୩୩୦୬୨ (ଆଦିତ୍ୟ)
1st Prize: ALTO
2nd Prize: ₹1 LAKH CASH
3rd Prize: Hero Glamour
4th Prize: Hero Pleasure
5th Prize: Hero Duet
*Terms & Conditions Apply.



Gold | Diamond | Silver | Branded Watches | Gems Stone

## ସଂକ୍ଷେପରେ

### ବାଲ୍ୟବିବାହ ଅଭିଯୋଗ ପାଇ ପ୍ରଶାସନର ଚଢାଉ

ଦିଗପହଣ୍ଡି,୧।୩(ଡି.ଏନ୍.ଏ.)-ଦିଗପହଣ୍ଡି ବ୍ଲକର ଏକ ଗାଁରେ ବାଲ୍ୟବିବାହ ପାଇଁ ପ୍ରସ୍ତୁତି ଚାଲିଥିବା ରାଜ୍ୟ ମହିଳା ଓ ଶିଶୁକଲ୍ୟାଣ ବିଭାଗ ନିକଟରେ ଅଭିଯୋଗ ହୋଇଥିଲା। ରବିବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଜିଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ରେଡ୍ଡୀ ଅଭିଯୋଗର ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ୟୁନିଟ କର୍ତ୍ତୃପକ୍ଷ ଓ ଦିଗପହଣ୍ଡି ସିଡିପିଓ ଯଶୋବନ୍ତି ସାହୁଙ୍କ ସମେତ ବ୍ରହ୍ମପୁର ଚାଇଲ୍ଡ ଲାଇନ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସିଡିପିଓ ସାହୁଙ୍କ ନେତୃତ୍ୱରେ ଛତ୍ରପୁରସ୍ଥିତ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ସଂଯୋଜକ ଶିବ ପ୍ରସାଦ ରଥ, ବ୍ରହ୍ମପୁର ଚାଇଲ୍ଡ ଲାଇନ କର୍ମଚାରୀ ବଳରାମ ମଲ୍ଲିକ, ଦିଗପହଣ୍ଡି ଥାନା ଏସ୍‌ଆଇ ମଧୁସ୍ମିତା ପ୍ରଧାନ, ମାଧବ ଚନ୍ଦ୍ର ଟାକରୀ ପ୍ରମୁଖ ଉକ୍ତ ଗାଁରେ ପହଞ୍ଚି ସବିଶେଷ ତଦନ୍ତ କରିଥିଲେ। ଗ୍ରାମ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ଡକାଯାଇ ଯୁବତୀଙ୍କ ପ୍ରବେଶିକା ରେକର୍ଡ ତନଖି କରାଯାଇଥିଲା। ଜନ୍ମ ପ୍ରମାଣ ପତ୍ର ଅନୁଯାୟୀ ତାଙ୍କୁ ୧୮ ବର୍ଷ ୨ ମାସ ହୋଇଥିବା ଜଣାପଡିଥିଲା। ସୋମବାର ଯୁବତୀଙ୍କ ବିବାହ ପ୍ରସ୍ତୁତି ସରିଥିବାବେଳେ ଏଭଳି ନିରାଧାର ଅଭିଯୋଗ ଓ ପୋଲିସ ଏବଂ ପ୍ରଶାସନିକ ଅଧିକାରୀଙ୍କୁ ଦେଖି ଯୁବତୀଙ୍କ ମା' ଚେତାଶୂନ୍ୟ ହୋଇ ପଡ଼ିଥିଲେ। ପରେ ପୋଲିସ ଓ ପ୍ରଶାସନିକ ଅଧିକାରୀ ମାନେ ବାଲ୍ୟ ବିବାହ ଆଇନ ସମ୍ପର୍କରେ ପରିବାର ଲୋକଙ୍କୁ ବୁଝାଶୁଝା କରି ସନ୍ଧ୍ୟାରେ ଫେରିଥିଲେ।

### ୧୭୮ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ଦେଲେ

ଦଶପଲ୍ଲା,୧।୩(ଡି.ଏନ୍.ଏ.): ରବିବାର ଦଶପଲ୍ଲାସ୍ଥିତ ରାଧାମୋହନ ଜୀଉ ହାଇସ୍କୁଲରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ୬ଷ୍ଠ ଶ୍ରେଣୀ ପ୍ରବେଶିକା ପରୀକ୍ଷା ନିମନ୍ତେ ଦଶପଲ୍ଲା, ନୂଆଗାଁ ଓ ଗଣିଆ ବ୍ଲକର ୧୭୮ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ପରୀକ୍ଷା ସୁପରିଣ୍ଟେଣ୍ଡେଣ୍ଟ ଭାବେ ପ୍ରଧାନ ଶିକ୍ଷକ ରଘୁନାଥ ସାହୁ ଓ ଅବ୍‌ଜର୍ଭର ରୂପେ ଅତିରିକ୍ତ ଶିକ୍ଷା ଅଧିକାରୀ ଶ୍ୟାମ ସୁନ୍ଦର ଜାନି ରହିଥିଲେ।

### କ୍ରିକେଟ ଟୁର୍ନାମେଣ୍ଟ: ହାଡ଼ପଦା ବିଜୟୀ

ନିରାକାରପୁର,୧। ୩ (ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଲେଣ୍ଡୋ ପଞ୍ଚାୟତସ୍ଥିତ ଘୋଡାଶାଳପଡିଆଠାରେ ଲେଣ୍ଡୋ ପ୍ରିମିୟର ଲିଗ କ୍ରିକେଟ ପ୍ରତିଯୋଗିତା ରବିବାରଠାରୁ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ ନିରାକାରପୁର ୟଙ୍ଗଷ୍ଟାର କ୍ରିକେଟ କ୍ଲବ ବନାମ ମା' ମଙ୍ଗଳା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିରାକାରପୁର ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୫ ଓଭରରେ ୮ଟି ଉଇକେଟ ହରାଇ ୮୫ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ହାଡପଦା ଦଳ ୧୨. ୩ ଓଭରରେ ୩ଟି ଉଇକେଟ ହରାଇ ୮୭ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଖେଳକୁ ପ୍ରତ୍ୟୁଷ ଛୋଟରାୟ, ଆଶିଷ କର, ପ୍ରକାଶ ପ୍ରଧାନ ଓ ବିକାଶ ରଞ୍ଜନ ନାୟକ ପ୍ରମୁଖ ପରିଚାଳନା କରିଥିବାବେଳେ ଅଶୋକ ଭୁଜବଳ ସହଯୋଗ କରିଥିଲେ। ଏହି ମ୍ୟାଚରେ ସାମାଜିକ କର୍ମୀ ବିଜୟ କୁମାର ପାଲଟାସିଂ ଅତିଥି ଭାବେ ଯୋଗଦେଇଥିଲେ।

### ଆହତଙ୍କୁ ଉଦ୍ଧାର କଲେ ଉପଜିଲାପାଳ

ଭଞ୍ଜନଗର,୧।୩(ଡି.ଏନ୍.ଏ.):ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ ରବିବାର ସକାଳ ୯ଟାରେ ସୋରଡାରୁ ଭଞ୍ଜନଗର ଫେରୁଥିଲେ। କଣ୍ଟେଇପଲ୍ଲୀ ନିକଟରେ ଏକ ସ୍କୁଟି ଦୁର୍ଘଟଣାଗ୍ରସ୍ତ ହୋଇ ଗୋଟିଏ ପରିବାରର ୪ଜଣ ଆହତ ହୋଇ ରାସ୍ତାରେ ପଡିଥିବା ଦେଖିଥିଲେ। ଉପଜିଲାପାଳ ମିଞ୍ଜ ଆହତମାନଙ୍କୁ ଉଦ୍ଧାର କରି ଅଟୋଯୋଗେ ଭଞ୍ଜନଗର ମେଡିକାଲକୁ ପଠାଇବା ବ୍ୟବସ୍ଥା କରିଥିଲେ। ପ୍ରକାଶ ଯେ, କାହ୍ନୁଚରଣ ଶତପଥୀ, ସ୍ତ୍ରୀ କଳ୍ପନା ଓ ପୁଅଝିଅ ସ୍କୁଟିରେ ଜଗନ୍ନାଥପ୍ରସାଦରୁ ସୋରଡା ଯାଉଥିଲେ। ବିପରୀତ ଦିଗରୁ ଏକ ଗାଡି ଆସିଯିବାରୁ କାହ୍ନୁ ଭାରସାମ୍ୟ ହରାଇଥିଲେ। ଫଳରେ ସ୍କୁଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗାଡିରୁ ଖସିପଡି କଳ୍ପନା ଗୁରୁତର ଆହତ ହୋଇଥିବାବେଳେ ଅନ୍ୟମାନେ ସାମାନ୍ୟ ଆହତ ହୋଇଥିଲେ। ସେହିବାଟ ଦେଇ ଯାଉଥିବା ଉପଜିଲାପାଳ ମିଞ୍ଜ ଏମାନଙ୍କୁ ଉଦ୍ଧାର କରି ଅଟୋଯୋଗେ ମେଡିକାଲ ପଠାଇଥିଲେ। କଳ୍ପନାଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ପୁନରୁଦ୍ଧାର ହେବ ଅଡିଟୋରିୟମ

## ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବ ଉଦ୍‌ଘାଟିତ

ନୟାଗଡ ଅଫିସ,୧।୩


ଉଦ୍‌ଘାଟନୀ ଉତ୍ସବରେ ଜିଲାପାଳଙ୍କ ସହ ଅନ୍ୟମାନେ।

ପଠାଣି ସାମନ୍ତ ଅଡିଟୋରିୟମରେ ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବ ୨୦୨୦। ନାଟ୍ୟଧାରା ପକ୍ଷରୁ ଆୟୋଜିତ ମହୋତ୍ସବକୁ ଜିଲାପାଳ ଡା. ପୋମା ଟୁଡୁ ଉଦ୍‌ଘାଟନ କରିଥିଲେ। ମହୋତ୍ସବ କମିଟି ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ନାଟ୍ୟ ନିର୍ଦ୍ଦେଶକ ଅଭିନ୍ନ କୁମାର ରାଉତରାୟ ଅତିଥି ରୂପେ ଯୋଗଦେଇ ମାସର ପ୍ରଥମରେ ଅଥବା ଶେଷରେ ନାଟକ, ସାଂସ୍କୃତିକ ଆସର କରାଗଲେ ଜିଲାର ବିଭିନ୍ନ ଲୋକକଳା ଏଥିରେ ସ୍ଥାନ ପାଇପାରିବ। ଲୋକମାନେ ଦେଖିବାର ସୁଯୋଗ ପାଇବେ। ଏହାଛଡା ପଠାଣି ସାମନ୍ତ ଅଡିଟୋରିୟମରେ ଉନ୍ନତମାନର ଲାଇଟ୍ ଓ ସାଉଣ୍ଡ ବ୍ୟବସ୍ଥା କରାଯିବାକୁ ସେ ଦାବି କରିଥିଲେ। ଜିଲାପାଳ ଦର୍ଶାଇଥିଲେ ପଠାଣି ସାମନ୍ତ ଅଡିଟୋରିୟମର ପୁନରୁଦ୍ଧାର କରାଯିବ। ଏଥିପାଇଁ ପ୍ରସ୍ତାବ ପଠାଇବାକୁ ନାଟ୍ୟଧାରାର କର୍ମକର୍ତ୍ତାଙ୍କୁ ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟଧାରାର ନିର୍ଦ୍ଦେଶକ ବିଜୟ ଚୌଧୁରୀ ଓ ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର ଉପସ୍ଥିତ ଥିଲେ। ପୂର୍ବାହ୍ନରେ ଜଗନ୍ନାଥ ମନ୍ଦିରରୁ ଏକ ଶୋଭାଯାତ୍ରା ନୟାଗଡ଼ ସହର ପରିକ୍ରମା କରି ପଠାଣି ସାମନ୍ତ ଅଡିଟୋରିୟମରେ ପହଞ୍ଚିଥିଲା।

### ମା'ବାପାଙ୍କୁ ପୁଅ ଶିଖାଇଲା ସମ୍ପର୍କର ପରିଭାଷା

ଉଦ୍‌ଘାଟନୀ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିଲା ଅପହଞ୍ଚ ସମ୍ପର୍କ । ଏଥିରେ ପୁଅ ମା'ବାପାଙ୍କୁ ଶିଖାଇଛି ସମ୍ପର୍କର ପରିଭାଷା। ପାଠ ପଢ଼ିବା ପାଇଁ ଦୁଇ ଯୁବତୀଯୁବକ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଛି। ଉଭୟେ ଭୁବନେଶ୍ୱରର ଏକ ଭଡା ଘରେ ରହିଛନ୍ତି। ପାଠପଢ଼ା ସମୟରେ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଛି। ପୁତ୍ରଟିକୁ ହତ୍ୟା ନ କରି ତା'ର ଲାଳନପାଳନ କରିଛନ୍ତି। କିନ୍ତୁ ପାଠ ଛାଡି ନାହାନ୍ତି। ଉଭୟଙ୍କ ପାଠ ପଢ଼ା ଶେଷ ହୋଇଛି। ରିସର୍ଚ୍ଚ ପାଇଁ ଉଭୟେ ବିଦେଶକୁ ଯିବା ପାଇଁ ବାହାରିଛନ୍ତି। ତେବେ ସାଙ୍ଗରେ ପୁଅକୁ କେହି ନେଇ ନାହାନ୍ତି। ଘର ମାଲିକଙ୍କ ପାଖରେ ପୁଅକୁ ଛାଡି ଯୁବତୀ ଆମେରିକା ଓ ଯୁବକ ଅଷ୍ଟ୍ରେଲିଆ ଯାଇଛନ୍ତି। ଝିଅ ଆମେରିକାରେ ପ୍ରଫେସର ଓ ପୁଅ ଅଷ୍ଟ୍ରେଲିଆରେ ଶିଳ୍ପପତି ହୋଇଛନ୍ତି। ୨୦ବର୍ଷ ପରେ ଭୁବନେଶ୍ୱର ଫେରି ପୁଅ ସହ ଏକାଠି ରହିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ହେଲେ ପୁଅ ମା'ବାପାଙ୍କ ଅସଲ ଚେହେରା ପଦାକୁ ଆଣିବାକୁ ଅମଙ୍ଗ ହୋଇଛି। ନୟାଗଡ଼ର ଚମତ୍କାର ପକ୍ଷରୁ ପରିବେଷିତ ନାଟକର ନିର୍ଦ୍ଦେଶନା ଦେଇଥିଲେ ବିଜୟ କୁମାର ଚୌଧୁରୀ।

# ପୁରୀ ସହର ହେବ ଭିକାରିମୁକ୍ତ

## ୩ରୁ ଆରମ୍ଭ ହେବ ନୀଳାଦ୍ରି ନିଳୟ ଯୋଜନା

ପୁରୀ ଅଫିସ,୧।୩

ପୁରୀ ସହର ଏବଂ ଏହାର ଆଖପାଖ ଅଞ୍ଚଳ ହେବ ଭିକାରିମୁକ୍ତ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ୩ ତାରିଖରୁ ଆରମ୍ଭ ହେବାକୁ ଯାଉଛି ନୀଳାଦ୍ରି ନିଳୟ ଯୋଜନା। ଏନେଇ ଜିଲାପାଳ ବଳୱନ୍ତ ସିଂ ରବିବାର ସଂସ୍କୃତି ଭବନରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସରକାରୀ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଯୋଜନା କାର୍ଯ୍ୟକାରିତା ସମୟରେ ସମ୍ବେଦନଶୀଳ ଓ ଧୈର୍ଯ୍ୟ ରଖି ଏହି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

ରାଜ୍ୟ ସରକାରଙ୍କ ଭିନ୍ନକ୍ଷମ ସଶକ୍ତିକରଣ ଓ ସାମାଜିକ ସୁରକ୍ଷା ବିଭାଗ ସହାୟତାରେ ଆରମ୍ଭ ହେବାକୁ ଥିବା ଏହି ଯୋଜନାରେ ପୁରୀ ଜିଲାର ବିଭିନ୍ନ ସ୍ଥାନରେ ୮ ନୀଳାଦ୍ରିନିଳୟ (ଭିକାରି ପୁନର୍ବାସ ଗୃହ) କାର୍ଯ୍ୟ କରିବ। ପ୍ରତ୍ୟେକ ଗୃହରେ ୫୦ଜଣ ଭିକାରିଙ୍କ ରହିବା, ଖାଇବା ସହିତ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଫେରାଇ ଆଣିବା ଲାଗି ବ୍ୟବସ୍ଥା ରହିବ। ଏପରି କି ସେମାନଙ୍କ ପରିବାର ସହିତ ଯୋଗାଯୋଗ କରି ପୁନଃ ଥଇଥାନର ବ୍ୟବସ୍ଥା କରାଯିବ। ଭିକାରିମାନଙ୍କୁ କାଉନ୍‌ସେଲିଂ କରି ସେମାନଙ୍କୁ ନୀଳାଦ୍ରି ନିଳୟକୁ ପଠାଇବାର ବ୍ୟବସ୍ଥା କରାଯିବ। ଭିକାରିଙ୍କ ମଧ୍ୟରେ ଥିବା ଦିବ୍ୟାଙ୍ଗ, ମାନସିକ ଅନଗ୍ରସର, ବୟସ୍କ, ରୋଗୀ ଆଦିଙ୍କ ପାଇଁ ସ୍ୱତନ୍ତ୍ର ଗୃହ କାର୍ଯ୍ୟ କରିବ। ଆସନ୍ତା ୩ ତାରିଖରୁ ପ୍ରଫୁଲ୍ଲ ଯୋଜନା(ଦିବ୍ୟାଙ୍ଗଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ)ର ପରାମର୍ଶଦାତାଙ୍କ ତଦାରଖରେ ପୌରସଂସ୍ଥାର ୪ଜଣ କମ୍ୟୁନିଟି ଅର୍ଗାନାଇଜର ଏବଂ ଏହି କାର୍ଯ୍ୟ ଲାଗି ଜିଲା ପ୍ରଶାସନ ସହିତ ସହବନ୍ଧିତ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକର ମିଳିତ ଟିମ୍ ଭିକାରିଙ୍କୁ କାଉନ୍‌ସେଲିଂ କରି ସେମାନଙ୍କ ପୁନର୍ବାସର ବ୍ୟବସ୍ଥା କରିବେ। ଏହାକୁ ଠିକ୍ ଭାବେ ପରିଚାଳନା କରିବା ପାଇଁ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ କୁମାର ପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ଏହା ଏକ ବୃହତ୍ ଓ ସମ୍ବେଦନଶୀଳ ଯୋଜନା ହୋଇଥିବାରୁ ସ୍ଥାନୀୟ ବାସିନ୍ଦା, ପୋଲିସର ସହାୟତା ନିଆଯିବ ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତ୍ରିନାଥ ପାଢ଼ୀ କହିଛନ୍ତି।

# ଆଦିବାସୀ ଅଞ୍ଚଳରେ ମୈତ୍ରୀ ଉତ୍ସବ



ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

ଦଶପଲ୍ଲା,୧।୩(ଡି.ଏନ୍.ଏ.)

ଦଶପଲ୍ଲା ବ୍ଲକର ଆଦିବାସୀବହୁଳ ପୋଖରୀଗୋଛା ପଞ୍ଚାୟତ କଇଁଆଡ଼ିହ ଗ୍ରାମରେ ରବିବାର ଦଶପଲ୍ଲା ପୋଲିସ ପକ୍ଷରୁ ମୈତ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବ ଅବସରରେ ନାମସଂକୀର୍ତ୍ତନ ସହ ରୋଗୀମାନଙ୍କୁ ପରୀକ୍ଷା କରାଯାଇ ମାଗଣା ଔଷଧ ଦିଆଯାଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଏଥିରେ ନୟାଗଡ଼ ଏସ୍‌ପି ଦିଲୀପ କୁମାର ସାହାଣୀ, ଏସ୍‌ଡିପିଓ ନିରଞ୍ଜନ ପାଢ଼ୀ, ବ୍ଲକ ଚେୟାରମ୍ୟାନ ସୁନନ୍ଦା ସାହୁ, ସ୍ଥାନୀୟ ସରପଞ୍ଚ ରଶ୍ମିତା ଜାନି, ଦଶପଲ୍ଲା ଆଇଆଇସି ବିଶ୍ୱଜିତ ରାଉତରାୟ ପ୍ରମୁଖ ଯୋଗଦାନ କରିଥିଲେ। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ପାଇଁ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜନସାଧାରଣ ଭୟଭୀତ ନ ହୋଇ ପୋଲିସ ସହ ସୁସମ୍ପର୍କ ସ୍ଥାପନ ପାଇଁ ଆହ୍ୱାନ ଦିଆଯାଇଥିଲା। ଶେଷରେ ଦଶପଲ୍ଲା ଆଇଆଇସି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ବିବାଦରୁ ନିର୍ମାଣ ହୋଇପାରୁନି ଗ୍ରାମ ରାସ୍ତା

ଖଣ୍ଡପଡା,୧।୩(ସ୍ୱ.ପ୍ର.)


ନିର୍ମାଣ ହୋଇପାରୁ ନ ଥିବା ରାସ୍ତା।

ଗ୍ରାମ ମଧ୍ୟରେ ଗୋଷ୍ଠୀକନ୍ଦଳ ଯୋଗୁ ଦୀର୍ଘବର୍ଷ ହେଲା ଖଣ୍ଡପଡା ବ୍ଲକ ବଡବାଣପୁର ପଞ୍ଚାୟତର ରତନପୁର ଗ୍ରାମ୍ୟ ରାସ୍ତା ନିର୍ମାଣ ହୋଇପାରୁ ନାହିଁ। କିଛି ବ୍ୟକ୍ତି ରାସ୍ତାକୁ ନିଜ ଜମିରେ ମିଶାଇ ଦେଇଥିବା ଅଭିଯୋଗ ହେଉଛି। ଅଭିଯୋଗକ୍ରମେ ଅଞ୍ଚଳର କେତେକ ଜବରଦଖଲକାରୀ ଏହି କାର୍ଯ୍ୟରେ ବାଧକ ସାଜିଥିବା ଜଣାପଡିଛି । ଉକ୍ତ ଗ୍ରାମର ପଶ୍ଚିମ ପାର୍ଶ୍ୱ ରାସ୍ତା ବ୍ଲକ ପ୍ରଶାସନ ପକ୍ଷରୁ ସିମେଣ୍ଟ କଂକ୍ରିଟ କରାଯିବାର ପ୍ରସ୍ତାବ ରହିଥିଲେ ହେଁ ପୂର୍ବ ପାର୍ଶ୍ୱ ରାସ୍ତା ନିର୍ମାଣକୁ ନେଇ ବିବାଦର ସୂତ୍ରପାତ ହୋଇଛି । ଫଳରେ ମୁଖ୍ୟ ରାସ୍ତାଠାରୁ ପୂର୍ବପାର୍ଶ୍ୱ ଦେଇ ରତନପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ସଙ୍କୁଚିତ ହେବାରେ ଲାଗିଛି । ଗ୍ରାମର ପୂର୍ବ ପାର୍ଶ୍ୱ ରାସ୍ତା ନିର୍ମାଣ ନିମନ୍ତେ ଅନୁଦାନ ମଞ୍ଜୁର ହୋଇଥିଲେ ବି ବିବାଦୀୟ ପରିସ୍ଥିତି ସୃଷ୍ଟି ହେଉଥିବାରୁ ଅନୁଦାନ ଅର୍ଥ ବିନିଯୋଗ ହେବା ସମ୍ଭବ ହୋଇପାରୁ ନ ଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି। ସୂଚନାଯୋଗ୍ୟ ରତନପୁର ଗ୍ରାମବାସୀ ରାସ୍ତା ନିର୍ମାଣ ଦାବିରେ ବଡବାଣପୁର ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ସୁଫଳ ମିଳି ନାହିଁ। ଏ ସମ୍ପର୍କରେ ବଡବାଣପୁର ସରପଞ୍ଚ ପ୍ରଦୀପ କୁମାର କରଙ୍କୁ ପଚାରିବାରୁ ସେ ଏ ନେଇ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିବା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଗ୍ରାମର କେତେକ ବାସିନ୍ଦାଙ୍କଠାରୁ ପ୍ରକାଶ ଯେ, ଗ୍ରାମର ପ୍ରସ୍ତାବିତ ରାସ୍ତାପାର୍ଶ୍ୱରେ ଥିବା ଜାଗାଟି ତାଙ୍କର ନିଜସ୍ୱ ହୋଇଥିବାବେଳେ ସେହି ଜାଗା ଉପରେ ରାସ୍ତା ନିର୍ମାଣ ପାଇଁ ମସୁଧା ହେଉଥିବାରୁ ବିବାଦ ସୃଷ୍ଟି ହେଉଛି। ଆପୋସ ଆଲୋଚନା କିମ୍ବା ପ୍ରଶାସନ ହସ୍ତକ୍ଷେପ କରି ପୂର୍ବରୁ ଥିବା ଗ୍ରାମ ଦଣ୍ଡାରାସ୍ତା ଚିହ୍ନଟ କରିବା ସହ ନୂତନ ରାସ୍ତା ନିର୍ମାଣ ପାଇଁ ବ୍ୟବସ୍ଥା କରାଗଲେ ଗ୍ରାମରେ ଶାନ୍ତି ଫେରି ଆସିବ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ମା' ଭୁଆସୁଣୀ କ୍ରିକେଟ: କୁଲାଡ ଚାମ୍ପିୟନ

ଭଞ୍ଜନଗର,୧।୩(ଡି.ଏନ.ଏ)

ଭଞ୍ଜନଗର ବାଇପାସ୍ ରୋଡ ଶିରିଡିସାଇ ମନ୍ଦିର ନିକଟସ୍ଥ ପଡିଆରେ ଚାଲିଥିବା ମା' ଭୁଆସୁଣି ଟେନିସ୍ ବଲ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ କୁଲାଡ ଜିଲୁଣ୍ଡିକୁ ୧୫ରନ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଛି। କୁଲାଡର ବିକି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। କୁଲାଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୨୦୭ ରନ୍ କରିଥିଲା। ଜବାବରେ ଜିଲୁଣ୍ଡି ୫ ଉଇକେଟରେ ମାତ୍ର ୧୯୨ ରନ୍ କରିବାକୁ ସକ୍ଷମ ହୋଇଥିଲା। ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ମୁନି ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସୁଶାନ୍ତ ଓ ଅର୍ଜିତ ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ।

# ପ୍ରଥମ ଦିନରେ ୨ ଲକ୍ଷ ଟଙ୍କାର ଜରିମାନା ଚାଲାଣ

ବ୍ରହ୍ମପୁର ଅଫିସ ,୧।୩

ବ୍ରହ୍ମପୁର ସହରରେ ରବିବାରରୁ ଯାନବାହନ ଯାଞ୍ଚ କଡାକଡି କରାଯାଇଛି। ସହରର ବିଭିନ୍ନ ଏଣ୍ଟ୍ରି ପଏଣ୍ଟରେ ଟ୍ରାଫିକ ପୋଲିସ ପକ୍ଷରୁ ଯାଞ୍ଚ କରାଯାଇଥିଲା। ରାତି ୧୦ଟା ସୁଦ୍ଧା ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କୁ ୨ ଲକ୍ଷ ଟଙ୍କା ଜରିମାନା ଦେବାକୁ ଧାର୍ଯ୍ୟ କରାଯାଇଛି। ସଂଶୋଧିତ ମୋଟରଯାନ ଆଇନ ଅନୁସାରେ ପୋଲିସ ଆଇନ ଉଲ୍ଲଂଘନକାରୀଙ୍କୁ ଠାବ କରି ଜରିମାନା ଧାର୍ଯ୍ୟ କରିଛି। ସହରର ବିଭିନ୍ନ ଛକରେ ଲାଗିଥିବା ଆଇଟିଏମ୍‌ଏସ୍ (ଇଣ୍ଟିଗ୍ରେଟେଡ୍ ଟ୍ରାଫିକ୍ ମ୍ୟାନେଜମେଣ୍ଟ ସିଷ୍ଟମ) ମାଧ୍ୟମରେ ନିୟମ ଉଲ୍ଲଂଘନକାରୀଙ୍କୁ ଠାବ କରାଯାଇଛି। ଗୋଟିଏ ଦିନରେ ବିଭିନ୍ନ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ପାଖକୁ ୨ ଲକ୍ଷ ଟଙ୍କାର ଇ- ଚାଲାଣ ପଠାଯାଇଛି। ସେହିପରି ୩ ଜଣ ନିଶାସକ୍ତ ଗାଡି ଚାଳକଙ୍କୁ ଜରିମାନା ଧାର୍ଯ୍ୟ କରାଯାଇଥିବା ବେଳେ ସିଟ୍‌ବେଲ୍ଟ ବାନ୍ଧି ନ ଥିବା ୬ ଜଣ, ନୋ ପାର୍କିଂ ପାଇଁ ୬, ଟ୍ରିପଲ ରାଇଡିଂ ପାଇଁ ୫ ଜଣଙ୍କ ଉପରେ ଜରିମାନା ଧାର୍ଯ୍ୟ କରାଯାଇଛି।

# ୫୦ କି.ମି. ଦୂରରେ ମାଟ୍ରିକ ପରୀକ୍ଷା ଦେଉଛନ୍ତି ଛାତ୍ରୀଛାତ୍ର

ଦଶପଲ୍ଲା,୧।୩(ଡି.ଏନ୍.ଏ.)

ଚଳିତବର୍ଷ ମାଟ୍ରିକ ପରୀକ୍ଷା ଶାନ୍ତିଶୃଙ୍ଖଳା ସହ ଚାଲିଥିବାବେଳେ ଶିକ୍ଷା ବିଭାଗର ଖାମଖିଆଲ ନୀତି ଯୋଗୁ ଦୀର୍ଘ ୫୦ କି.ମି. ଦୂରରେ ଆସି ଛାତ୍ରୀଛାତ୍ର ପରୀକ୍ଷା ଦେଉଥିବା ଜଣାଯାଇଛି। ସରକାରୀ ନିୟମ ଅନୁଯାୟୀ ନିଜ ବିଦ୍ୟାଳୟ କିମ୍ବା ୫ କି.ମି. ଦୂରରେ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଯିବେ। କିନ୍ତୁ ଦଶପଲ୍ଲା ବ୍ଲକର ଆଦିବାସୀ ବହୁଳ କୁଟିବାରୀ, ଉଲିସାହି ବାମ ଏବଂ ହନୁମନ୍ତ ପ୍ରଭୃତି ବିଦ୍ୟାଳୟର ଛାତ୍ରୀଛାତ୍ର ଦୀର୍ଘ ୫୦ କି.ମି. ଦୂର ଦଶପଲ୍ଲା ହାଇସ୍କୁଲ ଓ ରାଧାମୋହନ ଜୀଉ ହାଇସ୍କୁଲରେ ପରୀକ୍ଷା ଦେଉଛନ୍ତି। ଏହି ଦୂରତା ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଖମାରସାହି ହାଇସ୍କୁଲର ଛାତ୍ରୀଛାତ୍ର ୧୩ କି.ମି. ଦୂର ଟାକେରା ହାଇସ୍କୁଲରେ ପରୀକ୍ଷା ଦେଉଥିବା ଜଣାଯାଇଛି। ଆଦିବାସୀ ବହୁଳ ଅଞ୍ଚଳର ଛାତ୍ରୀଛାତ୍ରଙ୍କ ପରୀକ୍ଷା ସେଣ୍ଟର ସେ ଅଞ୍ଚଳରେ ହୋଇଥିଲେ ଭଲ ହୋଇଥାନ୍ତା ବୋଲି କେତେକ ଅଭିଭାବକ ମତପ୍ରକାଶ କରିଛନ୍ତି।

# କ୍ରିକେଟ: ପାରିକୁଦ ଷ୍ଟ୍ରାଇକର ଚାମ୍ପିୟନ

କୃଷ୍ଣପ୍ରସାଦ,୧।୩ (ଡି.ଏନ.ଏ.)

କୃଷ୍ଣପ୍ରସାଦ ବ୍ଲକର ମହାତ୍ମା ଗାନ୍ଧୀ ଯୁବ ସଙ୍ଗଠନ ତିଛିଣି ଆନୁକୂଲ୍ୟରେ ତ୍ରିଲୋଚନେଶ୍ୱର ଷ୍ଟାଡିୟମଠାରେ ଚାଲିଥିବା ବ୍ଲକସ୍ତରୀୟ ୧୨ତମ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ତ୍ରିଲୋଚନେଶ୍ୱର ଦେବ କ୍ରିକେଟ ଟିମକୁ ହରାଇ ପାରିକୁଦ ଇଲେଭେନ ଷ୍ଟ୍ରାଇକର ଦଳ ଚାମ୍ପିୟନ ହୋଇଛି। ତ୍ରିଲୋଚନେଶ୍ୱର କ୍ରିକେଟ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ମଧ୍ୟରେ ୮୫ ରନ ସଂଗ୍ରହ କରିଥିଲା। ଜବାବରେ ପାରିକୁଦ ଷ୍ଟ୍ରାଇକର ୧୭ ଓଭରରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଧନେଶ୍ୱର ଜେନା, ସୌମ୍ୟ ରଞ୍ଜନ ପଣ୍ଡା ଖେଳ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୌଦାମିନୀ ମାନସିଂହ, ଅଲଣ୍ଡା ସରପଞ୍ଚ ବୁଲାମଣୀ ତରେଇ, ସୁକାନ୍ତ କୁମାର ମାନସିଂହ, ଅଶୋକ କୁମାର ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରମାକାନ୍ତ ପଲେଇ, ରାଜୀବ କୁମାର ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ଉଭୟ ଦଳକୁ ନିମନ୍ତ୍ରିତ ଅତିଥିମାନେ ପୁରସ୍କୃତ କରିଥିଲେ।



ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରୁଛନ୍ତି ଅତିଥି।

# ପ୍ରଥମ ଦିନରେ ୩୬ ମାମଲା ରୁଜୁ

- ଏଣିକି କଡ଼ାକଡ଼ି ହେବ ଯାଞ୍ଚ
- ହେଲମେଟ ନ ପିନ୍ଧିଲେ ଦଣ୍ଡ ଗଣିବେ
- ସଂଶୋଧିତ ଆଇନାନୁଯାୟୀ ହେବ ଜରିମାନା

ପୁରୀ ଅଫିସ,୧।୩


ଯାଞ୍ଚରେ ନିୟୋଜିତ ପୋଲିସ ଟିମ୍।

ସମାପ୍ତ ହୋଇଛି ସମୟ ଅବଧି। ମାର୍ଚ୍ଚ ପହିଲାଠାରୁ ସଂଶୋଧିତ ମୋଟରଯାନ ଆଇନ କଡ଼ାକଡ଼ି କରାଯାଇଛି। ପୁରୀରେ ପ୍ରଥମ ଦିନରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତିନି ଜାତୀୟ ରାଜପଥ ପ୍ରବେଶ ପଥରେ ଯାନବାହନ ଯାଞ୍ଚ କଡ଼ାକଡ଼ି କରାଯାଇଥିଲା। ଡ୍ରାଇଭିଂ ଲାଇସେନ୍ସ, ପଲ୍ୟୁଶନ ଅଣ୍ଡର କଣ୍ଟ୍ରୋଲ ସାର୍ଟିଫିକେଟ(ପିୟୁସି), ବିନା ହେଲ୍‌ମେଟ୍, ବିପରୀତ ଦିଗରୁ ଗାଡ଼ି ଚଳାଇବା, ଟ୍ରାଫିକ ନିୟମ ଉଲ୍ଲଂଘନ, ମଦ୍ୟପାନ କରି ଗାଡ଼ି ଚଳାଇବା, ଯାନବାହନରେ ଅଧିକ ପରିବହନ ନେଇ ରୋଡ୍ ସେଫ୍ଟି ଆଇନ ପ୍ରକାରେ ୩୬ଜଣଙ୍କ ନାମରେ ମାମଲା କରାଯାଇଛି। ସେମାନଙ୍କ ମଧ୍ୟରୁ ୨ଜଣ ମଦ୍ୟପାନ କରି ବାଇକ ଚଳାଉଥିବା ବ୍ୟକ୍ତିଙ୍କୁ ଆର୍‌ଟିଓ ବଳିଆପଣ୍ଡା ଥାନାକୁ ହସ୍ତାନ୍ତରିତ କରିଛନ୍ତି। ଆର୍‌ଟିଓ ସମୀର ଦଳାଇ କୁହନ୍ତି, ମାର୍ଚ୍ଚ ପହିଲାରୁ ମୋଟରଯାନ ଯାଞ୍ଚ ଆରମ୍ଭ କରାଯାଇଛି। ଏବେଠାରୁ ଏହି ପ୍ରକ୍ରିୟା ନିୟମିତ ଭାବେ ଜାରି ରହିବ। ଏ ନେଇ ଆର୍‌ଟିଓ ପୁରୀ ପକ୍ଷରୁ ଟ୍ରାଫିକ ଏସ୍‌ଆଇ(ଟିଏସଆଇ) ସୁଶାନ୍ତ କୁମାର ପାତ୍ର ଏବଂ କନିଷ୍ଠ ମୋଟରଯାନ ଇନ୍ସପେକ୍ଟର ଏସ.ଏନ.ଚୌଧୁରୀଙ୍କ ନେତୃତ୍ୱରେ ଦୁଇଟି ଗଠନ କରାଯାଇଛି। ଏହି ଦୁଇଟି ଟିମ୍ ସକାଳ ୧୦ଟା ଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପୁରୀ ଭୁବନେଶ୍ୱର ଜାତୀୟ ରାଜପଥ ମାଲତିପାଟପୁର ଛକ, ପୁରୀ-କୋଣାର୍କ ମେରାଇନ ଡ୍ରାଇଭ ରୋଡ ତୋଶାଳି ଛକ ଏବଂ ପୁରୀ-ସାତପଡା ଜାତୀୟ ରାଜପଥ ମଙ୍ଗଳାଘାଟ ଛକରେ ଯାନବାହନ ଚେକିଂ କରିଥିଲେ। ସୋମବାରଠାରୁ ଯାଞ୍ଚ ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବ। ସଡ଼କ ଦୁର୍ଘଟଣାରେ ବିନା ହେଲମେଟ ପରିଧାନ ଯୋଗୁ ବାଇକ ଚାଳକଙ୍କ ମୃତ୍ୟୁ ଘଟୁଛି। ବିଶେଷତଃ ବାଇକ ଚାଳକଙ୍କୁ ହେଲ୍‌ମେଟ୍ ପରିଧାନ ଲାଗି ବାଧ୍ୟତାମୂଳକ ରହିବ। ଏଥିସହିତ ସଂଶୋଧିତ ମୋଟରଯାନ ଅନୁସାରେ ଯାଞ୍ଚବେଳେ ହେଲ୍‌ମେଟ ପିନ୍ଧି ନ ଥିଲେ ଜରିମାନା କରାଯିବ ବୋଲି ଆରଟିଓ ଦଳାଇ କହିଛନ୍ତି। ସେହିଭଳି ରବିବାରଠାରୁ ପୁରୀ ସମେତ ଜିଲା ଦେଇ ଯାଇଥିବା ଜାତୀୟ ରାଜପଥରେ ରହିଥିବା ପେଟ୍ରୋଲପମ୍ପରେ ବିନା ହେଲ୍‌ମେଟ୍‌ରେ ତେଲ ନ ନେବା ଲାଗି ଜିଲାପାଳ ନିର୍ଦ୍ଦେଶନାମା ଜାରି କରିଛନ୍ତି। ରବିବାର ଏ ନେଇ ପୁରୀ ସହରରେ ରହିଥିବା ଗ୍ରାଣ୍ଡସେଣ୍ଟର ପେଟ୍ରୋଲ ପମ୍ପରେ ହୋର୍ଡିଂ ଲାଗିଥିବାବେଳେ ବିନା ହେଲମେଟରେ କେତେଜଣ ଗ୍ରାହକଙ୍କୁ ପେଟ୍ରୋଲ ପମ୍ପରୁ ତେଲ ଦିଆଯାଇ ନ ଥିବା ଜଣାପଡ଼ିଛି। ସମୟ ଅବଧି ସରିବା ପରେ ସହରରେ ପ୍ରାୟ ବାଇକ ଚାଳକମାନେ ସହରରେ ହେଲମେଟ ପରିଧାନ କରୁଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ସହରର ବିଭିନ୍ନ ସ୍ଥାନରେ ଭ୍ରାମ୍ୟମାଣ ପଲ୍ୟୁଶନ ଗାଡ଼ିରେ ପଲ୍ୟୁଶନ ସାର୍ଟିଫିକେଟ ଲାଗି ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଲମ୍ବା ଧାଡ଼ି ଦେଖିବାକୁ ମିଳିଛି।